ପୃଷ୍ଠା-୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୮/୨୦୨୧ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 18/2021 ★★★★★★

୪୮ଶ ଭାଗ ୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ଶ୍ରୀକାନ୍ତ ସେମିଫାଇନାଲରେ**

ଭାରତର କିଡାମ୍ବି ଶ୍ରୀକାନ୍ତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୦୮

୦୭

**ବଡ଼ ପରଦାରେ 'ପୁଷ୍ପା'**

ବଡ଼ ପରଦାରେ ରିଲିଜ ହୋଇଛି ସାଉଥ୍ ଷ୍ଟାର୍ ଅଲ୍ଲୁ ଅର୍ଜୁନଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ପୁଷ୍ପା: ଦ ରାଇଜ'।






# କେନ୍ଦ୍ରାପଡ଼ାରେ ମିତ୍ତଲ କରିବ ମେଗା ଷ୍ଟିଲ୍ ପ୍ଲାଣ୍ଟ

- **ଖର୍ଚ୍ଚ ହେବ ୧ ଲକ୍ଷ କୋଟି ଟଙ୍କା**
- **ପ୍ରକଳ୍ପକୁ ଏଚ୍ଏଲ୍‌ସିଏର ମଞ୍ଜୁରୀ**
- **ସୃଷ୍ଟି ହେବ ୧୬ ହଜାର ନିଯୁକ୍ତି**

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ାଠାରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ପକ୍ଷରୁ ୧ ଲକ୍ଷ ୨ ହଜାର ୨୭୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏକ ବୃହତ୍ ଷ୍ଟିଲ୍‌ପ୍ଲାଣ୍ଟ ସ୍ଥାପନ ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି (ଏଚ୍ଏଲ୍‌ସିଏ) ବୈଠକରେ ଏହି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ମିତ୍ତଲ ଦ୍ୱାରା ପ୍ରସ୍ତାବିତ ଏହି ଷ୍ଟିଲ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ପ୍ରାୟ ୧୬ ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଏହି ଷ୍ଟିଲ୍ ପ୍ଲାଣ୍ଟ ଦେଶର ମାନୁଫାକ୍ଚରିଂ କ୍ଷେତ୍ରର ସର୍ବବୃହତ୍ ପ୍ରକଳ୍ପ ହେବ। ଏଥିରେ ବାର୍ଷିକ ୨୪ ନିୟୁତ ଟନ ବିଭିନ୍ନ ଗ୍ରେଡ୍‌ର ଇସ୍ପାତ ଉତ୍ପାଦନ ହେବ। ଏଥିସହିତ ଏହି ପ୍ରକଳ୍ପରୁ ମୂଲ୍ୟଯୁକ୍ତ ଡାଉନଷ୍ଟ୍ରିମ୍ ଇସ୍ପାତ ମଧ୍ୟ ଉତ୍ପାଦନ ହେବ। ସେହିପରି ଏହି ପ୍ରକଳ୍ପ ଅଧୀନରେ ନିର୍ମାଣ ହେବାକୁ ଥିବା ସିମେଣ୍ଟ କାରଖାନାରୁ ବାର୍ଷିକ ୧୮.୭୫ ମେଟ୍ରିକ ଟନ୍‌ର ସିମେଣ୍ଟ ଉତ୍ପାଦନ ହେବ। ଏହା ଦେଶର ସର୍ବବୃହତ୍ ସିମେଣ୍ଟ ଉତ୍ପାଦନ ପ୍ଲାଣ୍ଟରେ ପରିଣତ ହେବ। ଏହା ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ମାନୁଫାକ୍ଚରିଂ କ୍ଷେତ୍ରର ବିକାଶରେ ସହାୟକ ହେବ। ଏହି ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ ହେବା ଦ୍ୱାରା କେନ୍ଦ୍ରାପଡ଼ା ଜିଲାର ସାମଗ୍ରିକ ଭାବେ ବିକାଶ ହେବାସହ ଓଡ଼ିଶାକୁ ବିଶ୍ୱ ଇସ୍ପାତ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଇଛି। ଏହି ପ୍ରକଳ୍ପରେ ବହୁ ଅନ୍ତର୍ଜାତୀୟ କମ୍ପାନୀ ମଧ୍ୟ ନିଜର ମାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ କରିବେ, ଯଦ୍ୱାରା ରାଜ୍ୟରେ ନିଯୁକ୍ତି ସୁଯୋଗ ଆହୁରି ଅଧିକ ବ୍ୟାପକ ହେବ।

ପର୍ଯ୍ୟାୟ କ୍ରମେ ଆସନ୍ତା ୭ ବର୍ଷ ମଧ୍ୟରେ ଏହି ବୃହତ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପ ପାଇଁ ଆବଶ୍ୟକ ଆନୁଷଙ୍ଗିକ ଭିତ୍ତିଭୂମି, ଶକ୍ତି ଓ ଜଳ ଯୋଗାଣ ଏବଂ ଅନ୍ୟାନ୍ୟ କ୍ଲିୟରାନ୍ସ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହେବ। ଏ ସମସ୍ତ କାର୍ଯ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ତଦାରଖ କରିବ। ଏହି ପୁଞ୍ଜିନିବେଶକୁ ମିଶାଇ ☞ପୃଷ୍ଠା-୪

## ୩୦ ଇଲେକ୍ଟ୍ରିକାଲ ଇଞ୍ଜିନିୟରଙ୍କୁ ନିଯୁକ୍ତି

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ବିଦ୍ୟୁତ୍ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୩୦ ଜଣ ଆସିଷ୍ଟାଣ୍ଟ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର(ଇଲେକ୍ଟ୍ରିକାଲ) ଗ୍ରୁପ୍-ଏଙ୍କୁ ନିଯୁକ୍ତି ଦେଇଛନ୍ତି। ନବନିଯୁକ୍ତ ଇଞ୍ଜିନିୟରଙ୍କୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି। ସେମାନଙ୍କୁ ଲୋକସେବା ଭବନରେ ନିଯୁକ୍ତିପତ୍ର ମିଳିଛି। ୩୦ ଜଣଙ୍କ ନିଯୁକ୍ତି ପରେ ବିଦ୍ୟୁତ୍ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସଂଖ୍ୟା ୧୧୬ରେ ପହଞ୍ଚିଛି। ନବନିଯୁକ୍ତ ଇଞ୍ଜିନିୟରମାନେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ଓ ଶକ୍ତି ବିଭାଗରେ କାମ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାମଗ୍ରିକ ବିକାଶରେ ଶକ୍ତି ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଏହି କ୍ଷେତ୍ରକୁ ପ୍ରାଥମିକତା ଦିଆଯାଉଛି। ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନରେ ବଳକା ରାଜ୍ୟରେ ପରିଣତ ହୋଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କେନ୍ଦ୍ରକୁ ଆକଟ**

## ୧୦୦ ଟପିଲା ଓମିକ୍ରନ୍ ସଂକ୍ରମଣ | ଅନାବଶ୍ୟକ ଭ୍ରମଣ, ଭିଡ଼ ନ କରିବାକୁ ପରାମର୍ଶ

**ନୂଆଦିଲ୍ଲୀ, ୧୭।୧୨:** କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ଭାରତରେ ୧୦୦ ଅତିକ୍ରମ କରିଛି। ୧୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ୧୧୩ ଜଣ ଏହି ଭାରିଆଣ୍ଟରେ ଆକ୍ରାନ୍ତ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ମହାରାଷ୍ଟ୍ରରେ ଶୁକ୍ରବାର ୮ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ସଂକ୍ରମଣ ସର୍ବାଧିକ ୪୦ ହୋଇଛି। ଦିଲ୍ଲୀରେ ୨୨ ଓମିକ୍ରନ ସଂକ୍ରମିତ ହୋଇଥିବାବେଳେ ରାଜସ୍ଥାନରେ ୧୭, କର୍ନାଟକ ଓ ତେଲଙ୍ଗାନାରେ ୮ ଜଣ ଲେଖାଏ, ଗୁଜରାଟରେ ୭, କେରଳରେ ୫ ଜଣ ଆକ୍ରାନ୍ତ ହୋଇଛନ୍ତି। ଏହା ବ୍ୟତୀତ ଉତ୍ତର ପ୍ରଦେଶ ୨, ଆନ୍ଧ୍ରପ୍ରଦେଶ, ଚଣ୍ଡିଗଡ଼, ତାମିଲନାଡୁ, ☞ପୃଷ୍ଠା-୪




# ଆରମ୍ଭରେ ଆହ୍ୱାନ, ଲୁହରେ ଶେଷ

କରୋନାର କୋପ ସତ୍ତ୍ୱେ ବିଦାୟୀ ବର୍ଷ ଥିଲା ବେଶ୍ ଆହ୍ୱାନଭରା। ଭୂତାଣୁରୁ ମୁକ୍ତି ପାଇଁ ଖୋଜାଚାଲିଥିଲା ମାର୍ଗ। ସଞ୍ଜୀବନୀ ପ୍ରତୀକ୍ଷାର ଅବସାନ ଘଟିଥିଲେ ମଧ୍ୟ ମିଳିପାରିଲାନି ସୁରକ୍ଷା। ଶତାଧିକ ଜୀବନ ଗଲା ଢେଙ୍କାନାଳ-ଅନୁଗୋଳ ଜିଲାରୁ। କେବଳ କୋଭିଡ୍ କାହିଁକି, ବିଗତ ବାରମାସରେ ଘଟିଥିବା ଅନେକ ଘଟଣା ଲୋକଙ୍କ ଆଖିରେ ଭରିଛି ଲୋତକ। ଦୁର୍ଘଟଣା ଦେଖି ଦୁଃଖୀ ହୋଇଛି ଆଖି। ଟିଟିପିଏସ୍ ପାଇଁ କାନ୍ଦିଛନ୍ତି ସହସ୍ରାଧିକ ଶ୍ରମିକ। ନିସ୍ତେଜ ଛାତ୍ରୀଙ୍କ ସହ ନୃଶଂସ କାର୍ଯ୍ୟ, ଶତ୍ରୁତାରୁ ସଙ୍ଗଠିତ ହତ୍ୟା ଲୁହ ନିଗାଡ଼ିଛି ନୟନରୁ। ଗାନ୍ଧୀ ଭବନ ପାଇଁ ସର୍ବୋଦୟ ନେତ୍ରୀଙ୍କ ସତ୍ୟାଗ୍ରହ କୋହ ଆଣିଛି ହୃଦୟରେ। ସିବିଆଇ ଅଧିକାରୀଙ୍କୁ ମାଡ଼, ଏଟିଏମ୍ ଭ୍ୟାନ୍ ଲୁଟ୍ ଘଟଣାରେ ଚକିତ ହୋଇଛି ଚକ୍ଷୁ। ମଡେଲିଂରେ ଗୌରବ ଢେଙ୍କାନାଳର ସ୍ୱପ୍ନା ଓ ସାତକୋଶିଆରେ ସୁନ୍ଦରୀକାଣ୍ଡର ପରିସମାପ୍ତି କିଛିଟା ଆଶ୍ୱାସନା ଦେଇଥିବାବେଳେ ଶେଷଆଡ଼କୁ ସେନା ଅଫିସରଙ୍କୁ ଶେଷ ସଲାମ ଶୋକରେ ଶେଷ କରିଛି ବର୍ଷ।



## ସେନା ଅଫିସରଙ୍କୁ ଶେଷ ସଲାମ

ଭାରତମାତାର ସେବା କରୁଥିବା ବେଳେ ଡିସେମ୍ବର ୮ରେ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ତାଳଚେର ମାଟିର ପୁଅ ରାଣାପ୍ରତାପ ଦାସ। ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ୍) ଜେନେରାଲ ବିପିନ ରାୱତଙ୍କୁ ନେଇ ଯାଉଥିବା ବାୟୁସେନାର ଏମ୍‌ଆଇ-୧୭ଭି୫ ହେଲିକପ୍ଟର ତାମିଲନାଡୁର କୁନ୍ନୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ଜୁନିୟର ୱାରେଣ୍ଟ ଅଫିସର(ଜେଡବ୍ଲ୍ୟୁଓ) ରାଣା ପ୍ରତାପଙ୍କ ପରଲୋକ ହୋଇଥିଲା। ଏହି ଖବର କେବଳ ତାଳଚେର ନୁହେଁ, ଓଡ଼ିଶାକୁ ସ୍ତବ୍ଧ କରିଦେଇଥିଲା। ୧୧ ତାରିଖରେ ଏହି ସେନା ଅଫିସରଙ୍କ ପାର୍ଥିବ ଶରୀର ତାଙ୍କ ଗାଁ କଣ୍ଡାଳ ପଞ୍ଚାୟତର କୃଷ୍ଣଚନ୍ଦ୍ରପୁରରେ ପହଞ୍ଚିବା ପରେ ଶେଷ ସଲାମ ଦିଆଯାଇ ସଂସ୍କାର କରାଯାଇଥିଲା।

## ନିସ୍ତେଜ ଛାତ୍ରୀଙ୍କ ସହ ନୃଶଂସ କାର୍ଯ୍ୟ

ଅନୁଗୋଳ ଜିଲା ବଣ୍ଠରପାଳ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀ ଜୁଲାଇ ୨୪ରେ ନାଳକୁ ଗାଧୋଇ ଯାଇଥିବା ବେଳେ ଦୁଇ ନାବାଳକ ତାଙ୍କୁ ନିସ୍ତେଜ କରିବା ପରେ ଗଣବଳାତ୍କାର କରିଥିଲେ। ପୋଲିସ ଛାତ୍ରୀଙ୍କ ଉଲଗ୍ନ ମୃତଦେହ ଗୋଡ଼ବନ୍ଧା ଅବସ୍ଥାରେ ଉଦ୍ଧାର କରିଥିଲା। ଏଥିସହ ୨ ନାବାଳକଙ୍କୁ ଗିରଫ କରିଥିଲା।



## ସମାକୋଇରେ ୩ ଶବ

ଅନୁଗୋଳ ଜିଲା ପାଲଲହଡା ବ୍ଲକ ଖମାର ଥାନା କୁଞ୍ଜାମ ପଞ୍ଚାୟତର ୩ ଜଣଙ୍କୁ ଗୁଣିଗାରେଡି ସନ୍ଦେହ ଓ ପୂର୍ବ ରାଗ ରଖି ହତ୍ୟା କରାଯାଇଥିଲା। ଜୁଲାଇ ୩୦ରେ ଜିତମୁଣ୍ଡା କୋଲହସାହିର ବୁଧୁ ଚାତର, କୁଞ୍ଜାମ ଡିପାସାହିର ମତେଇ ଗାଗରାଇ ଓ ବୁଧୁଙ୍କ ସ୍ତ୍ରୀ ମୁନି ଚାତରଙ୍କୁ ପିଟିପିଟି ହତ୍ୟା ପରେ ରଶିରେ ବାନ୍ଧି ଘୋଷାରି ନେଇ ସମାକୋଇ ନଦୀରେ ଫିଙ୍ଗିଦିଆଯାଇଥିଲା। ଏହି ଘଟଣାରେ ପୋଲିସ ମୋଟ ୬ ଜଣଙ୍କୁ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ଶଙ୍କର ମୃତ ମୁନି ଚାତରଙ୍କ ପୁଅ ହୋଇଥିବାରୁ ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା।

## ଚାଇଲ୍ଡ ପର୍ନ ମାୟାଜାଲ

କଅଁଳ ଶିଶୁଙ୍କ ନଗ୍ନ ଭିଡିଓରୁ ମିଳୁଥିଲା ବିପୁଳ ବୈଦେଶିକ ମୁଦ୍ରା। ସୋସିଆଲ ସାଇଟ୍‌ରେ ଅଶ୍ଳୀଳତା ଭରା ଭିଡିଓ, ଫଟୋ ପୋଷ୍ଟ କରି ଲକ୍ଷାଧିକ ଟଙ୍କା ରୋଜଗାର କରିବାକୁ ରଖିଥିଲେ ଲକ୍ଷ୍ୟ। ଢେଙ୍କାନାଳରୁ ଏଭଳି ଚାଇଲ୍ଡ ପର୍ନୋଗ୍ରାଫିର ଲିଙ୍କ୍ ମିଳିବା ପରେ ନଭେମ୍ବର ୧୬ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପଞ୍ଝାରେ ପଡ଼ିଥିଲେ ଜୁବିଲି ଟାଉନ ଯଦୁପତିନଗର କଲୋନୀ ସାହିର ସୁରେନ୍ଦ୍ର ନାୟକ। ସିବିଆଇର ୫ଜଣିଆ ଟିମ୍ ଅଭିଯୁକ୍ତଙ୍କ ଘରେ ଅତର୍କିତ ଚଢ଼ାଉ କରି ଅନେକ ତଥ୍ୟ ସଂଗ୍ରହ କରିଥିଲା।





ତେବେ ଅଭିଯୁକ୍ତଙ୍କୁ ସାଙ୍ଗରେ ଧରି ଯିବା ସମୟରେ ସାହିବାସୀ ଅଧିକାରୀମାନଙ୍କୁ ଘରୁ ଘୋଷାଡ଼ି ଆଣି ଠେଙ୍ଗାବାଡ଼ି ଧରି ଗୋଡ଼ାଇ ପିଟିଥିଲେ। ଶେଷରେ ପୋଲିସ ହିଁ ସହାୟ ହୋଇଥିଲା।

## ଲିଭିଗଲା ଟିଟିପିଏସ୍ ଲାଇଟ୍

ବହୁ ହଜାର ଶ୍ରମିକଙ୍କ ଆଶାର ଆଲୋକ ସାଜିଥିବା ଅନୁଗୋଳ ଜିଲା ତାଳଚେରସ୍ଥିତ ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)କୁ ମାର୍ଚ୍ଚ ୩୧ରେ ବିଧିବଦ୍ଧ ଭାବେ ବନ୍ଦ କରାଯାଇଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ କାର୍ଯ୍ୟକାରୀ କରି ନ ଥିବାରୁ ୫୪ ବର୍ଷର ଏହି ପୁରୁଣା ତାପଜ ବିଦ୍ୟୁତ୍ କେନ୍ଦ୍ରର ପରିଚାଳନା ପାଇଁ ମାର୍ଚ୍ଚ ୩୧ ତାରିଖ ପରେ ଏନ୍‌ଟିପିସି ନିକଟରେ ଆବଶ୍ୟକ ଅନୁମତି ନ ଥିଲା। ତେଣୁ ସେହିଦିନ ପୂର୍ବାହ୍ନ ୮ଟା ୪୩ରେ ପ୍ଲାଣ୍ଟରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ସହ ସମସ୍ତ ଲାଇଟ୍ ଲିଭାଇ ଦିଆଯାଇଥିଲା। ଏଥିସହ ଏହା ଉପରେ ନିର୍ଭରଶୀଳ ସହସ୍ରାଧିକ ଶ୍ରମିକ ଓ ସେମାନଙ୍କ ପରିବାରର ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦିଆଯାଇଥିଲା।



## ସାତକୋଶିଆ ଛାଡ଼ିଲା ସୁନ୍ଦରୀ

ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ମୁକ୍ତ ବିଚରଣ ବେଳେ ଏକାଧିକ ଲୋକଙ୍କ ଜୀବନ ନେଇଥିଲା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀ। ଏ ନେଇ ଜନଅସନ୍ତୋଷ ତୀବ୍ର ହେବା ପରେ ଏହି ମଣିଷଖିଆ ବାଘୁଣୀକୁ ୨୦୧୮ରୁ ରାଇଗୁଡ଼ାସ୍ଥିତ ସ୍ୱତନ୍ତ୍ର ଏନ୍‌କ୍ଲୋଜର ମଧ୍ୟରେ ରଖାଯାଇଥିଲା। ଦୀର୍ଘ ଅଢ଼େଇବର୍ଷର ଆବଦ୍ଧ ଜୀବନ କାଟୁଥିବା ଏହି ବାଘୁଣୀକୁ ଶେଷରେ ମାର୍ଚ୍ଚ ୨୩ରେ ମଧ୍ୟପ୍ରଦେଶର କାହ୍ନା ଅଭୟାରଣ୍ୟକୁ ଫେରାଇ ନିଆଯାଇଥିଲା। ଏହାପରେ ଆଶ୍ୱସ୍ତ ହୋଇଥିଲେ ସାତକୋଶିଆବାସୀ।

## ସତ୍ୟାଗ୍ରହରେ ସର୍ବୋଦୟ ନେତ୍ରୀ

ଗାନ୍ଧୀଙ୍କ ସ୍ମୃତି ରକ୍ଷା ନିମନ୍ତେ ଗାନ୍ଧୀ ଭବନ ପାଇଁ ଜାଗା ନ ମିଳିବାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଅନୁଗୋଳରେ ସତ୍ୟାଗ୍ରହ ଆରମ୍ଭ କରିଥିଲେ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି। ପୂର୍ବରୁ ଏଥିପାଇଁ ପ୍ରତିଶ୍ରୁତି ଦେଇଥିବା ପ୍ରଶାସନ ତାହା ରକ୍ଷା ନ କରିବାରୁ ଅମଲାପଡ଼ାଠାରେ ହୋଇଥିଲା ଏହି ଆନ୍ଦୋଳନ। ସହରର ବହୁ ଗାନ୍ଧୀପ୍ରେମୀ ଏଥିରେ ଯୋଗଦେବା ପରେ ତତ୍ପରତା ଦେଖାଇଥିଲା ପ୍ରଶାସନ। ଭବ୍ୟ ଗାନ୍ଧୀ ଭବନ ନିର୍ମାଣ ନିମନ୍ତେ ସ୍ଥାନ ଚୟନ କରାଯାଇ ଯୋଗାଇ ଦିଆଯିବ ବୋଲି ଗାନ୍ଧୀ ସ୍ମାରକୀ ନିଧିକୁ ପ୍ରଶାସନ ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ଦିଆଯିବା ପରେ ସତ୍ୟାଗ୍ରହରୁ ଉଠିଥିଲେ ସର୍ବୋଦୟ ନେତ୍ରୀ।




## ଜୀବନ ରକ୍ଷା ବେଳେ ଗଲା ୪ ଜୀବନ



ବିଷ ପିଇଥିବା ଭାଇଙ୍କୁ ବୁର୍ଲା ମେଡିକାଲରୁ କଟକ ନେଉଥିବା ବେଳେ ମାର୍ଚ୍ଚ ୨୧ରେ ଅନୁଗୋଳ ଜିଲା ଜରପଡ଼ା ବସ୍‌ଷ୍ଟାଣ୍ଡଠାରେ ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା ଗ୍ୟାସ୍ ଟ୍ୟାଙ୍କର। ଏଥିରେ ବିଷ ପିଇଥିବା ବଲାଙ୍ଗୀରର ବବୁଲ ମେହେର, ତାଙ୍କ ଦାଦା ପୁଅ ଭାଇ ଚନ୍ଦନ ମେହେର ଓ ମାଉସୀ ପୁଅ ଭାଇ ଗୁଣ୍ଡା ମେହେରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଥିଲା।

## ଲୁଟେରା ବିଫଳ, ପୋଲିସ ସଫଳ

କଟକଜିଲା ଆଠଗଡ ଥାନା ଖୁଣ୍ଟକଟା ନିକଟରୁ ୪ ଜଣ ଦୁର୍ବୃତ୍ତ ଏକ ଏଟିଏମ୍ ଭ୍ୟାନ୍‌ରେ ଥିବା ୧ କୋଟି ୨୯ ଲକ୍ଷ ଟଙ୍କା ଲୁଟିବାକୁ ଅକ୍ଟୋବର ୧୧ ତାରିଖରେ ଉଦ୍ୟମ କରିଥିଲେ। କର୍ମଚାରୀଙ୍କୁ ଆକ୍ରମଣ କରି ଟ୍ରଙ୍କ ଭର୍ତ୍ତି ଟଙ୍କା ସେମାନେ କ୍ୟାଶଗାଡ଼ିରୁ ନେଇଯାଇଥିଲେ ହେଁ ଢେଙ୍କାନାଳ ପୋଲିସର ସାହସିକ କାର୍ଯ୍ୟ ସେମାନଙ୍କୁ ଫେରାର ହେବାକୁ ଦେଇ ନ ଥିଲା। ଢେଙ୍କାନାଳ ସଦର ଥାନା ଅଧିକାରୀ ଅଭିନବ ଡାଲୁଆ କର୍ମଚାରୀଙ୍କ ସହ ଲୁଟେରାମାନଙ୍କୁ ପିଛା କରି ବ୍ରାହ୍ମଣୀ ନଦୀ କୂଳ ଭୋଜଦେଇପୁରଠାରେ ମାଡ଼ି ବସିଥିଲେ। ଧରାପଡ଼ିଥିବା ୩ ଦୁର୍ବୃତ୍ତଙ୍କ ନିକଟରୁ ୧ କୋଟି ୫ ଲକ୍ଷ ଟଙ୍କା ଜବତ କରାଯାଇଥିଲା।



## ଶତ୍ରୁତାରୁ ବଳିପଡ଼ିଲେ ସମିତିସଭ୍ୟ



ବ୍ୟବସାୟିକ ଶତ୍ରୁତା ପାଇଁ ସହଯୋଗୀଙ୍କ ଗୁଳିରେ ଟଳିପଡ଼ିଥିଲେ କାମାକ୍ଷାନଗର ବ୍ଲକ ବାରୁଆଁ (କା) ପଞ୍ଚାୟତର ସମିତିସଭ୍ୟ ଦୀପକ ମାହନ୍ତ। ସେପ୍ଟେମ୍ବର ୨୨ ରାତିରେ ଘଟିଥିବା ଏହି ଘଟଣା ରାଜ୍ୟରେ ପାଲଟିଥିଲା ଚର୍ଚ୍ଚାର ବିଷୟ। ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ଡବଲ ବୋର ଏବଂ ସିଙ୍ଗଲ ବୋର୍ ବନ୍ଧୁକରୁ ଆଖିବୁଜା ଗୁଳି କରିବାରୁ ଘଟଣାସ୍ଥଳରେ ଟଳିପଡ଼ିଥିଲେ ଦୀପକ।



## ସଫଳତାର ନାଁ ସ୍ୱପ୍ନା

୨୦୧୭ରେ ମିସ୍ ଟିନ୍ ଇଣ୍ଡିଆ ଓ ୨୦୧୮ରେ ମିସ୍ ଟ୍ୟୁରିଜମ୍ ଆଣ୍ଡ୍ କଲ୍‌ଚର ୟୁନିଭର୍ସ ପ୍ରତିଯୋଗିତାରେ ଭାଗ ନେଇଥିବା ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳର ସ୍ୱପ୍ନା ପ୍ରିୟଦର୍ଶିନୀ(୧୯) ୨୦୨୧ରେ ଏମ୍‌ଟିଭି ସୁପର ମଡେଲ ସିଜନ-୨ରେ ପାଇଥିଲେ ସଫଳତା। ଦ୍ୱିତୀୟ ରନର୍ସଅପ୍ ହେବାର ଗୌରବ ଅର୍ଜନ ସହ ଓଡ଼ିଆ ଚଳଚ୍ଚିତ୍ର ‘୨ ଚକୋଲେଟ୍’ର ମୁଖ୍ୟ ନାୟିକା ମାଧ୍ୟମରେ ଓଲିଉଡ୍‌ରେ ପ୍ରବେଶ ବେଶ୍ ଚର୍ଚ୍ଚିତ କରିଥିଲା ତାଙ୍କୁ। ଅନ୍ତର୍ଜାତୀୟସ୍ତରରେ ମଡେଲ ଓ ଭଲ ଅଭିନେତ୍ରୀ ହେବାକୁ ଲକ୍ଷ୍ୟ ରଖିଥିବା ସ୍ୱପ୍ନା ଏବେ ସେହି ପଥର ପଥିକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୩୫,୩୩,୮୦୦ | ୫୩,୫୬,୮୮୨ | ୨୪,୫୬,୭୦,୫୯୫ |
| ଭାରତ | ୩,୪୭,୨୬,୦୪୯ | ୪,୭୬,୮୬୯ | ୩,୪୧,୬୨,୭୬୫ |
| ଓଡ଼ିଶା | ୧୦,୫୨,୪୭୨ | ୮୪୪୧(+୫୩) | ୧୦,୪୨,୦୦୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଶୀତରେ ଥରୁଛି ଓଡ଼ିଶା

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

ସମଗ୍ର ରାଜ୍ୟ ହାଡ଼ଭଙ୍ଗା ଶୀତରେ କମ୍ପୁଛି। ସଞ୍ଜ ହେବା ମାତ୍ରେ ମାଡ଼ିଆସୁଛି ପ୍ରଚଣ୍ଡ ଶୀତ। ଦେହ ହାତ କୋଲ ମାରିଯାଉଛି। ଗାଁଠୁ ସହର ସବୁଠି ଶୀତର ପ୍ରକୋପ ବଢ଼ିଯାଇଛି। ସକାଳୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। କେତେକ ସ୍ଥାନରେ ଶୀତ ସାଙ୍ଗକୁ କୁହୁଡ଼ିଆ ପାଗ ପରିବେଶକୁ ଆହୁରି କାଲୁଆ କରି ପକାଇଛି। ରାଜ୍ୟର ୬ଟି ସ୍ଥାନରେ ପାରଦ ୧୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସି ଯାଇଥିବା ବେଳେ ଅନ୍ୟାନ୍ୟ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଦାରିଙ୍ଗବାଡ଼ିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୭.୫, ଝାରସୁଗୁଡ଼ା ୯.୬, କେନ୍ଦୁଝର ୯.୬, କୋରାପୁଟ ୯ ଏବଂ ଟିଟିଲାଗଡ଼ରେ ସର୍ବନିମ୍ନ ତାପମାତ୍ରା ୯.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ଚାନ୍ଦବାଲିରେ ସର୍ବନିମ୍ନ ତାପମାତ୍ରା ୧୦.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱର ୧୨.୩, କଟକ ୧୨, ପାରାଦୀପ ୧୪, ଭୁବନେଶ୍ୱର ୧୨.୨, ଗୋପାଳପୁର ୧୪.୨, ଅନୁଗୋଳ ୧୧.୬, ବାରିପଦା ୧୨, ସମ୍ବଲପୁର ୧୨.୨, ସୁନ୍ଦରଗଡ଼ ୧୦, ବଲାଙ୍ଗୀର ୧୧.୫, ମାଲକାନଗିରି ୧୩.୫, ସୋନପୁର ୧୩.୨, ନୟାଗଡ଼ ୧୨, ବୌଦ୍ଧ ୧୫ ଏବଂ ଛତ୍ରପୁରରେ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୧୯ ତାରିଖରୁ ରାଜ୍ୟରେ ଥଣ୍ଡାର ପ୍ରକୋପ ଆହୁରି ବଢ଼ିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦକ୍ଷିଣ ପୂର୍ବ ଆଣ୍ଡାମାନ ନିକଟରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିଯୋଗୁ ରାଜ୍ୟକୁ ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡାବାୟୁ ପ୍ରବାହିତ ହେବ। ଫଳରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀକୁ ଖସିବ। ବଣପାହାଡ଼ ଘେରା ଜିଲାଗୁଡ଼ିକରେ ପାରଦ ୧୦ ଡିଗ୍ରୀ ତଳକୁ ଖସିଯିବ। ଡିସେମ୍ବର ଶେଷ ଯାଏ ଶୀତର ପ୍ରକୋପ ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।



## ସଂକ୍ରମଣ ବଢ଼ିଲେ କାର୍ଯ୍ୟକ୍ଷମ ହେବ କୋଭିଡ୍ ହସ୍ପିଟାଲ

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ 'ଓମିକ୍ରନ୍' ଆକ୍ରାନ୍ତ ଚିହ୍ନଟ ହେବାପରେ ଓଡ଼ିଶା ପାଇଁ ଚିନ୍ତା ବଢ଼ିଛି। ଯଦିଓ ରାଜ୍ୟରେ ଏ ପର୍ଯ୍ୟନ୍ତ ଓମିକ୍ରନ୍ ଭୂତାଣୁ ଚିହ୍ନଟ ହୋଇନାହିଁ, ତଥାପି ରାଜ୍ୟ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରିବା ସହ ସୀମାନ୍ତ ଜିଲାଗୁଡ଼ିକୁ ସତର୍କ କରାଇଛନ୍ତି। ଓମିକ୍ରନ୍‌ର ମୁକବିଲା କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଡିଏମ୍‌ଇଟି ପ୍ରଫେସର ଡା. ରମାରମଣ ମହାନ୍ତି କହିଛନ୍ତି, ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ସମସ୍ତ କୋଭିଡ୍ ହସ୍ପିଟାଲକୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ସରକାରଙ୍କ ସହଭାଗିତାରେ ଚାଲିଥିବା ଘରୋଇ କୋଭିଡ୍ ହସ୍ପିଟାଲଗୁଡ଼ିକୁ ମଧ୍ୟ ସମାନ ନିର୍ଦ୍ଦେଶ ଦିଆଯାଇଛି। ସଂକ୍ରମଣ ବଢ଼ିଲେ କୋଭିଡ୍ ହସ୍ପିଟାଲଗୁଡ଼ିକ ତୁରନ୍ତ କାର୍ଯ୍ୟକ୍ଷମ କରାଯିବ। ହସ୍ପିଟାଲରେ ଅକ୍ସିଜେନ, ମେଡିସିନ ମହଜୁଦ ରଖିବା ପାଇଁ କୁହାଯାଇଥିବା ଡିଏମ୍‌ଇଟି ସୂଚନା ଦେଇଛନ୍ତି। ସେପଟେ ରାଜ୍ୟରେ ଗତ ୨୪ଘଣ୍ଟାରେ ୫୯,୭୩୩ ନମୁନା ପରୀକ୍ଷା କରାଯାଇଥିବାବେଳେ ୧୭ ଜିଲାରୁ ୧୫୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ହାର ୦.୨୬%କୁ ଖସି ଅସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୨୬ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରୁ ୨୦ ଏବଂ ବାକି ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୦ ତଳକୁ ରହିଛି। ଏବେ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୫୨,୭୪୨ରେ ପହଞ୍ଚିଛି। ଅପରପକ୍ଷେ କନ୍ଧମାଳ ଜିଲା ଏବେ କରୋନା ମୁକ୍ତ ହୋଇଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡରୁ ସୂଚନା ମିଳିଛି। ସେହିଭଳି ରାଜ୍ୟରେ ଆଉଜଣେ କରୋନା ଆକ୍ରାନ୍ତଙ୍କ ଜୀବନ ଯାଇଥିବାବେଳେ କରୋନାଜନିତ ମୃତ୍ୟୁ ୮,୪୪୧କୁ ବୃଦ୍ଧି ପାଇଛି।

# ଆଉ ଏକ ବିଦ୍ରୋହ ପାଇଁ ବାଜିଲା ବୀର ଧ୍ୱନି

**ପ୍ରଥମ ସ୍ୱାଧୀନତା ସଂଗ୍ରାମ, ପାଇକ ସ୍ମାରକୀ ନିର୍ମାଣ ଦାବି ତେଜିଲା**

- ବିଶାଳ ପାଇକ ସମାବେଶ, ମଶାଲ ଯାତ୍ରା
- ସମରକଳାରେ କମ୍ପିଲା ବରୁଣେଇରୁ ଭୁବନେଶ୍ୱର
- ଦିଲ୍ଲୀରେ ବିପ୍ଳବ କରିବ ପାଇକ ବାହିନୀ

**ଭୁବନେଶ୍ୱର, (ବ୍ୟୁରୋ)/ ଖୋର୍ଦ୍ଧା ଅଫିସ, ୧୭।୧୨**

୧୮୧୭ ମସିହା ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରଦାନ ଓ ପାଇକ ସ୍ମାରକୀ ନିର୍ମାଣ ଦାବିରେ ରାଜରାସ୍ତାକୁ ଓହ୍ଲାଇଛି ଓଡ଼ିଶା ବୀର ମହାସଂଘ। ରାଜ୍ୟର ପାଇକଙ୍କୁ ଏକାଠି କରିବା ସହ ଆଉଏକ ସଂଗ୍ରାମ ପାଇଁ ବୀର ଧ୍ୱନି ବଜାଇଛି। ଏଥିପାଇଁ ଶୁକ୍ରବାର ଖୋର୍ଦ୍ଧାର ବରୁଣେଇ ପାଦଦେଶ ଓ ରାଜଧାନୀ ଭୁବନେଶ୍ୱରଠାରେ ପାଇକ ମେଳି ହୋଇଥିଲା। ଖୋର୍ଦ୍ଧା, ଗଞ୍ଜାମ, ପୁରୀ, କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ ଆଦି ଅଞ୍ଚଳରୁ ୩ହଜାରରୁ ଊର୍ଦ୍ଧ୍ୱ ପାଇକ ଆଖଡ଼ା ଦଳ, ଦଳେଇ, ଦଳବେହେରା, ପାଇକ ସର୍ଦ୍ଦାର, ଐତିହାସିକ ଓ ସାମରିକ ପରମ୍ପରାର ଗବେଷକ ସାମିଲ ହୋଇଥିଲେ। ମା' ବରୁଣେଇଙ୍କୁ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ଖୋର୍ଦ୍ଧାଗଡ଼ରୁ ବୀର ମାଟି ସଂଗ୍ରହ କରି ପଞ୍ଚପାଇକ ମହାରଥୀଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ ସେମାନେ ଖୋର୍ଦ୍ଧା ସହର ପରିକ୍ରମା କରିଥିଲେ। ପରେ ମଶାଲ ଯାତ୍ରା ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ପାଇକ ବୀରଙ୍କ ବୀରତ୍ୱର ଗାଥା ଉଜ୍ଜୀବିତ କରି ରଖିଥିବା ପାଇକ ଆଖଡ଼ା ଦେଖିବାକୁ ମିଳିଥିଲା। ହାତରେ ଢାଲ, ଖଣ୍ଡା, ତଲୱାର, ସାଜ, ବାଡି ଧରି ବୀର ବାଦ୍ୟର ତାଳେ ତାଳେ ସମରକଳା ପ୍ରଦର୍ଶନ କରିଥିଲେ। ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ପାଇକବାହିନୀ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଯୁଦ୍ଧ ବାଦ୍ୟ ତାଳେ ତାଳେ ପାଇକ ଆଖଡ଼ା ପ୍ରଦର୍ଶନ କରି ବିରାଟ ଶୋଭାଯାତ୍ରାରେ ରାମ ମନ୍ଦିର ଛକଦେଇ ଏକାମ୍ର ହାଟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦସଭା ଅନୁଷ୍ଠିତ ହୋଇଥିଲା। ମହାସଂଘ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ କହିଲେ, ଆମର ନ୍ୟାଯ୍ୟଦାବି ପୂରଣ ପାଇଁ ଆଜି ଆଉଏକ ପାଇକ ସଂଗ୍ରାମର ବିଗୁଲ୍ ବାଜିଲା। ଯଦି ପାଇକ ବିଦ୍ରୋହକୁ କେନ୍ଦ୍ର ସରକାର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ ନ ଦିଅନ୍ତି, ଏହାପରେ ଦିଲ୍ଲୀ ଯାଇ ପାଇକ ବାହିନୀ ବିପ୍ଳବ କରିବ। ଏଥିସହିତ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ସଂସ୍କୃତିମନ୍ତ୍ରୀ ପ୍ରମୁଖଙ୍କୁ ଦାବିପତ୍ର ପ୍ରଦାନ କରିବେ। ଯେପର୍ଯ୍ୟନ୍ତ ଦାବି ହାସଲ ନ ହୋଇଛି, ସେପର୍ଯ୍ୟନ୍ତ ସଂଗ୍ରାମ ଚାଲୁ ରହିବ ବୋଲି ଡ. ଶ୍ରୀଚନ୍ଦନ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ, ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଖୋର୍ଦ୍ଧାର ବରୁଣେଇଠାରେ ଶିଳାନ୍ୟାସ କରିଥିବା ସ୍ଥାନରେ ପାଇକ ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ଯଥାଶୀଘ୍ର ଜାଗା ଯୋଗାଇ ନ ଦେଲେ ବିପ୍ଳବର ବହ୍ନି ଅନୁରୂପ ଭାବେ ଚାଲୁ ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଚିଲିକା ପୂର୍ବତନ ବିଧାୟକ ଡ. ଦେବେନ୍ଦ୍ର ମାନସିଂ, କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି, ସାମାଜିକକର୍ମୀ ଗଣେଶ ସାମନ୍ତରାୟ, ଐତିହାସିକ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ଡ. ନାରାୟଣ ରାଓ, ଗବେଷକ ଡ. ଗୋପାଳ କୃଷ୍ଣ ଦାସ, ଆଇନଜୀବୀ ଶିଶିର ପରିଡା, ଡ.ବୃନ୍ଦାବନ ପଣ୍ଡା, ଇତିଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିପ୍ଳବ ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି।



ଭୁବନେଶ୍ୱର ଜନପଥରେ ଶୁକ୍ରବାର ପାଇକମାନେ ସମରକଳା ପ୍ରଦର୍ଶନ କରୁଛନ୍ତି।

## ପୋଷଣ ଯୋଜନା ଖାଦ୍ୟରେ ଅପମିଶ୍ରଣ ଅଭିଯୋଗ

**ନୂଆଦିଲ୍ଲୀ, ୧୭।୧୨**

ଓଡ଼ିଶାରେ ପୋଷଣ ଯୋଜନାରେ ପିଲାଙ୍କୁ ଅପମିଶ୍ରିତ ଖାଦ୍ୟ ଯୋଗାଇ ଦିଆଯାଉଥିବା ଭାଜପା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ଅଙ୍ଗନୱାଡିକୁ ଭେଜାଲ ଖାଦ୍ୟ ଯୋଗାଉଥିବା କମ୍ପାନୀଗୁଡ଼ିକୁ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଉଥିବା ବାଲେଶ୍ୱର ଏମ୍‌ପି ଲୋକ ସଭାରେ ପ୍ରଶ୍ନୋତ୍ତର କାଳରେ ଉଠାଇଥିଲେ। ଏହା ବ୍ୟତୀତ ଖାଦ୍ୟ କିଣାରେ ୧.୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିବା ବାରମ୍ବାର ଅଭିଯୋଗ ସତ୍ତ୍ୱେ ମୁଖ୍ୟ ଶାସନ ସଚିବ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଷଡ଼ଙ୍ଗୀ କହିଥିଲେ।

## ମାଓବାଦୀ ପ୍ରଭାବିତ ଅଞ୍ଚଳ ପ୍ରସଙ୍ଗ ଉଠାଇଲେ ଓଡ଼ିଶା ଏମ୍‌ପି

**ନୂଆଦିଲ୍ଲୀ, ୧୭।୧୨**

ପାର୍ଲାମେଣ୍ଟର ଶୀତ ଅଧିବେଶନର ତୃତୀୟ ସପ୍ତାହରେ ଓଡ଼ିଶାର ଏମ୍‌ପିମାନେ ରାଜ୍ୟରୁ ମାଓବାଦୀଙ୍କ ମୂଳୋତ୍ପାଟନ ଲାଗି ପଦକ୍ଷେପ ନେବାକୁ କେନ୍ଦ୍ରକୁ ଅନୁରୋଧ କରିଥିଲେ। ଉକ୍ତ ଅଞ୍ଚଳବାସୀଙ୍କ ଆର୍ଥିକ ଉନ୍ନତି ଲାଗି ପଦକ୍ଷେପ ନେବାକୁ ରାଜ୍ୟ ସଭା ଏମ୍‌ପି ସସ୍ମିତ୍ ପାତ୍ର ପ୍ରସ୍ତାବ ରଖିବା ସହ ସେଠାରେ ବ୍ୟାଙ୍କ ଶାଖା ଏବଂ ଆଇଆଇଟି, ଏନ୍‌ଆଇଟି, ଏମ୍ସ ଭଳି ଶିକ୍ଷାନୁଷ୍ଠାନ ଖୋଲିବା ନିମନ୍ତେ ଦାବି କରିଥିଲେ। ଲୋକ ସଭା ଏମ୍‌ପି ଚନ୍ଦ୍ରଶେଖର ସାହୁ ମାଓବାଦୀ ଅଞ୍ଚଳରେ ହେଲିକପ୍ଟର ସେବା ଯୋଗାଇବାକୁ ପ୍ରସ୍ତାବ ରଖିଥିବାବେଳେ ଅଚ୍ୟୁତ ସାମନ୍ତ ରାଜ୍ୟରୁ ସଂଗୃହୀତ ସ୍ୱଚ୍ଛ ଇନ୍ଧନ ଶୁଳ୍କର ୬୦ ପ୍ରତିଶତ ଯୋଗାଇଦେବାକୁ ଅନୁରୋଧ କରିଥଲେ। ଅନ୍ୟ ଏମ୍‌ପିମାନେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ସ୍ଥାପନ ଲାଗି ଦାବି କରିଥିଲେ।


**ସତର୍କତା ସୂଚନା**
**ବୌଦ୍ଧିକ ସମ୍ପତ୍ତି ଅଧିକାର**

ଏତଦ୍ଦ୍ୱାରା ବ୍ୟବସାୟୀ ଏବଂ ଜନସାଧାରଣଙ୍କୁ ସୂଚୀତ କରାଯାଉଛି ଯେ ଆମ କ୍ଲାୟେଣ୍ଟ ୟୁନାଇଟେଡ୍ ବ୍ରିଓ୍ୱରୀଜ୍ ଲିମିଟେଡ୍, ''ୟୁବି ଟାୱାର୍'' ୟୁବି ସିଟୀ, #24, ଭିଟଲ୍ ମାଲ୍ୟା ରୋଡ୍, ବେଙ୍ଗାଲୁରୁ-560 001 ହେଉଛି ଟ୍ରେଡ୍‌ମାର୍କ ''କିଙ୍ଗ୍‌ଫିଶର୍'' ର ମାଲିକ ଏବଂ ପ୍ରୋପ୍ରାଇଟର୍ସ ଏବଂ ଉପରେ ଦର୍ଶାଯାଇଥିବା ''ଫ୍ଲାଇଙ୍ଗ୍ ହର୍ସ ପେଗାସସ୍'' ଚିହ୍ନଟିକୁ ୟୁବି ଗ୍ରୁପ୍‌ର ଲୋଗୋ ରୂପେ ବ୍ୟବହାର କରାଯାଇଛି ।

ଉପରୋକ୍ତ ସକଳ ଟ୍ରେଡ୍‌ମାର୍କକୁ ଟ୍ରେଡ୍ ମାର୍କ ଅଧିନିୟମ 1999 ଅନୁଯାୟୀ ଟ୍ରେଡ୍‌ମାର୍କ୍ସ ରେଜିଷ୍ଟ୍ରାରଙ୍କ ସହିତ ବିଧିବଦ୍ଧ ପଞ୍ଜିକୃତ କରାଯାଇଛି ଯାହାର ପଞ୍ଜୀକରଣ ନିର୍ଦ୍ଦିଷ୍ଟ ଟ୍ରେଡ୍‌ମାର୍କ୍ସ କ୍ଲାସିଫିକେଶନ୍ ଯେଉଁଥିରେ ବିୟର୍, ମିନେରାଲ୍ ଏବଂ ଏରେଟେଡ୍ ୱାଟର୍ ଏବଂ ଅନ୍ୟାନ୍ୟ ନନ୍-ଆଲ୍‌କୋହୋଲିକ୍ ଡ୍ରିଙ୍କ୍, ଫ୍ରୁଟ୍ ଡ୍ରିଙ୍କ ଏବଂ ଫଳ ରସ, ସିରପ୍ ଏବଂ ଅନ୍ୟାନ୍ୟ ପାନୀୟ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ କ୍ଲାସ୍ 32 ସାମିଲ ଅଟେ ।

ଏହାଛଡ଼ା, ଆମ କ୍ଲାୟେଣ୍ଟ ଡିଜାଇନ୍ ଅଧିନିୟମ 2000 ର ନିୟମାବଳୀ ଅନୁଯାୟୀ କ୍ଲାସ୍ 09-01 ରେ ଡିଜାଇନ୍ ନମ୍ବର 224824 ତା. 23.09.2009 ଅନ୍ତର୍ଗତ ଏଠାରେ ପ୍ରଦର୍ଶିତ ବୋତଲ ଡିଜାଇନ୍ ର ମାଲିକ ଅଟନ୍ତି । ପଞ୍ଜିକୃତ ଡିଜାଇନ୍ ବୋତଲ ଉପରେ ଉପରୋକ୍ତ ଟ୍ରେଡ୍‌ମାର୍କ ର ଚିହ୍ନ ମଧ୍ୟ ଅଛି ।



ଉପରୋକ୍ତ ଦ୍ରବ୍ୟର ଉତ୍ପାଦନ, ବିକ୍ରୟ, ବିପଣନ ଏବଂ ବିତରଣ ସହିତ ବୋତଲ ତିଆରି ଏବଂ ବିକ୍ରୀ ସହିତ ଜଡ଼ିତ ସମସ୍ତ ବ୍ୟକ୍ତି/କମ୍ପାନୀଙ୍କୁ 224824 ନମ୍ବର ଆଧାରିତ ପଞ୍ଜୀକୃତ ବୋତଲର ବ୍ୟବହାର କରିବା ଏବଂ ଉପରୋକ୍ତ ଟ୍ରେଡ୍ ମାର୍କ୍ସ, କପିରାଇଟ୍ ଏବଂ ଡିଜାଇନ୍‌ର ନକଲ କିମ୍ବା ଅନୁକରଣ ନକରିବା ପାଇଁ ସତର୍କ କରାଯାଉଛି । ଯଦି କୌଣସି ବ୍ୟକ୍ତିଙ୍କ ଦ୍ୱାରା ଉପରୋକ୍ତ ଟ୍ରେଡ୍‌ମାର୍କ୍ସ, କପିରାଇଟ୍ ଏବଂ ଡିଜାଇନ୍ ର ଦୁର୍ବ୍ୟବହାର କରାଯାଏ ତେବେ ଏହା ଆମ କ୍ଲାୟେଣ୍ଟଙ୍କ ଆଇନିଗତ ଅଧିକାରର ଉଲ୍ଲଂଘନ ହେବା ସହିତ ଉକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନିଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏତଦ୍ଦ୍ୱାର ଆମ କ୍ଲାୟେଣ୍ଟ ସମସ୍ତ ସମ୍ବନ୍ଧିତଙ୍କୁ ସତର୍କ କରାଉଛନ୍ତି ଯେ, ଏଭଳି ଅସାଧୁ ବ୍ୟକ୍ତି, ଫର୍ମ୍ସ, କମ୍ପାନୀ ଇତ୍ୟାଦି ବିରୁଦ୍ଧରେ ବିନା କୌଣସି ସୂଚନା ବ୍ୟତୀତ ଉପଯୁକ୍ତ ପ୍ରକ୍ରିୟା/କାର୍ଯ୍ୟାନୁଷ୍ଠାନ (ସିଭିଲ୍ ଏବଂ ଅପରାଧିକ) ଗ୍ରହଣ କରାଯିବ, ଯଦି ସମ୍ବନ୍ଧିତ ବ୍ୟକ୍ତି, ଫର୍ମ୍ସ, କମ୍ପାନୀ ''ୟୁବି'' ଅକ୍ଷର ତଥା ''ଟ୍ରେଡ୍ ମାର୍କ୍ କିଙ୍ଗ୍‌ଫିଶର୍ ଏବଂ ଫ୍ଲାଇଙ୍ଗ୍ ହର୍ସ ପେଗାସସ୍'' ଧାରଣ କରୁଥିବା ବିୟର ବୋତଲ ଡିଜାଇନ୍‌ର ଉପଯୋଗ/ବ୍ୟବହାର କରୁଥିବା ଦେଖିବାକୁ ମିଳେ କିମ୍ବା ଏହିପରି ବୋତଲ/ଅନୁକରଣୀୟ ଡିଜାଇନ୍, କଳାତ୍ମକ କାର୍ଯ୍ୟ ବ୍ୟବହାର କରି ଆମ କ୍ଲାୟେଣ୍ଟଙ୍କ ସାମଗ୍ରୀ, ବାଣିଜ୍ୟ ନାମ, ବ୍ୟବସାୟ ଏବଂ ସେବା ପରିବର୍ତ୍ତେ ସେମାନଙ୍କ ନିଜ ସାମଗ୍ରୀ, ବାଣିଜ୍ୟ, ନାମ, ବ୍ୟବସାୟ ଏବଂ ସେବା ପ୍ରଦାନ କରୁଥିବାର ଦୃଷ୍ଟିଗୋଚର ହୁଏ ।

**ୟୁନାଇଟେଡ୍ ବ୍ରିଓ୍ୱରୀଜ୍ ଲିମିଟେଡ୍**
ସେମାନଙ୍କ ଓକିଲଙ୍କ ଦ୍ୱାରା
**ମେସର୍ସ ଏଲ୍.ଏସ୍. ଡାଭର୍ ଏବଂ କମ୍ପାନୀ**
32, ରାଧା ମାଧବ ଦତ୍ତା ଲେନ୍, କୋଲକାତା - 700 010 । ଭାରତ ।
5/1, କାଲ୍‌କାଜୀ ଏକ୍ସଟେନ୍‌ଶନ୍, ନୂଆଦିଲ୍ଲୀ -101 019 । ଭାରତ ।


## ବ୍ୟାଙ୍କ ଧର୍ମଘଟ: ୩୮ ଲକ୍ଷ ଚେକ୍ ପଡ଼ିରହିଛି

**ଭୁବନେଶ୍ୱର,୧୭।୧୨**

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣକୁ ବିରୋଧ କରି ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫ୍‌ବିୟୁ) ପକ୍ଷରୁ ଦୁଇଦିନିଆ ଧର୍ମଘଟ ଡାକରା ଦିଆଯାଇଥିଲା। ଗୁରୁବାର ଧର୍ମଘଟର ପ୍ରଥମ ଦିନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ୟୁନିୟନ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିଭଳି ଶୁକ୍ରବାର ଧର୍ମଘଟର ୨ୟ ଦିନ ମଧ୍ୟ ସାରାଦେଶରେ ଏପରିକି ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଫଳରେ ୧୭ ତାରିଖ ସାରା ରାଜ୍ୟରେ ଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ସମସ୍ତ ଶାଖା ବନ୍ଦ ରହିଥିଲା। ଭୁବନେଶ୍ୱରରେ ବ୍ୟାଙ୍କ କର୍ମଚାରୀମାନେ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କର ଏଲ୍‌ଏଚ୍‌ଓ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଧର୍ମଘଟରେ ରାଜ୍ୟର ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ସବୁ ବର୍ଗର କର୍ମଚାରୀ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ପ୍ରାୟ ୫୦୦୦ ଶାଖା ବନ୍ଦ ରହିଥିବା ବେଳେ ଓଡ଼ିଶାରେ ପ୍ରାୟ ୩୦ ହଜାର କୋଟି ଟଙ୍କାର ବ୍ୟାଙ୍କ କାରବାର ବାଧାପ୍ରାପ୍ତ ହୋଇଛି। ସେହିପରି ଗତ ୨ ଦିନ ମଧ୍ୟରେ ଦେଶର ସମସ୍ତ ରାଜ୍ୟର କାରବାର ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ସର୍ବଭାରତୀୟ ବ୍ୟାଙ୍କ ଏମ୍ପ୍ଲୟର୍ସ ଆସୋସିଏଶନ (ଏଆଇବିଇଏ) ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଦେଶର ୩ ପ୍ରମୁଖ ଜୋନରେ ପ୍ରାୟ ୩୮ ଲକ୍ଷ ଚେକ୍ ପଡିରହିଛି। ଉକ୍ତ ଚେକ୍‌ଗୁଡିକର ଆନୁମାନିକ ମୂଲ୍ୟ ୩୭ ହଜାର କୋଟି ହେବ ବୋଲି ଏଆଇବିଇଏ ମତବ୍ୟକ୍ତ କରିଛି।

ଓଡ଼ିଶାର ଧର୍ମଘଟ ସମୟରେ ରାଜ୍ୟର ସମସ୍ତ ଶାଖା ସମ୍ପୂର୍ଣ୍ଣ ବନ୍ଦ ରହିଛି ବୋଲି ୟୁଏଫବିୟୁର ରାଜ୍ୟ ସଂଯୋଜକ ରଘୁନାଥ ପ୍ରସାଦ ଦାସ କହିଛନ୍ତି। ଶାଖାରେ ନଗଦ ଟଙ୍କା ଜମା କରିବା, ଅନ୍ୟତ୍ର ପାଣ୍ଠି ସ୍ଥାନାନ୍ତର କରିବା ଏବଂ କ୍ଲିୟରିଂ ଭଳି କାର୍ଯ୍ୟ ହୋଇଥାଏ। ଧର୍ମଘଟ ଯୋଗୁ ସେ ସବୁ ସେବାଗୁଡ଼ିକ ବାଧାପ୍ରାପ୍ତ ହୋଇଛି। ଫଳରେ ଅଫ୍‌ଲାଇନ ଗ୍ରାହକ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏ ପରିସ୍ଥିତିରେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ମୋବାଇଲ୍ ବ୍ୟାଙ୍କିଙ୍ଗ, ଆପ୍ ଜରିଆରେ ପେମେଣ୍ଟ ସ୍ୱାଭାବିକ ରହିଛି। ଏଟିଏମ୍‌ରୁ ଟଙ୍କା ଉଠାଣରେ ମଧ୍ୟ ବିଶେଷ ଅସୁବିଧା ହୋଇନଥିବା ଜଣାପଡ଼ିଛି। ଯେଉଁ ସେବାଗୁଡ଼ିକୁ ଅନ୍ୟ ସଂସ୍ଥାକୁ ଆଉଟ୍‌ସୋର୍ସ କରାଯାଇଛି ସେହି ସେବାଗୁଡ଼ିକ ପ୍ରଭାବିତ ହୋଇନାହିଁ। ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା କାର୍ଯ୍ୟକୁ ଅଧିକାଂଶ ବ୍ୟାଙ୍କ ଆଉଟ୍‌ସୋର୍ସ କରିଛନ୍ତି।




**ଆଜିର ମନ୍ତବ୍ୟ**

ପୂର୍ବରୁ ଭାରତ କଥାକୁ ବିଶ୍ୱ ଫୋରମରେ ଗୁରୁତ୍ୱ ଦିଆଯାଉ ନ ଥିଲା। ଆଜି ଭାରତର ଶକ୍ତି ବୃଦ୍ଧି ପାଇଛି। ଏହାର ଅନ୍ତର୍ଜାତୀୟ ପ୍ରତିଷ୍ଠା ଏବଂ ବିଶ୍ୱସନୀୟତା ମଧ୍ୟ ବଢ଼ିଛି।
–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସାଇଶକ୍ତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତେ ପୁଅ ସେତେ ଘର**
**ଯେତେ ଝିଅ ସେତେ ବର ।**

ବଂଶ ବୃଦ୍ଧି ହେଲେ ପରିବାର ବୃଦ୍ଧି ହୁଏ। ଯାହାର ଯେତେ ସନ୍ତାନ ତା ପାଇଁ ସେତେ ଘର ଲୋଡ଼ା। ପିଲାଦିନର ଭାଇ ଭାଇ ସମ୍ପର୍କ ହୁଏତ ବଡ଼ବେଳକୁ ରହି ନ ପାରେ। ସମ୍ପତ୍ତିବାଡ଼ିକୁ ନେଇ ମତପାର୍ଥକ୍ୟ ଦେଖାଦେଇପାରେ, ଫଳସ୍ୱରୂପ ଭିନ୍ନ ଘରର ଆବଶ୍ୟକତା ଦେଖାଦେଇଥାଏ। ସେହିପରି ଝିଅଟିଏକୁ ମାଆ ବାପା କାଖେଇ କୋଳେଇ ବଡ଼ କରନ୍ତି। ଶେଷରେ ସେ ବୋହୂ ହୋଇଯାଏ ଆଉ ଗୋଟିଏ ଘରକୁ। ପ୍ରତ୍ୟେକ ନାରୀ ପାଇଁ ଜଣେ ପୁରୁଷ ଖଞ୍ଜାହୋଇ ରହିବା ସଂସାର ନିୟମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେତେ କହିଲେ ଭାଗବତ**
**ତୋଷ ନୁହଇଁ ମୋର ଚିତ୍ତ ।**

ଅବୁଝା ଲୋକଙ୍କୁ ବୁଝାଇବା ଅତ୍ୟନ୍ତ କଷ୍ଟକର କାମ ହୋଇଥାଏ। ଏହିଧରଣର ଲୋକେ କେବେ ବି କାହାର ପରାମର୍ଶ ବା ଉପଦେଶକୁ ଅତି ସହଜରେ ଗ୍ରହଣ କରି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଶାଶୁଘର ଆଗରେ ପୁଣି ବସିଲେ ତପସ୍ୱିନୀ

- **୨୦କୁ ଘୁଞ୍ଚିଲା ମୂଳ ପିଟିଶନ ଶୁଣାଣି**
- **ଜିଲା ଜଜ୍‌କୋର୍ଟ ଗଲେ ସୁମିତ**

**ବ୍ରହ୍ମପୁର ଅଫିସ,୧୭।୧୨**

ବହୁଚର୍ଚ୍ଚିତ ଡା. ସୁମିତ ସାହୁ- ତପସ୍ୱିନୀ ଦାଶ ପାରିବାରିକ ମାମଲା ତୁଟିବା ନାଁ ଧରୁନି। ଦିନକୁ ଦିନ ଏହା ଜଟିଳ ହେବାରେ ଲାଗିଛି। ଶୁକ୍ରବାର ତପସ୍ୱିନୀ କୋର୍ଟରୁ ନ୍ୟାୟ ପାଇବେ ବୋଲି ଆଶା ରଖିଥିଲେ। ହେଲେ ଶୁଣାଣି ଘୁଞ୍ଚିବାରୁ ଅନ୍ୟ ଉପାୟ ନ ପାଇ ପୁଣି ଶାଶୁଘର ଆଗରେ ଧାରଣା ଦେଇଛନ୍ତି। ଅନ୍ୟପକ୍ଷରେ ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁମିତ ଉପର କୋର୍ଟକୁ ଯାଇଛନ୍ତି।

ସ୍ୱାମୀଙ୍କ ସହ ରହିବା ପାଇଁ ତପସ୍ୱିନୀ ଗତ ୨୬ ତାରିଖରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପିଟିଶନ ଦାଖଲ କରିଥିଲେ। ଶୁକ୍ରବାର ଏହାର ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଥିଲା। ତେଣୁ ତପସ୍ୱିନୀ ସମାଜିକ କର୍ମୀ ପ୍ରମିଳା ତ୍ରିପାଠୀଙ୍କ ସହିତ କୋର୍ଟରେ ହାଜର ହୋଇଥିଲେ। ସନ୍ଧ୍ୟାରେ କୋର୍ଟ ମୂଳ ପିଟଶନ ଶୁଣାଣି ଆସନ୍ତା ୨୦ତାରିଖକୁ ଘୁଞ୍ଚିଲା ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଡା. ସୁମିତ କୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରିଥିବା ନେଇ ତପସ୍ୱିନୀଙ୍କ ଓକିଲ ଦୀପକ ପଟ୍ଟନାୟକ, ପ୍ରଦୀପ କୁମାର ବେହେରା ଶୁକ୍ରବାର ଆଉ ଏକ ପିଟିଶନ ରୁଜୁ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରିଥିବା ଯୋଗୁ ଡା. ସୁମିତଙ୍କ ବିରୋଧରେ କ୍ରିମିନାଲ କେସ ରୁଜୁ କରିବାକୁ ଅନୁରୋଧ କରାଯାଇଥିଲା। ଏହାସହିତ ତପସ୍ୱିନୀଙ୍କ ରହିବା ପାଇଁ ଡା. ସୁମିତ ବ୍ୟବସ୍ଥା କରିନାହାନ୍ତି। ତେଣୁ ମାମଲାର ଫଇସଲା ପର୍ଯ୍ୟନ୍ତ ତପସ୍ୱିନୀଙ୍କୁ ଶାଶୁଘରେ ରହିବାକୁ ଅନୁମତି ଦିଆଯାଉ ଏବଂ ଭରଣପୋଷଣ ବାବଦକୁ ମାସିକ ୫୦ହଜାର ଟଙ୍କା ଦେବାକୁ ପିଟିଶନରେ ଉଲ୍ଲେଖ କରାଯାଇଛି। ଏହି ପିଟଶନ ଶୁଣାଣି କରି କୋର୍ଟ ଥାନାରେ ଅଭିଯୋଗ କରିବାକୁ ନିର୍ଦ୍ଦେଶ ଦେବା ସହିତ ପରବର୍ତ୍ତୀ ସମୟରେ କୋର୍ଟରେ ମଧ୍ୟ ପିଟିଶନ ଆବେଦନ କରିପାରିବେ ବୋଲି କହିଛନ୍ତି। ଏଭଳି ନିର୍ଦ୍ଦେଶ ଜାରି ପରେ ରାତି ପ୍ରାୟ ସାଢ଼େ ୯ଟାରେ ତପସ୍ୱିନୀ ପ୍ରମିଳାଙ୍କ ସହିତ ବ୍ରହ୍ମାନଗରସ୍ଥିତ ଶାଶୁଘର ଆଗରେ ବସିଛନ୍ତି। ଅନ୍ୟପଟେ ଶୁକ୍ରବାର ଡା. ସୁମିତଙ୍କ ତରଫରୁ ଆଇନଜୀବୀ ଦେବସ୍ମାନ ଦାଶ ଜିଲାଜଜ କୋର୍ଟରେ ଏକ ପିଟିଶନ ରୁଜୁ କରିଛନ୍ତି। ବ୍ରହ୍ମପୁର ଏସଡିଜେଏମ ଗତ ୨ ଓ ୯ତାରିଖରେ ଦେଇଥିବା ନିର୍ଦ୍ଦେଶକୁ ଚାଲେଞ୍ଜ କରି ଜିଲାଜଜ କୋର୍ଟରେ ଅପିଲ କରାଯାଇଛି। ଏସଡିଜେଏମ ଦେଇଥିବା ନିର୍ଦ୍ଦେଶ ଖାରଜ କରିବା ପାଇଁ ଅନୁରୋଧ କରାଯାଇଥିବା ଆଇନଜୀବୀ ଦାଶ କହିଛନ୍ତି। ଏହି ପିଟିଶନ ଶୁଣାଣି ଆସନ୍ତା ୨୭ତାରିଖକୁ ଧାର୍ଯ୍ୟ କରାଯାଇଥିବା ଜଣାପଡିଛି।



ବ୍ରହ୍ମପୁର ବ୍ରହ୍ମାନଗରସ୍ଥିତ ଡାକ୍ତର ସୁମିତଙ୍କ ଘର ଆଗରେ ଶୁକ୍ରବାର ଧାରଣାରେ ବସିଛନ୍ତି ତପସ୍ୱିନୀ । ନିକଟରେ ସାମାଜିକ କର୍ମୀ ପ୍ରମିଳା ତ୍ରିପାଠୀ।

# classifieds Everyday


0674-2580101, 2549302

## real estate

### SALE

Plot sale near Infocity-2 and AIIMS Hospital, Bhubaneswar. 9439206202, 9777433701. D-71753

**Flat sale at near Jharpada Durgamandap, 100' Wide road side. Contact: 6371401150.** D-22581

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.** D-71749

Bhubaneswar CRP ଛକରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 1500/-, 950/-, 400/-, 650/- କିଣି ଘର କରନ୍ତୁ। Pinky. 6370476317. D-71751

**2BHK flat for sale at Keshari Enclave Nayapalli, Bhubaneswar. 8114860043.** D-71516

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22388

ଭୁବନେଶ୍ୱରର ସୁନ୍ଦରପଦା OEC ନିକଟରେ 10000 ବର୍ଗଫୁଟ ପ୍ଲଟ୍ 40,00,000/- ରେ ବିକ୍ରି ହେବ । 9439493164. D-71752

**6000sqft. private plot with 6ft. height boundary near Sai Temple, Gudiapokhari Chhaka. 9777302825.** D-71755

**ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952.** D-71746

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22395

ସୁବର୍ଣ୍ଣ ସୁଯୋଗ:- କଟକ ସଦର ବ୍ଲକରେ ବିରିବାଟୀଠାରେ ଏନ୍.ଏଚ୍. ୫୫ର ଅତି ନିକଟରେ ଅବସ୍ଥିତ ତଥା କୃଷି ଜମିରୁ ଘରବାରି ଜମିକୁ ରୂପାନ୍ତରିତ ହୋଇଥିବା ଜମି ପ୍ଲଟିଙ୍ଗ୍ ଭିତ୍ତିରେ ଉପଲବ୍ଧ। ଜମି କିଣିବା ପାଇଁ ଇଚ୍ଛୁକ କ୍ରେତାମାନେ ମୋବାଇଲ ନଂ.- ୯୮୬୧୦୩୩୯୯୦ରେ ଯୋଗାଯୋଗ କରିପାରନ୍ତି। ଧ-୨୨୪୩

**ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542.** D-71742

**Flat sale at Naharakanta Chhak Bhubaneswar NH Facing. Contact: 6371401150.** D-22582

**Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ Bio-Tech Park (Vaccine Plant) ନିକଟରେ gharabari plot boundary, electricity ଥାଇ କିଣନ୍ତୁ, immediate ଘର କରନ୍ତୁ 9437005434.** D-71754

### PURCHASE

Wanted flats duplexes plots corehouses from direct Owners, Bhubaneswar. 6371090682. D-68285

## to-let

1BHK at Palasuni, Bhubaneswar. Only for Family Holder. Contact: 9437106812 / 7978747230. D-22570

One room, Dining, Kitchen and Toilet at VIP Area IRC. Contact: 8917698751. D-71513

Three Rooms, Dining, Kitchen, Veranda near GGP Colony, Pandara Road, small Family preferred. 91-8249484647. D-22517

## healthcare

Newly open Spa offer price @599/-, positively health benefits - 8455987557. D-71455

Newly Open Saikrupa Panchakarma Spa positively health benefits with Expert. 8984068077. D-22470

Newly open spa New Year Dhamaka @699/-, Smart therapist. 7846814019. D-71456

## astrology

୨ ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ଗୁରୁ ରହେମତ ଅଲ୍ଲି ବଶୀକରଣ ସ୍ପେଶାଲିଷ୍ଟ ବେପାରବୃଦ୍ଧି, ଗୃହ ସମସ୍ୟା, ପ୍ରେମ ବିବାହ, ସଉତୁଣୀ, ଶତ୍ରୁଦମନ। 8114984446. D-71452

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ
ରାଜସ୍ୱ ପର୍ଷଦ, ଓଡ଼ିଶା,
ଭୁବନେଶ୍ୱର ମହୋଦୟ ଅଦାଲତ ନଂ.- ୩ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍, ଭୁବନେଶ୍ୱର କେସ୍ ନଂ.- OSS CASE NO.- 315 of 2015

ସତ୍ୟପିର ପଟ୍ଟନାୟକ, ପିତା- ସ୍ୱର୍ଗତ ଅନନ୍ତ ଚନ୍ଦ୍ର ପଟ୍ଟନାୟକ, ସା- ଶାସନ ପଡ଼ିଆ, ପୋ.ଅ.: ପୁରୁଣା ଭୁବନେଶ୍ୱର, ଥାନା- ଲିଙ୍ଗରାଜ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା
.....ବାଦୀ

ବନାମ

୩. ଜିତେନ୍ଦ୍ରନାଥ ପଟ୍ଟନାୟକ, ପିତା- ସ୍ୱର୍ଗତ ଲୋକନାଥ ପଟ୍ଟନାୟକ, ୪. ଭକ୍ତିଲତା ପଟ୍ଟନାୟକ, ପିତା- ସ୍ୱର୍ଗତ ଲୋକନାଥ ପଟ୍ଟନାୟକ, ଉଭୟଙ୍କ ସା: ଚାନ୍ଦିନୀଚୌକ୍ (ମକରବାଗ ସାହି), ଥାନା- ଲାଲବାଗ, ଜିଲ୍ଲା: କଟକ-୨
....ପ୍ରତିବାଦୀ

ଏତଦ୍ୱାରା ପ୍ରତିବାଦୀ ନଂ.-୩ ଓ ୪ ମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର, ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ, ନଂ.-୩ ଇଜିଲାସ୍, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା ୨୫।୦୧।୨୦୨୨ରିଖ ଦିବା ଘ ୦୨.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

**ଜମିଜମାର ବିବରଣୀ**

ମୌଜା- ଭୁବନେଶ୍ୱର ସହର ୟୁନିଟ୍ ନଂ.-୨୭ ଭୁବନେଶ୍ୱର, ହାଲ୍ ଥାନା- ଭୁବନେଶ୍ୱର, ନଂ.- ୬୫, ତହସିଲ- ଭୁବନେଶ୍ୱର, ତହସିଲ ନଂ.- ୧୭୫/୪୮୭, ଜିଲ୍ଲା- ଖୋର୍ଦ୍ଧା, ସାବକ ଖାତା ନଂ.- ୧୪୪୫, ସାବକ ପ୍ଲଟ୍ ନଂ.- ୪୮୩୧ (ଅଂଶ), କିସମ- ଏରିଆ ଏ୦. ୦୦୫ ଡି. ସମୁଦାୟ ଏରିଆ ଏ୦.୫୦ଡି, ସ୍ୱତ୍ୱ- ସ୍ଥିତିବାନ, ହାଲ୍ ଖାତାନଂ.- ୧୪୬୩, ହାଲ ପ୍ଲଟ୍ ନଂ.- ୧୩୮୭, ଏରିଆ ଏ୦.୦୫୬ଡି (ଅଂଶ), ସ୍ୱତ୍ୱ- ସ୍ଥିତିବାନ

ଏଣୁ ଉପରୋକ୍ତ ମାମଲା ପ୍ରତିବାଦୀ ନଂ.- ୩ ଓ ୪ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ମାନ୍ୟବର ଅତିରିକ୍ତ ଆୟୁକ୍ତ ଡିଭିଜନ୍ ଅଦାଲତ ନଂ.-୩ ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା- କୋର୍ଟ ଅଫିସର
ଧ-୨୨୪୭୪


# ରାଜଧାନୀରେ ୧୯,୬୯୯ ସୁଲଭ ଘର ଯୋଗାଇଲେଣି ସରକାର

**୪୨ ମାସରେ ସରିବ ୧୬୦ ବାସଗୃହ କାମ**

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ସହରାଞ୍ଚଳରେ ବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀ, ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରର ବାସଗୃହ ସମସ୍ୟା ଦୂର କରିବା ପାଇଁ ସୁଲଭ ମୂଲ୍ୟରେ ଘର ଯୋଗାଇ ଦେବା ଲାଗି ଓଡ଼ିଶା ଗୃହ ନିର୍ମାଣ ସଂସ୍ଥା ତରଫରୁ ଉଦ୍ୟମ ଜାରିରହିଛି। ରାଜ୍ୟ ସରକାର ରାଜଧାନୀ ଭୁବନେଶ୍ୱରରେ ଅଦ୍ୟାବଧି ୧୯ ହଜାର ୬୯୯ ବାସଗୃହ ଏବଂ ଦୋକାନ ଘର ଲୋକଙ୍କୁ ଯୋଗାଇ ସାରିଲେଣି। ଅନ୍ୟ ୧,୧୦୮ ବାସଗୃହର ନିର୍ମାଣ କାର୍ଯ୍ୟ ଜାରିରହିଛି।

ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳରେ ୨ ଏକର ୧୦୦ ଡିସିମିଲି ସରକାରୀ ଜମିରେ ବହୁତଳ ବିଶିଷ୍ଟ ପ୍ରକଳ୍ପ ‘ସୁଭଦ୍ରା ଏନ୍‌କ୍ଲେଭ’ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଏହି ୫ ମହଲା ବିଶିଷ୍ଟ ଅଟ୍ଟାଳିକାରେ ଆର୍ଥିକ ଦୁର୍ବଳଶ୍ରେଣୀ (ଇଡବ୍ଲୁଏସ୍), ନିମ୍ନ ଆୟକାରୀ ବର୍ଗ (ଏଲ୍‌ଆଇଜି) ଏବଂ ମଧ୍ୟମ ଆୟକାରୀ ବର୍ଗ (ଏମ୍‌ଆଇଜି)ଙ୍କ ଲାଗି ୧୯୮ ଫ୍ଲାଟ୍ ନିର୍ମାଣ ହେବ। ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ୪୦ ଇଡବ୍ଲୁଏସ୍, ୨୦ ଏଲ୍‌ଆଇଜି ଏବଂ ୧୦୦ ଏମ୍‌ଆଇଜି ଫ୍ଲାଟ୍ ବିକ୍ରୟ ପ୍ରକ୍ରିୟା ଶୁଭାରମ୍ଭ ହୋଇଛି। ରେରା କର୍ତ୍ତୃପକ୍ଷଙ୍କ ନିକଟରେ ପଞ୍ଜୀକୃତ ହୋଇଥିବା ଏହି ପ୍ରକଳ୍ପକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅନୁମୋଦନ ମିଳିଛି। ୪୨ମାସ ମଧ୍ୟରେ ଫ୍ଲାଟ୍ ସମ୍ପୂର୍ଣ୍ଣ କରି ହିତାଧିକାରୀଙ୍କୁ ବର୍ତ୍ତମାନ ଘୋଷିତ ମୂଲ୍ୟ ଅନୁଯାୟୀ ହସ୍ତାନ୍ତର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ଉକ୍ତ ପ୍ରକଳ୍ପର ଆନୁମାନିକ ମୂଲ୍ୟ ୬୩ କୋଟି ୭୩ ଲକ୍ଷ ଟଙ୍କା ସ୍ଥିରୀକୃତ ହୋଇଛି। ହିତାଧିକାରୀଙ୍କ ସୁବିଧା ନିମନ୍ତେ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ୟୁକୋ ବ୍ୟାଙ୍କ ଏବଂ ଆକ୍ସିସ୍ ବ୍ୟାଙ୍କ ସହବନ୍ଧିତ ହୋଇଛନ୍ତି। ଏହାଦ୍ୱାରା ସ୍ୱଳ୍ପ ସୁଧହାରରେ ହିତାଧିକାରୀ ଋଣ ନେଇପାରିବେ। ସେହିପରି କଟକ ବିଦ୍ୟାଧରପୁରଠାରେ ୮ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଇଡବ୍ଲୁଏସ୍ ହାଉସିଂ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ୧୯୬ଟି ଫ୍ଲାଟ୍ ବିକ୍ରୟର ଶୁଭାରମ୍ଭ ହୋଇଛି। ୪ ଲକ୍ଷ ୧୬ ହଜାର ଟଙ୍କାରେ ହିତାଧିକାରୀଙ୍କୁ ଫ୍ଲାଟ୍ ଯୋଗାଇ ଦିଆଯାଉଛି। ଏହି ପ୍ରକଳ୍ପ ଲାଗି ରାଜ୍ୟ ସରକାର ୪ କୋଟି ୭୭ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଓଡ଼ିଶା ଗୃହ ନିର୍ମାଣ ସଂସ୍ଥା ପକ୍ଷରୁ ୧୨୬ ନୂତନ ଇଡବ୍ଲୁଏସ୍ ଫ୍ଲାଟ୍, ୧୪୨ ଇଡବ୍ଲୁଏସ୍ ଫ୍ଲଟ୍ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ୧୦୦ ଟପିଲା ଓମିକ୍ରନ୍ ...

ପ୍ରଥମ ପୃଷ୍ଠାରୁ...

ପଶ୍ଚିମବଙ୍ଗରେ ଜଣେ ଲେଖାଏ ସଂକ୍ରମିତ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଲବ ଅଗ୍ରୱାଲ ଗଣମାଧ୍ୟମକୁ କହିଛନ୍ତି। ଓମିକ୍ରନ୍ ଅତି ଦ୍ରୁତ ବେଗରେ ବ୍ୟାପୁଛି। ଦେଶର ୧୯ ଜିଲାରେ କୋଭିଡ୍ ସଂକ୍ରମଣ ବିପଦଜନକ ସ୍ଥିତିରେ ରହିଛି। ସଂକ୍ରମଣ ତୃତୀୟ ଲହର ଆସିବା ଆଶଙ୍କା ସୃଷ୍ଟି ହୋଇଥିବାରୁ କୋଭିଡ୍ ନିୟମ କଡ଼ାକଡ଼ି ପାଳନ ଉପରେ ମନ୍ତ୍ରଣାଳୟ ଗୁରୁତ୍ୱ ଦେଇଛି। ନିୟମିତ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ଜରୁରୀ ନ ଥିବା ଭ୍ରମଣ ନ କରିବାକୁ ଏବଂ ଭିଡ଼ ତଥା ସମାବେଶଠାରୁ ଦୂରେଇ ରହିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ବ୍ରିଟେନ୍ ସମେତ ୟୁରୋପୀୟ ଦେଶଗୁଡ଼ିକରେ ଓମିକ୍ରନ୍ ସଂକ୍ରମଣ ବଢ଼ିଚାଲିଛି। ବ୍ରିଟେନରେ ସଂକ୍ରମଣ ୧୧,୦୦୦ ଟପିଗଲାଣି। ବର୍ତ୍ତମାନଠାରୁ ସତର୍କ ନ ହେଲେ ଭାରତରେ ଦୈନିକ ସଂକ୍ରମଣ ୧୪ ଲକ୍ଷରେ ପହଞ୍ଚିପାରେ ବୋଲି ମନ୍ତ୍ରଣାଳୟ ଆଶଙ୍କା ବ୍ୟକ୍ତ କରିଛି। ଦିଲ୍ଲୀରେ ୨୪ ଘଣ୍ଟା ମଧ୍ୟରେ ୧୦ ଜଣ ଓମିକ୍ରନ୍‌ରେ ସଂକ୍ରମିତ ହୋଇଛନ୍ତି। ଶିଶୁମାନେ ମଧ୍ୟ ଏହି ସଂକ୍ରମଣରୁ ବାଦ୍ ପଡୁନାହାନ୍ତି, ଯାହା ଏବେ ଚିନ୍ତାର କାରଣ ପାଲଟିଛି। ପଶ୍ଚିମବଙ୍ଗରେ ଜଣେ ୭ ବର୍ଷର ପିଲା ନୂଆ ଭାରିଆଣ୍ଟ ଆକ୍ରାନ୍ତ ହୋଇଥିବାବେଳେ ମହାରାଷ୍ଟ୍ରରେ ୩ ବର୍ଷର ପୁଅ ଏବଂ ୧୮ ମାସର ଶିଶୁକନ୍ୟା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସଂକ୍ରମଣ ରୋକିବା ପାଇଁ ବାହାରୁ ଆସୁଥିବା ଯାତ୍ରୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପୂର୍ବରୁ ପରାମର୍ଶ ଦେଇଥିଲା। କୋଭିଡ୍ ପଜିଟିଭ୍ ଆସିଲେ ତୁରନ୍ତ ଜିନୋମ ସିକ୍ୱେନ୍ସିଂ କରିବା ଲାଗି କୁହାଯାଇଛି। ଏଥିସହ ସଂକ୍ରମଣର ହଟ୍‌ସ୍ପଟ ସମ୍ଭାବନା ଥିବା ଅଞ୍ଚଳକୁ ଚିହ୍ନଟ କରି କଣ୍ଟେନ୍‌ମେଣ୍ଟରେ ରଖିବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ କହିଥିଲେ। ସେହି ଅନୁଯାୟୀ ଡିସେମ୍ବର ୧ରୁ ଦେଶରେ ନୂଆ ଭ୍ରମଣ ନିୟମ କାର୍ଯ୍ୟକାରୀ ହୋଇଛି। ଆଟ୍-ରିସ୍କ ଦେଶରୁ ଆସୁଥିବା ଯାତ୍ରୀମାନଙ୍କୁ ଆର୍‌ଟି-ପିସିଆର୍ ରିପୋର୍ଟ ଦାଖଲ କରିବାକୁ ହେବ ଏବଂ କେତେକ କ୍ଷେତ୍ରରେ କ୍ୱାରାଣ୍ଟାଇନ୍‌କୁ ବାଧ୍ୟତାମୂଳକ କରାଯାଇଛି। ଗତ ମାସରେ ପ୍ରଥମେ ଦକ୍ଷିଣ ଆଫ୍ରିକାରେ ଓମିକ୍ରନ୍ ଚିହ୍ନଟ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଏହା ୭୭ ଦେଶକୁ ବ୍ୟାପିଲାଣି। ଏହା ଆହୁରି ଅଧିକ ଦେଶକୁ ସଂକ୍ରମିତ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଶଙ୍କା ବ୍ୟକ୍ତ କରୁଛି। ଭାରତରେ କୋଭିଡ୍‌ର ଏହି ନୂଆ ଭାରିଆଣ୍ଟ ପ୍ରଥମେ ଡିସେମ୍ବର ୨ରେ କର୍ଣ୍ଣାଟକରେ ଠାବ ହୋଇଥିଲା। ବର୍ତ୍ତମାନ ସମୟରେ ଓମିକ୍ରନ୍ ବିଶ୍ୱ ଜନସ୍ୱାସ୍ଥ୍ୟ ପାଇଁ ସବୁଠୁ ବଡ଼ ବିପଦ ବୋଲି ଜି୭ ପକ୍ଷରୁ କୁହାଯାଇଛି। ଦେଶଗୁଡ଼ିକ ପରସ୍ପରକୁ ନିବିଡ଼ ଭାବେ ସହଯୋଗ କରିବା ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ୭ ରାଷ୍ଟ୍ର ସଂଗଠନ ପକ୍ଷରୁ ସତର୍କ କରିଦିଆଯାଇଛି।

## କେନ୍ଦ୍ରାପଡ଼ାରେ ମିତ୍ତଲ ...

ଗତ ୧୨ ମାସ ମଧ୍ୟରେ ରାଜ୍ୟ ସରକାର ୨.୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶକୁ ମଞ୍ଜୁରୀ ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକରେ ରାଜ୍ୟର ପ୍ରାୟ ୧.୬ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଓଡ଼ିଶା ଏବେ ଦେଶର ବୃହତ୍ ଇସ୍ପାତ ଉତ୍ପାଦନକାରୀ ରାଜ୍ୟରେ ପରିଣିତ ହୋଇଥିବା ବେଳେ ମେଗା ଷ୍ଟିଲପ୍ଲାଣ୍ଟ କାର୍ଯ୍ୟକାରୀ ହେବା ପରେ ୨୦୩୦ ସୁଦ୍ଧା ଇସ୍ପାତ ଉତ୍ପାଦନ କ୍ଷମତା ୧୦୦ ନିୟୁତ ଟନ୍‌କୁ ଟପିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପ୍ରତ୍ୟେକ ସ୍ତରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ବୃଷ**
କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଅନ୍ୟମାନଙ୍କର ଚାପରେ ପଡ଼ି ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍‌ସନ ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ**
ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିକଟ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଅନ୍ୟମାନଙ୍କର କାନକୁହା କଥା ଶୁଣି ଉପର ଅଧିକାରୀମାନେ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ**
ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ ନଚେତ୍ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ଆନୁଷ୍ଠାନିକ କାମ ଓ ସଭାସମିତିରେ ସଫଳତା ହାସଲ କରିବେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ**
ଆପଣଙ୍କ ଯୁକ୍ତିଯୁକ୍ତ କଥାକୁ ବନ୍ଧୁମାନେ ପସନ୍ଦ କରିବା ସହ ସହମତି ପ୍ରକାଶ କରିବେ। ପରିବାରରେ ପିଲାମାନଙ୍କ ସମସ୍ୟା ଭିତରେ ନିଜେ ବାନ୍ଧି ହୋଇଯାଇ ପାରନ୍ତି। ଦୀର୍ଘ ଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**କନ୍ୟା**
ସମସ୍ୟା ରହିଥିଲେ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସହକର୍ମୀଙ୍କ ସାହାଯ୍ୟରେ ଦୀର୍ଘ ଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ତୁଳା**
ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ଖୁସି ରହିବେ ଏବଂ କାବ୍ୟ, ସାହିତ୍ୟ, କଳା, କାରିଗରି ପ୍ରତି ରୁଚି ବଳିବ। ଶିଳ୍ପ, ବାଣିଜ୍ୟ, ନିର୍ମାଣାଦି କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ବିବାଦୀୟ ପରିସରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁମାନେ ସାହାଯ୍ୟ କରିବେ।

**ବିଛା**
ମନକଥା ମନରେ ରଖି କୌଶଳ ମାଧ୍ୟମରେ କାମ ହାସଲ କରିପାରିବେ। ପ୍ରଶାସନିକ ସ୍ତରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ। କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର ଆଶା ମନରେ ଉଙ୍କିମାରିବ।

**ଧନୁ**
ଆଜି ଦିନ ମଧ୍ୟରେ କର୍ମକ୍ଷେତ୍ର, ପ୍ରକାଶନ, ପ୍ରଶାସନିକ ଏବଂ ନିର୍ମାଣ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାମାନ୍ୟ ବଚସାରୁ ପ୍ରିୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେବା ସାଙ୍ଗକୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ପିଲାଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର**
ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁଙ୍କୁ ବିନୟପୂର୍ଣ୍ଣ କଥା କହିବେ। ଆଜି ଅଧ୍ୟୟନରେ, ଆଲୋଚନାରେ, ତର୍କ ବିତର୍କରେ ପ୍ରଶଂସିତ ହେବେ। ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସବୁକିଛି ଜାଣି ନୀରବଦ୍ରଷ୍ଟା ଭଳି କାମ କରିବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ସକାଶେ ଆପ୍ରାଣ ଚେଷ୍ଟା କରିବେ।

**କୁମ୍ଭ**
ଅଫିସିଆଲି କାମ ହାସଲ ସକାଶେ ଆଗନ୍ତୁକଟି ପ୍ରଶଂସାରେ ଶତମୁଖ ହୋଇ ଉଠିବ। ପରିବାରରେ ଭାବୁଥିବା କଥାଟି ବନ୍ଧୁଙ୍କ ମୁହଁ ସାମ୍ନାରେ କହିପାରିବେ ନାହିଁ। ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ କିନ୍ତୁ କିଛି କହିପାରିବେ ନାହିଁ। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଭ୍ରାତୃ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ସକାଳୁ କୌଣସି ଭଦ୍ରବ୍ୟକ୍ତିଙ୍କ ସହ ଆଲୋଚନା ମନର ସ୍ଥିତିକୁ ଦୃଢ଼ କରିପାରେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଆଶ୍ୱସ୍ତି ଲାଭ କରିବେ। ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

## ୩୦ ଇଲେକ୍ଟ୍ରିକାଲ ...

ରାଜ୍ୟ ଶକ୍ତି ନୀତିରେ ଶକ୍ତି ସଂରକ୍ଷଣ ଓ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ଶକ୍ତି ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ରାଜ୍ୟ ଭଲ କାମ କରୁଛି। ଆମ ଘରେ ଏଲ୍‌ଇଡି ଯୋଜନାରେ ପ୍ରାୟ ୪ କୋଟି ଏଲ୍‌ଇଡି ବଲ୍‌ବ ବିତରଣ ହୋଇସାରିଛି। ବିନା ଲୋଡ୍ ସେଡିଂରେ ପିକ୍ ଆୱାରରେ ୪୮୦୦ରୁ ୫ ହଜାର ମେଗାୱାଟ ବର୍ଷସାରା ଯୋଗାଇ ଦିଆଯାଇ ପାରୁଛି। ପ୍ରଶାସନରେ ୫-ଟି ମନ୍ତ୍ର ଆପଣେଇବା ଏବଂ ମୋ ସରକାର ମାଧ୍ୟମରେ ଲୋକଙ୍କୁ ସମ୍ମାନର ସହ ସେବା ଯୋଗାଇବାକୁ ନବନିଯୁକ୍ତ ଇଞ୍ଜିନିୟରଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗ ଦେଇ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ନବନିଯୁକ୍ତ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ।

# ଏମ୍‌ପି ମୁନା ଖାଁଙ୍କ କାରକୁ ପୁଣି ଅଣ୍ଡାମାଡ଼

ଖୋର୍ଦ୍ଧା ଅଫିସ/ଜଟଣୀ, ୧୭।୧୨(ଡି.ଏନ୍.ଏ.):

■କଂଗ୍ରେସ-ବିଜେଡି କର୍ମୀ ମୁହାଁମୁହିଁ
■କଂଗ୍ରେସ ନେତା ମନ୍ମଥ ରାଉତରାୟଙ୍କୁ ଅଣ୍ଡାମାଡ଼

ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନକୁ ନେଇ ଶୁକ୍ରବାର ଖୋର୍ଦ୍ଧା ଜିଲା ଜଟଣୀ ହରିଭାଇନା ଛକରେ ଉତ୍ତେଜନା ପ୍ରକାଶ ପାଇଛି। ସରକାରୀ କାର୍ଯ୍ୟକୁ ବିଜେଡି ଦଳୀୟ କାର୍ଯ୍ୟରେ ପରିଣତ କରିଥିବା ଅଭିଯୋଗ କରି ଜଟଣୀ ଯୁବ ଓ ଛାତ୍ର କଂଗ୍ରେସ କର୍ମୀମାନେ କାର୍ଡ ବଣ୍ଟନ କରିବାକୁ ଯାଉଥିବା ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟଙ୍କ କାର୍ ଉପରକୁ ଅଣ୍ଡାମାଡ଼ କରିବା ସହ କଳାପତାକା ପ୍ରଦର୍ଶନ କରିଛନ୍ତି। ଏକାଧିକ ବିଜେଡି କର୍ମୀ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ଏନେଇ ବିଜେଡି ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ କେତେଜଣ ବିଜେଡି କର୍ମୀ କଂଗ୍ରେସ ନେତା ମନ୍ମଥ ରାଉତରାୟଙ୍କୁ ଅଣ୍ଡାମାଡ଼ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। କେତେଜଣ କଂଗ୍ରେସ କର୍ମୀ ଆହତ ହୋଇଥିବା ଜଣାପଡ଼ିଛି। ପରେ ଏମ୍‌ପି ଖାଁ ଏବଂ ଅନ୍ୟମାନେ ସଭାସ୍ଥଳରେ ପହଞ୍ଚି ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଲୋକ ସଭା ସଦସ୍ୟ ଅପରାଜିତା ଷଡ଼ଙ୍ଗୀଙ୍କୁ ଡକାଯାଇ ନ ଥିଲା। କିନ୍ତୁ ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟଙ୍କୁ ଡାକି କାର୍ଡ ବଣ୍ଟନ କରାଯାଉଛି। ଏହାକୁ ନେଇ କଂଗ୍ରେସ କର୍ମୀମାନେ ବିରୋଧ କରିଥିଲେ। ଏ ସମ୍ପର୍କରେ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି ଯୋଜନା କରିଛନ୍ତି। କିନ୍ତୁ ଶାସକ ଦଳ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମ ଭାବେ ବ୍ୟବହାର କରୁଛି। ଏଭଳି ହୀନ ରାଜନୀତିକୁ ବରଦାସ୍ତ କରାଯିବ ନାହିଁ। ଆଗାମୀ ଦିନରେ ଏହାକୁ ଦୃଢ ଭାବେ ବିରୋଧ କରାଯିବ। ଅନ୍ୟପଟେ ବରିଷ୍ଠ ବିଜେଡି ନେତା ବିଜୟ କୁମାର ଛୋଟରାୟ କହିଛନ୍ତି, ଜଟଣୀରେ ହିଂସାକୁ ପ୍ରଶ୍ରୟ ଦିଆଯିବ ନାହିଁ। ବିଜେଡି ଏକ ଶୃଙ୍ଖଳିତ ଦଳ ଭାବେ ଲୋକଙ୍କ ପ୍ରିୟଭାଜନ ହୋଇପାରିଛି। ସରକାରଙ୍କ ସମସ୍ତ ଯୋଜନାରୁ କୌଣସି ଜନସାଧାରଣ ବଞ୍ଚିତ ହେବେ ନାହିଁ ବୋଲି ସେ କହିଛନ୍ତି।


ଜଟଣୀ ହରିଭାଇନା ଛକରେ କଂଗ୍ରେସ ଓ ବିଜେଡି କର୍ମୀମାନେ ମୁହାଁମୁହିଁ।

# ଅମରିନ୍ଦରଙ୍କ ଦଳ ସହ ମେଣ୍ଟ ଘୋଷଣା କଲା ଭାଜପା

ଚଣ୍ଡିଗଡ଼, ୧୭।୧୨

**ପଞ୍ଜାବ ବିଧାନସଭା ନିର୍ବାଚନ**

ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଜାବ ବିଧାନସଭା ନିର୍ବାଚନ ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ନେତୃତ୍ୱାଧୀନ ଲୋକ କଂଗ୍ରେସ ପାର୍ଟି ସହ ଭାଜପା ମେଣ୍ଟ ଘୋଷଣା କରିଛି। ଅମରିନ୍ଦର ଶୁକ୍ରବାର ନୂଆଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ତଥା ଭାଜପାର ପଞ୍ଜାବ ନିର୍ବାଚନ ପ୍ରଭାରୀ ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କୁ ଭେଟିଥିଲେ। ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନ ଭାଜପା ଅମରିନ୍ଦରଙ୍କ ଦଳ ସହ ଏକାଠି ଲଢ଼ିବ ବୋଲି ଗଜେନ୍ଦ୍ର ଘୋଷଣା କରିଛନ୍ତି। ପୂର୍ବରୁ ଗଜେନ୍ଦ୍ର ଚଣ୍ଡିଗଡ଼ରେ ଅମରିନ୍ଦରଙ୍କ ସହ ଆଲୋନା କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ମେଣ୍ଟ ପାଇଁ ସହମତି ଦେଇସାରିଛନ୍ତି। ତେବେ ଆସନ ଭାଗବଣ୍ଟା ସମ୍ପର୍କରେ ଉପଯୁକ୍ତ ସମୟରେ ଜଣାଇ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ତେବେ ନିର୍ବାଚନରେ ଅମିରନ୍ଦରଙ୍କୁ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯିବ କି ପ୍ରଶ୍ନରେ ଗଜେନ୍ଦ୍ର କହିଥିଲେ, ମେଣ୍ଟ ନିଜେ ହେଉଛି ପରିଚୟ। ସବୁକିଛିର ଉତ୍ତର ଖୁବ୍‌ଶୀଘ୍ର ମିଳିଯିବ। ଅମରିନ୍ଦର କହିଛନ୍ତି, ମେଣ୍ଟ ସମ୍ପର୍କରେ କିଛିଦିନ ହେଲା ଭାଜପା ନେତୃବୃନ୍ଦଙ୍କ ସହ ଆଲୋଚନା ଚାଲିଥିଲା। କେନ୍ଦ୍ରମନ୍ତ୍ରୀ ଆଜି ତାହା ସ୍ପଷ୍ଟ କରିଦେଇଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। ନିର୍ବାଚନ ଲଢ଼ିବାକୁ ଆମେ ଶତ ପ୍ରତିଶତ ପ୍ରସ୍ତୁତ ହୋଇ ରହିଛୁ ଓ ନିଶ୍ଚୟ ଜିତିବୁ ବୋଲି ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ ବୁଝାମଣାରେ ପ୍ରାର୍ଥୀଙ୍କ ଜିତିବା ଯୋଗ୍ୟତାକୁ ପ୍ରାଥମିକତା ଦିଆଯିବ। ଯେଉଁଠି ଭାଜପା ପ୍ରାର୍ଥୀ ଦୃଢ଼ ଥିବେ ସେଠାରେ ଆମେ ସେମାନଙ୍କୁ ସମର୍ଥନ ଦେବୁ ଏବଂ ଆମ ପ୍ରାର୍ଥୀ ଦୃଢ଼ ଥିବା ଆସନରେ ସେମାନେ ସମର୍ଥନ ଦେବେ ବୋଲି ଅମରିନ୍ଦର କହିଛନ୍ତି।



# ତ୍ରିପୁରାରେ ୨ ଆଞ୍ଚଳିକ ଦଳ ମଧ୍ୟରେ ସଂଘର୍ଷ

ଅଗରତାଳା, ୧୭।୧୨

ତ୍ରିପୁରାର ୨ ଆଞ୍ଚଳିକ ଦଳ ମଧ୍ୟରେ ସଂଘର୍ଷ ଘଟିଛି। ତ୍ରିପୁରା ରାଜ ପରିବାରର ସଦସ୍ୟ ତଥା ପ୍ରୋଗ୍ରେସିଭ୍ ରିଜିଅନାଲ ଆଲିଆନ୍ସ (ଟିଆଇପିଆର୍ଏ) ମୋଥର ଅଧ୍ୟକ୍ଷ ପ୍ରଦ୍ୟୋତ୍ କିଶୋର ଦେବ ବର୍ମନଙ୍କ ଦଳ ଓ ତ୍ରିପୁରା ପିପୁଲ୍ସ ଫ୍ରଣ୍ଟ (ଟିପିଏଫ୍)ର କର୍ମୀମାନଙ୍କ ମଧ୍ୟରେ ଗୁରୁବାର ଖୁମୁଲଙ୍ଗଠାରେ ସଂଘର୍ଷ ହୋଇଥିଲା। ପ୍ରଦ୍ୟୋତ୍‌ଙ୍କୁ ମଧ୍ୟ ଅନ୍ୟ ଦଳର କର୍ମୀମାନେ ଠେଲାପେଲା କରିଥିଲେ। ପୋଲିସ ଓ ପ୍ରଶାସନର ବିନା ଅନୁମତିରେ ଟିପିଏଫ୍ ପକ୍ଷରୁ ରାଜନୈତିକ ରାଲି ଆୟୋଜନ କରାଯିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ମାନବାଧିକାର କର୍ମୀ ପଟଲ କାନ୍ୟା ଜମାତିଆଙ୍କ ନେତୃତ୍ୱରେ ଟିପିଏଫ୍ ରାଲି ପାଇଁ ଆବେଦନ କରିଥିଲେ ହେଁ ପୋଲିସ ଓ ଟିଟିଏଏଡିସି ପ୍ରଶାସନ ଏଥିପାଇଁ ଅନୁମତି ଦେଇ ନ ଥିଲେ। ଏହା ସତ୍ତ୍ୱେ ଟିପିଆର୍ ରାଲି କରିବାରୁ


ପ୍ରଦ୍ୟୋତ୍ କିଶୋର ଦେବ ବର୍ମନ।

ସଂଘର୍ଷର ସୂତ୍ରପାତ ହୋଇଥିଲା। ପୋଲିସ କହିବା ଅନୁଯାୟୀ ଟିପିଏଫ୍ ପକ୍ଷରୁ ରାଲି ପାଇଁ ଗତ ୧୦ ତାରିଖରେ ଅନୁମତି ମଗାଯାଇଥିଲା। ଶାନ୍ତି ଭଙ୍ଗ ହେବା ଆଶଙ୍କାରେ ପୋଲିସ ଏଥିପାଇଁ ଅନୁମତି ଦେଇ ନ ଥିଲା। ଏହା ସତ୍ତ୍ୱେ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା।

# ବିଜେଡି ଛାଡ଼ିଲେ ଇନ୍ଦ୍ରମଣି

ଅନୁଗୋଳ ଅଫିସ, ୧୭।୧୨

ଅନୁଗୋଳ ଜିଲା ପରିଷଦ ଉପସଭାପତି ଇନ୍ଦ୍ରମଣି ଗଡ଼ନାୟକ ଶୁକ୍ରବାର ବ୍ୟକ୍ତିଗତ କାରଣ ଦର୍ଶାଇ ବିଜେଡି ଛାଡ଼ିଛନ୍ତି। ଏ ନେଇ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇ ଦେଇଥିବା ଏକ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି। ଛାତ୍ର ଜୀବନରୁ ସେ ଅଣକଂଗ୍ରେସ ରାଜନୀତିରେ ସକ୍ରିୟ ଥିବାବେଳେ ୨୩ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ବିଜେଡି ଛାଡ଼ି ସେ ଭାଜପାରେ ମିଶିବେ ବୋଲି ଅନୁଗୋଳରେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଶୁଭେଚ୍ଛୁଙ୍କ ସହ ବିଚାର କରିବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି ଗଡ଼ନାୟକ ପ୍ରକାଶ କରିଛନ୍ତି।



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Required Odisha Airport male / female (8th-graduate) for Air-hostess, Ground Staff, I.T.I Diploma-Eng, Ex-man, Computer Operator, Data Entry, Air-ticketing, Driver. Salary-28k-85k Send C.V: interglobe62@gmail.com. 9711809424, 7052138505

MACHINO MOTORS
HYUNDAI AUTHORISED SINCE 2000
REQUIRE: Asst. Dentor, Asst. Painter, Washerman, Mechanics, Spare Parts Manager. Min. 5 years experience in Hyundai / other dealer.
Apply: machinohyundaiservice@gmail.com
Berhampur, Odisha, Contact / Whatsapp:
9338090533, 9337888024

See Career Appointment on every Wednesday & Saturday

Urgently Required
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper, Supervisors, Checkers, Loaders, Drivers, Guards and Helpers.
Qualification: ପାଠ ପଢିନଥିବା + Graduate
Salary: Rs 25000 - 75000 + Bonus + Cab ( ରହିବା + ଖାଇବା Free )
9536644810, 7351122597

## ନାରୀ ନିର୍ଯାତନା ରୋକିବାରେ ସରକାର ବିଫଳ

ଭାଜପା ଜନସମ୍ପର୍କ ସଭାରେ ସୁରମାଙ୍କ ଅଭିଯୋଗ

ବ୍ରହ୍ମପୁର ଅଫିସ,୧୭।୧୨– ରାଜ୍ୟରେ ଦୁଇ ଦଶନ୍ଧିର ବିଜେଡି ଶାସନରେ ନାରୀ ନିର୍ଯାତନା ସାଙ୍ଗକୁ ବଳାତ୍କାର ବଢ଼ି ଚାଲିଛି ଏବଂ ରୋକିବାରେ ସରକାରଙ୍କ ବିଫଳତା ପଦାରେ ପଡ଼ିଛି। ତେଣୁ ମହିଳାମାନେ ଅସୁରକ୍ଷିତ ହୋଇଯାଇଥିବା ଅଭିଯୋଗ କରାଯାଇଛି। ଗଞ୍ଜାମ ଜିଲା ଭାଜପା ପକ୍ଷରୁ ଗୋପାଳପୁର ବିଧାନସଭା କ୍ଷେତ୍ର ସାତକୁଟଣିଠାରେ ଶୁକ୍ରବାର ଅନୁଷ୍ଠିତ ଜନ ସମ୍ପର୍କ ସମାବେଶରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଏହି ଟିପ୍ପଣୀ ଦେଇଛନ୍ତି। କେନ୍ଦ୍ର ଯୋଜନାକୁ ନିଜ ଛାପ ଲଗାଇଛନ୍ତି ଏବଂ ବିଭିନ୍ନ ଭାବରେ ଦୁର୍ନୀତି ଓ ଭ୍ରଷ୍ଟାଚାର ସୀମା ଟପାଇଥିବା ସେ କଟାକ୍ଷ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଶାସକ ଦଳକୁ କଡ଼ା ଜବାବ ଦେବା ପାଇଁ ସୁରମା ଗ୍ରାମାଞ୍ଚଳବାସୀଙ୍କୁ ଆହ୍ୱାନ ଦେବା ସହ ଉଜ୍ଜ୍ୱଳା ଯୋଜନାରେ ୮୦ ଗରିବ ମହିଳାଙ୍କୁ ରନ୍ଧନ ଗ୍ୟାସ ବଣ୍ଟନ କରିଥିଲେ।

ସମାବେଶରେ ଜିଲା ଭାଜପା ସଭାପତି ବିଭୂତି ଜେନା ଓ ପୂର୍ବତନ ସଭାପତି କାହ୍ନୁ ଚରଣ ପତି ଯୋଗଦେଇ ନବୀନ ସରକାର ଉପରେ ବର୍ଷିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ମିଟୁ ସାହୁ ଓ ମହିଳା ମୋର୍ଚ୍ଚା ମଣ୍ଡଳ ସଭାନେତ୍ରୀ ରୀତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଏସ୍.ରାଣୀ ଉଦ୍‌ବୋଧନ ଦେଇଥିଲେ।

ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ଯୁବମୋର୍ଚ୍ଚା ଜିଲା ସଭାପତି ଏଲ.ମୋହନ ଦାସ, ଗଙ୍ଗାଧର ଶତପଥୀ, ପ୍ରଦୀପ ପଟ୍ଟନାୟକ, ସୁବାସିନୀ ପଟ୍ଟନାୟକ, ମହନ୍ତ ଚିନ୍ମୟାନନ୍ଦ ଦାସ, ସନ୍ତୋଷିନୀ ମହାରଣା, ସୁଶିଳା ମଲିକ, କୈଳାସ ମହାନ୍ତି, ଶୁଭାଶିଷ ସାହୁଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER, SONEPUR (R&B) DIVISION, SONEPUR
No. B-822
E-Procurement Notice
BID IDENTIFICATION No. SE/R&B/SNPR/24/2021-22
E-mail: eepwdsnpr@gmail.com, Phone: 06654-221081
No. 5141 Dt.15.12.21
1. The Superintending Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate bids in Single Cover System in Online Mode for construction of Road & Building works detailed in the DTCN from the eligible class of contractor.
2. No. of work : 03 (Three)
3. Tender Cost : Rs.6,000/- for Serial No. 1 to 3
4. Class of Contractor : "D" & "C" Class Contractor for Serial No. 1 to 3
5. Date and time available in website & receipt of Bids : From 10.00 A.M. of 18.12.2021 to 5.00 P.M. of 23.12.2021
6. Date of Opening of tender : 24.12.2021 at 11.30 A.M.
7. The bidders have to participate in online bidding only, further details can be seen from the website.
8. Any Corrigendum/Addendum will be displayed in the website www.tendersodisha.gov.in only.
Sd./- Superintending Engineer, Sonepur (R&B) Division, Sonepur
OIPR-34081/11/0018/2122

GOVERNMENT OF ODISHA No. O-1374
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
E-mail: eerw_kuchinda@yahoo.com
"e" Procurement Notice for Road Works
Identification No Online Tender/08/RWD, Kuchinda/2021-22
1. Name of the Work : Road Works
2. Total Number of Works : 2 Nos.
3. Estimated Cost : Rs.2.65 lakhs & Rs.11.13 lakhs
4. Class of Contractor : Road Work (C & D Class of Contractor)
5. Period of Completion : One Calendar
6. Availability of Tender Online for Bidding : 18.12.2021 at 11.00 A.M. to 26.12.2021 upto 5.00 P.M.
7. Last date & time of seeking tender clarification : 25.12.2021 upto 5.00 P.M.
8. Date & time of opening of tender : 27.12.2021 (11.00 A.M.)
Further details can be seen from the website www.tendersodisha.gov.in.
Sd./- Superintending Engineer
Rural Works Division, Kuchinda
OIPR-25151/11/0007/2122

GOVT. OF ODISHA No. A-741
OFFICE OF THE ENGINEER-IN-CHIEF WATER RESOURCES, ODISHA, BHUBANESWAR
'e' Procurement Notice No. CEMKS 14 of 2021-22
1. Name of the work : Protection to Mahanadi Right Embankment from Mankadagadia to Balunkeswar Temple near Padmavati under NABARD Assistance RIDF-XXVIII
2. Amount put to tender : Rs.16,55,08,555.00
3. Bid Document Cost : Rs.10,000.00 (Online)
4. E.M.D. : Bid security declaration to be furnished as per Annexure - III of Section-6 of Technical Bid document
5. Class of Contractor : Super Class
6. Period of Completion : 24 Calendar Months (730 days)
7. Other details are as follows :

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS NAYD 01 of 2021-22 | 21.12.2021 10.00 hrs. | 05.01.2022 17.00 hrs. | 06.01.2022 11.00 hrs. |

8. e-mail Id: : celmbbbsr@yahoo.co.in
Further detail conditions can be seen from the Govt. website www.tendersorissa.gov.in.
Sd./- Chief Engineer & Basin Manager
Mahanadi Kathajodi System, Bhubaneswar
OIPR-32252/11/0015/2122

Your classified advertisement published in Dharitri will be listed free in Dharitri online edition :
www.dharitri.com

ODISHA PUBLIC SERVICE COMMISSION
CUTTACK
NOTICE
No. 9217/PSC, (1R-77-21-22) (DR-V), Dt. 17.12.21
No. D-246:- It is for information of all concerned that, document verification of candidates having PPSAN mentioned below for the post of Associate Professor in "Statistics" pursuant to advertisement No.06 of 2021/22 shall be held on 24.12.2021 as per the following programme in the office of the Commission at 19, Dr. P. K. Parija Road, Cuttack -753001.
PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 24.12.2021 | 10.30 A.M. | 00109175, 00091477, 00109031, 00109888, 00091336, 00110581, 00110210, 00088740, 00109267, 00090494, 00110784, 00095871 & 00095455 = 13 Candidates |

The candidates are required to submit the following documents at the time of verification:-
1. The hard copies of online application forms indicating their PPSAN at the top right hand corner. (Not required for offline mode of applications).
2. Three passport size photographs.
3. Duly filled in & attested "Attestation Form" and duly filled in "Bio-data Form", (downloaded from the website of the Commission).
4. Duly filled in forms "Appendix-I & II" to be downloaded from the website of the Commission.
5. P.G. Degree mark sheet in support of percentage of mark.
6. Ph. D. Thesis.
7. Certificate of teaching experience.
8. Following documents in Original (as per table-2 of Appendix-II of UGC regulation-2018)
a. All original Research Publications/Books.
b. Creation of ICT mediated Teaching/ Learning/ Pedagogy.
c. Research guidance.
d. Patents if any.
e. Invited lectures/ resource Person/paper presentation in Seminar/Conference.
Besides:-
i. Copies of the 1st pages of each Research Publications/Papers - 01 Set
ii. Copies of front and back cover pages of the Published Books - 01 Set
The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time.
OIPR-12002/11/0177/2122 Sd./- Secretary

ODISHA PUBLIC SERVICE COMMISSION
CUTTACK
NOTICE
No. 9213/PSC, (1R-76-21-22) (DR-V), Dt. 17.12.21
No. D-247:- It is for information of all concerned that, document verification of candidates having PPSAN mentioned below for the post of Professor in "Statistics" pursuant to advertisement No.10 of 2021-22 shall be held on 24.12.2021 as per the following programme in the office of the Commission at 19, Dr. P. K. Parija Road, Cuttack -753001.Candidates applied on offline mode have been allotted reference number.
PROGRAMME OF DOCUMENT VERIFICATION

| Date | Time of Verification | PPSAN/Reference No. |
|---|---|---|
| 24.12.2021 | 2.30 P.M. | PPSAN:- 00111366, 00110117, 00109888, 00110053, 00109175, 00111341, 00100935, 00110210, 00090494, 00110581 = 10 Candidates<br>Ref. No.:- 291 = 01 Candidate |

The candidates are required to submit the following documents at the time of verification:-
1. The hard copies of online application forms indicating their PPSAN at the top right hand corner. (Not required for offline mode of applications).
2. Three passport size photographs.
3. Duly filled in & attested "Attestation Form" and duly filled in "Bio-data Form", (downloaded from the website of the Commission).
4. Duly filled in forms "Appendix-I & II" to be downloaded from the website of the Commission.
5. Ph. D. Thesis.
6. Certificate of teaching experience.
7. Following documents in Original (as per table-2 of Appendix-II of UGC regulation-2018)
a. All original Research Publications/Books.
b. Creation of ICT mediated Teaching/ Learning/ Pedagogy.
c. Research guidance.
d. Patents if any.
e. Invited lectures/ resource Person/paper presentation in Seminar/Conference.
Besides:-
i. Copies of the 1st pages of each Research Publications/Papers - 01 Set
ii. Copies of front and back cover pages of the Published Books - 01 Set
The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time.
OIPR-12002/11/0178/2122 Sd./- Secretary

ଓଡ଼ିଶା ସରକାର / GOVERNMENT OF ODISHA
ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୋପ
OFFICE OF THE PANCHAYAT SAMITI, GOP
DISTRICT- PURI, PIN- 752110
Email: ori-gop@nic.in
CORRIGENDUM
➢ Reference to the Tender Call Notice No.03/2021, advertisement published in Odia daily newspaper, it is clarified that the EMD at column No. 06 is not required to pledge in favour of BDO, Gop and Bid Security declaration to be made by tenderer or the tender paper will not be accepted.
➢ The sale & receipt of tender documents is extended to 27.12.2021 upto 01.00 P.M. and 05.00 P.M. respectively during office period.
➢ The tender paper shall be opened on 28.12.2021 at 11.00 A.M. in the Block Campus.
➢ All other terms and conditions prescribed in previous tender notice remain same.
Sd./- Block Development Officer, Gop

GOVERNMENT OF ODISHA "e" - PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
Tender Call Notice
E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-14/2021-22 Memo No. 1778 Dt.14.12.2021
No.B-811:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover sytem in ONLINE MODE from eligible contractors for Building works as detailed in the table below:
1. Nature of work : Building works
2. No. of work : 4 Nos.
3. Tender cost : Rs.10000.00 (Online)
4. Class of contractor : A Class and Special Class
5. Available of bid document in the website : From 10.00 A.M. of Dt.24.12.2021 to 05.00 P.M. of Dt.07.01.2022
6. Last date of receipt of tender : Dt.07.01.2022 upto 5.00 P.M.
7. Date of opening of bid : Dt.10.01.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer, Khordha (R&B) Circle, Khordha
OIPR-34127/11/0020/2122

THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar – 751 001
Ref. No. 4866 /OSCB/HRDD/ 2021-22 No. LL-14 Date:17 .12.2021
Recruitment of Assistant Manager Grade-II in the District Central Co-operative Banks functioning in the State of Odisha
Applications for the posts of Assistant Manager Grade-II in the District Central Co-operative Banks (DCCBs) functioning in the state of Odisha are invited online through the link available in the website www.odishascb.com from the residents of Odisha.
Tentative Schedule of Events:

| Activity | Tentative Dates |
|---|---|
| Online Registration including Edit / Modification of Application by candidates | 29.12.2021 to 17.01.2022 |
| Payment of Application Fees / Intimation charges (Online) | 29.12.2021 to 17.01.2022 |
| Download of Call Letters for Examination | 10 days before Examination |
| Online Preliminary Examination | February / March 2022 |
| Online Mains Examination | April /May 2022 |

Candidates are advised to be in regular touch with the authorized website mentioned above for details and updates.
Examination Fees / Intimation Charges:

| Sl. | Category of Candidates | Fees |
|---|---|---|
| 1 | Unreserved/ SEBC | Rs. 1000/- |
| 2 | SC / ST | Rs. 600/- |

The Applicants who had applied earlier in response to advertisement issued vide letter No. 7835 dated 13.03.2020 of R.C.S, Odisha, have to apply afresh in response to fresh advertisement, if they want to participate in the recruitment process as candidates. In that case, they will have to simply apply afresh and will not be required to deposit any examination fee.
Applications of such candidates will be checked after registrations are over. If, at any stage, it is found that old registration number has been entered erroneously and/or an application fee was not paid successfully against old application, such applications will be rejected.
The eligibility criteria for the post of Assistant Manager Grade-II in the District Central Co-operative Banks (DCCBs) and all other details are available in the above websites. The candidates may download the details, carefully go through the same and apply for the posts on the basis of their eligibility on the dates specified for online registration along with online payment of application fees shown in the portal. The links for the purpose will be available on the specified dates.
Sd/- Managing Director
Odisha State Cooperative Bank Ltd.
OIPR-39012/11/0013/2122

ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି– ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। –ଶ୍ରୀଅରବିନ୍ଦ



# କେନ୍ଦ୍ରକୁ ଆକଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଗାମୀ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଏନ୍‌ଡିଏ ସରକାରଙ୍କ ଧ୍ୟାନ ରହିଥିଲେ ମଧ୍ୟ ପଶ୍ଚିମବଙ୍ଗ ଉପରୁ ତାଙ୍କ ନଜର ହଟିନାହିଁ। ରାଜନୈତିକ ଶତ୍ରୁତା ବ୍ୟତୀତ ଏନ୍‌ଡିଏ ସରକାର ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟ ଶାସନ ସଚିବ ଅଲ୍ପନ ବନ୍ଦୋପାଧ୍ୟାୟଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମୁକାବିଲା କରିବାକୁ ଚାହୁଁଛି। ବନ୍ଦୋପାଧ୍ୟାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର କାରଣ ବି ରହିଛି। ବାତ୍ୟା କ୍ଷୟକ୍ଷତିର ସମୀକ୍ଷା କରିବା ଲାଗି ମେ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଯାଇଥିଲେ। ସେଠାରେ ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ଉପସ୍ଥିତ ନ ଥିଲେ। ପରେ ଉକ୍ତ ଘଟଣାକୁ ନେଇ କେନ୍ଦ୍ର କ୍ଷୁବ୍ଧ ହେବା ସହ ଦିଲ୍ଲୀକୁ ଡେପୁଟେଶନରେ ଯିବା ଲାଗି ବନ୍ଦୋପାଧ୍ୟାୟଙ୍କୁ ନିର୍ଦ୍ଦେଶ ଦେଇଥିଲା। ବନ୍ଦୋପାଧ୍ୟାୟ ଦିଲ୍ଲୀ ଯିବା ପରିବର୍ତ୍ତେ ଅବସର ନେଇଯାଇଥିଲେ। ହେଲେ ଏହାର ଠିକ୍ ପରେ ପରେ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉପଦେଷ୍ଟା ଭାବେ ନିଯୁକ୍ତ କରାଯାଇଥିଲା ଓ ଏହି ବିବାଦ ଧୀରେ ଧୀରେ କୋର୍ଟରେ ପହଞ୍ଚିଥିଲା। ପ୍ରଥମେ କୋଲକାତା ହାଇକୋର୍ଟରେ ଓ ପରେ ସୁପ୍ରିମକୋର୍ଟରେ ଏହା ପହଞ୍ଚିଛି। ତେବେ ବନ୍ଦୋପାଧ୍ୟାୟଙ୍କ ବିରୋଧରେ ହଠାତ୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ବାବୁଙ୍କ ଦିଲ୍ଲୀ ବଦଳି ଉପରେ କୋଲକତା ହାଇକୋର୍ଟଙ୍କ ସ୍ଥଗିତାଦେଶକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ କେନ୍ଦ୍ର ପକ୍ଷରୁ ଦାଖଲ କରାଯାଇଥିବା ଆବେଦନର ବିଚାର ସମୟରେ ଏହି ନିର୍ଦ୍ଦେଶ ଦିଆଯାଇଛି। ବନ୍ଦୋପାଧ୍ୟାୟଙ୍କ ପାଇଁ ଏବେ କିଛି ଆଶ୍ୱସ୍ତି ମିଳିଛି, ହେଲେ ଏହି ସମସ୍ୟା ଶୀଘ୍ର ସମାଧାନ ହେବାର କୌଣସି ସମ୍ଭାବନା ଦେଖାଯାଉନାହିଁ।

### ପାଣ୍ଡେ ଫେରିଲେ

ଦେଶରେ ଇକୋନୋମିକାଲି ୱିକର ସେକ୍ସନ ବା ଆର୍ଥିକ ଦୁର୍ବଳ ଶ୍ରେଣୀଗୁଡ଼ିକର (ଇଡବ୍ଲୁଏସ୍) ଚିହ୍ନଟ ଲାଗି ନୂଆ ମାନକ ସ୍ଥିର କରିବାକୁ ଏକ ତିନିଜଣିଆ ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଛି। ଏହାର ମୁଖ୍ୟ ଭାବେ ପୂର୍ବତନ ଅର୍ଥ ସଚିବ ଅଜୟ ଭୂଷଣ ପାଣ୍ଡେଙ୍କୁ ନିଯୁକ୍ତି ଦିଆଯାଇଛି। ୨୦୨୧ ପ୍ରାରମ୍ଭରୁ ସେ ଅବସର ନେଇଥିଲେ ଓ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇ ନ ଥିଲା। ପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା । ଏବେ ତାଙ୍କ ନିଯୁକ୍ତି ପରେ ଏହି ଅଧ୍ୟାୟରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସାଧାରଣତଃ ବଜେଟର ଠିକ୍ ପୂର୍ବରୁ ଯଦି ଜଣେ ଅର୍ଥ ସଚିବ ଅବସର ନେବାର ଥାଏ ତେବେ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥାଏ। କିନ୍ତୁ ପାଣ୍ଡେଙ୍କ କାର୍ଯ୍ୟକାଳ ନ ବଢ଼ାଇ ତାଙ୍କୁ ୨୦୨୧ ଫେବୃୟାରୀରେ ଅବସର ନେବା ଲାଗି ଅନୁମତି ଦିଆଯାଇ ତରୁନ ବଜାଜଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆରମ୍ଭ କରାଯାଇଥିବା ନୂଆ ଆଇଟି ପୋର୍ଟାଲର ତ୍ରୁଟି ପାଇଁ ପାଣ୍ଡେ ଦାୟୀ ବୋଲି ବିଶ୍ୱାସ କରାଯାଇ ତାଙ୍କ କାର୍ଯ୍ୟକାଳ ଶେଷ କରିଦିଆଯାଇଥିବା ବୁଝାପଡୁଥିଲା। ହେଲେ ତାଙ୍କ ଅବସର ପରେ ମଧ୍ୟ ଏହି ପୋର୍ଟାଲ ମାସ ମାସ ଧରି କାର୍ଯ୍ୟକାରୀ ହୋଇପାରି ନ ଥିଲା। ସରକାର ଏଥିରୁ ବୁଝିପାରିଲେ ଯେ, ପୋର୍ଟାଲରେ ହଠାତ୍ ଦେଖାଦେଇଥିବା ତ୍ରୁଟିରେ ପାଣ୍ଡେଙ୍କର କିଛି କରିବାର ନ ଥିଲା। ପରେ ସରକାର ପାଣ୍ଡେଙ୍କ ଉପରେ ତାଙ୍କ ରୁକ୍ଷ ମନୋଭାବକୁ କୋହଳ କରିଥିଲେ। ଏହାଦ୍ୱାରା କମିଟିର ମୁଖ୍ୟ ଭାବେ ତାଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇପାରିଲା। ସରକାର ସବୁ କିଛି ଭୁଲି ଯାଇଛନ୍ତି ବୋଲି ପାଣ୍ଡେଙ୍କ ନିଯୁକ୍ତିରୁ ସୂଚନା ମିଳୁଛି। ଏହା ମଧ୍ୟ ସ୍ପଷ୍ଟ ଯେ, ଏଯାବତ୍ ପାଣ୍ଡେଙ୍କ ଉପରେ ସରକାରଙ୍କ ବିଶ୍ୱାସ ରହିଛି।

### ଅସନ୍ତୁଷ୍ଟ ବାବୁ

ଭାରତୀୟ ବନ ସେବା(ଆଇଏଫ୍ଏସ୍) ଅଧିକାରୀ ବେନିଚେନ୍ ଥୋମାସ୍‌ଙ୍କୁ କେରଳ ସରକାର ବଦଳି କରିଛନ୍ତି। ଏହାକୁ ନେଇ କେନ୍ଦ୍ର ସରକାର ନାରାଜ ହୋଇଛନ୍ତି। କେବଳ ଏତିକି ନୁହେଁ, ରାଜ୍ୟରେ କେରଳ ପ୍ରଶାସନିକ ସେବା (କେଏଏସ୍) ଅଧିକାରୀମାନଙ୍କ ମୂଳ ବେତନ ବୃଦ୍ଧି କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତି ଉପରେ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିକଟରେ ପିନାରାୟୀ ବିଜୟନ ସରକାର କେଏଏସ୍‌ଙ୍କ ପାଇଁ ଯେଉଁ ସାଲାରି ସ୍କେଲ୍ ବା ସ୍ତର ସ୍ଥିର କରିଛନ୍ତି,ସର୍ବଭାରତୀୟ ସେବା ଅଧିକାରୀମାନେ ଅତିକମ୍‌ରେ ୯ ବର୍ଷ ଚାକିରି କରି ଯାହା ପାଇଥାଆନ୍ତେ ତାହା ସହ ଏହା ସମାନ। ରାଜ୍ୟ କ୍ୟାବିନେଟ ଦ୍ୱାରା ସ୍ଥିରୀକୃତ ନୂଆ ସ୍କେଲ୍ ଅନୁଯାୟୀ, ଆରମ୍ଭରୁ ଜଣେ ଆଇଏଏସ୍ ଅଧିକାରୀଙ୍କ ମୂଳ ବେତନ ୫୬,୧୦୦ ଟଙ୍କା ହେବ। ଅନ୍ୟପଟେ ଜଣେ କେଏଏସ୍ ଅଧିକାରୀ ନିଯୁକ୍ତି ସମୟରେ ମୂଳ ଦରମା ୮୧,୮୦୦ଟଙ୍କା ସହ ୧୦% ଗ୍ରେଡ୍ ପେ ଓ ଅନ୍ୟ ଭତ୍ତା ପାଇବେ। ସୂତ୍ରରୁ ପ୍ରକାଶ ଯେ, ଆଇପିଏସ୍ ଅଧିକାରୀ ସଂଘ ଏବଂ ରାଜ୍ୟରେ ଥିବା ଆଇଏଏସ୍ ଓ ଆଇଏଫଏସ୍ ଅଧିକାରୀ ସଂଘ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ କେରଳ ସରକାରଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ଆଇଏଏସ୍ ସଂଘର ସଭାପତି ଡ. ବି. ଅଶୋକ ଏବଂ ସମ୍ପାଦକ ଏମ.ଜି. ରାମନିକମ୍ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଦରମା ଢାଞ୍ଚାରେ ଏଭଳି ଅସମାନତା ପ୍ରଶାସନିକ ସମୀକରଣକୁ ଓଲଟପାଲଟ କରିଦେବ ବୋଲି ସେମାନେ କହିଛନ୍ତି। ରାଜ୍ୟ ଅର୍ଥ ବିଭାଗର ସ୍ୱୀକୃତିକୁ ଅଣଦେଖା କରି ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଥିଲେ ମଧ୍ୟ ସରକାର ଏହା ପ୍ରତି ଗୁରୁତ୍ୱ ନ ଦେଇ ତାଙ୍କ କାର୍ଯ୍ୟରେ ଆଗକୁ ବଢୁଛନ୍ତି। ତେବେ ଦାବି ପୂରଣ ଲାଗି ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ସେମାନଙ୍କ ସ୍ୱର ତୀବ୍ର କରିବେ ବୋଲି ଅନୁମାନ କରାଯାଉଛି।

Email: dilipcherian@gmail.com

# ଯେଉଁ ଭାଇରସ୍‌ର ଟିକା ନାହିଁ



ରଞ୍ଜନ କୁମାର ଦାସ

ପିଲାବେଳେ ଆମେ ବଡ଼ମାନଙ୍କ ମୁହଁରୁ ଶୁଣୁ ଯେ ଶାଗ ଖିଆକୁ ପେଯ ଖିଆ ଦେଖି ସହି ପାରେନି। ସେତେବେଳେ ଏ କଥାର ମର୍ମ ବୁଝିବାକୁ ଆମର ଆଗ୍ରହ ବା ପ୍ରୟାସ ବି ନ ଥିଲା। ଧୀରେ ଧୀରେ ବଡ଼ ହେଲା ପରେ ଜାଣିଲୁ ଯେ ସାଧାରଣ ଲୋକ ତାଙ୍କଠୁ କେହି ଭଲରେ ରହିଲେ ତାକୁ ସହିପାରନ୍ତିନି। ତା'ପ୍ରତି ଈର୍ଷା କରନ୍ତି। ତାକୁ ପଛରୁ ଟାଣିବାକୁ ଚେଷ୍ଟା କରନ୍ତି। ଏପରିକି ତାକୁ ତଳିତଳାନ୍ତ କରିବାର ଚେଷ୍ଟା କରନ୍ତି। ଯାର ବହୁ ଉଦାହରଣ ଆମ ସମାଜରେ ଅଛି। ଇତିହାସରେ ବି ଥିଲା। ଈର୍ଷା ମଣିଷର ଏକ ସହଜାତ ପ୍ରକୃତି। ସେ ତାକୁ ସହଜେ ଛାଡ଼ିବ ବା କେମନ୍ତେ!

ଆମ ଗାଁ ଚାଳିଶ ବର୍ଷ ତଳେ ଏକ ଅନୁନ୍ନତ ଅଞ୍ଚଳ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଉଭୟ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ମାନଚିତ୍ରରେ ସେତେବେଳେ ଢେଙ୍କାନାଳକୁ ଏକ ପଛୁଆ ଅଞ୍ଚଳ ରୂପେ ବିବେଚନା କରାଯାଉଥିଲା। ରାସ୍ତାଘାଟ, ବାଣିଜ୍ୟ ବେପାର, ଔଦ୍ୟୋଗିକ ବିକାଶ ସବୁ ଦୃଷ୍ଟିରୁ ଏହା ଥିଲା ଅନଗ୍ରସର। ଲୋକଙ୍କ ଭିତରେ ବି ବିକାଶର ଭୋକ ନ ଥିଲା। ସେମାନେ ଅଳ୍ପରେ ସନ୍ତୁଷ୍ଟ ଥିଲେ। ମୋର ଜଣେ ଦାଦା ସେଇ ସମୟରେ କଲେଜ ପଢ଼ା ସାରି ଯେତେବେଳେ ଘରକୁ ଫେରିଲେ ସ୍ଥିର କଲେ ଯେ ସେ ଚାକିରି ପଛରେ ନ ଗୋଡ଼େଇ ବରଂ ଚାଷ ଓ ବ୍ୟବସାୟ କରିବେ। ବ୍ୟାଙ୍କରୁ ଲୋନ୍ ନେଇ ସେ ଗୋଟେ ଗୋପାଳନ ଫାର୍ମ କଲେ। ଜର୍ସି, ସିନ୍ଧି, ଛଡ଼ା ହଲଷ୍ଟିନ ଆଦି ଭଲଭଲ ପ୍ରଜାତିର ଗାଈ ସବୁ ଆଣି ରଖିଲେ। ହଲଷ୍ଟିନ ଗାଈ ଗୋଟେ ଗୋଟେ ଦେଖିଲା ଭଳି। ଥରକେ ସେ କୋଡ଼ିଏ ପଚିଶ ଲିଟର କ୍ଷୀର ଦିଏ। ସେତେବେଳେ ଆମ ଅଞ୍ଚଳରେ କେହି ବ୍ୟବସାୟିକ ଭାବେ ଗୋପାଳନ କରୁନଥିଲେ। ତେଣୁ ଏତେ କ୍ଷୀର ଦଉଥିବା ଗାଈକୁ ଦେଖିବାକୁ ଲୋକେ ଆସନ୍ତି। ଗାଈ ପାଇଁ ସ୍ୱତନ୍ତ୍ର ଗୁହାଳ ତିଆରି ହେଲା। ତା' ଭିତରେ ଫ୍ୟାନ ଲାଗିଲା। ସେତେବେଳେ ମଣିଷମାନେ ବି ଫ୍ୟାନ ତଳେ ଶୋଇବାର ସୌଭାଗ୍ୟ ପାଉନଥିଲେ। ତେଣୁ ଗାଈ ଯେ ଫ୍ୟାନ ତଳେ ଶୋଇବ ଏକଥା ଚର୍ଚ୍ଚାର ବିଷୟ ହେଲା। ଗାଈକୁ ମଶା ଡାଆଁଶ ନ ଲାଗିବା ପାଇଁ ଜାଲି ସବୁ ଲାଗିଲା। ଗାଈ ଗୋବରରୁ ଆମର ବାୟୋ ଗ୍ୟାସ ପ୍ଲାଣ୍ଟ ହେଲା। ଲୋକେ କୁହାକୁହି ହେଲେ ତାଙ୍କ ଗାଈ ଗୋବରରୁ ଇଲେକ୍ଟ୍ରି ବାହାରୁଛି।

ସବୁ ଠିକ୍‌ଠାକ୍ ଚାଲିଥିଲା। କିଛିଦିନ ପରେ ଛଅଟା ଯାକ ଗାଈ ଗୋଟାକ ପରେ ଗୋଟେ ଅସୁସ୍ଥ ହେଲେ। କାହାର ଟୀରରୁ କ୍ଷୀର ବଦଳରେ ରକ୍ତ ବାହାରିଲା ତ କିଏ ବାରମ୍ବାର ଗର୍ଭପାତ କଲା। ଆମେ ପଶୁ ଡାକ୍ତରଙ୍କୁ ଆଣି ଦେଖେଇଲୁ। ଯେହେତୁ ଏଭଳି ଫାର୍ମ ସେ ଅଞ୍ଚଳର ପ୍ରଥମ ଥିଲା ପଶୁ ଡାକ୍ତରଙ୍କର ମଧ୍ୟ ଆଗ୍ରହ ଥିଲା । ସେ ସବୁବେଳେ ଆସୁଥିଲେ। ମାତ୍ର ତାଙ୍କର ସବୁ ଉଦ୍ୟମ ବିଫଳ ହେଲା। ଧୀରେ ଧୀରେ ଗୋଟେ ପରେ ଗୋଟେ ଗାଈ ମରିଗଲେ। ଶେଷରେ ଗୁହାଳ ସବୁ ଭଙ୍ଗା ହେଇଗଲା। ଆଉ ଗାଈ ରଖିବାକୁ ମନ ହେଲାନି। ଗୁହାଳ ଯେତେବେଳେ ଭଙ୍ଗା ହେଲା ସେଠୁ କିଛି ଫୁଲ, ସିନ୍ଦୂର, ଚନ୍ଦନ, ବନ୍ଧା ପୁଡ଼ିଆ ବାହାରିଲା। ଜଣେ ଲୋକ କହିଲା ଗୁଣିଟୁଣି ବୋଧେ କିଏ କରିଥିଲା। ନ ହେଲେ ଏଡ଼େ ସୁଠାମ ସୁନ୍ଦର ଗାଈଗୁଡ଼ାକ କିଛି ନ ଥାଇ ହଠାତ୍ ଠକ୍‌ଠାକ୍ ମରିଗଲେ ? ମନକୁ ଅବୈଜ୍ଞାନିକ ଲାଗିଲେ ମଧ୍ୟ କଥାଟି ଛାତି ଭିତରେ କୋଉଠି ନା କୋଉଠି ଅଟକିଗଲା। ଦାଦା ଯାଇ ଆମ ଅଞ୍ଚଳର ଜଣେ ଗୁଣିଆକୁ ଡାକି ଆଣିଲେ। ସେ ମଧ୍ୟ ସେଇ କଥା ଦୋହରାଇଲେ। ଗୁଣିଆ ଉପରେ ବିଶ୍ୱାସ କରିବା ହୁଏତ ଆମର ଅନ୍ଧବିଶ୍ୱାସ ବୋଲି ଆମେ କହିପାରୁ। ମାତ୍ର ଏ ସମଗ୍ର ଘଟଣାରେ ଯେ କିଛି ଲୋକଙ୍କର ଈର୍ଷା, ପରଶ୍ରୀକାତରତା ବା ଦ୍ୱେଷ ରହିଥାଇପାରେ ଏକଥା ଲୋକଙ୍କ ଆଲୋଚନାରୁ ସ୍ପଷ୍ଟ ହେଉଥିଲା। କିଛି ଲୋକ କହିଲେ ଗାଈଗୁଡ଼ାକ ଦୃଷ୍ଟିଆ ହେଇଗଲେ।

ପାଠକମାନେ ଦେଖିଥିବେ ଗାଁ ଗହଳରେ ଏପରିକି ସହରରେ ମଧ୍ୟ ଛୁଆମାନେ କାଳେ ଦୃଷ୍ଟିଆ ହେଇଯିବେ ବୋଲି ତାଙ୍କ ମଥା ବା ପାଦରେ କଳା ଲଗେଇ ଦିଆଯାଏ। ଡେଉଁରିଆ ପିନ୍ଧାଯାଏ, ବଳାଗଣ୍ଠିରେ କଳା ସୂତା ମଧ୍ୟ ବାନ୍ଧି ଦିଆଯାଏ। ମା' ମାନେ ଭାବନ୍ତି କିଛି ଲୋକଙ୍କର ଏଭଳି ଖର ଦୃଷ୍ଟି ଯେ ସେମାନଙ୍କ ଦୃଷ୍ଟି ପଡ଼ିଗଲେ ବା ଯାହାକୁ କୁହାଯାଏ ନଜର ଲାଗିଲେ ଛୁଆମାନେ ଜର, ଝାଡ଼ା ବାନ୍ତିରେ ପଡ଼ିଯାଆନ୍ତି। ତେଣୁ ସେମାନଙ୍କ ଦୃଷ୍ଟିରୁ ଛୁଆମାନଙ୍କୁ ଏଡ଼େଇ ରଖାଯାଏ। ଦୁର୍ଯୋଗ କ୍ରମେ ଯଦି ସେମାନଙ୍କ ଦୃଷ୍ଟିରେ ଛୁଆ ପଡ଼ିଯାଆନ୍ତି ତେବେ ଝଡ଼ା ଫୁଙ୍କାର ଆଶ୍ରୟ ନେବାକୁ ପଡ଼େ। ଏକଥା ଯେତେ ଅବୈଜ୍ଞାନିକ ଲାଗୁଥିଲେ ମଧ୍ୟ ସମାଜରେ ଥିବା ଈର୍ଷା, ଦ୍ୱେଷ ଓ ପରଶ୍ରୀକାତରତା ଯେ ଅଛି ଏ କଥାକୁ ଅସ୍ୱୀକାର କରିହେବ ନାହିଁ। ଶୁଭକାମନାର ଯଦି ପ୍ରଭାବ ଅଛି ବୋଲି ଆମେ ବିଶ୍ୱାସ କରୁ ତେବେ ଅଶୁଭ କାମନାର ପ୍ରଭାବ କାହିଁକି ନଥିବ ?

ଯାହାହେଉ, ଆମେ ପ୍ରଥମେ ପ୍ରଥମେ ଭାବୁଥିଲୁ ଏସବୁ ଗାଁ ଗହଳରେ ବା ଅଶିକ୍ଷିତ, ଅଳ୍ପଶିକ୍ଷିତ ଲୋକଙ୍କ ଭିତରେ ବେଶି ଚାଲେ। ମୁଁ ଯେତେବେଳେ ଚାକିରି କରି ବାହାରକୁ ଗଲି କୋରାପୁଟରେ ପ୍ରଥମେ ପୋଷ୍ଟିଂ ହେଲା। ସେଇ ସମୟରେ ମୋ ବାହାଘର ବି ହେଲା। କୋରାପୁଟରେ ସେ ସମୟରେ ବହୁତ ଶୀତ ହୁଏ। ତେଣୁ ବାହାଘରରେ ହେଇଥିବା କୋଟ୍‌ଟି ପିନ୍ଧି ଦିନେ ଅଫିସ ଯାଇଥାଏ। ମୁଁ ଦେଖିଲି ଅଫିସ ସାରା ମତେ ଦେଖି ଟୁପୁରୁ ଟାପୁରୁ ହେଲେ। ଅଡୁଆ ଅଡୁଆ ଲାଗିଲା। ଭାବିଲି ଖୋଲିଦେବି। ପରେ ପୁଣି ଭାବିଲି କୋଟ୍ ପିନ୍ଧିବାଟା କ'ଣ ଗୋଟେ ଦୋଷାବହ କାମ ଯେ ଖୋଲି ଦେବି ? ମଧ୍ୟାହ୍ନ ବେଳକୁ ସର୍ବୋଚ୍ଚ ଅଫିସରଙ୍କଠାରୁ ଡାକରା ଆସିଲା। ସେ ମତେ ଆପାଦ ମସ୍ତକ ନିରୀକ୍ଷଣ କଲା ପରେ କହିଲେ, ଏ ଅଫିସରେ ଗାଁର ମଳିମୁଣ୍ଡିଆ ଲୋକଙ୍କ ସହ କାମ କରିବାକୁ ପଡ଼ିବ। ଏଠି କୋଟ୍ ପେଣ୍ଟ ବାବୁଗିରି ଚଳିବନି। ତମେ କାଲିଠୁ କାଶୀପୁର ଯାଅ। ସେଠି କ୍ୟାମ୍ପରେ କାମ କରିବ। କାଶୀପୁର ସେତେବେଳେ ବହୁତ ଦୁର୍ଗମ ଅଞ୍ଚଳ ଥିଲା। ପନିଶ୍‌ମେଣ୍ଟ ଏରିଆ ବୋଲି ଲୋକେ ଭାବୁଥିଲେ। ମୋ ମୁଣ୍ଡରେ ବଜ୍ର ପଡ଼ିଲା। କିଛି କହିବାର ବାଟ ବି ନଥିଲା। ବାହାରକୁ ଆସିଲା ପରେ ଜଣେ ବନ୍ଧୁ କହିଲେ, କୋଟ୍ ପିନ୍ଧିବାର ପରିଣାମ କ'ଣ ଜାଣିଲ ତ? ଆରେ ବାବୁ, ଯେ ଦେଶେ ଯାଇ ସେ ଫଳ ଖାଇ। ତମେ ଏଠି କୋଟ୍ ପିନ୍ଧି ସେ ବୁଢ଼ା ଆଗକୁ ଗଲେ ସେ ତମକୁ ସହିବ ବୋଲି ଭାବିଥିଲ ? ତା' ଦେହକୁ ଗଲାନି ତମ ବେଶ। ତେଣୁ ଶ୍ୟାମନାଗର ହେ ଆଉ ଏ ବେଶ ହୋଇବ ନାହିଁ। ସତକୁ ସତ ମୁଁ କୋରାପୁଟରେ କାର୍ଯ୍ୟକାଳ ସରିବା ଯାଏ ଆଉ କୋଟ୍ ପିନ୍ଧିନଥିଲି। ସୁଏଟରରେ ହିଁ କାମ ଚଳେଇ ଦେଲି। ମଝିରେ ମଝିରେ ଭୁବନେଶ୍ୱର ଆସିଲେ କୋଟ୍ ପିନ୍ଧେ।

ଏ ଘଟଣା ପ୍ରାୟ ତିରିଶ ବର୍ଷ ତଳର। ମାତ୍ର ଏବେ ବି ପରିସ୍ଥିତିରେ ବିଶେଷ ସୁଧାର ଆସିଚି ବୋଲି ମୋର ମନେ ହୁଏନି। ଏବେ ମଧ୍ୟ କେହି ତଳିଆ କର୍ମଚାରୀ ଭଲ ଇଂଲିଶ କହିଲେ, ଭଲ ଡ୍ରେସ ପିନ୍ଧିଲେ, ଭଲରେ ରହିଲେ, ଏପରିକି ଭଲ ଫୁଲ ବଗିଚାଟେ କ୍ୱାଟର ଆଗରେ କଲେ କି ଦେହରେ ଟିକେ ପରଫ୍ୟୁମ ପକେଇଲେ ତାକୁ ଉପର ଲୋକେ ସହିପାରନ୍ତିନି। ସପ୍ତାହାନ୍ତରେ ସେ ପରିବାରକୁ ନେଇ କୁଆଡ଼େ ବୁଲିବାକୁ ଗଲେ ଲୋକଙ୍କୁ ଭଲ ଲାଗେନି। ଏଲ.ଟି.ସି.ରେ ଯିବାକୁ ଦରଖାସ୍ତ ନେଲେ ଏମିତି ବ୍ୟବହାର କରାଯାଏ ଯେମିତି ସେ ପାପଟେ କରିଦେଇଛି। କର୍ମଚାରୀଟି ଯଦି କଳାକାର ହୋଇଥିବ ତେବେ ତ ତାକୁ ଆହୁରି ଈର୍ଷା। କ'ଣ କରାଯିବ ଏ ଅସହିଷ୍ଣୁତା ଓ ପରଶ୍ରୀକାତରତାର ଯେଉଁ ଭାଇରସ ମଣିଷ ମନରେ ଅଛି ତା'ର ଟିକା ଏ ଯାଏ ବାହାରିନି। ତେଣୁ ବିଶ୍ୱାସ ଥାଉ ନ ଥାଉ, ଡେଉଁରିଆ କଳାସୂତା, ଲଗେଇ ବୁଲିବାକୁ ପଡ଼ିବ। ନିଜକୁ ଦରିଦ୍ର ଓ ନିଃସ୍ୱ ଭାବେ ପ୍ରଦର୍ଶିତ କରିବାକୁ ହେବ।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ
ମୋ –୯୪୩୭୨୮୬୫୧୨

# କିସ କରିବା ଆଞ୍ଚା



ଦ୍ୱିତୀ ଚନ୍ଦ୍ର ସାହୁ

ଡଙ୍ଗରିଆଙ୍କ ଚିତ୍ରକଳା ସମ୍ପର୍କରେ ଜାଣିବାକୁ ଆଗ୍ରହ ହେତୁ ଯିବାକୁ ପଡ଼ିଲା ଡଙ୍ଗରିଆ ଅଞ୍ଚଳ। ଅଙ୍କାବଙ୍କା ରାସ୍ତା ଦେଇ ପହଞ୍ଚିଲି ଡଙ୍ଗରିଆଙ୍କ ଅନ୍ୟତମ ପ୍ରମୁଖ ଗାଁ ଖମ୍ବେସିରେ। ଥାକ ଥାକ ହୋଇ ଦି' ଧାଡ଼ିଆ ଟିଣ ଘରସବୁ। ରାସ୍ତା ସବୁ ଉଠାପକା। ମଝିରେ ପୂଜାଘର। ପାରମ୍ପରିକ ଚିତ୍ରରେ ଚିତ୍ରିତ ହୋଇ ଖୁବ୍ ଆକର୍ଷଣ ଲାଗୁଛି। ଗାଁର ଅନେକ ଯୁବକ ହାତରେ ମୋବାଇଲ ଯଦିଓ ନେଟ୍‌ୱର୍କ ନାହିଁ। କାହା କାହା ଦାଣ୍ଡରେ ମୋଟର ବାଇକ ଥୁଆ ହୋଇଛି। ଗାଁକୁ ବିଦ୍ୟୁତ୍ ଯୋଗାଣ ହୋଇଛି। ତଥାପି ସାମାଜିକ ଜୀବନରେ ସେତେଟା ପରିବର୍ତ୍ତନ ସମ୍ଭବ ହୋଇପାରିନି। କିଛି ଘର ପାରମ୍ପରିକ ରଙ୍ଗଠାରୁ ଅଲଗା। ବିଭିନ୍ନ ରଙ୍ଗରେ ରଙ୍ଗେଇ ହୋଇ ବସନ୍ତ ଋତୁରେ ବଣୁଆ ଗଛର ହର ରଙ୍ଗୀ ପତ୍ର ଭଳି ଲାଗୁଛି। ବାକି ଘରଗୁଡ଼ିକର ଛାତ ଟିଣ ହେଲେ ବି ପାରମ୍ପରିକ ଆଭୂଷଣକୁ ଜାବୋଡି ଧରିଛି ଯେମିତି। ସିମେଣ୍ଟ କାନ୍ଥରେ କିଛି ଚିତ୍ରକଳା ଦିଶୁଛି। ସାଧାରଣତଃ ଡଙ୍ଗରିଆ ଗୋଷ୍ଠୀର ଲୋକେ ଧଳା, ନାଲି, ହଳଦିଆ, ଗେରୁଆ, ସବୁଜ ରଙ୍ଗକୁ ବ୍ୟବହାର କରୁଥିବାବେଳେ ଚିତ୍ରକଳାରେ ଅନେକ ତଫାତ ବାରି ହେଉଛି। ଆଧୁନିକତା ସମସ୍ତ ଘର ଭିତରକୁ ଧସେଇ ପଶିଯାଇଥିବା ଅନୁଭବ ହେଉଛି।

ଡଙ୍ଗରିଆମାନେ ସମୟ ସୁଅରେ ବିକାଶର ଧାରାରେ ସାମିଲ ହେବା ଭଲ କଥା। କଥା ପ୍ରସଙ୍ଗରେ ଜାଣିବାକୁ ଚାହିଁଲି ଧାଙ୍ଗିଡି ବସାର ସ୍ଥିତି। ହସିଦେଲା ଜଣେ ଡଙ୍ଗରିଆ ରମଣୀ। ଗାଁର ବୟୋଜ୍ୟେଷ୍ଠା ମହିଳା କହିଲା – 'ଆଉ କିଛି ନାହିଁ ଆଞ୍ଚା। କେବେ ଥିଲା ଧାଙ୍ଗିଡି ବସା। ଏବେ ଆଉ ନାହିଁ।' ଏତିକି କହି କିଛି ଦୂରରେ ଥିବା ଛୋଟ କୁଡ଼ିଆ ଆଡ଼କୁ ଅଙ୍ଗୁଳି ଦେଖାଇଲା। ଦେଖିଲି ଗୋଟେ ପରିତ୍ୟକ୍ତ କୁଡ଼ିଆ। ସାମ୍ନାରେ ଛୋଟ ବାଟ ଥାଇ ଘେରା ହୋଇଛି ବଇ। ତା' ଭିତରକୁ ପଶିଲି। ଦୁଇ ତିନିଟା ଘୁଷୁରି ଭୁସ୍ ଭୁସ୍ ହୋଇ ବାହାରି ଚାଲିଗଲେ। ପାଖାପାଖି ମାଟି ମୁହାଁ ହୋଇଛି ଚାଳ। ନଇଁ ନଇଁ ଭିତରକୁ ପଶିଲି। ଭିତରେ ଫାଙ୍କା ଘର। କେତୋଟି ବ୍ୟାଗ କାନ୍ଥରେ ଝୁଲୁଛି। ମୋଟାମୋଟି ଭାବେ ଅଲୋଡ଼ା ଅଖୋଜା ସ୍ଥାନଟିଏ ପରି ରହିଛି। ମୁଁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁବାରୁ ପାଖରେ ଥିବା ସେଇ ମହିଳା ଜଣକ ମନକଥା ଜାଣିଗଲା ବୋଧେ ତୁରନ୍ତ କହିଲା – 'ଇଠିକି କିଏ ମିଶା ଆସୁନି। ସିମିତି ଏ ଘର ପଡିଛି।' ସଞ୍ଜରେ ନାଚଗୀତ ହେଉନି କି ଇଠି ? ମୋର ପ୍ରଶ୍ନରେ ସେ କହିଲା – ''ସିଟାମଣେ କିଛି ନାହିଁ ଆଞ୍ଚା ! ଏବେ ବେଶି ପଢୁଆ ପିଲା। ଇମିତି କଥାକୁ ପସନ୍ଦ ନାହିଁ। ବାହାରେ ବାହାରେ ମନ ଦିଆନିଆ ହୋଇଯାଉଛନ୍ତି। ସିଟୁ ବିଭା ହେଉଛନ୍ତି। ଏ ଘର ଲୁଡ଼ା ପଡୁନି।'' ବୁଝିପାରିଲି ଧାଙ୍ଗିଡି ବସାର ଦୁରବସ୍ଥା କଥା। ଧାଙ୍ଗିଡି ବସା କେବଳ ମନ ଦିଆନିଆର କେନ୍ଦ୍ର ହୋଇ ନ ଥିଲା। ବରଂ ଝିଅମାନଙ୍କୁ ଆଦିବାସୀ ସଂସ୍କୃତିର ସବୁ ସଣ୍ଡଣା ଶିଖାଯାଉଥିଲା। ଗାଁର ମୁରବିପ୍ରତୀମ ସ୍ତ୍ରୀ ଲୋକ ସାଂସାରିକ ଜୀବନର ବିଭିନ୍ନ ଦିଗ ଉପରେ ରାତିରେ ଏକରକମ ପାଠ ପଢ଼ଉଥିଲେ। ଜନଜାତି ଭିତରେ ସଂସ୍କାର ଥିଲା। ଏଠାରୁ ଝିଅମାନେ ଭବିଷ୍ୟତ ଜୀବନଚର୍ଯ୍ୟାର ବିବିଧ ଦିଗ ବିଷୟରେ ସମସ୍ତ ପ୍ରସଙ୍ଗ ଜାଣି ପାରୁଥିଲେ। ସମ୍ଭବତଃ ଏଇ କାରଣରୁ ଜନଜାତିଙ୍କ ଗୋଷ୍ଠୀ ଜୀବନ ଶୃଙ୍ଖଳିତ ଥିଲା। ଏବେ ଜନଜାତି ଗୋଷ୍ଠୀରେ ବି ହତ୍ୟା, ଦୁଷ୍କର୍ମ, ଆତ୍ମହତ୍ୟା ଓ ଦାଦନ ଖଟିବାକୁ ବାହାରକୁ ଯିବା ଦେଖିବାକୁ ମିଳୁଛି। ବିଶୃଙ୍ଖଳିତ ହୋଇ ଉଠିଛି ଜନଜାତି ଗୋଷ୍ଠୀ ଜୀବନ। ଅଯଥା ରାଜନୀତି ଓ ଆଧୁନିକତା ଭିତରେ ପେଷି ହେଉଛନ୍ତି ଜନଜାତିର ଲୋକ। ଉଜୁଡି ଗଲାଣି ପାରମ୍ପରିକ ଚାଷ। ସମସ୍ତଙ୍କ ହାତକୁ ମିଳୁନି କାମ। ଗାଁରେ ରୋଜଗାର ପାଇଁ କିଛି ବ୍ୟବସ୍ଥା ନାହିଁ। ଗାଁରେ ରହି ହାତକୁ କାମ ଖୋଜିବା ବି ସମ୍ଭାବନା ଦେଖିପାରୁନି ଜନଜାତିର ଯୁବ ଗୋଷ୍ଠୀ। ଶେଷରେ ନିରାଶ ହୋଇ ଦାଦନ ଖଟିବାକୁ ବାହାରକୁ ଯାଉଛି।

ଆଦିମ ଜନଜାତି ଡଙ୍ଗରିଆ ଯୁବ ଗୋଷ୍ଠୀରୁ ଅନେକ ଦାଦନ ଯାଇଥିବା ଜାଣି ଚକିତ ହେଲିନି। ଉଜୁଡି ଯାଇଥିବା ପାରମ୍ପରିକ ଫସଲ ଓ ଉତ୍ପାଦିତ ଫସଲର ପ୍ରକୃତ ମୂଲ୍ୟ ପାଇପାରୁ ନ ଥିବାରୁ ଡଙ୍ଗରିଆ ଜନଜାତି ପାରମ୍ପରିକ ଫଳ ଚାଷ ଆଡୁ କ୍ରମଶଃ ମୁହଁ ଫେରେଇବାକୁ ଲାଗିଲେଣି। ଗାଁ ସାରା ଘୂରି ବୁଲିଲା ଭିତରେ ଏତିକି ଧାରଣା ହୋଇଗଲା ଯେତକ ବୃଦ୍ଧା ଓ ବୃଦ୍ଧ ଗାଁକୁ ଜଗି ବସିଛନ୍ତି। ଆଉ କିଛି ବୟସ୍କ ଲୋକେ ନିଜର ପାରମ୍ପରିକ ଚାଷବାସରେ ଲାଗିଛନ୍ତି। ଅଧା ପାଠ ଛାଡିଥିବା ପିଲାମାନେ ଦାଦନ ଖଟିବାକୁ ବାହାରେ ଅଛନ୍ତି। ଆଉ କିଛି ପିଲା ବିଭିନ୍ନ ଆଶ୍ରମ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଡଙ୍ଗରିଆ ଅଞ୍ଚଳର ଏଇ ସ୍ଥିତି ଅନେକ କଥାକୁ ଇଙ୍ଗିତ କରୁଛି।

ବର୍ଷ ବର୍ଷ ଧରି ଅର୍ଥ ଶ୍ରାଦ୍ଧ ସତ୍ତ୍ୱେ ଦକ୍ଷତା ବୃଦ୍ଧି ଦିଗରେ ଆମ ବ୍ୟବସ୍ଥା ସେତେ ସଫଳ ହୋଇପାରିନି। ସେମାନଙ୍କ ଉପରେ ବାହାରିଆ ଭିନ୍ନ ଏକ ସଂସ୍କୃତିକୁ ଲଦି ଦିଆଯିବାର ପ୍ରୟାସ ହେଉଛି। ଏଣେ ମାଟି ତଳେ ଥିବା ଖଣିଜ ସଂପଦ ପ୍ରତି ବହୁ କମ୍ପାନୀଙ୍କ ଡାହାଣା ଆଖି। ଅର୍ଥନୈତିକ ବିକାଶରେ ସଫଳ ହୋଇପାରୁନି ଡଙ୍ଗରିଆ ଜନଜାତି। ବଜାରକୁ ନେଉଥିବା ଉତ୍ପାଦିତ ଜିନିଷର ପ୍ରକୃତ ମୂଲ୍ୟ ପାଇପାରୁନି। ସ୍କୁଲକୁ ଯାଉଥିବା ସବୁ ପିଲା ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ପହଞ୍ଚି ପାରୁ ନାହାନ୍ତି। ଅଧାରୁ ଗାଁକୁ ଫେରି ନିଜ ସଂସ୍କୃତିକୁ ଆପଣେଇ ପାରୁନାହାନ୍ତି କି ଅଧାପାଠ ଯୋଗୁ ପ୍ରତିଯୋଗିତାର ଭିଡ଼ ଭିତରେ ନିଜକୁ ଖାପ ଖୁଆଇ ପାରୁ ନାହାନ୍ତି। ବିଷମ ସ୍ଥିତିରେ ଏବେ ଡଙ୍ଗରିଆ ଜନଜାତି। ଘରର କଳେବର ବଦଳିଛି ସତ, ଅଥଚ ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମିର ପରିବର୍ତ୍ତନ ଲାଗି ତଥାପି ଅପେକ୍ଷାରେ ଡଙ୍ଗରିଆ ଜନଜାତି। ହଜିଯାଉଥିବା ସଂସ୍କୃତି ସମ୍ପର୍କିତ ଉପାଦେୟ ତଥ୍ୟକୁ ସଂଗ୍ରହ କରି ଫେରିଲାବେଳକୁ ମୁହଁ ସଞ୍ଜରେ ଆଉ ଏକ ରାସ୍ତା ପାଖ ଗାଁରେ ଶୁଭୁଛି କ୍ୟାସେଟ ଗୀତ। ପ୍ରଶସ୍ତ ଗାଁ ଦାଣ୍ଡର ମଝିରେ ସୋଲାର ପ୍ଲେଟ ସହ ସଂଯୋଗ ହୋଇ ରହିଛି ଦୁଇଟି ଗୀତ ବାଜୁଥିବା ବକ୍ସ। ଏକା ରଙ୍ଗର ଫ୍ରକ ପିନ୍ଧିଥିବା କିଶୋରୀ ଝିଅମାନେ ଗୀତର ତାଳେ ତାଳେ ନାଚୁଛନ୍ତି। ପାରମ୍ପରିକ ବାଦ୍ୟ ବାଜୁନି କି ପାରମ୍ପରିକ ବେଶଭୂଷା ଲୋଡ଼ା ପଡୁନି। ଚାରିପାଖେ ଘେରି ରହିଛନ୍ତି ଜନଜାତିର ସବୁ ବର୍ଗର ଲୋକେ। କୋରାପୁଟିଆ ଦେଶିଆ ଗୀତରେ ସୁନ୍ଦର ତାଳପକା ନୃତ୍ୟ। ତାଳିମାରି ଉତ୍ସାହିତ କରୁଛନ୍ତି କିଛି ଯୁବକମାନେ। ମଲ୍ଲିଫୁଲିଆ ହସ ଭିତରେ ବଡ ମଣିଷମାନେ ବିଭୋର ନୃତ୍ୟରେ। ପଚାରିଲି ଜଣକୁ – 'ଏମିତି କି ନାଚ ଚାଲିଛି ?' ନାଚକୁ ଉପଭୋଗ କରୁଥିବା ମଧ୍ୟ ବୟସ୍କ ଡଙ୍ଗରିଆ ଜଣକ କହିଲା – 'ମା ଓକି ଇଲକି ଆହା ଆଚେ ! ଆନା କିନ ଆଞ୍ଚା !' ଏହାର ଓଡ଼ିଆ ଅର୍ଥ ହେଲା 'ଆମର ଆଡ଼େ ଇମିତି କା ହେଇଗଲା ସବୁ ! କିସ କରିବା ଆଞ୍ଚା ?' ଚହଲା ସଂସ୍କୃତିଠାରୁ ମୁହଁ ଫେରେଇ ଚାଲି ଆସିଲି ସତ, କିନ୍ତୁ ମନକୁ ବୁଝେଇପାରିଲିନି। ଲୋକଟିର ପ୍ରଶ୍ନର ଉତ୍ତର ତଥାପି ଖୋଜି ଚାଲିଛି ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ– ୯୪୩୭୦୯୦୭୬୧

## ଏଇ ଭାରତରେ

ଲକ୍‌ଡାଉନରେ ପିଲାମାନେ ଅନ୍‌ଲାଇନରେ ପଢ଼ିବା ପରେ ବାକି ସମୟ କଟାଇବା ସେମାନଙ୍କ ଲାଗି କଷ୍ଟକର ହୋଇପଡୁଥିବାବେଳେ କେରଳର ୧୩ ବର୍ଷୀୟା ବନୁପ୍ରିୟାଙ୍କ ଜୀବନଶୈଳୀରେ ଭିନ୍ନତା ପରିଲକ୍ଷିତ ହୋଇଛି। ବନୁପ୍ରିୟା ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ସେ ଆଲ୍‌ପୁଝା ଜିଲା ମୁହାମ୍ମା ପଞ୍ଚାୟତରେ ପରିବାର ସହ ରହୁଛନ୍ତି। ଲକ୍‌ଡାଉନ ସମୟରେ ବନୁପ୍ରିୟା ଓ ତାଙ୍କ ବାପା ଦୟାତ୍ମାଜି ଔଷଧୀୟ ଗୁଣରେ ଭରପୂର ବିରଳ କିସମର ଧାନ ଚାଷ କରି ୩୦୦ କେ.ଜି. ଅମଳ କରିଛନ୍ତି। ଏହି ଧାନ ନାମ ରକ୍‌ଥାକଲି। ଏବକାର ଜଳବାୟୁରେ ଏହି ଧାନ ଚାଷ କଷ୍ଟକର ହୋଇଥିଲେ ମଧ୍ୟ ବାପ ଝିଅ ଏଥିରେ ସଫଳ ହୋଇଛନ୍ତି। ଏହି ଧାନ ଦେଖିବାକୁ ଲାଲ। ଏହାର ଚାଷ ବୈଦିକ ଯୁଗରେ ଆରମ୍ଭ କରାଯାଇଥିଲା। ରକ୍‌ଥାକଲି ଧାନ ବିଲୁପ୍ତିର ଦ୍ୱାର ଦେଶରେ ରହିଛି । ଏହା ଆଣ୍ଟି ଅକ୍ସିଡାଣ୍ଟ, ଜିଙ୍କ୍, ଆଇରନ, କ୍ୟାଲସିୟମ ଓ ଅନ୍ୟ ମିନେରାଲ୍ସରେ ଭରପୂର। ଏହି ଧାନ ଚାଷକୁ ଆଗକୁ ନେବା ଲାଗି ବନୁପ୍ରିୟା କୃଷକମାନଙ୍କୁ ବିହନ ମାଗଣାରେ ଦେଇଛନ୍ତି ଓ ବାକିତକ ହ୍ୱାଟ୍ସଆପ ଗ୍ରୁପ ମାଧ୍ୟମରେ ବିକ୍ରି କରିଛନ୍ତି। ବାପ ଝିଅଙ୍କ ଏଭଳି ପ୍ରୟାସକୁ କେରଳ କୃଷି ବିଭାଗ ପ୍ରଶଂସା କରିଛି। ଏପରି କି ରକ୍‌ଥାକଲି ଧାନ ଦେଖିବାକୁ କେରଳ କୃଷିମନ୍ତ୍ରୀ କ୍ଷେତରେ ପହଞ୍ଚିଥିଲେ। ଧାନ ଚାଷରେ ବନୁପ୍ରିୟାଙ୍କ ଯୋଗଦାନକୁ ଲକ୍ଷ୍ୟ କରି ତାଙ୍କୁ ଶିଶୁ କୃଷକ ପୁରସ୍କାର ପ୍ରଦାନ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଡିସେମ୍ବର ୧୯୯୬

- ରୁଷିଆର ଏକ ସାମରିକ ପରିବହନ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆକାଶମାର୍ଗରୁ ଖସିପଡ଼ିବା ଫଳରେ ୭ ବିମାନ କର୍ମଚାରୀଙ୍କ ସମେତ ୧୭ ଯାତ୍ରୀ ମୃତ।
- ଏଲ୍‌ଟିଟିଇ ଅଧ୍ୟୁଷିତ ଇଲାକାରେ ଶ୍ରୀଲଙ୍କା ନିରାପତ୍ତା ବାହିନୀର ଯବାନମାନେ ତଲାସୀ ଅଭିଯାନ ଚଳାଇଥିବା ବେଳେ ସେମାନଙ୍କ ସହ ସଂଘର୍ଷରେ ୧୦୦ ତାମିଲ ଉଗ୍ରପନ୍ଥୀ ନିହତ।
- ଜଙ୍ଗଲ ଇଲାକାରେ ଅଣଜଙ୍ଗଲୀ କାର୍ଯ୍ୟ ବିଶେଷ କରି ସ'ମିଲ ଚଳାଇବା ଏବଂ ଖଣି ଖାଦାନ ଆଦି କାର୍ଯ୍ୟକୁ ସୁପ୍ରିମ୍‌କୋର୍ଟ ନିଷିଦ୍ଧ କରିଛନ୍ତି।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | | 4 | |
| 5 | | | | | 6 | | | |
| | | 2 | 1 | 8 | | 5 | | 9 |
| | 7 | | | 1 | 3 | | 6 | |
| 9 | 8 | 1 | | | | | | |
| | | | | | | | | 7 |
| | | 7 | 2 | 3 | | | 1 | |
| | | 8 | | | | | | 4 |
| | 9 | | | | | | 5 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 2 | 6 | 5 | 8 | 9 | 1 | 3 |
| 5 | 3 | 8 | 1 | 2 | 9 | 4 | 6 | 7 |
| 1 | 6 | 9 | 4 | 3 | 7 | 5 | 2 | 8 |
| 2 | 1 | 5 | 9 | 8 | 4 | 7 | 3 | 6 |
| 8 | 9 | 3 | 7 | 6 | 5 | 2 | 4 | 1 |
| 6 | 4 | 7 | 3 | 1 | 2 | 8 | 9 | 5 |
| 9 | 8 | 6 | 2 | 7 | 1 | 3 | 5 | 4 |
| 7 | 2 | 1 | 5 | 4 | 3 | 6 | 8 | 9 |
| 3 | 5 | 4 | 8 | 9 | 6 | 1 | 7 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନେତାମାନେ ସେବାମନସ୍କ ହୁଅନ୍ତୁ

ମହାଶୟ,

ପାର୍ଲାମେଣ୍ଟର ଅଧିବେଶନ, ପତାକା ଉତ୍ତୋଳନ ପ୍ରକ୍ରିୟା, ଦିଅଁଙ୍କ ରଥ ଟଣା ଏବେ ଲୋକେ ସାଥି ସାଥି ଦେଖିଲେଣି। ଏସବୁ ଟିଭି ଓ ମୋବାଇଲ ଦ୍ୱାରା ସମ୍ଭବ ହେଉଛି। ଟେକ୍‌ନୋଲୋଜି ମଧ୍ୟ ବହୁ ଆଗକୁ ମଧ୍ୟ ଯାଇସାରିଲାଣି। ଏବେ ଆକାଶରୁ ଆକ୍ରମଣ ପୁଣି ଦୁଷ୍ଟବୁଦ୍ଧିମାନେ ବିନା ଯାନରେ ହଜାର ହଜାର ମାଇଲ ଦୂରରୁ କ୍ଷେପଣାସ୍ତ୍ର ମାଡ଼କରି ନିରୀହ ଜୀବନ ନଷ୍ଟ କରିଦେବେ। ସର୍ବଗିଳା ଅଖାଦ୍ୟମାନ ଖାଇବା ଦ୍ୱାରା ଏକ ନୁହଁ ଅନେକଙ୍କୁ ରୋଗ ଭୋଗିବାକୁ ପଡ଼ିଲାଣି। ଭେଜାଲ ଦ୍ରବ୍ୟ କଥା କିଏ ନ ଜାଣେ। ଏହା ଏବେ ବଜାରରେ ଉପଲବ୍ଧ ହେଉଛି। ଜଳବାୟୁ ପରିବର୍ତ୍ତନରେ ଜୀବମାନଙ୍କ ବଂଶ ଲୋପ ପାଇଚାଲିଛି। ଏପରି କି ମଲା ମଣିଷଙ୍କୁ ଶ୍ମଶାନରେ ଖାଇବାକୁ ଏବେ ଶାଗୁଣା, ବିଲୁଆ ନାହାନ୍ତି। ଏସବୁ ଭଗବାନ୍ କେବେ ସହିବା ସମ୍ଭବ ନୁହେଁ। ଭଗବାନ ଏପରି ନେତା ତାଙ୍କ ସହଚର ରୂପେ ଆଗ ପଠାଇ ପରେ ପରେ ନିଶ୍ଚେ ଆସିବେ। ତେବେ ଏବେ ଯେଉଁ ନେତାମାନେ ରହିଛନ୍ତି ସେମାନେ ସ୍ୱାର୍ଥପର ନ ହୋଇ ସେବା ମନସ୍କ ହୁଅନ୍ତୁ। ଗରିବଙ୍କ ସେବା କରନ୍ତୁ। ସାମୂହିକ ଉନ୍ନତି ପାଇଁ ପ୍ରୟାସ କରନ୍ତୁ। ନେତାମାନେ ଦୁର୍ନୀତିରୁ ଦୂରରେଇ ରୁହନ୍ତୁ। ଶାସନ ବି ଏକ କଳ। ଏଥିରେ କଳ କୌଶଳ ନେତାଏ ଜାଣନ୍ତି। ସେମାନେ ଶାସନରେ ସୁଧାର ଆଣିବା ଲାଗି ସଙ୍କଳ୍ପ ନେଇ କାର୍ଯ୍ୟ କଲେ ଗଣତନ୍ତ୍ର ସଫଳ ହୋଇପାରିବ। ସମାଜରେ ଭେଦଭାବ ଦୂର ହେବ । ଗରିବ ଲୋକଟି ତା'ର ଉଚିତ୍ ପ୍ରାପ୍ୟ ପାଇବାକୁ ସକ୍ଷମ ହୋଇପାରିବ।

– ଅଜୟ କୁମାର ବେହେରା, ଅରୁଣୋଦୟ ନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପାସୋରି ଦିଏ ନିଜକୁ ଶଶି
ନିଜକୁ ଭୁଲେ ଏ ବିଲ ଗ୍ରାମ
ନିଜକୁ ଭୁଲି ସଜଳ ନଦୀ
ଚଳେ ଅଜ୍ଞାତେ ନାହିଁ ବିଶ୍ରାମ।
–(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଆମାଜନ-ଫ୍ୟୁଚର ଡିଲ ରଦ୍ଦ କଲେ ସିସିଆଇ**

ଦେଶର ବହୁ ପ୍ରତିକ୍ଷୀତ ଓ ଅଗ୍ରଣୀ ସଂସ୍ଥା ଆମାଜନ-ଫ୍ୟୁଚର କୁପନସ୍ ଡିଲକୁ ଶୁକ୍ରବାର କମ୍ପିଟେସନ କମିଶନ ଅଫ ଇଣ୍ଡିଆ (ସିସିଆଇ) ପୂର୍ବ ନିର୍ଦ୍ଦେଶ ଅନୁସାରେ ମିଳିଥିବା ମଞ୍ଜୁରୀକୁ ରଦ୍ଦ କରିଛନ୍ତି। ସେହିପରି ଆମାଜନ କେତେକ ପ୍ରାବଧାନର ଉଲ୍ଲଂଘନ କରିଥିବା ଯୋଗୁ ୨୦୨କୋଟିର ଜରିମନା ଦେବା ମଧ ନିର୍ଦ୍ଦେଶ ଦେଇଛନ୍ତି । ଆଉଥରେ ବିସ୍ତୃତ ଫର୍ମ ପୂରଣ କରିବାକୁ ସିସିଆଇ ଆମାଜନଙ୍କୁ ୬୦ଦିନର ମହଲତ ଦେଇଛନ୍ତି। ଫ୍ୟୁଚର କୁପନସ୍ ପକ୍ଷରୁ ଆଗତ ଏକ ଅଭିଯୋଗର ଶୁଣାଣିରେ କରି ସିସିଆଇ ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

**ସଂକ୍ଷେପରେ**

## ସ୍ପେକ୍ଟ୍ରମ୍ ବକେୟା ଦେଲା ଏୟାରଟେଲ୍

**ଭୁବନେଶ୍ୱର,୧୭।୧୨:** ଭାରତର ପ୍ରମୁଖ ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥା ଭାରତୀ ଏୟାରଟେଲ୍ ପକ୍ଷରୁ ସ୍ପେକ୍ଟ୍ରମ ବକେୟା ପରିଶୋଧ କରାଯାଇଛି। କମ୍ପାନୀର କହିବା ଅନୁସାରେ ୨୦୧୪ର ସ୍ପେକ୍ଟ୍ରମ ନିଲାମ ବାବଦ ସମସ୍ତ ବକେୟା ଦେୟ ପାଇଁ ଟେଲିକମ୍ ବିଭାଗକୁ ଆଗୁଆ ୧୫,୫୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ୨୦୧୪ ନିଲାମରେ ଟେଲିନର୍‌ର ସ୍ପେକ୍ଟ୍ରମ ସହ ୧୯,୦୫୧ କୋଟି ଟଙ୍କା ମୂଲ୍ୟରେ କମ୍ପାନୀ ୧୨୮.୪ ମେଗାହର୍ଟ ସ୍ପେକ୍ଟ୍ରମ ହାସଲ କରିଥିଲା। ଏହି ଦେୟକୁ ବାର୍ଷିକ ୧୦% ହାରରେ ୨୦୨୬-୨୭ରୁ ୨୦୩୧-୩୨ ମଧ୍ୟରେ ବିଭାଗକୁ ଦେବାର ଥିଲା। ଏଥିପାଇଁ ହାରାହାରି ଅବଧି ୭ରୁ ଅଧିକ ବର୍ଷ ଥିଲା। କମ୍ପାନୀର ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ, ଆଗୁଆ ପେମେଣ୍ଟ କଲେ ସୁଧ ବାବଦରେ ପ୍ରାୟ ୩,୪୦୦ କୋଟି ଟଙ୍କା ସଞ୍ଚୟ ହେବ। ଫଳରେ ଉକ୍ତ ଦେୟକୁ ଆଗୁଆ ଦେବା ଲାଗି ନିଷ୍ପତ୍ତି ନେଇଥିଲା। ଏୟାରଟେଲର ଏଭଳି ନିଷ୍ପତ୍ତିକୁ ଟେଲିକମ୍ ବିଭାଗ ସ୍ୱାଗତ କରିଛି। ଏହା ଦ୍ୱାରା ଲାଇସେନ୍ସ ପାଇଥିବା ସଂସ୍ଥାଗୁଡିକ ପ୍ରଭାବୀ ଯୋଜନା ପ୍ରସ୍ତୁତ କରିପାରିବେ ଏବଂ ନଗଦ ପ୍ରବାହକୁ ବ୍ୟବହାର କରିପାରିବେ ବୋଲି ସୂଚନା ମିଳିଛି।

## ଠକଙ୍କ ପ୍ରତି ସତର୍କ ରହିବାକୁ ଟିପିଏସ୍‌ଓଡିଏଲ୍‌ର ପରାମର୍ଶ

**ଭୁବନେଶ୍ୱର,୧୭।୧୨:** ବିଦ୍ୟୁତ୍ ବିଲ୍ କମ୍ କରିଦେବା ଲାଗି ନିରୀହ ଗ୍ରାହକଙ୍କୁ ଠକୁଥିବା ଠକଙ୍କ ଉପରେ ନଜର ରଖିବା ଲାଗି ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଏଭଳି ଠକାମିର ଶିକାର ନ ହେବା ଲାଗି କମ୍ପାନୀ ପକ୍ଷରୁ ଏକ ଦେୟମୁକ୍ତ ନମ୍ବର ୧୮୦୦୩୪୫୬୭୯୭, ୧୯୧୨ ପ୍ରଦାନ ସହ ଘଟଣା ସମ୍ପର୍କରେ ତୁରନ୍ତ ଡିସ୍‌କମ୍ ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ, ଟିପିଏସ୍‌ଓଡିଏଲ୍‌ରେ ଆମେ ଗୁଣାତ୍ମକ ସେବା ସହିତ ଆମର ଗ୍ରାହକଙ୍କୁ ସେବା ପ୍ରଦାନ କରିବାରେ ଆମେ ମୂଲ୍ୟବୋଧ ଭିତ୍ତିକ ପ୍ରଥାକୁ ଅନୁସରଣ କରୁଛୁ। ଆମେ ଏଭଳି ହେରଫେର ଉପରେ ନଜର ରଖିଛୁ ଓ ଏଭଳି ସ୍ଥିତିରେ ସତର୍କ ରହିବାକୁ ଗ୍ରାହକଙ୍କୁ ସତର୍କ କରାଉଛୁ।

# ନଭେମ୍ବରରେ ବିମାନ ଯାତ୍ରୀ ସଂଖ୍ୟା ବୃଦ୍ଧି




ନୂଆଦିଲ୍ଲୀ, ୧୭।୧୨

■ଘରୋଇ ବିମାନ ଚଳାଚଳ କ୍ଷେତ୍ର
■୨୦୨୦ ନଭେମ୍ବର ତୁଳନାରେ ୬୫% ବଢ଼ିଲା

କୋଭିଡ୍ ସଂକ୍ରମଣ ହାର କମିବା ସହିତ କଟକଣା ହ୍ରାସ ପାଇବା ଏବଂ ଅର୍ଥନୀତିରେ ସୁଧାର ଯୋଗୁ ନଭେମ୍ବରରେ ଭାରତରେ ଘରୋଇ ବିମାନ ଚଳାଚଳ କ୍ଷେତ୍ରରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ଏହି ସଂଖ୍ୟା ୨୦୨୦ ନଭେମ୍ବର ତୁଳନାରେ ପ୍ରାୟ ୬୫% ଏବଂ ଚଳିତବର୍ଷ ଅକ୍ଟୋବର ତୁଳନାରେ ପ୍ରାୟ ୧୭% ବଢ଼ିଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ର ତଥ୍ୟ ଅନୁଯାୟୀ, ଗତ ମାସରେ ୧.୦୫ କୋଟି ଯାତ୍ରୀ ଦେଶ ମଧ୍ୟରେ ଯାତ୍ରା କରିଛନ୍ତି। ଏହି ସଂଖ୍ୟା ନଭେମ୍ବର ୨୦୨୦ରେ ୬୩.୫୪ ଲକ୍ଷ ଥିଲା। କରୋନା ଯୋଗୁ ଗତବର୍ଷ ମାର୍ଚ୍ଚ ଶେଷରେ ବିମାନ ଚଳାଚଳ ବନ୍ଦ ହୋଇଯାଇଥିଲା। ମେ' ୨୫ ୨୦୨୦ରେ ଦେଶ ମଧ୍ୟରେ ବିମାନ ଚଳାଚଳ ପୁନଃ ଆରମ୍ଭ ହୋଇଥିଲାବେଳେ ୨୦୨୧ରେ ମହାମାରୀର ଦ୍ୱିତୀୟ ଲହର ସମୟରେ ସୀମିତ ବେସାମରିକ ବିମାନ ଚଳାଚଳ ପାଇଁ ଅନୁମତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ କୋଭିଡ୍ କଟକଣାରେ କୋହଳ ଯୋଗୁ ଘରୋଇ ବିମାନ ଚଳାଚଳ କ୍ଷେତ୍ରରେ ଯାତ୍ରୀ ସଂଖ୍ୟାରେ ବୃଦ୍ଧି ଘଟିଥିଲା। ଗତ ଅକ୍ଟୋବରରେ ୮୯.୮୫ ଲକ୍ଷ ଯାତ୍ରୀ ଦେଶର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରିଛନ୍ତି, ଯାହାକି ସେପ୍ଟେମ୍ବର ୨୦୨୧ ତୁଳନାରେ ୨୭.୧୫% (୭୦.୭ ଲକ୍ଷ) ଅଧିକ। ଜାନୁୟାରୀରୁ ନଭେମ୍ବର ୨୦୨୧ ମଧ୍ୟରେ ମୋଟ ୭୨୬.୧୧ ଲକ୍ଷ ଯାତ୍ରୀ ଦେଶ ମଧ୍ୟରେ ଯାତ୍ରା କରିଛନ୍ତି। ଗତବର୍ଷ ସମାନ ଅବଧି ମଧ୍ୟରେ ଉକ୍ତ ସଂଖ୍ୟା ୫୫୬.୮୪ ଲକ୍ଷ ରହିଥିଲା, ଯାହାର ବାର୍ଷିକ ଅଭିବୃଦ୍ଧି ୩୦.୪% ଏବଂ ମାସିକ ଅଭିବୃଦ୍ଧି ୬୫.୫% ରହିଥିଲା ବୋଲି ଡିଜିସିଏର ନଭେମ୍ବର ତଥ୍ୟ ରିପୋର୍ଟରେ ଦର୍ଶାଯାଇଛି।

# ବୈଜ୍ଞାନିକ ପ୍ରମାଣିତ ପତଞ୍ଜଳିର 'ଚ୍ୟବନପ୍ରାସ'

ନୂଆଦିଲ୍ଲୀ,୧୭।୧୨




ପତଞ୍ଜଳି ଯୋଗପୀଠର ପ୍ରମୁଖ ଅନୁଷ୍ଠାନ ପତଞ୍ଜଳି ଗବେଷଣା ଅନୁଷ୍ଠାନ (ପିଆର୍‌ଆଇ)ର ଅଭିଜ୍ଞ ବୈଜ୍ଞାନିକଙ୍କ ଦ୍ୱାରା ପ୍ରମାଣିତ ସହ ବିଭିନ୍ନ ଔଷଧୀୟଗୁଣ ଥିବା ନୂତନ ଉତ୍ପାଦ 'ଚ୍ୟବନପ୍ରାସ' ପ୍ରସ୍ତୁତ କରାଯାଇଛି। ଦେଶର ବହୁ ବରିଷ୍ଠ ବୈଜ୍ଞାନିକଙ୍କ ପ୍ରମାଣ ଆଧାରରେ ପତଞ୍ଜଳିର ଗବେଷଣା କେନ୍ଦ୍ରରେ ଏହାକୁ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷକରି ଶୀତଦିନରେ ଚ୍ୟବନପ୍ରାସ ବ୍ୟବହାର କରିବାର ଅନେକ ସୁଫଳ ବ୍ୟବହାରକାରୀଙ୍କ ଉପରେ ପଡ଼ିଥାଏ। ଏହାର ବ୍ୟବହାର ଠିକ୍ ଭାବେ କରାଗଲେ ଥଣ୍ଡା, କାଶ ଓ ଜ୍ୱର ଭଳି ପ୍ରାଥମିକ ରୋଗରୁ ସୁରକ୍ଷା ମିଳିଥାଏ। ଏହି ନୂତନ ଉତ୍ପାଦ ସମ୍ପର୍କରେ କରାଯାଇଥିବା ଏକ ସର୍ବେକ୍ଷଣର ବିସ୍ତୃତ ସୂଚନା 'ଫଣ୍ଟିୟର୍ସ ଇନ୍ ଫାର୍ମାକୋଲୋଜି' ପତ୍ରିକାରେ ପ୍ରକାଶ କରାଯାଇଛି। ଏ ସମ୍ପର୍କରେ ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେସନ ଟ୍ରଷ୍ଟର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣନ କହିଛନ୍ତି, ଆୟୁର୍ବେଦିକ ବିଜ୍ଞାନ ଜରିଆରେ ଆଉ ଏକ ସଫଳତା ହାସଲ ସହ ଏହାର ଉପକାରିତା ଆମ ସମାଜ ପାଇଁ ବେଶ୍ ଲାଭଦାୟକ ହେବ। ଫଳରେ ପିଆରଆଇରୁ ଉତ୍ପାଦିତ ଏହି ଚ୍ୟବନପ୍ରାସ ବିଭିନ୍ନ ରୋଗନାଶକ କରିବା ଭଳି କାର୍ଯ୍ୟ କରିବ। ସେହିପରି ଏହାର ବ୍ୟବହାର ଫଳରେ ମଣିଷ ଶରୀରର ଆବଶ୍ୟକତା ପୂରଣ ଦିଗରେ ବେଶ ସହାୟକ ହେବ ବୋଲି ଜଣାପଡିଛି। ସେହିଭଳି ପତଞ୍ଜଳି ଗବେଷଣା ଅନୁଷ୍ଠାନର ଉପସଭାପତି ଡକ୍ଟର ଅନୁରାଗ ଭାର୍ସିନେ କହିଛନ୍ତି, ଗବେଷଣା ବେଳେ ଏହା ଜଣାପଡ଼ିଥିଲା। ଯେ ପତଞ୍ଜଳିର ଚ୍ୟବନପ୍ରାସ ବିଭିନ୍ନ ପ୍ରାଥମିକ ରୋଗର ପ୍ରଭାବକୁ ହ୍ରାସ କରିବା ସହ ଦେହରେ ଅନେକ ପ୍ରକାରର ରୋଗ ନିରୋଧକ ଶକ୍ତି ସୃଷ୍ଟି କରୁଛି। ଏଥିରେ ବ୍ୟବହାର କରାଯାଇଥିବା ଅନେକ ପ୍ରକାରର ଉଦ୍ଭିଦଜାତ ଉପାଦାନରେ ଅନେକ ଔଷଧୀୟ ଗୁଣ ପରସ୍ପର ସହ ଯୋଡ଼ି ହୋଇ ରହିଛି। ଫଳରେ ଆଧୁନିକ ବିଜ୍ଞାନ ଦୃଷ୍ଟିକୋଣରୁ ପ୍ରାଚୀନ ଆୟୁର୍ବେଦିକ ଜ୍ଞାନ ପାଇଁ ଏହା ଏକ ବହୁତ ବଡ଼ ଉପଲବ୍ଧି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ରିଲାଏନ୍ସ ଜୁଏଲ୍‌ସର 'ଡାଏମଣ୍ଡ ଡିଲାଇଟ୍ସ' କଲେକ୍ସନ



ଭୁବନେଶ୍ୱର,୧୭।୧୨

ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଡାଏମଣ୍ଡ ନେକ୍‌ଲେସ ସେଟର ଆକର୍ଷଣୀୟ ଡିଜାଇନ୍ 'ଡାଏମଣ୍ଡ ଡିଲାଇଟ୍ସ'ର କଲେକ୍ସନକୁ ଅବିଶ୍ୱସନୀୟ ମୂଲ୍ୟରେ ଉପସ୍ଥାପନ କରାଯାଉଛି। ଏହାର ମୂଲ୍ୟ ମାତ୍ର ୪୯,୯୯୯ ଟଙ୍କାରୁ ଆରମ୍ଭ। ଏହି କଲେକ୍ସନରେ ରହିଛି ହୀରାର ଆକର୍ଷଣୀୟ ବ୍ୟାପକସ୍ତରୀୟ ଡିଜାଇନ୍ ଓ ଲମ୍ବା ନେକ୍‌ଲେସ୍, ଯାହାକୁ ସ୍ୱତନ୍ତ୍ର ଭାବେ ବଡ଼ଦିନ ଓ ନବବର୍ଷ ପାଇଁ ପ୍ରସ୍ତୁତ କରାଯାଇଛି। ଏହା ପାର୍ଟି ଓ ବିବାହ ଉତ୍ସବ ପାଇଁ ଏକ ଉତ୍କୃଷ୍ଟ ପସନ୍ଦ ହୋଇପାରିବ। ଏହାକୁ ମଧ୍ୟ ଆପଣ ନିଜର ପ୍ରିୟଜନଙ୍କୁ ଉପହାର ଭାବେ ଦେଇପାରିବେ। ଏହା ହେଉଛି ଏକ ଲିମିଟେଡ୍ ଏଡିସନ କଲେକ୍ସନ, ଯାହା କେବଳ ଷ୍ଟକ୍ ରହିଥିବା ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହି କଲେକ୍ସନରେ ସମସ୍ତ ଡାଏମଣ୍ଡ ସେଟ୍‌ଗୁଡ଼ିକ ଆଇଜିଆଇ ପ୍ରମାଣିତ ବୋଲି ରିଲାଏନ୍ସ ପକ୍ଷରୁ କୁହାଯାଇଛି। ଏହା ସହ ରିଲାଏନ୍ସ ଜୁଏଲ୍ସ ତା'ର ଗ୍ରାହକମାନଙ୍କୁ ଡାଏମଣ୍ଡର ଅନେକ ଆକର୍ଷଣୀୟ ଡିଜାଇନ ଓ କଲେକ୍ସନକୁ ଅବିଶ୍ୱସନୀୟ ମୂଲ୍ୟରେ ପ୍ରଦାନ କରୁଛି। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଏହି କଲେକ୍ସନ ମାଧ୍ୟମରେ ଆମେ ଆମର ଗ୍ରାହକମାନଙ୍କୁ ରିଲାଏନ୍ସ ଜୁଏଲ୍ସର ଅତ୍ୟନ୍ତ ସୁନ୍ଦର ଡାଏମଣ୍ଡ ନେକ୍‌ଲେସ୍ ସେଟକୁ ସୁଲଭ ମୂଲ୍ୟରେ ପ୍ରଦାନ କରିବୁ। ଯେହେତୁ କିଛି ଦିନ ମଧ୍ୟରେ ବର୍ଷ ଶେଷ ହେବାକୁ ଯାଉଛି, ସେଥିପାଇଁ ଆମେ ଆମର ଗ୍ରାହକମାନଙ୍କୁ ଏକ ଚମତ୍କାର ଅଫର ପ୍ରଦାନ କରୁଛୁ, ଯଦ୍ଦ୍ୱାରା ହୀରା ପରି ଆମର ଗ୍ରାହକମାନଙ୍କ ପାଇଁ ନୂତନ ବର୍ଷଟି ମଧ୍ୟ ଉଜ୍ଜ୍ୱଳ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହି ଆକର୍ଷଣୀୟ କଲେକ୍ସନ ସାରା ଦେଶରେ ରିଲାଏନ୍ସ ଜୁଏଲ୍ସର ସମସ୍ତ ଫ୍ଲାଗଶିପ୍ ଅପରେଶନାଲ୍ ଶୋ'ରୁମ୍, ଶପ୍-ଇନ୍ ଶପ୍‌ରେ ଓ ରିଲାଏନ୍ସ ଜୁଏଲ୍ସ ୱେବ୍‌ସାଇଟରେ ମଧ୍ୟ ଉପଲବ୍ଧ।

## ଟାଟା ଷ୍ଟିଲ୍‌ର ସିଏସ୍‌ଆର କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭।୧୨

ଚଳିତବର୍ଷ ଶୀତକୁ ନଜରରେ ରଖି ଟାଟା ଷ୍ଟିଲ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର କେନ୍ଦୁଝରର ଗନ୍ଧଲପଡ଼ା ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ଉଲ୍‌ରେ ପ୍ରସ୍ତୁତ ଶୀତ ପୋଷାକ ସହ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଇଥିଲା। ଶୀତ ଯୋଗୁ ଛାତ୍ରୀଛାତ୍ରମାନେ ସାମ୍ନା କରୁଥିବା ସମସ୍ୟାର ସମାଧାନ ଫାଉଣ୍ଡେଶନ ପକ୍ଷରୁ କରାଯାଇଛି। ଏହି ଅବସରରେ ସ୍ଥାନୀୟ ନେତୃବୃନ୍ଦ ଯଥା ଗନ୍ଧଲପଡ଼ାର ଝୁରିୟା ମୁଣ୍ଡା, ସୋରେନ ମୁଣ୍ଡା, ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀ ଜେମାମଣି ଶୁଣ୍ଡୀ, କ୍ଲଷ୍ଟର ଇନ୍‌ଚାର୍ଜ ମିର୍ଜା ବସ୍‌କେଙ୍କ ସମେତ ଉକ୍ତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ପରେ ଉକ୍ତ ସ୍କୁଲର ୧୧୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱେଟର ଓ ୯୮ ସ୍କୁଲ ବ୍ୟାଗ ବଣ୍ଟନ ହୋଇଥିଲା। ସ୍ଥାନୀୟ ଯୁବପିଢ଼ିଙ୍କ ଲାଗି ଜୀବନଜୀବିକା ସୁଯୋଗ ସୃଷ୍ଟି କରିବା ଏବଂ ଅଧାରୁ ପାଠପଢ଼ା ଛାଡ଼ିଥିବା ପିଲାମାନଙ୍କୁ ପୁଣିଥରେ ସ୍କୁଲକୁ ଫେରାଇ ଆଣିବା ଲାଗି ପ୍ରଶାସନ ସହଯୋଗରେ କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି।

## କ୍ରେଡିଟ୍ କାର୍ଡରୁ ଚଳିତବର୍ଷର ଖର୍ଚ୍ଚ ୩୯ ହଜାର କୋଟି

ବେଙ୍ଗାଲୁରୁ, ୧୭।୧୨

କ୍ରେଡିଟ୍ କାର୍ଡଧାରୀମାନେ ୨୦୨୧ରେ ୱାଲେଟ୍ ଏବଂ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ୩୯,୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି। ସେଥିମଧ୍ୟରେ ଭ୍ରମଣ କ୍ଷେତ୍ରରେ ଖର୍ଚ୍ଚ ହୋଇଛି ୭,୮୫୦ କୋଟି ଟଙ୍କା। କ୍ରେଡିଟ୍ କାର୍ଡ ବିଲ୍ ମ୍ୟାନେଜମେଣ୍ଟ ପ୍ଲାଟଫର୍ମ 'କ୍ରେଡ୍' (ସିଆର୍‌ଇଡି) ଦ୍ୱାରା ଦିଆଯାଇଥିବା ତଥ୍ୟ ଅନୁଯାୟୀ ଲକ୍‌ଡାଉନ କଟକଣା କୋହଳ ହେବା ପରେ ଗତ ଜୁଲାଇରୁ ଅକ୍ଟୋବର ମଧ୍ୟରେ ଖାଦ୍ୟପେୟ ବାବଦ ଉପରେ ଅଧିକ ଖର୍ଚ୍ଚ ହୋଇଥିବା ଦେଖିବାକୁ ମିଳିଛି। ତେଣୁ କ୍ରେଡ୍ ତାହାର ସଦସ୍ୟମାନଙ୍କ ପାଇଁ ୨୦୨୧କୁ 'ଆତ୍ମ ଯତ୍ନର ବର୍ଷ' ଭାବେ ବ୍ୟାଖ୍ୟା କରିଛି। ଭ୍ରମଣ, କିଣାକିଣି, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଭଳି ବର୍ଗ ଖର୍ଚ୍ଚବହୁଳ ହୋଇଥିବା ଦେଖିବାକୁ ମିଳିଛି ବୋଲି କ୍ରେଡ୍‌ର ପ୍ରତିଷ୍ଠାତା କୁନାଲ ଶାହା କହିଛନ୍ତି। ସେପ୍ଟେମ୍ବରରେ ଟ୍ରାଭେଲ କ୍ରେଡିଟ୍ କାର୍ଡ ଖର୍ଚ୍ଚ ୧,୧୦୩.୧୧ କୋଟି ଥିଲା, ଯାହାକି ୨୦୨୧ର ଯେକୌଣସି ମାସ ତୁଳନାରେ ଅଧିକ। କିନ୍ତୁ ଅକ୍ଟୋବରରେ ଏହି ବର୍ଗରେ ୧,୦୯୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

**ଫୁର୍‌ସତ୍**

## ଅର୍ଥନୀତି ବିକାଶରେ ପ୍ରବାସୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ



**ଅନ୍ତର୍ଜାତୀୟ ପ୍ରବାସୀ ଦିବସ**

ପ୍ରବାସୀ ଶ୍ରମିକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଅଧିକାରର ସୁରକ୍ଷା ସମ୍ପର୍କରେ ୧୮ ଡିସେମ୍ବର ୧୯୯୦ରେ ଜାତିସଂଘର ସାଧାରଣ ସଭାରେ ଏକ ସଂକଳ୍ପ ଗ୍ରହଣ କରାଯାଇଥିଲା। ଜାତିସଂଘର ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର ମାଇଗ୍ରେଶନ ଏଜେନ୍ସି ଜରିଆରେ ଅନ୍ତର୍ଜାତୀୟ ସ୍ଥାନାନ୍ତରଣ ଦିବସ ମାଧ୍ୟମରେ ପ୍ରାୟ ୨୭୨ ନିୟୁତ ପ୍ରବାସୀଙ୍କ ସମସ୍ୟାର ସମାଧାନ ପାଇଁ ସଚେତନତା ସୃଷ୍ଟି ଲାଗି ଆହ୍ୱାନ ଦିଆଯାଇଥିଲା। ସେହିପରି ୪୧ ମିଲିୟନରୁ ଅଧିକ ଆଭ୍ୟନ୍ତରୀଣ ବିସ୍ଥାପିତ ଲୋକଙ୍କ ସୁବିଧା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ତର୍ଜାତୀୟ ପ୍ରବାସୀ ଦିବସ ଅବସରରେ ହୋଷ୍ଟ ତଥା ଘରୋଇ ଦେଶର ଅର୍ଥନୀତିରେ ଲକ୍ଷ ଲକ୍ଷ ପ୍ରବାସୀଙ୍କ ଅବଦାନକୁ ଚିହ୍ନିବା ଉପରେ ଗୁରୁତ୍ୱାରୋପ ହୋଇଥାଏ। ଏହା ସହିତ ସେମାନଙ୍କର ମୌଳିକ ମାନବିକ ଅଧିକାରକୁ ସମ୍ମାନ ଦେବା ସହିତ ସମସ୍ୟା ସମାଧାନ ଲାଗି ସଚେତନତା ସୃଷ୍ଟି କରାଯାଇଥାଏ।

## ଏକତା ହିଁ ସର୍ବୋପରି




**ଦେ**ଶର ବିକାଶରେ ପ୍ରତିଟି ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ। ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବ ଏବଂ ଭାଇଚାରା ଦ୍ୱାରା ଦେଶର ଏକତା ବୃଦ୍ଧି ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଡିସେମ୍ବର ୧୮ରେ ସଂଖ୍ୟାଲଘୁ ଅଧିକାର ଦିବସ ପାଳନ କରାଯାଇଥାଏ। ବିଶ୍ୱସ୍ତରରେ ବିଭିନ୍ନ ଦେଶରେ ସଂଖ୍ୟାଲଘୁମାନଙ୍କୁ ନିର୍ଭୟରେ ବାସ କରିବା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏହି ଅବସରରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ୧୯୯୨ ଡିସେମ୍ବର ୧୮ରେ ମିଳିତ ଜାତିସଂଘ ସହଯୋଗରେ ଏହି ଦିବସ ପାଳନ କରାଯାଉଛି। ଭାରତ ହେଉଛି ବିଶ୍ୱର ଏକ ଅନନ୍ୟ ରାଷ୍ଟ୍ର, ଯେଉଁଠାରେ ବିଭିନ୍ନ ସମ୍ପ୍ରଦାୟ, ଜାତି ଏବଂ ଧର୍ମର ଲୋକମାନେ ବାସ କରିଥାନ୍ତି। ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ଏକ ସ୍ୱତନ୍ତ୍ର ପରିଚିତି। ଭାରତରେ ଏକତାକୁ ହିଁ ସର୍ବୋପରି ଭାବେ ଗ୍ରହଣ କରାଯାଇଥାଏ।



ଧ-୭୧୬୧୧

## ବଡ଼ ପରଦାରେ 'ପୁଷ୍ପା'




**ମୁମ୍ବାଇ:** ବଡ଼ ପରଦାରେ ରିଲିଜ ହୋଇଛି ସାଉଥ୍ ଷ୍ଟାର୍ ଅଲ୍ଲୁ ଅର୍ଜୁନଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ପୁଷ୍ପା: ଦ ରାଇଜ'। ଚନ୍ଦନ କାଠ ଚୋରି ଓ ମାଫିଆଙ୍କ ଉପରେ ଏହାର କାହାଣୀ ଆଧାରିତ। ସାରା ଭାରତରେ ଏହି ଫିଲ୍ମକୁ ବହୁତ ପ୍ରତିକ୍ରିୟା ମିଳିଛି। ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ସମେତ ନ୍ୟାଶନାଲ୍ କ୍ରସ୍ ରଶ୍ମିକା ମନ୍ଦାନାଙ୍କ ଏହି ଫିଲ୍ମ ଦର୍ଶକଙ୍କ ପସନ୍ଦ ଆସିଛି। 'ପୁଷ୍ପା' ଚଳଚ୍ଚିତ୍ର ତାମିଲ, ତେଲୁଗୁ, ହିନ୍ଦୀ, ମାଲାୟାଲମ୍ ଏବଂ କନ୍ନଡ ସମେତ ମୋଟ ୫ଟି ଭାଷାରେ ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ର ବିଦେଶରେ ମଧ୍ୟ ରିଲିଜ ହୋଇଛି। ଅଲ୍ଲୁ ଅର୍ଜୁନ ଓ ରଶ୍ମିକା ମନ୍ଦାନା ପ୍ରଥମ ଥର ପାଇଁ ଏହି ଫିଲ୍ମ ମାଧ୍ୟମରେ ଏକାଠି ସ୍କ୍ରିନ ଶେୟାର କରିଛନ୍ତି। ଓଭରସିଜ୍ ସେନ୍ସର ବୋର୍ଡର ସଦସ୍ୟ ଓମାର ସାନ୍ଧୁ ଏହି ଫିଲ୍ମ ରିଭ୍ୟୁରେ କହିଛନ୍ତି, ଚଳଚ୍ଚିତ୍ରର ପ୍ରଥମାର୍ଦ୍ଧ ବେଶ୍ ଚମତ୍କାର ହୋଇଛି। ସୁକୁମାର ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମରେ ଅନେକ ଥ୍ରିଲର ଏବଂ ଆକ୍ସନ ରହିଛି। ସକାଳୁ ସକାଳୁ ଅନେକ ଥିଏଟର ହାଉସ୍‌ଫୁଲ ହୋଇଥିବା ଦେଖିବାକୁ ମିଳିଥିଲା। ଦେଶର ୧୫ ଶହରୁ ଅଧିକ ଥିଏଟର ଓ ୧୭ରୁ ଅଧିକ ଅନ୍ୟ ଦେଶରେ ଫିଲ୍ମ ରିଲିଜ ହୋଇଥିବା ସୂଚନା ମିଳିଛି। ଅଲ୍ଲୁ ଏବଂ ମନ୍ଦାନାଙ୍କ ରୋମାନ୍ସକୁ ମଧ୍ୟ ଦର୍ଶକ ପସନ୍ଦ କରିଛନ୍ତି। ଏହି କାହାଣୀ ଆନ୍ଧ୍ରପ୍ରଦେଶର ଘଞ୍ଚ ଜଙ୍ଗଲରୁ ଆରମ୍ଭ ହୋଇଛି, ଯେଉଁଠାରେ ଚନ୍ଦନ କାଠ ଚୋରା ଚାଲାଣ କରାଯାଉଛି। ଏହା ପଛରେ କେତେଜଣ ବଡ଼ ଲୋକଙ୍କ ହାତ ରହିଛି। ପୁଷ୍ପରାଜ ଚରିତ୍ରରେ ଥିବା ଅଲ୍ଲୁ ଅର୍ଜୁନ ଜଣେ ସ୍ଥାନୀୟ ବାସିନ୍ଦା ହୋଇଥିବାରୁ ମାଫିଆଙ୍କ ବିରୋଧରେ ଲଢ଼େଇ କରିଛନ୍ତି। ଚନ୍ଦନ କାଠ ସ୍ମଗଲରଙ୍କ ସହ ଜଙ୍ଗଲରେ ରହୁଥିବା ଆଦିବାସୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ଫିଲ୍ମରେ ଦେଖିବାକୁ ମିଳିଛି। ଆସନ୍ତା ବର୍ଷ ଫିଲ୍ମର ଦ୍ୱିତୀୟ ଭାଗ ରିଲିଜ ହେବ।

**ମନେ ପଡ଼ନ୍ତି**

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଅହଲ୍ୟା ମହାନ୍ତି
ଜୟଦୁର୍ଗାନଗର, ଭୁବନେଶ୍ୱର
ଆବିର୍ଭାବ : ୧୩.୦୩.୧୯୪୩
ତିରୋଧାନ : ୧୧.୧୨.୨୦୧୯

କେଉଁ ରାଇଜରେ ରହିଲ ତୁମେ ଯେ
ପଛକୁ ଫେରିଲ ନାହିଁ,
ହାତଗଢ଼ା ତୁମ ମାଟି ପିତୁଳା ଯେ
ରହିଛୁ ବାଟକୁ ଅନାଇ,
କାଳେ ତୁମେ ଆସି ପହଞ୍ଚିବ ପାଶେ
ଏକଥା ମନେ ଆସୁଛି,
ମୃତ୍ୟୁର କୋଳଯେ, ଚିରନ୍ତନ ସତ୍ୟ
କିଏ ହାତ ଠାରି ଡ଼ାକୁଛି।

ତୁମର କବି-ନରେଶ, ବାବୁ-ଦୀପା, ମନି-ରାଜେନ୍ଦ୍ର, ହୀରୁ-ଲିଟି,ବର୍ଣ୍ଣି-ପ୍ରଜ୍ଞା, ମୁନା, ଲିପୁନ, ପୁତୁଲ, ବଂଶ, ମଧୁ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୨୫୭୭

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧ୍ୟରେ ଯୋଗାଇ ଦିଆ ଯାଉଛି।
DK Small Finance Ltd
Navi Mumbai
www.dksfl.in
7684939383

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ୍, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**FINANCE**
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୮/୨୦୨୧ Bhubaneswar, Saturday, December 18/ 2021

# ଇଂଲଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ

**ଆଡିଲେଡ, ୧୭।୧୨ (ଏପି)**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଆଶେସ କ୍ରିକେଟ ଟେଷ୍ଟରେ ଶୁକ୍ରବାର ଦ୍ୱିତୀୟ ଦିବସରେ ଅଷ୍ଟ୍ରେଲିଆ ୪୭୩/୯ ସ୍କୋରରେ ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଦିବାରାତ୍ର ଟେଷ୍ଟରେ ମାର୍ନସ ଲାବୁସେନ୍ ପ୍ରଥମ ଖେଳାଳି ଭାବେ ୩ଟି ଶତକ ହାସଲ କରି ଗୌରବ ଅର୍ଜନ କରିଛନ୍ତି। ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଅଳ୍ପକେ ଶତକରୁ ବଞ୍ଚିତ

**ଦିବାରାତ୍ର ଆଶେସ ଟେଷ୍ଟ**

**୩ ଶତକ ହାସଲରେ ଲାବୁସେନ୍ ପ୍ରଥମ**

ହୋଇଛନ୍ତି। ଲାବୁସେନ୍ ୧୦୩ ରନ କରିଥିବା ବେଳେ ସ୍ମିଥ୍ ୯୩ ରନ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ଟେଲ୍‌ଏଣ୍ଡରମାନେ ଦ୍ରୁତ ରନ ସଂଗ୍ରହ କରିବାକୁ ଯାଇ ଶୀଘ୍ର ଆଉଟ ହୋଇଯାଇଥିଲେ। ଅଷ୍ଟ୍ରେଲିଆ ଚା'ପାନ ବିରତି ପରେ ଏହାର ଇନିଂସ ଘୋଷଣା କରିଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୮.୪ ଓଭରରେ ୨ ଉଇକେଟ ବିନିମୟରେ ୧୭ରନ କରି ସଂଘର୍ଷ ଚଳାଇଛି। ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋରଠାରୁ ଭ୍ରମଣକାରୀ ଦଳ ଆହୁରି ୪୫୬ ରନ୍ ପଛୁଆ ରହିଛି। ଘରୋଇ ଦଳ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨୧/୨ରୁ ଖେଳ ଆରମ୍ଭ କରିଥିଲା। ଟେଷ୍ଟ କ୍ରିକେଟରେ ଲାବୁସେନ ମାତ୍ର ୩୪ଟି ଇନିଂସ ଖେଳି ୨,୦୦୦ ରନ ପୂରଣ କରିଛନ୍ତି। ଟେଷ୍ଟ କ୍ରିକେଟର ୧୪୪ ବର୍ଷ ଇତିହାସରେ ୩,୦୫୮ ଖେଳାଳିଙ୍କ ମଧ୍ୟରୁ ଦ୍ରୁତ ୨,୦୦୦ ରନ ପୂରଣ ତାଲିକାରେ ଲାବୁସେନ୍‌ଙ୍କ ଆଗରେ ଯଥାକ୍ରମେ ଡନ୍ ବ୍ରାଡମ୍ୟାନ (୨୨ ଇନିଂସ), ଜାମାଇକାର ଜର୍ଜ ହେଡ୍‌ଲି(୩୨ ଇନିଂସ), ଇଂଲଣ୍ଡର ହର୍ବର୍ଟ ସର୍କ୍ଲିଫ୍ ଓ ଅଷ୍ଟ୍ରେଲିଆର ମାଇକ୍ ହସି (୩୩ ଇନିଂସ) ରହିଛନ୍ତି । ଆଡିଲେଡ୍ ଓଭାଲଠାରେ ଲାବୁସେନ ଖେଳିଥିବା କ୍ରମାଗତ ତିନୋଟି ଟେଷ୍ଟରେ ଶତକ ହାସଲ କରିପାରିଛନ୍ତି। ତାଙ୍କର ଆଭରେଜ ପ୍ରାୟ ୧୦୦ ରହିଛି। ସେ ଥରେ ୪୦ରନ ତଳକୁ ସ୍କୋର କରିଥିଲେ। ଅଷ୍ଟ୍ରେଲିଆ ବର୍ତ୍ତମାନ ସୁଦ୍ଧା ୯ଟି ଦିବାରାତ୍ର ଟେଷ୍ଟ ଖେଳିସାରିଛି। ଦଳ ଏହାର ପୂର୍ବ ୮ଟି ଯାକ ଗେମ୍‌ରେ ବିଜୟ ହାସଲ କରିଛି। ସମସ୍ତ ମ୍ୟାଚ ଦଳ ଘରୋଇ ମାଟିରେ ଖେଳିଛି।


ହସିବ୍ ହମିଦ୍‌ଙ୍କ ଉଇକେଟ ନେବାପରେ ଖୁସି ମୁହୂର୍ତ୍ତରେ ଅଷ୍ଟ୍ରେଲିଆର ମାଇକେଲ ନେସେର (ବାମ)।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୭୩/୯, ଘୋଷଣା (ମାର୍ନସ ଲାବୁସେନ-୧୦୩, ଡେଭିଡ୍ ୱାର୍ନର-୯୫, ସ୍ମିଥ୍-୯୩, ଆଲେକ୍ସ କାରେ-୫୧, ମିଚେଲ ଷ୍ଟାର୍କ-୩୯*; ବେନ୍ ଷ୍ଟୋକ୍ସ-୩/୧୧୩, ଜେମ୍ସ ଆଣ୍ଡରସନ-୨/୫୮, ଓଲି ରବିନସନ-୧/୪୫)। ଇଂଲଣ୍ଡ ପ୍ରଥମ ଇନିଂସ: ୧୭/୨।

## ଲକ୍ଷ୍ନୌ ଫ୍ରାଞ୍ଚାଇଜ୍‌ର ମୁଖ୍ୟ କୋଚ୍ ହେଲେ ଆଣ୍ଡି

**କୋଲକାତା, ୧୭।୧୨ (ପି.ଟି.):** ଜିମ୍ବାୱେର ପୂର୍ବତନ ଅଧିନାୟକ ଆଣ୍ଡି ଫ୍ଲାୱାର ୨୦୨୨ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପଦାର୍ପଣ କରିବାକୁଥିବା ଲକ୍ଷ୍ନୌ ଫ୍ରାଞ୍ଚାଇଜ୍‌ର ମୁଖ୍ୟ କୋଚ୍ ଭାବେ ଶୁକ୍ରବାର ନିଯୁକ୍ତି ପାଇଛନ୍ତି। ଫ୍ଲାୱାର ଇତିମଧ୍ୟରେ ପଞ୍ଜାବ କିଙ୍ଗ୍ସ ସହକାରୀ କୋଚ୍ ପଦବୀରୁ ଓହରି ଯାଇଥିଲେ। ଗତ ଦୁଇ ସିଜନ ପଞ୍ଜାବର ଅଧିନାୟକ ରହିଥିବା କେ.ଏଲ. ରାହୁଲ ମଧ୍ୟ ସଞ୍ଜୀବ ଗୋଏଙ୍କାଙ୍କ ଫ୍ରାଞ୍ଚାଇଜ୍‌ରେ ଯୋଗଦାନ କରିବେ ବୋଲି ଆଶା କରାଯାଉଛି। ଫ୍ଲାୱାର ଆଇପିଏଲ୍-୨୦୨୦ ପୂର୍ବରୁ ଗତ ଦୁଇ ସିଜନ ଧରି ମୁଖ୍ୟ କୋଚ୍ ଅନିଲ କୁମ୍ବଲେଙ୍କ ସହ କାର୍ଯ୍ୟ କରିଆସୁଥିଲେ। ଜିମ୍ବାୱେର ଏହି ମହାନ୍ ଖେଳାଳିଙ୍କ କୋଚିଂ ସମୟରେ ଇଂଲଣ୍ଡ ଟି୨୦ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଏହି ଦଳ ଆହୁରି ମଧ୍ୟ ଟେଷ୍ଟ ର୍ୟାଙ୍କିଙ୍ଗରେ ନମ୍ବରୱାନ ସ୍ଥାନ ଦଖଲ କରିଥିଲା। ଆଣ୍ଡି ଆହୁରି ମଧ୍ୟ କାରବିୟନ ପ୍ରିମିୟର ଲିଗ୍ (କେପିଏଲ୍)ରେ ପିବି କେଏସ୍ ମାଲିକାନାରେ ରହିଥିବା ସେଣ୍ଟ ଲୁସିଆ କିଙ୍ଗ୍ସ ଦଳ ପାଇଁ କାର୍ଯ୍ୟ କରିଛନ୍ତି। ଗୋଏଙ୍କାଙ୍କ ନେତୃତ୍ୱାଧୀନ ଆର୍‌ପି-ଏସ୍‌ଜି ଗ୍ରୁପ୍ ୭୦୯୦ କୋଟି ଟଙ୍କା ବିନିମୟରେ ଲକ୍ଷ୍ନୌ ଫ୍ରାଞ୍ଚାଇଜ୍ କ୍ରୟ କରିଛି।



ଫଜୁଲ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଚାମ୍ପିୟନ ଭଦ୍ରକ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଫଜୁଲ ସ୍ମାରକୀ ଫୁଟ୍‌ବଲ: ଭଦ୍ରକ ଚାମ୍ପିୟନ

**ତିଗିରିଆ, ୧୭।୧୨ (ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳସ୍ଥିତ ଇନ୍ଦିରାଗାନ୍ଧୀ ମିନିଷ୍ଟାଡିଅମରେ ଯୁବଜ୍ୟୋତି କ୍ଲବ ଆନୁକୂଲ୍ୟରେ ୧୫ତମ ଫଜୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ ଇଲେଭେନକୁ ୨-୧ ଗୋଲରେ ପରାସ୍ତ କରି ୟୁନାଇଟେଡ କ୍ଲବ ଭଦ୍ରକ ଚାମ୍ପିୟନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଭଦ୍ରକର ବିଜୟ କିସ୍କୋ ଓ ଦ୍ୱିତୀୟାର୍ଦ୍ଧରେ ଦୀନବନ୍ଧୁ ଦାସ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ନୟାଗଡ ତରଫରୁ ରଫିକ ଅହମ୍ମଦ ଏକମାତ୍ର ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଯୋଗଦେଇ ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ୮ ହଜାର ଟଙ୍କା ପ୍ରଦାନ କରିଛନ୍ତି। ରେଫରି ଆଶୀର୍ବାଦ କାନୁନଗୋ ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ଲାଇନରେ ସଫିକୁଲ ଖାଁ, ଅନିଲ ନନ୍ଦ ସହଯୋଗ କରିଥିଲେ। ଚତୁର୍ଥ ରେଫରିଭାବେ ଜାଫର ଖାଁ ଓ ଅଫଜଲ ଖାଁ କାର୍ଯ୍ୟ ସମ୍ପାଦନ କରିଥିଲେ।

# ପଦକ ନିଶ୍ଚିତ କଲେ ଲକ୍ଷ୍ୟ ସେନ୍, ଶ୍ରୀକାନ୍ତ

**ହୁଏଲ୍‌ଭା (ସ୍ପେନ୍), ୧୭।୧୨ (ପି.ଟି.):** ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସରେ ଭାରତ ଅତିକମ୍‌ରେ ଦୁଇଟି ପଦକ ଜିତିବା ନିଶ୍ଚିତ ହୋଇଛି। କିଦାମ୍ବି ଶ୍ରୀକାନ୍ତ ଓ ଲକ୍ଷ୍ୟ ସେନ୍ ପ୍ରଥମ ଥର ଏହି ମର୍ଯ୍ୟାଦାପୂର୍ଣ୍ଣ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ପି.ଭି. ସିନ୍ଧୁଙ୍କ ଲାଗି ଶୁକ୍ରବାର ଖରାପ ଦିନ ଥିଲା। ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ସେ ତାଇ ଜୁ ଇଙ୍ଗ୍‌ଙ୍କଠାରୁ ହାରିଯାଇଛନ୍ତି। ଶନିବାର ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ଏକ ଐତିହାସିକ ଦିବସ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶ୍ରୀକାନ୍ତ କ୍ୱାର୍ଟରଫାଇନାଲରେ ନେଦରଲାଣ୍ଡ୍ସର ମାର୍କ କାଲ୍‌ଜୋଙ୍କୁ ୨୧-୮, ୨୧-୭ରେ ହରାଇ ଦେଇଥିଲେ। ପରେ ଅଣ ସିଡ୍ ସେନ୍ ଏକ ରୋମାଞ୍ଚକ ୩ ଗେମ୍ ବିଶିଷ୍ଟ ମ୍ୟାଚରେ ଚାଇନାର ଜୁନ୍ ପେଙ୍ଗ୍ ଝାଓଙ୍କୁ ୨୧-୧୫, ୧୫-୨୧ ଓ ୨୨-୨୦ରେ ପରାସ୍ତ କରିଥିଲେ। ଶ୍ରୀକାନ୍ତ ଓ ଲକ୍ଷ୍ୟ ବର୍ତ୍ତମାନ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିଥିବା ଅନ୍ୟ ଭାରତୀୟଙ୍କ ସହ ଯୋଗ ଦେଇଛନ୍ତି। ପୂର୍ବରୁ ପଦକ ଜିତିଥିବା ଅନ୍ୟ ଭାରତୀୟମାନେ ହେଲେ କିମ୍ବଦନ୍ତୀ ପ୍ରକାଶ ପାଦୁକୋନ୍ (୧୯୮୩ ବ୍ରୋଞ୍ଜ୍) ଓ ବି. ସାଇ ପ୍ରଣିଥ (୨୦୧୯ ବ୍ରୋଞ୍ଜ୍)।

# ଚାମ୍ପିୟନ କିଟ୍‌କୁ ସର୍ବଭାରତୀୟ ଯୋଗ୍ୟତା

**ଭୁବନେଶ୍ୱର, ୧୭।୧୨**
**(କ୍ରୀଡ଼ା ପ୍ରତିନିଧି)**

ଛତିଶଗଡ଼ର ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ପରିସରରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ (ପୁରୁଷ) ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିସହ କିଟ୍ ବିଶ୍ୱବିଦ୍ୟାଳୟ ଖେଲୋ

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ**

ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଏବଂ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଚାମ୍ପିୟନ ଦଳରେ କବିର ହନ୍ସ, ଜଷ୍ଟିନ କଶୁଇଗୁଆଙ୍ଗ ଓ ଆଶିଷ କୁମାର ପରିଡ଼ା ଖେଳାଳି ଏବଂ ଜୟେଶ ମଙ୍ଗେଲା କୋଚ୍ ଥିଲେ। ପୂର୍ବାଞ୍ଚଳ ପ୍ରତିଯୋଗିତାରେ ମୋଟ ୪ଟି ଦଳ ଭାଗ ନେଇଥିଲେ। ଲିଗ୍ ପର୍ଯ୍ୟାୟରେ କିଟ୍ ଅନ୍ୟ ୩ଟି ଯାକ ଦଳ ଗୁଆହାଟୀ ବିଶ୍ୱବିଦ୍ୟାଳୟକୁ ୩-୦, ଯାଦବପୁର ବିଶ୍ୱବିଦ୍ୟାଳୟକୁ ୨-୧ ଓ ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠକୁ ୨-୧ ସେଟ୍‌ରେ ପରାସ୍ତ କରିଥିଲା। ପ୍ରତିଯୋଗିତା ଶେଷରେ କିଟ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବାରାଣସୀର ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ ଦ୍ୱିତୀୟ, କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟ ତୃତୀୟ ଓ ଗୁଆହାଟୀ ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଆକର୍ଷଣୀୟ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିବା ଦଳର ଖେଳାଳି ଓ କୋଚ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ଚାମ୍ପିୟନ କିଟ୍ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ଭାରତର ପ୍ରଥମ ପରାଜୟ

**ଢାକା, ୧୭।୧୨ (ପି.ଟି.):** ୧୯ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ) ଚାମ୍ପିୟନଶିପ୍‌ରେ ଭାରତ ପ୍ରଥମ ପରାଜୟ ବରଣ କରିଛି। ଶ୍ରୀଲଙ୍କା ଓ ଭୁଟାନ ବିପକ୍ଷରେ ସହଜ ବିଜୟ ପରେ ଶୁକ୍ରବାର ବାଂଲାଦେଶଠାରୁ ୧ ମାତ୍ର ଗୋଲରେ ପରାଜିତ ହୋଇଛି ଭାରତ। ଖେଳର ୭ମ ମିନିଟ୍‌ରେ ଶାମସୁନାରହାରଙ୍କ ପେନାଲ୍‌ଟି କିକ୍ ଆୟୋଜକ ଦେଶକୁ ମ୍ୟାଚ ଜିତାଇଥିଲା। ପ୍ରଥମାର୍ଦ୍ଧ ଖେଳରେ ୦-୧ରେ ପଛୁଆ ରହିଥିବା ଭାରତ ଦ୍ୱିତୀୟାର୍ଦ୍ଧରେ ଅପେକ୍ଷାକୃତ ଭଲ ଖେଳିଥିଲା। ବଲ୍‌କୁ ଅଧିକାଂଶ ସମୟ ନିଜ ଅକ୍ତିଆରେ ରଖିବା ସହ ବିପକ୍ଷ ଦଳର ଗୋଲ ପୋଷ୍ଟ ଉପରେ ଆକ୍ରମଣ କରିଥିଲା। ଭାରତ ପରବର୍ତ୍ତୀ ମ୍ୟାଚ ରବିବାର ନେପାଳ ବିପକ୍ଷରେ ଖେଳିବ। ଏଥିରେ ବିଜୟ ଲାଭ କଲେ ଫାଇନାଲରେ ପ୍ରବେଶ କରିବ।

# ଫାଇନାଲରେ ଢେଙ୍କାନାଳ

**ନୟାଗଡ଼ ଅଫିସ, ୧୭।୧୨**

ନୟାଗଡ଼ ଜିଲା ଭାପୁର ବ୍ଲକର ଫତେଗଡ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଫତେଗଡ ନାଲିସାଗର ଖେଳପଡିଆରେ ରାଜ୍ୟସ୍ତରୀୟ ୧୨ତମ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଚାଲୁ ରହିଛି। ଏହାର ୬ଷ୍ଠ ଦିବସ ପ୍ରଥମ ସେମି ଫାଇନାଲ ମ୍ୟାଚରେ ସୁର ପ୍ରତାପ କ୍ରିକେଟ କ୍ଲବ ଢେଙ୍କାନାଳ ୪ ଉଇକେଟରେ ରାଇଜିଂ ଷ୍ଟାର କୁମାରବସ୍ତକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ଟସ୍ ଜିତ କୁମାରବସ୍ତ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୨୯ ରନ କରିଥିଲା। ଅନ୍ୟପକ୍ଷେ ସୁର ପ୍ରତାପ କ୍ରିକେଟ ଦଳ ଢେଙ୍କାନାଳ ବିଜୟୀ ହେବାକୁ ୨୩୦ ରନକୁ ଆଖି ଆଗରେ ରଖି ସଂଘର୍ଷପୂର୍ଣ୍ଣ ୬ ଉଇକେଟ ହରାଇ ୨୪.୫ ଓଭରରେ ୨୩୩ ରନ କରିଥିଲା। ଢେଙ୍କାନାଳର ତନ୍ମୟ ମହାନ୍ତି ୪୯ ବଲରେ ୧୦ ଚକା, ୯ ଚୌକା ମାରି ୧୧୧ ରନ କରି ଦଳକୁ ବିଜୟୀ କରାଇଲେ। ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ଦ୍ୱିଜେନ୍ଦ୍ର ଘୋଷ ଓ ଦୁର୍ଗାପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ଧାରା ବିବରଣୀ ସରୋଜ ମହାପାତ୍ର ଓ ସ୍କୋରର ଭାବେ ବୁବୁ ସିହ୍ନା ନିୟୋଜିତ ଥିଲେ। ମୁଖ୍ୟଅତିଥି ଭାବେ ଅଭିନେତ୍ରୀ ଏଲିନା ଦାସ ଓ ସମ୍ମାନିତ ଅତିଥି ରୂପେ ସାମାଜିକ କର୍ମୀ ପୀତବାସ ଗୋଛି, ସୁଧାଂଶୁ କୁମାର ବାଲା ପ୍ରମୁଖ ଯୋଗ ଦେଇଥିଲେ।




# ନର୍ଥଇଷ୍ଟର ଦ୍ୱିତୀୟ ବିଜୟ

**ଫତୋର୍ଦା, ୧୭।୧୨:** ଇଣ୍ଡିଆନ ସୁପରଲିଗ୍‌ରେ ଶୁକ୍ରବାର ନର୍ଥଇଷ୍ଟ ୟୁନାଇଟେଡ ୨-୦ ଗୋଲରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଭି.ପି. ସୁହେର ୬୦ ଓ ପ୍ୟାଟ୍ରିକ ଫ୍ଲୋଟ୍‌ମାନ ୬୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଟୁର୍ନାମେଣ୍ଟରେ ଦ୍ୱିତୀୟ ବିଜୟ ସହ ନର୍ଥଇଷ୍ଟର ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି।

# ରିୟଲ ମାଡ୍ରିଡ୍ ଦଳର ଆଉ ୪ ପଜିଟିଭ୍

**ମାଡ୍ରିଡ୍, ୧୭।୧୨ (ଏପି):** ରିୟଲ ମାଡ୍ରିଡ୍ ଫୁଟ୍‌ବଲ ଦଳର ଆଉ ୪ ଜଣ ଖେଳାଳି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନେ ହେଲେ ଗ୍ୟାରେଥ ବାଲେ, ମାର୍କୋ ଆସେନ୍‌ସିଓ, ରୋଡ୍ରିଗୋ ଓ ଆଣ୍ଡ୍ରି ଲୁନିନ୍। ଦଳର ଜଣେ ସହକାରୀ କୋଚ୍ ମଧ୍ୟ କରୋନା ସଂକ୍ରମିତ ହୋଇଛନ୍ତି। ଦଳର ଲୁକା ମୋଡ୍ରିକ୍ ଓ ମାର୍ସେଲୋଙ୍କର କୋଭିଡ୍ ପଜିଟିଭ ବୋଲି ସ୍ପାନିଶ କ୍ଲବ ତରଫରୁ ଗୁରୁବାର ଘୋଷଣା କରାଯାଇଥିଲା। ସଂକ୍ରମିତ ହୋଇଥିବା ସହକାରୀ କୋଚ୍ ଡେଭିଡ୍ ଆନ୍‌ସେଲୋଟି ମୁଖ୍ୟ କୋଚ୍ କାର୍ଲୋ ଆନ୍‌ସେଲୋଟିଙ୍କ ପୁଅ।

# ଇଂଲଣ୍ଡକୁ ୮ ଡବ୍ଲ୍ୟୁଟିସି ପଏଣ୍ଟ ଜରିମାନା

**ଦୁବାଇ, ୧୭।୧୨ (ପି.ଟି.):** ବ୍ରିସ୍‌ବେନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ସ୍ଲୋ ଓଭର ରେଟ୍ ବୋଲିଂ ପାଇଁ ଇଂଲଣ୍ଡକୁ ୫ ନୁହେଁ ୮ ଡବ୍ଲ୍ୟୁଟିସି (ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍) ପଏଣ୍ଟ ଜରିମାନା କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶୁକ୍ରବାର ଏବିଷୟରେ ସ୍ପଷ୍ଟ କରିଦିଆଯାଇଛି। ଆଇସିସି କିନ୍ତୁ ଗତ ସପ୍ତାହରେ ବ୍ରିସ୍‌ବେନ୍‌ରେ ସ୍ଲୋ ଓଭର ରେଟ୍ ପାଇଁ ଇଂଲଣ୍ଡକୁ ୫ ଡବ୍ଲ୍ୟୁଟିସି ପଏଣ୍ଟ ସହ ଶତ ପ୍ରତିଶତ ମ୍ୟାଚ୍ ଫି' ଜରିମାନା କରିଥିଲା। ମାତ୍ର ପରେ ଜଣାପଡ଼ିଥିଲ ଯେ, ପ୍ରକୃତରେ ଭ୍ରମଣକାରୀ ଦଳ ଟାର୍ଗେଟ୍‌ଠାରୁ ୮ ଓଭର ପଛରେ ରହିଯାଇଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୮/୨୦୨୧ (୮+୮=୧୬ ପୃଷ୍ଠା) Bhubaneswar, Saturday, December 18/2021 ପୃଷ୍ଠା-୧



## ମନସା ବାରାଣସୀଙ୍କୁ କରୋନା

ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ-୨୦୨୦ ବିଜୟିନୀ ମନସା ବାରାଣସୀଙ୍କ ସମେତ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାର ୧୭ ପ୍ରତିଯୋଗୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି।

୦୨

୦୮

## ଭାରତ ସେମିଫାଇନାଲରେ

ହରମନପ୍ରୀତ ସିଂଙ୍କ ଡବଲ ଗୋଲ ବଳରେ ଭାରତ ୩-୧ ଗୋଲରେ ପାକିସ୍ତାନକୁ ହରାଇ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ସେମିଫାଇନାଲରେ ପ୍ରବେଶ କରିଛି।



# ଇସି ସହ ପିଏମ୍‌ଓ ବୈଠକକୁ ନେଇ ଝଡ଼

**ଆଗକୁ ଉତ୍ତରପ୍ରଦେଶ ସମେତ ଅନ୍ୟାନ୍ୟ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କ ସହ ଅନୌପଚାରିକ ଭାବେ ଏକ ବୈଠକ କରିଛି। ଏହା ଉପରେ ପୂର୍ବତନ ସିଇସିଙ୍କ ସମେତ ବିରୋଧୀ ଦଳ ସରକାରଙ୍କ ଉପରେ ଅଙ୍ଗୁଳି ଉଠାଇଛନ୍ତି। ନିର୍ବାଚନକୁ ନିୟନ୍ତ୍ରଣ କରିବାକୁ ଭାଜପା ସରକାର ନିର୍ବାଚନ କମିଶନ ଭଳି ଏକ ସ୍ୱତନ୍ତ୍ର ସାମ୍ବିଧାନିକ ଅନୁଷ୍ଠାନକୁ ବ୍ୟବହାର କରିବା ଦୁର୍ଭାଗ୍ୟଜନକ ବୋଲି ବିରୋଧୀ କଂଗ୍ରେସ କହିଛି। ସରକାର ଇସିଙ୍କ ସହ ଆନୁଷ୍ଠାନିକ କିମ୍ବା ଅନୌପଚାରିକ ଭାବେ କୌଣସି ବୈଠକ କରିପାରିବେନି ବୋଲି ନିୟମ ଥିବାବେଳେ ଏହି ବାର୍ତ୍ତାଳାପ ସମ୍ପୂର୍ଣ୍ଣ ଅସାମ୍ବିଧାନିକ ବୋଲି କହିଛନ୍ତି ପୂର୍ବତନ ସିଇସି ଏସ୍. ୱାଇ. କ୍ୟୁରେଶୀ। ଏହାକୁ ନେଇ ଏବେ ବିବାଦ ଦେଖାଦେଇଥିବାବେଳେ ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**


ସୁଶୀଲ ଚନ୍ଦ୍ରା


ଅନୁପ ଚନ୍ଦ୍ର ପାଣ୍ଡେ


ରାଜୀବ କୁମାର

- **ଗ୍ରହଣୀୟ ନୁହେଁ, ଅସାମ୍ବିଧାନିକ:ପୂର୍ବତନ ସିଇସି**
- **ନିରପେକ୍ଷ ହୋଇପାରିବନି ନିର୍ବାଚନ: ଖାର୍ଗେ**

**ନୂଆଦିଲ୍ଲୀ, ୧୭।୧୨**

ମୁଖ୍ୟ ନିର୍ବାଚନ କମିଶନର(ସିଇସି) ସୁଶୀଲ ଚନ୍ଦ୍ରା ଏବଂ ଦୁଇ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ଅନୁପ ଚନ୍ଦ୍ର ପାଣ୍ଡେଙ୍କ ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ବୈଠକ କରିଛି। ପିଏମ୍‌ଓର ଡାକରା ପାଇ ନିର୍ବାଚନ କମିଶନ(ଇସି) ଗତ ନଭେମ୍ବର ୧୬ରେ ଅନୌପଚାରିକ ଭାବେ ଭର୍ଚୁଆଲ ବାର୍ତ୍ତାଳାପ କରିଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନରମାନେ ଏହାକୁ ଅସାମ୍ବିଧାନିକ ବୋଲି କହିଛନ୍ତି। ବିରୋଧୀ କଂଗ୍ରେସ ଏ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ଯଦି ଇସି ଭଳି ଏକ ନିରପେକ୍ଷ ତଥା ସ୍ୱତନ୍ତ୍ର ସାମ୍ବିଧାନିକ ସଂସ୍ଥା ପିଏମ୍‌ଓ ସହ ବୈଠକରେ ସାମିଲ ହୁଏ ତେବେ ନିର୍ବାଚନ କିପରି ନିରପେକ୍ଷ ହୋଇପାରିବ ବୋଲି କଂଗ୍ରେସ ବରିଷ୍ଠ ନେତା ତଥା ରାଜ୍ୟ ସଭାରେ ବିରୋଧୀ ନେତା ମଲ୍ଲିକାର୍ଜୁନ ଖାର୍ଗେ ପ୍ରଶ୍ନ ଉଠାଇଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ନେତା ମନିଷ ତିୱାରୀ ଲୋକ ସଭାରେ ମୁଲତବୀ ପ୍ରସ୍ତାବ ଆଗତ କରିଛନ୍ତି।

ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ନଭେମ୍ବର ୧୬ରେ ଅନୁଷ୍ଠିତ ଏହି ବୈଠକ ପୂର୍ବରୁ ନିର୍ବାଚନ କମିଶନକୁ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏକ ଚିଠି ଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ପି. କେ. ମିଶ୍ର 'ସାଧାରଣ ଭୋଟର ତାଲିକା' ସହିତ ନିର୍ବାଚନୀ ସଂସ୍କାର ଉପରେ ଏକ ବୈଠକ କରିବେ ଏବଂ ଏଥିରେ ମୁଖ୍ୟ ନିର୍ବାଚନ କମିଶନର ଓ ଦୁଇ ନିର୍ବାଚନ କମିଶନର ଉପସ୍ଥିତ ରହିବାକୁ ଉକ୍ତ ଚିଠିରେ ଲେଖାଥିଲା। ପିଏମ୍‌ଓ ପକ୍ଷରୁ ଏପରି ଚିଠି ଇସିକୁ ସମନ କରାଯାଇଥିବା ଢଙ୍ଗରେ ଲେଖାଯାଇଥିବା ଏବଂ ଏହା ଦ୍ୱାରା ସମ୍ବିଧାନର ମାନଦଣ୍ଡ ଉଲ୍ଲଂଘନ ହୋଇଥିବା ଅଭିଯୋଗ ଆସିଛି। ମୁଖ୍ୟ ନିର୍ବାଚନ କମିଶନର ପ୍ରଥମେ ଏହି ବୈଠକରେ ଯୋଗଦେବେ ନାହିଁ ବୋଲି କହିଥିଲେ ମଧ୍ୟ ପରେ ଅନୌପଚାରିକ ଭାବେ ସିଇସିଙ୍କ ସମେତ ଅନ୍ୟ ଦୁଇ ଜଣ ଇସି ସଚିବ ମିଶ୍ରଙ୍କ ସହ ବାର୍ତ୍ତାଳାପ କରିଥିଲେ।

ପିଏମ୍‌ଓ ସହ ମୁଖ୍ୟ ନିର୍ବାଚନ କମିଶନରଙ୍କ ଏଭଳି ବୈଠକକୁ ୩ ଜଣ ପୂର୍ବତନ ସିଇସି ସମାଲୋଚନା କରିଛନ୍ତି। ପୂର୍ବତନ ସିଇସି ଏସ୍. ୱାଇ କ୍ୟୁରେଶୀ କହିଛନ୍ତି, ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ପିଏମ୍‌ଓ ଏପରି ବୈଠକ କରି ନିର୍ବାଚନ କମିଶନରଙ୍କୁ ଡାକି ପାରିବେ ନାହିଁ। ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାର ପାଇଁ କ'ଣ ସରକାର ପ୍ରଧାନ ବିଚାରପତି ଏବଂ ସୁପ୍ରିମକୋର୍ଟର ଅନ୍ୟ ବିଚାରପତିଙ୍କୁ ଡାକି ଆଲୋଚନା କରିପାରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଅନୌପଚାରିକ ବାର୍ତ୍ତାଳାପ କ'ଣ ଥିଲା? ନିର୍ବାଚନ କମିଶନରଙ୍କ ସହ ସରକାର କୌଣସି ଆନୁଷ୍ଠାନିକ କିମ୍ବା ଅନୌପଚାରିକ କଥାବାର୍ତ୍ତା ହୋଇପାରିବେ ନାହିଁ। ଏପରିକି ନିଜେ ପ୍ରଧାନମନ୍ତ୍ରୀ ମଧ୍ୟ ସିଇସିଙ୍କୁ ଏକ ବୈଠକକୁ ଡାକିପାରିବେ ନାହିଁ ବୋଲି କ୍ୟୁରେଶୀ କହିଛନ୍ତି। ☞ପୃଷ୍ଠା-୬

## ୫,୧୫୨ ଲକ୍ଷର ୪ ଭିତ୍ତିଭୂମି ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

ରାଜ୍ୟରେ ଶିଳ୍ପ ଭିତ୍ତିଭୂମି ବିକାଶ ଲାଗି ରାଜ୍ୟ ସରକାର ୫,୧୫୨ ଲକ୍ଷ ଟଙ୍କାର ୪ଟି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଳ୍ପ ଭିତ୍ତିଭୂମି ବିକାଶ ପାଣ୍ଠି(ଆଇଡିଏଫ୍) ସମ୍ପର୍କିତ ଆନ୍ତଃ ବିଭାଗ ସମନ୍ୱୟ କମିଟି ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ଦିଆଯାଇଛି। ସେଥିମଧ୍ୟରେ ବାଲେଶ୍ୱର ଶିଳ୍ପାଞ୍ଚଳକୁ ଜଳ ଯୋଗାଣ ପାଇଁ ୨,୭୪୫ ଲକ୍ଷ ଟଙ୍କା ପ୍ରକଳ୍ପ ରହିଥିବାବେଳେ ଡେରାଶ ଫୁଡ୍ ପାର୍କ ବାହାର ପାର୍ଶ୍ୱରେ ଭାରିଯାନ ଯାତାୟାତ ନିମନ୍ତେ ସଡ଼କ ପ୍ରକଳ୍ପ ପାଇଁ ୪୮୩ ଲକ୍ଷ ଟଙ୍କା, ଧାମନଗର ଟେକ୍ସଟାଇଲ ପାର୍କକୁ ଜଳଯୋଗାଣ ସକାଶେ ୧୧୦୦ ଲକ୍ଷ ଟଙ୍କାର ପ୍ରକଳ୍ପ ରହିଛି। ରାଜ୍ୟରେ ସମସ୍ତ ଶିଳ୍ପାଞ୍ଚଳକୁ ଉତ୍ତମ ସଡ଼କ, ଉଚ୍ଚମାନର ବିଦ୍ୟୁତ୍ ଯୋଗାଣ, ପାଇପ୍ ପାଣି ଓ ଡ୍ରେନ୍ ଆଦି ନିଶ୍ଚିତ କରିବା ସକାଶେ ମୁଖ୍ୟ ଶାସନ ସଚିବ ଶିଳ୍ପ ବିଭାଗ, ଏମ୍‌ଏସ୍‌ଏମ୍‌ଇ ଏବଂ ଇଡ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପୂର୍ବରୁ ୨ଟି ପର୍ଯ୍ୟାୟରେ ଅନୁମୋଦନ ପାଇଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା। ଶିଳ୍ପ ସଚିବ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ସଚିବ ସତ୍ୟବ୍ରତ ସାହୁ, ଇଡ୍‌କୋ କାର୍ଯ୍ୟନିର୍ବାହୀ ଅଧିକାରୀ ଭୂପିନ୍ଦର ସିଂହ ପୁନିଆଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ରାଜ୍ୟ ସବିଶେଷ ପ୍ରସ୍ତାବ ଦେଇନାହିଁ: କେନ୍ଦ୍ର

### ଓଡ଼ିଶା ହାଇକୋର୍ଟ ବେଞ୍ଚ ସ୍ଥାପନ

**ନୂଆଦିଲ୍ଲୀ, ୧୭।୧୨**

ଓଡ଼ିଶା ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟରୁ ସବିଶେଷ ପ୍ରସ୍ତାବ ମିଳି ନ ଥିବା କେନ୍ଦ୍ର ସରକାର ଶୁକ୍ରବାର ଲୋକ ସଭାରେ କହିଛନ୍ତି। ଭାଜପା ଏମ୍‌ପି ବସନ୍ତ ପଣ୍ଡା, କଂଗ୍ରେସ ସଦସ୍ୟ ସପ୍ତଗିରି ଉଲାକାଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଲାଗି ରାଜ୍ୟ ସରକାର ଅନୁରୋଧ କରିଥିଲେ। ଏନେଇ ହାଇକୋର୍ଟଙ୍କ ସହ ପରାମର୍ଶ କରି ବେଞ୍ଚ ସ୍ଥାପନ ହେବାକୁ ଥିବା ସ୍ଥାନ ସମେତ ସବିଶେଷ ପ୍ରସ୍ତାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ଓଡ଼ିଶା ସରକାର ଏହାର ଜବାବ ଦେଇ ନାହାନ୍ତି। ☞ପୃଷ୍ଠା-୬




ORISSA: BRAHMAPUR: CITY MALL, TELEPHONE BHAVAN ROAD, BRAHMAPUR (GM.), PIN-760001 MOB:7557794058 | CUTTACK: BADAMBAADI, CUTTACKBRAJRAJ COMPLEX, BADAMBADI, P.S. BADAMBADI, DIST- CUTTACK, PIN: 753012 MOB: 8093680833 | BHUBANESWAR: MOUZ-JAYADEV VIHAR,PIN-751013 MOB: 8280151273 | JEYPORE: RCC COMPLEX, MAUZA, JAGADHATRIPUR OF JEYPORE TOWN, MAIN ROAD AUROBINDA NAGAR PARABEDA, JEYPORE, DIST-KORAPUT, PIN-764001 MOB:6370770265 | PATRAPADA: NH -5,NEAR INDIAN OIL PETROL PUMP, PIN-751019 MOB: 7008103130 | PATIA: NEAR AXIS BANK, BHUWNASHWAR PATIA PIN-751024 MOB: 8280151273 | JAJPUR: MOUZA BHATIA, JAJPUR ROAD, JAJPUR, PIN-755019 MOB: 6371134485 | ANGUL : MZ-ANGUL TOWN, PIN : 759122 MOB 9776969663 | BALASORE: DISTRICT COLLECTORATE- BALASORE, SRO - BALASORE, P.S- TOWN, MOUZA- BAGBRUNDABAN PIN - 756001 MOB: 9090302380 | BHADRAK: MOUZA- MATHASAHI, BHADRAK, PIN - 756100 MOB: 8310144239 | NIMAPADA: DOLABEDI NIMAPADA CHOWK, PO - NIMAPADA, P.S. - NIMAPADA, DIST. PURI, PIN- 752106 MOB: 9337005232 | SUNDARGARH: KISAM - GHARABARI-1, SUNDARGARH, PIN - 766107 MOB: 8480871412 | RAJKHARIAR: NEAR AXIS BANK, COLLAGE ROAD KHARIAR, NUAPADA PIN-766107 | ROURKELA: MOUZA- R.T.U. NO-36, VILL/PS- UDITNAGAR, PIN-769012 MOB: 9337273758 | BARIPADA: PURNCHADRA PUR (MURGABADI CHOWK) - P.O., P.S.-BARIPADA, DIST - MAYURBHANJ, PIN 757002.

*TERMS & CONDITIONS APPLY: OFFER VALID TILL STOCKS LAST. PRICES & OFFERS ARE SUBJECT TO CHANGE AND CAN BE WITHDRAWN WITHOUT PRIOR NOTICE. QUANTITY RESTRICTIONS APPLY. PRODUCT PICTURES ARE INDICATIVE OF THE OFFERS ONLY AND MAY NOT MATCH WITH THE ACTUAL PRODUCTS. OFFERS FOR RETAIL CUSTOMERS ONLY. OFFERS MAY VARY AS PER LOCATION. INCASE OF ANY DISPUTE V2 RESERVES THE RIGHT TO TAKE THE FINAL DECISION. ALL MAJOR CREDIT CARDS ARE ACCEPTED.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୮ ଡିସେମ୍ବର, ୨୦୨୧



**ସଂକ୍ଷେପରେ**

## ବିଷାକ୍ତ ମଦ ପିଇ ୨୨ ମୃତ

**ଆଙ୍କାରା, ୧୭।୧୨:** ଇସ୍ତାନବୁଲ୍‌ରେ ବିଷାକ୍ତ ମଦ ପିଇ ୨୨ ଜଣଙ୍କ ଜୀବନ ଯାଇଛି ଓ ଅନ୍ୟ ୧୬ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ଅବସ୍ଥା ଗୁରୁତର ଥିବା ସ୍ଥାନୀୟ ଗଭର୍ନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ମୃତକଙ୍କ ମଧ୍ୟରୁ ୧୧ ଜଣ ଓ ଅସୁସ୍ଥଙ୍କ ମଧ୍ୟରୁ ୫ ଜଣ ବିଦେଶୀ ନାଗରିକ। ନୂଆବର୍ଷ ପାଳନ ପୂର୍ବରୁ ତୁର୍କୀରେ ନକଲି ମଦ ଉପରେ ଚଢ଼ାଉ ଜୋର୍‌ଦାର କରାଯାଇଛି। ବିଷାକ୍ତ ମଦ ପ୍ରସାର ସହ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରାଯାଇଛି।

## ‘ତାମିଲ ଥାଇ ବାଝ୍ଥୁ’ ତାମିଲନାଡୁ ରାଜ୍ୟ ସଙ୍ଗୀତ

**ଚେନ୍ନାଇ, ୧୭।୧୨:** ତାମିଲନାଡୁ ସରକାର ‘ତାମିଲ ଥାଇ ବାଝ୍ଥୁ’କୁ ରାଜ୍ୟ ସଙ୍ଗୀତ ଘୋଷଣା କରିଛନ୍ତି। ଏଣିକି ସମସ୍ତ ଜନ କାର୍ଯ୍ୟକ୍ରମ, ଶିକ୍ଷାନୁଷ୍ଠାନ ଏବଂ ସରକାରୀ କାର୍ଯ୍ୟାଳୟରେ ଏହି ସଙ୍ଗୀତ ଗାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ କହିଛନ୍ତି। ଏହି ସଙ୍ଗୀତ ଗାନବେଳେ ଦିବ୍ୟାଙ୍ଗଙ୍କ ବ୍ୟତୀତ ଅନ୍ୟମାନେ ୫୫ ସେକେଣ୍ଡ ପର୍ଯ୍ୟନ୍ତ ଛିଡ଼ା ହୋଇ ସମ୍ମାନ ଜଣାଇବେ ବୋଲି କୁହାଯାଇଛି।

## ଝିଅଙ୍କ ବିବାହ ବୟସ ବୃଦ୍ଧିକୁ ଖାପ୍ ନେତାଙ୍କ ବିରୋଧ

**ମୁଜାଫରନଗର, ୧୭।୧୨:** ଝିଅମାନଙ୍କ ସର୍ବନିମ୍ନ ବିବାହ ବୟସ ୧୮ରୁ ୨୧କୁ ବଢ଼ାଇବା ପାଇଁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତିକୁ ଉତ୍ତରପ୍ରଦେଶର କେତେଜଣ ଖାପ୍ ନେତା ବିରୋଧ କରିଛନ୍ତି। ଏହା ସମାଜରେ ଖରାପ ପ୍ରଭାବ ପକାଇବା ସହ ମହିଳାଙ୍କ ପ୍ରତି ଅପରାଧ ବୃଦ୍ଧି କରିବ ବୋଲି ସେମାନେ ମତ ଦେଇଛନ୍ତି। ପୁଅଙ୍କ ଭଳି ଝିଅମାନଙ୍କ ବିବାହ ବୟସ ୨୧ କରିବା ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିଲା। ଚଳିତ ଶୀତ ଅଧିବେଶନରେ ସରକାର ଏନେଇ ବିଲ୍ ଆଣିପାରନ୍ତି। କାଲଖଣ୍ଡେ ଖାପ୍ ମୁଖ୍ୟ ଚୌଧୁରୀ ସଞ୍ଜୟ କାଲଖଣ୍ଡେ କହିଛନ୍ତି, ଝିଅମାନଙ୍କ ବିବାହ ବୟସ ବଢ଼ିଲେ ସମାଜ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। କିଶୋର କିଶୋରୀଙ୍କ ଉପରେ ସୋସିଆଲ ମିଡିଆ ପ୍ରଭାବ ପଡୁଛି। ଫଳରେ ୧୪ ବର୍ଷରେ ଝିଅମାନେ ବିବାହ ପାଇଁ ଉପଯୁକ୍ତ ହୋଇଯାଉଛନ୍ତି ବୋଲି ସେ କହିଛନ୍ତି। ସେହିପରି ସରକାରଙ୍କ ନିଷ୍ପତ୍ତି ମହିଳାଙ୍କ ପ୍ରତି ଅପରାଧ ବଢ଼ାଇବ ବୋଲି ଗଠ୍ୱାଲା ଖାପ୍ ମୁଖ୍ୟ ବାବା ଶ୍ୟାମ ସିଂ କହିଛନ୍ତି। କେବଳ ଖାପ୍ ନେତା ନୁହନ୍ତି, ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଶଫିକୁର ରହମନ ବାର୍କ ମଧ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ବିବାହ ବୟସ ବଢ଼ିଲେ ଝିଅମାନେ ଅନୈତିକ ବ୍ୟବହାର ଓ ଭ୍ରଷ୍ଟାଚାରରେ ଲିପ୍ତ ହେବେ ବୋଲି ଶଫିକୁର କହିଛନ୍ତି।

# ପଶ୍ଚିମବଙ୍ଗର ତଦନ୍ତ ଉପରେ ସ୍ଥଗିତାଦେଶ

**ନୂଆଦିଲ୍ଲୀ, ୧୭।୧୨**

ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଗଠିତ ଜଷ୍ଟିସ୍ ଲୋକୁର କମିଶନ ଦ୍ୱାରା ପେଗାସସ୍ ଗୁପ୍ତଚରଗିରି ମାମଲାର ତଦନ୍ତ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ସ୍ଥଗିତାଦେଶ ଦେଇଛନ୍ତି। ଫଳରେ ମମତା ବାନାର୍ଜୀ ସରକାରଙ୍କୁ ଶକ୍ତ ଝଟ୍‌କା ଲାଗିଛି। ସର୍ବୋଚ୍ଚ ଅଦାଲତ ମାମଲାର ନିରପେକ୍ଷ ତଦନ୍ତ ଲାଗି ପୂର୍ବରୁ ନିର୍ଦ୍ଦେଶ ଦେଇଥିବାବେଳେ ରାଜ୍ୟ ସରକାର କମିଶନ ଗଠନ କରିବା ଘଟଣାରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପଶ୍ଚିମବଙ୍ଗ ସରକାରଙ୍କ ତଦନ୍ତ କମିଶନ ଗଠନକୁ ଚ୍ୟାଲେଞ୍ଜ କରି ଏକ ଏନ୍‌ଜିଓ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରାଯାଇଥିଲା।






### ପେଗାସସ୍ ବିବାଦ

ଇସ୍ରାଏଲୀ ସ୍ପାଏୱେର ପେଗାସସ୍ ବିବାଦର ନିରପେକ୍ଷ ତଦନ୍ତ ଲାଗି ସୁପ୍ରିମକୋର୍ଟ ଗତ ଅକ୍ଟୋବରରେ ବିଶେଷଜ୍ଞମାନଙ୍କର ଏକ କମିଟି ଗଠନ କରିଥିଲେ। କୌଣସି ବ୍ୟକ୍ତିବିଶେଷଙ୍କ ବିରୋଧରେ ଗୁପ୍ତଚରଗିରିକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଥିଲେ। ଏହି ସ୍ପାଏୱେରକୁ ବ୍ୟବହାର କରାଯାଇ ବେଆଇନ ଭାବେ ଗୁପ୍ତଚର ବୃତ୍ତି କରାଯାଉଥିବା ଅଭିଯୋଗର ଅନୁଧ୍ୟାନ କରିବା ଲାଗି ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏମ୍.ବି. ଲୋକୁରଙ୍କ ନେତୃତ୍ୱରେ ୨ ଜଣିଆ କମିଟି ଗଠନ କରିଥିଲେ। ସୁପ୍ରିମକୋର୍ଟ ଉକ୍ତ କମିଶନଙ୍କୁ ନୋଟିସ ଜାରି କରି ଏନ୍‌ଜିଓ ଗ୍ଲୋବାଲ ଭିଲେଜ ଫାଉଣ୍ଡେଶନ ଦାଖଲ କରିଥିବା ପିଟିଶନ ଉପରେ ଜବାବ ମାଗିଛନ୍ତି। ଏହା କ’ଣ ହେଉଛି ବୋଲି ସିଜେଆଇ ଜଷ୍ଟିସ୍ ରମନା ପଶ୍ଚିମବଙ୍ଗ ସରକାରଙ୍କ ଓକିଲ ଅଭିଷେକ ମନୁ ସିଙ୍ଘ୍‌ଭିଙ୍କୁ ପ୍ରଶ୍ନ କରିଥିଲେ। ପୂର୍ବ ଶୁଣାଣି ବେଳେ କିଛି କରିବ ନାହିଁ ବୋଲି ଲିଖିତ ଭାବେ ଜଣାଇ ଏବେ ତଦନ୍ତ କମିଶନ ଗଠନ କଲ କିପରି ବୋଲି ସିଜେଆଇ ପଚାରିଥିଲେ। ସୁପ୍ରିମକୋର୍ଟ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ କିଛି ନ କରିବା ଲାଗି କମିଶନଙ୍କୁ କୁହାଯାଇଥିବା ସିଙ୍ଘ୍‌ଭି ଅଦାଲତଙ୍କୁ ଜଣାଇଥିଲେ।

ସୂଚନାଯୋଗ୍ୟ, ପେଗାସସ୍ ବ୍ୟବହାର କରାଯାଇ ଦେଶର ୨ ମନ୍ତ୍ରୀ, ୪୦ରୁ ଅଧିକ ଖବରଦାତା, ୩ ବିରୋଧୀ ଦଳ ନେତା, ଜଣେ ବିଚାରପତି, ସାମାଜିକ କର୍ମୀଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୋବାଇଲ ଫୋନ୍ ନମ୍ବର ଯାଞ୍ଚ ହୋଇଥିବା ଅନ୍ତର୍ଜାତୀୟ ଗଣମାଧ୍ୟମ ସଂଘ ପକ୍ଷରୁ ଏକାଧିକ ରିପୋର୍ଟରେ ଅଭିଯୋଗ କରାଯାଇଥିଲା। ସରକାର ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ସ୍ୱଚ୍ଛତା ଅବଲମ୍ବନ କରୁ ନ ଥିବା ବିରୋଧୀ ଅଭିଯୋଗ କରିବା ସହ ସ୍ପଷ୍ଟୀକରଣ ମାଗିଥିଲେ।

## ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ସ୍ଥଗିତ


ମନସା ବାରାଣସୀ

### ମନସାଙ୍କ ସହ ୧୭ ପ୍ରତିଯୋଗୀଙ୍କୁ କରୋନା

**ନୂଆଦିଲ୍ଲୀ, ୧୭।୧୨**

ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା-୨୦୨୧ର ଗ୍ରାଣ୍ଡ ଫିନାଲେ ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଗୁରୁବାର ଏହାକୁ ସ୍ଥଗିତ ରଖାଯାଇଛି। ଭାରତର ନେତୃତ୍ୱ ନେଉଥିବା ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ-୨୦୨୦ ବିଜୟିନୀ ମନସା ବାରାଣସୀଙ୍କ ସମେତ ଅନ୍ୟ ୧୬ ପ୍ରତିଯୋଗୀ କରୋନାରେ ସଂକ୍ରମିତ ହେବା ପରେ ଏହି ଘୋଷଣା କରାଯାଇଛି। ସେମାନେ ଏବେ ପୁଏର୍ଟୋ ରିକୋରେ ଆଇସୋଲେଶରେ ରହିଛନ୍ତି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ମିସ୍ ୱାର୍ଲ୍ଡ ଅର୍ଗାନାଇଜେଶନ ପକ୍ଷରୁ ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଥିବା ଏକ ବିବୃତିରେ କୁହାଯାଇଛି। ସବୁଠୁ ପୁରୁଣା ଅନ୍ତର୍ଜାତୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଚଳିତ ସପ୍ତାହରେ ପୁଏର୍ଟୋ ରିକୋରେ ଆୟୋଜନ ହେବାର ଥିଲା। ତେବେ ୧୭ ପ୍ରତିଯୋଗୀଙ୍କ ସମେତ ଅନ୍ୟ ଷ୍ଟାଫ୍‌ମାନେ ମଧ କରୋନାରେ ସଂକ୍ରମିତ ହୋଇଛନ୍ତି। ପୁଏର୍ଟୋ ରିକୋ କଲିଜିୟମ ଜୋସ୍ ମିଗୁଏଲ ଏଗ୍ରିଲୋଟରେ ଆସନ୍ତା ୯୦ ଦିନ ମଧ୍ୟରେ ଏହାର ଫିନାଲେ ଆୟୋଜନ କରାଯିବ ବୋଲି କୁହାଯାଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କଠାରୁ ଅନୁମତି ପାଇବା ପରେ ପ୍ରତିଯୋଗୀମାନେ ସେମାନଙ୍କ ଘରକୁ ଫେରିପାରିବେ ବୋଲି ମିସ୍ ୱାର୍ଲ୍ଡ ଅର୍ଗାନାଇଜେଶନ ପକ୍ଷରୁ କୁହାଯାଇଛି।


ଢାକାଠାରେ ରାମନା କାଳୀ ମନ୍ଦିରକୁ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଉଦ୍‌ଘାଟନ କରୁଛନ୍ତି। ୧୯୭୧ ଯୁଦ୍ଧବେଳେ ପାକିସ୍ତାନ ସୈନ୍ୟଙ୍କ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଉକ୍ତ ମନ୍ଦିରକୁ ପୁନଃ ନିର୍ମାଣ କରାଯାଇଛି।

## ମୋଦିଙ୍କୁ ଭୁଟାନର ସର୍ବୋଚ୍ଚ ସମ୍ମାନ

**ନୂଆଦିଲ୍ଲୀ, ୧୭।୧୨**

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭୁଟାନ ସରକାର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଅର୍ଡର ଅଫ୍ ଡ୍ରକ୍ ଗ୍ୟାଲ୍‌ପୋରେ ସମ୍ମାନିତ କରିଛନ୍ତି। ଭୁଟାନର ଜାତୀୟ ଦିବସ ପାଳନ ଅବସରରେ ଶୁକ୍ରବାର ଭୁଟାନ ରାଜା ଜିଗ୍‌ମେ ଖେସର ନାମ୍‌ଗେଲ୍ ୱାଙ୍ଗ୍‌ଚୁକ୍ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଭାରତ-ଭୁଟାନ ସମ୍ପର୍କକୁ ବଢ଼ାଇବାରେ ମୋଦିଙ୍କ ଅବଦାନ ଏବଂ ଭୁଟାନ ତଥା ଏହାର ଜନସାଧାରଣଙ୍କ ପ୍ରତି ସେବାର ସ୍ୱୀକୃତି ସ୍ୱରୂପ ତାଙ୍କୁ ସର୍ବୋଚ୍ଚ ସମ୍ମାନ ପ୍ରଦାନ ନିମନ୍ତେ ମନୋନୀତ କରାଯାଇଥିଲା। ଏହି ପୁରସ୍କାର ଗ୍ରହଣ କରିବାରେ ମୋଦି ପ୍ରଥମ ବିଦେଶୀ ସରକାର ମୁଖ୍ୟ। ମୋଦିଙ୍କୁ ଏଭଳି ସମ୍ମାନ ମିଳିଥିବାରୁ



ଭୁଟାନ ପ୍ରଧାନମନ୍ତ୍ରୀ ଲୋଟୟ ଶେରିଙ୍ଗ୍ ସୋସିଆଲ ମିଡିଆରେ ଖୁସି ବ୍ୟକ୍ତ କରିଛନ୍ତି। ଏହି ସର୍ବୋଚ୍ଚ ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଭୁଟାନ ରାଜାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାରତ ସବୁବେଳେ ଭୁଟାନର ଘନିଷ୍ଠ ବନ୍ଧୁ ଓ ପଡୋଶୀ ଭାବେ ନିଜର କର୍ତ୍ତବ୍ୟ ନିଭାଇବ ଏବଂ ଦେଶର ବିକାଶ ଯାତ୍ରାରେ ଯଥାସମ୍ଭବ ସହଯୋଗ ଜାରି ରଖିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ବିଲ୍ଡିଂରେ ନିଆଁ ଲାଗି ୨୦ ମୃତ

**ଓସାକା, ୧୭।୧୨**

ପଶ୍ଚିମ ଜାପାନର ଓସାକାଠାରେ ଶୁକ୍ରବାର ଏକ ବିଲ୍ଡିଂରେ ନିଆଁ ଲାଗି ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି। ଓସାକାର ମୁଖ୍ୟ ବ୍ୟବସାୟ କେନ୍ଦ୍ର କିଟାଶିନ୍‌ଚିଠାରେ ଥିବା ଏକ ୮ ମହଲା କୋଠାର ଚତୁର୍ଥ ମହଲାରେ ପ୍ରଥମେ ନିଆଁ ଲାଗିଥିଲା। ଶ୍ୱାସରୁଦ୍ଧ ହୋଇ ୨୭ ଜଣ ହୃଦ୍‌ଘାତ ଭଳି ସ୍ଥିତିକୁ ଆସିଥିବାବେଳେ ଜଣେ ମହିଳା ଆହତ ହୋଇଥିଲେ। ମହିଳାଙ୍କୁ ଉଦ୍ଧାର ପରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ଏନ୍‌ଏଚ୍‌କେ ନ୍ୟାଶନାଲ ଟେଲିଭିଜନ ଓ ଅନ୍ୟ ଗଣମାଧ୍ୟମ ରିପୋର୍ଟ କରିଛନ୍ତି। ତେବେ ସରକାରୀ ଭାବେ ମୃତ୍ୟୁସଂଖ୍ୟା ଘୋଷଣା କରାଯାଇନାହିଁ। ଶ୍ୱାସକ୍ରିୟାରେ କାର୍ବନ ମନୋଅକ୍ସାଇଡ୍ ନେବାରୁ ଏତେସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟିଲା ବୋଲି ଜଣେ ଡାକ୍ତର କହିଛନ୍ତି।

## ବଳାତ୍କାରକୁ ଉପଭୋଗ କର କହି କ୍ଷମା ମାଗିଲେ କଂଗ୍ରେସ ବିଧାୟକ

**ବେଲାଗାଭି, ୧୭।୧୨**

ବଳାତ୍କାରକୁ ଉପଭୋଗ କର ମନ୍ତବ୍ୟ ଦେଇ କର୍ଣ୍ଣାଟକର ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ କେ.ଆର୍. ରମେଶ କୁମାର ତୀବ୍ର ବିରୋଧର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ମହଲରୁ ସମାଲୋଚନା କରାଯିବା ପରେ ସେ କ୍ଷମା ମାଗିଛନ୍ତି। ମହିଳାମାନଙ୍କୁ ଅପମାନିତ କରିବା କିମ୍ବା ଗୃହର ମର୍ଯ୍ୟାଦା କ୍ଷୁଣ୍ଣ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ବିବାଦର ଏହିଠାରେ ପରିସମାପ୍ତି ଘଟିବାକୁ ସେ ଚାହାନ୍ତି ବୋଲି କହିଛନ୍ତି। ଶୁକ୍ରବାର ବିଧାନସଭା ଅଧିବେଶନ ଆରମ୍ଭରେ ରମେଶ କୁମାର କହିଥିଲେ, ତାଙ୍କ ମନ୍ତବ୍ୟ ଯଦି ମହିଳାମାନଙ୍କୁ ଓ ସେମାନଙ୍କ ଭାବାବେଗକୁ ଆଘାତ ଦେଇଥାଏ, ସେଥିପାଇଁ ସେ ଅନୁତପ୍ତ। ସେ ଏକ ପ୍ରବାଦର ଉଦାହରଣ ଦେବାକୁ ଯାଇ ଏପରି କହିଥିଲେ ବୋଲି ସଫେଇ


କେ.ଆର୍. ରମେଶ

ଦେବା ସହ ଏହାକୁ ବିବରଣୀରୁ ବାଦ୍ ଦେବାକୁ କହିଛନ୍ତି। ରମେଶ କୁମାରଙ୍କ ବିବାଦୀୟ ମନ୍ତବ୍ୟ ବେଳେ ବାଚସ୍ପତି ବିଶ୍ୱେଶ୍ୱରା ହେଗ୍‌ଡେ କାଗେରି ହସିଥିବାରୁ ତାଙ୍କୁ ମଧ ସମାଲୋଚନା କରାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ବିଧାନସଭାରେ ରମେଶ କୁମାର କହିଥିଲେ, ଯେତେବେଳେ ବଳାତ୍କାର ଅବଶ୍ୟମ୍ଭାବୀ, ଏହାକୁ ଉପଭୋଗ କରିବାକୁ ଦିଅ। ବାଚସ୍ପତି ଓ ଅନ୍ୟ ସଦସ୍ୟମାନେ ଏଭଳି ଅଶ୍ଳୀଳ ମନ୍ତବ୍ୟକୁ ବିରୋଧ କରିବା ପରିବର୍ତ୍ତେ ହସୁଥିବା ଦେଖାଯାଇଥିଲା।

# ସରୋଗେସି ବିଲ୍ ପାସ୍

**ନୂଆଦିଲ୍ଲୀ, ୧୭।୧୨(ପି.ଟି.)**

ଲଖିମପୁର ଖେରି ହିଂସା ଘଟଣାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ବରଖାସ୍ତ ଦାବିରେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଲୋକ ସଭାରେ ସରୋଗେସି ବିଲ୍ ଗୃହୀତ ହୋଇଯାଇଛି। ସରୋଗେସି (ନିୟନ୍ତ୍ରଣ) ବିଲ୍, ୨୦୧୯ରେ ରାଜ୍ୟ ସଭା ଆଣିଥିବା ସଂଶୋଧନ ଗ୍ରହଣ କରିବାକୁ ଲୋକ ସଭା ରାଜି ହୋଇଥିଲା। ଗତ ୧୪ ତାରିଖରେ ରାଜ୍ୟ ସଭା ଉକ୍ତ ବିଲ୍‌ରେ ସଂଶୋଧନ କରିବା ସହ ଅନୁମୋଦନ କରିଥିଲା। ଏହା ବ୍ୟତୀତ ନିମ୍ନ ସଦନରେ ଅପରାହ୍ନରେ ଅନ୍ୟ ୩ଟି ବିଲ୍ ଆଗତ କରାଯାଇଥିଲା।

### ସୋମବାର ଯାଏ ଲୋକ ସଭା ମୁଲତବୀ

ସେଗୁଡ଼ିକ ହେଲା ନ୍ୟାଶନାଲ ଆଣ୍ଟି-ଡୋପିଙ୍ଗ୍ ବିଲ୍, ୨୦୨୧, ବନ୍ୟପ୍ରାଣୀ (ସୁରକ୍ଷା) ସଂଶୋଧନ ବିଲ୍, ୨୦୨୧ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆଣ୍ଡ ୱାର୍କସ୍ ଆକାଉଣ୍ଟାଣ୍ଟ ଏବଂ କମ୍ପାନୀ ସେକ୍ରେଟାରୀ (ସଂଶୋଧନ) ବିଲ, ୨୦୨୧। ସରୋଗେସି ବିଲ୍ ଗୃହୀତ ହେବା ପରେ ବିରୋଧୀ ଅଜୟ ମିଶ୍ରାଙ୍କ ବରଖାସ୍ତ ଦାବିରେ ହଟ୍ଟଗୋଳ ଜାରି ରଖିବାରୁ ଅଧ୍ୟକ୍ଷତା କରୁଥିବା ରାଜେନ୍ଦ୍ର ଅଗ୍ରୱାଲ୍ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ରାଜ୍ୟ ସଭାର ୧୨ ଏମ୍‌ପିଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ବିରୋଧୀମାନେ ଶୁକ୍ରବାର ହଟ୍ଟଗୋଳ ଜାରି ରଖିଥିଲେ। ଏହା ଉପରେ ଆଲୋଚନା କରି ସହମତିରେ ପହଞ୍ଚିବା ଲାଗି ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ସରକାରୀ ଓ ବିରୋଧୀ ଦଳଗୁଡ଼ିକୁ ଅନୁରୋଧ କରିଥିଲେ। ଏନେଇ ସେ ଗୃହର ନେତା ପୀୟୂଷ ଗୋୟଲ ଏବଂ ବିରୋଧୀ ଦଳର କେତେଜଣ ବରିଷ୍ଠ ସଦସ୍ୟଙ୍କୁ ଭେଟି ଆଲୋଚନା ପାଇଁ କହିଥିବା ଭେଙ୍କାୟା ଗୃହକୁ ଜଣାଇଥିଲେ। ଏଥିସହିତ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଗଲା ବୋଲି ଅଧ୍ୟକ୍ଷ କହିଥିଲେ।

# କାହିଁକି ବିବାଦରେ ଇସି-ପିଏମ୍‌ଓ ବୈଠକ

**ନୂଆଦିଲ୍ଲୀ, ୧୭।୧୨**

ନିର୍ବାଚନ କମିଶନ(ଇସି) ଏକ ସ୍ୱତନ୍ତ୍ର ସାମ୍ବିଧାନିକ ସଂସ୍ଥା, ଯାହା କାର୍ଯ୍ୟପାଳିକାଠାରୁ ଭିନ୍ନ ଭାବେ କାମ କରେ। ଏହା ଯେପରି ସରକାରଙ୍କଠାରୁ ଦୂରତା ବଜାୟ ରଖେ ସାହା ସୁନିଶ୍ଚିତ କରିବା ୩ କମିଶନରଙ୍କ କାମ। ତେଣୁ କୌଣସି ସରକାରୀ ଅଧିକାରୀ ଇସି ନିକଟକୁ ଚିଠି ଲେଖି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ତରଫରୁ ଏକ ବୈଠକରେ ଯୋଗ ଦେବାକୁ କହିପାରିବେ ନାହିଁ। ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିପାରିବେ। ୧୯୯୯ରେ ସିଇସି ଏମ୍. ଏସ୍. ଗିଲ୍ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ନିର୍ବାଚନୀ ସଂସ୍କାର ବାବଦରେ ଚିଠି ଲେଖିଥିଲେ। ୨୦୧୬ରେ ସିଇସି ନସିମ୍ ଜାଇଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଭିଭିପିଏଟି ମେଶିନ ବାବଦରେ ଅର୍ଥ ମଞ୍ଜୁର ପାଇଁ ନିବେଦନ କରିଥିଲେ। ଉଭୟ




ଉଦାହରଣରେ ଇସି ପକ୍ଷରୁ ହିଁ କୌଣସି ପ୍ରସଙ୍ଗ ବା ସମସ୍ୟା ପ୍ରଧାନମନ୍ତ୍ରୀଙ୍କୁ ଜଣାଯାଇଥିବା ଦେଖାଯାଏ। କିନ୍ତୁ ସଦ୍ୟ ବିବାଦ ସୃଷ୍ଟି କରିଥିବା ଘଟଣା ଏହାର ଓଲଟା। ଏଠାରେ ଆଇନ ମନ୍ତ୍ରଣାଳୟ ପକ୍ଷରୁ ନିର୍ବାଚନ କମିଶନରଙ୍କୁ ଚିଠି କରାଯାଇ ପିଏମ୍‌ଓ ବୈଠକରେ ଯୋଗଦେବାକୁ କୁହାଯାଇଥିଲା, ଯାହାକୁ ନେଇ ଅନେକେ ପ୍ରଶ୍ନ ଉଠାଇଛନ୍ତି।

ଚିଠିରେ ଲେଖାଯାଇଥିଲା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଏହି ବୈଠକରେ ମୁଖ୍ୟ ନିର୍ବାଚନ କମିଶନର ଯୋଗ ଦେବାକୁ ପିଏମ୍‌ଓ ଚାହେଁ। ଜଣେ ସରକାରୀ ଅଧିକାରୀ ଯେତେବଡ଼ ପଦବୀରେ ଥିଲେ ବି କୌଣସି ଏକ ଆଲୋଚନା ପାଇଁ ସିଇସିଙ୍କୁ ଡାକିପାରିବେ ନାହିଁ ବୋଲି ଜଣେ ପୂର୍ବତନ ସିଇସି କହିଛନ୍ତି। କାର୍ଯ୍ୟପାଳିକାଠାରୁ ଇସି ସ୍ୱତନ୍ତ୍ର ରହିବାକୁ ସୁପ୍ରିମକୋର୍ଟ ମଧ ଦୋହରାଇ ଆସିଛନ୍ତି। ୧୯୯୫ରେ ସର୍ବୋଚ୍ଚ ଅଦାଲତ ପୂର୍ବତନ ସିଇସି ଟି. ଏନ୍. ସେଶାନ ବନାମ କେନ୍ଦ୍ର ସରକାରଙ୍କ ଏକ ମାମଲାରେ କହିଥିଲେ, ନିର୍ବାଚନ ଦାୟିତ୍ୱ ତୁଲାଉଥିବା ସଂସ୍ଥା ସର୍ବଦା କ୍ଷମତାରେ ଥିବା ଦଳଠାରୁ ସମ୍ପୂର୍ଣ୍ଣ ଅଲଗା ରହିବା ଏକ ଗଣତାନ୍ତ୍ରିକ ବ୍ୟବସ୍ଥାର ଗୁଣ। ପୂର୍ବରୁ ନିରପେକ୍ଷତା ପ୍ରସଙ୍ଗରେ ଇସିକୁ ସମାଲୋଚିତ ହେବାକୁ ପଡ଼ିଛି।

### ଇସି, କେନ୍ଦ୍ର ଉପରେ ଅଙ୍ଗୁଳି

ଇସି ଓ ପିଏମ୍‌ଓ ବୈଠକ ବାବଦରେ ଜଣାପଡ଼ିବା ପରେ ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ସାମ୍ବିଧାନିକ ବ୍ୟବସ୍ଥାକୁ ସମ୍ମାନ ଦେବା ଉଭୟ ଇସି ଏବଂ ପିଏମ୍‌ଓର ଦାୟିତ୍ୱ ଥିଲା ବୋଲି କଂଗ୍ରେସ ବରିଷ୍ଠ ନେତା ଶଶୀ ଥରୁର କହିଛନ୍ତି। ପ୍ରଥମେ ବୈଠକରେ ଯୋଗଦେବେନାହିଁ ବୋଲି କହିବା ସତ୍ତ୍ୱେ ସିଇସି ଏବଂ ଅନ୍ୟ ୨ ଜଣ ନିର୍ବାଚନ କମିଶନର କାହିଁକି ଅନ୍‌ଲାଇନ ମିଟିଂ କଲେ ତାହାର ଜବାବ ରଖିବା ଜରୁରୀ। ଇଲେକ୍ସନ କମିଶନ ଏକ ସ୍ୱୟଂଚାଳିତ ସଂସ୍ଥା ଏବଂ ପିଏମ୍‌ଓ ଏହାକୁ ସମନ କରିବାର କୌଣସି ଆଧାର ନାହିଁ ବୋଲି ସେ କହିଛନ୍ତି। ଇସି ନିରପେକ୍ଷ ଭୂମିକା ତୁଲାଇବ ବୋଲି ଆଶା କରାଯାଏ।


ମଲ୍ଲିକାର୍ଜୁନ ଖାର୍ଗେ

ଆଗକୁ ୫ ରାଜ୍ୟରେ ନିର୍ବାଚନ ହେବାକୁ ଯାଉଛି। ଯଦି ପିଏମ୍‌ଓ ଏପରି ସିଇସିଙ୍କ ସହ ବୈଠକ କରିବେ ତେବେ ନିର୍ବାଚନ କିପରି ନିରପେକ୍ଷ ହେବ ବୋଲି କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏ ନେଇ କଂଗ୍ରେସ ନେତା ଶୁକ୍ରବାର ଲୋକ ସଭାରେ ମୁଲତବୀ ପ୍ରସ୍ତାବ ଆଗତ କରିଛନ୍ତି। ମୋଦି ସରକାର ନିର୍ବାଚନ କମିଶନକୁ ନିଜ ଅଧୀନକୁ ନେଇ ସାରିଥିବା ବିରୋଧୀ ଅଭିଯୋଗ କରିଛନ୍ତି।

# ୧୧ ଦିନ ହସିବା ମନା

**ପୋଙ୍ଗୟାଙ୍ଗ୍, ୧୭।୧୨**

ଉତ୍ତର କୋରିଆର ପୂର୍ବତନ ଶାସକ ତଥା ବର୍ତ୍ତମାନ ଲିଡର କିମ୍ ଜୋଙ୍ଗ୍ ଉନ୍‌ଙ୍କ ବାପା କିମ୍ ଜୋଙ୍ଗ୍-ଇଲ୍‌ଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକୀ ଶୁକ୍ରବାର ପାଳନ କରାଯାଇଛି। ୧୧ ଦିନ ପର୍ଯ୍ୟନ୍ତ ଶୋକ ପାଳନ କରାଯାଉଥିବାରୁ ଏହି ସମୟରେ ଦେଶର ନାଗରିକଙ୍କୁ ହସିବା, କିଣାକିଣି କରିବା, ମଦ୍ୟପାନ ଆଦିକୁ ମନା କରାଯାଇଛି। ଏପରିକି କାହାର ସମ୍ପର୍କୀୟଙ୍କ ଏହି ସମୟରେ ମୃତ୍ୟୁ ଘଟିଲେ ବି ସେମାନେ କାନ୍ଦି ପାରିବେନି ବୋଲି କୁହାଯାଇଛି। ଏହାର ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦଣ୍ଡିତ କରାଯିବ ବୋଲି କିମ୍ ଜୋଙ୍ଗ ଉନ୍ ନିର୍ଦ୍ଦେଶ ଜାରି କରିଛନ୍ତି। କିମ୍ ଜୋଙ୍ଗ-ଇଲ୍ ହେଉଛନ୍ତି ଉତ୍ତର କୋରିଆ ପ୍ରତିଷ୍ଠାତା କିମ୍ ଇଲ୍-ସଙ୍ଗଙ୍କ ପୁଅ ଏବଂ ଦେଶର ଦ୍ୱିତୀୟ ଶାସକ। ୧୯୯୪ରେ କିମ୍ ଇଲ୍-ସଙ୍ଗଙ୍କ ମୃତ୍ୟୁ ପରେ କିମ୍ ଜୋଙ୍ଗ୍-ଇଲ୍ ଦେଶର ନେତା ହୋଇଥିଲେ। ୨୦୧୧ରେ ଡିସେମ୍ବର ୧୭ରେ କିମ୍ ଜୋଙ୍ଗ୍-ଇଲ୍‌ଙ୍କ ମୃତ୍ୟୁ ହୋଇଥିଲା।

୧୧ ଦିନ ପର୍ଯ୍ୟନ୍ତ ସମସ୍ତ ପ୍ରକାର



### କିମ୍ ଜୋଙ୍ଗ୍-ଇଲ୍‌ଙ୍କ ୧୦ମ ଶ୍ରାଦ୍ଧଦିବସ

ଫୁରସତ ଏବଂ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକଳାପ ଉପରେ କଟକଣା ଲଗାଯାଇଛି। କାହାର ମୃତ୍ୟୁ ଘଟିଲେ ୧୧ ଦିନ ପୂରିବା ପରେ ହିଁ ତାଙ୍କ ମୃତଦେହ ସତ୍କାର କରାଯିବ। ଏହି ସମୟରେ କେହି ନିଜ ଜନ୍ମଦିନ ପାଳିପାରିବେ ନାହିଁ। ସାଧାରଣତଃ ପ୍ରତିବର୍ଷ ୧୦ ଦିନ ପର୍ଯ୍ୟନ୍ତ କିମ୍ ଜୋଙ୍ଗ୍-ଇଲଙ୍କ ପାଇଁ ଶୋକ ପାଳନ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ଏହାକୁ ଆଉ ଗୋଟିଏ ଦିନ ବଢ଼ାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୮ ଡିସେମ୍ବର, ୨୦୨୧



## ପାରାଦୀପ ବନ୍ଦରକୁ ସମୁଦ୍ର ମନ୍ଥନ ପୁରସ୍କାର



ପାରାଦୀପ(ସ୍ୱ.ପ୍ର.): ପାରାଦୀପ ବନ୍ଦରକୁ ଶୁକ୍ରବାର ମୁମ୍ବାଇରେ ସମୁଦ୍ର ମନ୍ଥନ ପୁରସ୍କାର ମିଳିଛି। ଭଣ୍ଡାରେକର ଶିପିଂ ପକ୍ଷରୁ ଆୟୋଜିତ ମେରିଟାଇମ କାର୍ଯ୍ୟକ୍ରମରେ ଏହି ସମ୍ମାନ ମିଳିଛି। ବନ୍ଦର ଟ୍ରାଫିକ ମ୍ୟାନେଜର ଜି.ଏଡିସନ ଏହି ପୁରସ୍କାର ଗ୍ରହଣ କରିଥିଲେ। ଭାରତର ବିକଶିତ ବନ୍ଦର ମଧ୍ୟରେ ପାରାଦୀପ ସବୁଠାରୁ ଆଗରେ ରହି ଥିବାରୁ ଏହି ପୁରସ୍କାର ମିଳିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଚିଟ୍‌ଫଣ୍ଡ ମାମଲା ଜାମିନ ସତ୍ତ୍ୱେ ଜେଲ୍‌ରୁ ମୁକୁଳିବେନି ପ୍ରଦୀପ

**କଟକ ଅଫିସ,୧୭।୧୨:** ଅର୍ଥତତ୍ତ୍ୱ (ଏଟି) ଚିଟ୍‌ଫଣ୍ଡ ମୁଖ୍ୟ ପ୍ରଦୀପ ସେଠୀଙ୍କୁ ଶୁକ୍ରବାର ହାଇକୋର୍ଟରୁ ଜାମିନ ମିଳିଛି। ଚିଟଫଣ୍ଡ ମାମଲାରେ ତାଙ୍କ ନାମରେ ସମୁଦାୟ ୧୧ଟି ମାମଲା ରହିଥିଲା। ପୂର୍ବରୁ ୨ଟି ମାମଲାରେ ତାଙ୍କୁ ଜାମିନ ମିଳିସାରିଛି। ଶୁକ୍ରବାର ଅନ୍ୟ ୩ଟି ମାମଲାରେ ଜାମିନ ମିଳିଥିବାବେଳେ ୬ଟି ମାମଲାରେ ଜାମିନ ମିଳିନାହିଁ। ତେଣୁ ସେ ଜେଲରୁ ମୁକୁଳିପାରିବେ ନାହିଁ ବୋଲି ଜଷ୍ଟିସ ଏସ୍‌.କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

### ଅଡୁଆରେ ପ୍ରଭାତ ତ୍ରିପାଠୀ

#### ଏଟି ଚିଟ୍‌ଫଣ୍ଡ: ସିବିଆଇ ମାମଲା ରଦ୍ଦ ଆବେଦନ ଖାରଜ

**କଟକ ଅଫିସ,୧୭।୧୨:** ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ପାଇଁ ଅଡୁଆ ଦେଖାଦେଇଛି। ଅର୍ଥତତ୍ତ୍ୱ (ଏଟି) ଚିଟ୍‌ଫଣ୍ଡ ମାମଲାରେ ଜେଲ ଯାଇଥିବା ପ୍ରଭାତ ସିବିଆଇ ମାମଲା ରଦ୍ଦ କରିବାକୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଶୁକ୍ରବାର ଜଷ୍ଟିସ ଏସ.କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଫଳରେ ତାଙ୍କ ବିରୋଧରେ ପୂର୍ବ ଭଳି ସିବିଆଇ ମାମଲା ଚାଲୁ ରହିବ। ସୂଚନାଯୋଗ୍ୟ, ଅର୍ଥତତ୍ତ୍ୱ ଚିଟଫଣ୍ଡ ଲିଙ୍କ୍ ଅଭିଯୋଗରେ ପ୍ରଭାତ ୨୦୧୪ ଅକ୍ଟୋବର ୩୧ରେ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ। ଅର୍ଥତତ୍ତ୍ୱ ସହ ତାଙ୍କର ପ୍ରଚୁର ପରିମାଣର ଅର୍ଥ ଦେଣନେଣ କରାଯାଇଥିବା ଅଭିଯୋଗ ଆସିଥିଲା। ଏହି ସମୟରେ ତାଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା। ପରେ ୨୦୧୫ ମାର୍ଚ୍ଚରେ ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

### ଆଜିଠୁ ଫିଜିଓଥେରାପି ଚିକିତ୍ସା ଶିବିର

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ):** ଉମେଶ ଖଣ୍ଡେଲୱାଲ ଫାଉଣ୍ଡେଶନ ଟ୍ରଷ୍ଟ ଓ ଉତ୍କଳ ପ୍ରାଦେଶିକ ମାର୍‌ୱାଡ଼ି ସମ୍ମେଳନ ଭୁବନେଶ୍ୱର ଶାଖା ପକ୍ଷରୁ ୪ ଦିନିଆ ଫିଜିଓଥେରାପି ଚିକିତ୍ସା ଶିବିର ଶନିବାରଠାରୁ ସ୍ଥାନୀୟ ତେରାପନ୍ଥ ଭବନଠାରେ ଆରମ୍ଭ ହେବ। ଏହି ଶିବିରରେ 'ବୃଦ୍ଧଜନ ସେବା ସଂସ୍ଥାନ' ଉଦୟପୁର (ରାଜସ୍ଥାନ)ର ଚିକିତ୍ସାବିତ୍ ଡ. ସାହିଲ ଗ୍ରୋବାର ଓ କୈଳାଶ କୁମାର ସେମାନଙ୍କ ଟିମ୍ ଚିକିତ୍ସା ସେବା ଯୋଗାଇବେ। ମୁଖ୍ୟତଃ ଆଣ୍ଠୁ, ଅଣ୍ଟା ଓ ପିଠିର ଯନ୍ତ୍ରଣା ତଥା ସାଇଟିକା ପରି ଯନ୍ତ୍ରଣା ଦାୟକ ବ୍ୟାଧି ଚିକିତ୍ସା ଓ ଆଶୁ ଉପଶମ ତଥା ଚିକିତ୍ସା ପରବର୍ତ୍ତୀ ପରାମର୍ଶ ନିଃଶୁଳ୍କ ଦିଆଯିବ। ତେବେ ପ୍ରଥମେ ପଚାଶ ଟଙ୍କା ଦାଖଲ କରି ଏଠାରେ ପଞ୍ଜୀକରଣ କରିବା ପରେ ସମସ୍ତ ସେବା ନିଃଶୁଳ୍କ ମିଳିବ ବୋଲି ସଂଯୋଜକ ଉମେଶ ଖଣ୍ଡେଲୱାଲ, ଶାଖା ସଚିବ ହରିଓମ ଗୋୟଲ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିର ପ୍ରତିଦିନ ସକାଳ ୧୦ ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମର ସଂଯୋଜକ ରାଜେଶ କେଜ୍ରିୱାଲ, ରୋହିତ ଖେମ୍‌କା, ଲକ୍ଷ୍ମୀ ନାରାୟଣ ଅଗ୍ରୱାଲ, ନବରତ୍ନ ବୋଥ୍ରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିବେ।

### ରାଜ୍ୟରେ ବଢୁଛି ପୁଞ୍ଜିନିବେଶ: ଅସିତ୍ ତ୍ରିପାଠୀ

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ):** ଓଡ଼ିଶାରେ ପ୍ରତିଷ୍ଠିତ ଶିଳ୍ପସଂସ୍ଥା ସେମାନଙ୍କ ଦାୟିତ୍ୱବୋଧ ତୁଲାଇବାରେ ପ୍ରତିବଦ୍ଧତା ଦେଖାଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଓଡ଼ିଶା ଅଗ୍ରଣୀ ପୁଞ୍ଜିନିବେଶକାରୀ ରାଜ୍ୟରେ ପରିଣତ ହୋଇଛି। ଗତ କିଛିବର୍ଷ ଭିତରେ ସିଏସ୍‌ଆର ବାବଦ ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣରୁ ରାଜ୍ୟରେ ପ୍ରତିଷ୍ଠିତ କମ୍ପାନୀର ସାମାଜିକ ଦାୟିତ୍ୱବୋଧତା ପ୍ରମାଣିତ ହୋଇଛି। କୋଭିଡ୍ ମହାମାରୀ ମୁକାବିଲା ଦିଗରେ ଶିଳ୍ପସଂସ୍ଥା ଏବଂ ସରକାର ମିଳିତ ଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ। ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ସିଏସ୍‌ଆର୍ କନକ୍ଲେଭକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ସିଏସ୍‌ଆର୍ ପରିସର ବ୍ୟାପକ। ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ କାମ କଲେ ଏହାର ମହତ୍ ଉଦ୍ଦେଶ୍ୟ ସାଧିତ ହୋଇପାରିବ। କୋଭିଡ୍ ମହାମାରୀ ସମୟରେ ରାଜ୍ୟର ଶିଳ୍ପସଂସ୍ଥା ଉତ୍ତରଦାୟିତ୍ୱ ନିର୍ବାହ କରିଥିବାରୁ ମନ୍ତ୍ରୀ ପଣ୍ଡା ପ୍ରଶଂସା କରିଛନ୍ତି।




କଟକ ଯୋବ୍ରାସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ସଭାଗୃହରେ ଶୁକ୍ରବାର ଆୟୋଜିତ ଆଦିବାସୀ କଳା ପ୍ରଦର୍ଶନୀକୁ ଲୋକେ ବୁଲି ଦେଖୁଛନ୍ତି।

# ଜଗନ୍ନାଥଙ୍କ ଭଡ଼ାଘରେ କ୍ରାଇମବ୍ରାଞ୍ଚ ଯାଞ୍ଚ

**ପୁରୀ ଅଫିସ,୧୭।୧୨**

## ଚିତ୍ତରଞ୍ଜନ ହତ୍ୟା ମାମଲା

- ରାଜନୀତି ନ ହେଉ: ସୁଭଦ୍ରା ପଲେଇ
- ଝିଅର ସଂପୃକ୍ତିକୁ ମନଗଢ଼ା କହିଲେ ମା'
- ସିବିଆଇ, ଏସ୍‌ଆଇଟି ତଦନ୍ତ ଦାବିକଲେ ଭାଜପା ଓ କଂଗ୍ରେସ
- ବ୍ୟବଚ୍ଛେଦ, ଭିସେରା ରିପୋର୍ଟକୁ ଅପେକ୍ଷା

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ ଚିତ୍ତରଞ୍ଜନ ପଲେଇ ହତ୍ୟାକାଣ୍ଡ ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଜାରି ରହିଛି। ଶୁକ୍ରବାର ଦ୍ୱିତୀୟ ଦିନରେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଚିତ୍ତରଞ୍ଜନଙ୍କ ସହଯୋଗୀ ତଥା ଅଭିଯୁକ୍ତ ଜଗନ୍ନାଥ ଷଡ଼ଙ୍ଗୀଙ୍କ ପୁରୀ ମାଟିଆପଡ଼ାସ୍ଥିତ ଭଡ଼ାଘରକୁ ଯାଇ ଯାଞ୍ଚ କରିଛନ୍ତି। ସେମାନେ ଭଡ଼ାଘର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ଏହା ପାଖରେ ଥିବା ବିଭିନ୍ନ ଘରର ସିସିଟିଭି ଫୁଟେଜ ଯାଞ୍ଚ ପାଇଁ ଏସ୍‌ପି କନୱର ବିଶାଲ ସିଂଙ୍କୁ ଭେଟି ସହଯୋଗ ମାଗିଛନ୍ତି। ଏଥିସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛନ୍ତି। କେହି ଜଗନ୍ନାଥ ଓ ଚିତ୍ତଙ୍କୁ ଦେଖିଛନ୍ତି କି ନାହିଁ କିମ୍ବା ଘଟଣା ସମ୍ପର୍କରେ କୌଣସି ସୂଚନା ଜାଣିଛନ୍ତି କି ନାହିଁ ସେନେଇ ପଚରାଉଚରା କରିଛନ୍ତି। ଅନ୍ୟପକ୍ଷରେ ଚିତ୍ତରଞ୍ଜନଙ୍କ ସ୍ତ୍ରୀ ସୁଭଦ୍ରା ପଲେଇ ନିଜ ବୟାନ ବଦଳାଇ ଦାସବର୍ମାଙ୍କୁ କ୍ଲିନ୍‌ଚିଟ୍ ଦେଇଥିବାବେଳେ ଚର୍ଚ୍ଚାକୁ ଆସିଥିବା ଯୁବତୀଙ୍କ ମା' ମୁହଁ ଖୋଲିଛନ୍ତି। ଉକ୍ତ ଘଟଣାରେ ସେ ନିଜ ଝିଅର ସମ୍ପୃକ୍ତିକୁ ମନଗଢା ବୋଲି କହିଛନ୍ତି।

ଭଡ଼ାଘରେ ଜଗନ୍ନାଥ ଓ ଚିତ୍ତ ଏକାଠି ରୋଷେଇ କରିଥିବା ଓ ସେଠାରୁ ବାହାରି ଦୁହେଁ ଗଡ଼ମୃଗଶିରା ଅଞ୍ଚଳକୁ ଯାଇଥିବା ଜେରା ବେଳେ ଜଗନ୍ନାଥ କହିଥିଲେ। ସେହିଭଳି ଚିତ୍ତରଞ୍ଜନଙ୍କ ପରିବାର ଲୋକଙ୍କୁ କ୍ରାଇମବ୍ରାଞ୍ଚ ପଚରାଉଚରା କରିସାରିଥିବାବେଳେ ଅଟକ ରଖିଥିବା ୫ଜଣଙ୍କୁ ମଧ୍ୟ ଜେରା କରିଛି। ଜେରା କରାଯାଉଥିବା ଯୁବତୀଙ୍କ ସମ୍ପୃକ୍ତିକୁ ନେଇ ମାମଲା ଅଧିକ ଜଟିଳ ହେବାରେ ଲାଗିଛି। ଯୁବତୀଙ୍କ ମା' ଘଟଣା ସମ୍ପର୍କରେ କହିଛନ୍ତି, ନିରୀହ ଲୋକ ଦେଖି ଆମକୁ ଟାର୍ଗେଟ କରାଯାଉଛି। ଚିତ୍ତରଞ୍ଜନଙ୍କ ହତ୍ୟା ସହ ଆମର କୌଣସି ସଂପୃକ୍ତି ନାହିଁ। ମୋ ଝିଅ ଘଟଣା ସହ ଆଦୌ ସଂଶ୍ଳିଷ୍ଟ ନୁହେଁ। ଜଗନ୍ନାଥ ମୋତେ ସେହିଦିନ ବିଳମ୍ବିତ ରାତ୍ରରେ କଲ୍ କରିଥିବା କଥା ସତ। ମୋତେ କଲ୍ ଆସିବା ପରେ ମୁଁ ବାରମ୍ବାର ତାଙ୍କୁ ପଚାରିଛି, ସେ ଏକା ଅବା ତାଙ୍କ ସହ କିଏ ଅଛନ୍ତି। ଜଗନ୍ନାଥ ଏକା ମୋ' ଘରକୁ ଆସୁଥିବା କହିଛନ୍ତି। ରାତ୍ର ୩ଟା ୪୭ ମିନିଟ୍ ପର୍ଯ୍ୟନ୍ତ ସେ ନ ଆସିବା ପରେ ମୁଁ ବାଧ୍ୟ ହୋଇ ଜଗନ୍ନାଥ ସମେତ ଅନେକ ସମ୍ପର୍କୀୟଙ୍କୁ ଯୋଗାଯୋଗ କରିଛି। ତେବେ ଚିତ୍ତରଞ୍ଜନ ତାଙ୍କ ସହ ଥିବା କଥା ମୋ ଜାଣତରେ ନ ଥିଲା। ଏଣୁ ମୋତେ କିମ୍ବା ମୋ' ଝିଅକୁ ଅଯଥା ଏହି ମାମଲାକୁ ଟଣା ନ ଯାଉ ବୋଲି ସେ ନିବେଦନ କରିଛନ୍ତି। ସେହିପରି ଗତ ୧୩ ତାରିଖରେ ଚିତ୍ତରଞ୍ଜନଙ୍କ ସ୍ତ୍ରୀ ସୁଭଦ୍ରା ଉକ୍ତ ଘଟଣା ନେଇ ଦାସବର୍ମାଙ୍କ ବିରୋଧରେ ଗଣମାଧ୍ୟମରେ ଅଭିଯୋଗ ଆଣିବା ସହ ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା କହିଥିଲେ। ମାତ୍ର ଏବେ ସେ କହିଛନ୍ତି କ୍ରାଇମବ୍ରାଞ୍ଚ ଉପରେ ମୋର ବିଶ୍ୱାସ ରହିଛି। ସଞ୍ଜୟ କୁମାର ଦାସବର୍ମାଙ୍କ ଉପରେ ମଧ୍ୟ ମୋର ଭରସା ରହିଛି। ସ୍ୱାମୀଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀଙ୍କୁ ଦଣ୍ଡ ମିଳିବା ଦରକାର। ମାତ୍ର ଏହି ଘଟଣାକୁ ନେଇ ରାଜନୀତି କରା ନ ଯାଉ। ମୋତେ ନ୍ୟାୟ ଦେବା ପାଇଁ ବ୍ୟବସ୍ଥା କରାଯାଉ ଓ କ୍ରାଇମବ୍ରାଞ୍ଚକୁ ତଦନ୍ତ କରିବାକୁ ଦିଆଯାଉ ବୋଲି ସୁଭଦ୍ରା କହିଛନ୍ତି। ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ଭାଜପା ଏବଂ ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଗଠନ ସହ ତଦନ୍ତ ହେଉ ବୋଲି କଂଗ୍ରେସ ଦାବି କରିଛି। ଏ ନେଇ ଦାସବର୍ମା କହିଛନ୍ତି, ଉକ୍ତ ମାମଲାର ତଦନ୍ତ ଚାଲିଛି। ତଦନ୍ତ ପ୍ରକ୍ରିୟା ସରିଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ। ଦୋଷୀଙ୍କୁ ଦଣ୍ଡ ମିଳୁ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଘଟଣା ପରେ ସଞ୍ଜୟଙ୍କ ସହ ଚିତ୍ତରଞ୍ଜନଙ୍କ ବାପା, ବଡ଼ବାପା ଓ ଭଉଣୀ ଏସ୍‌ପିଙ୍କ ପାଖକୁ ଯାଇ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଥିଲେ। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚକୁ ଏପର୍ଯ୍ୟନ୍ତ ଭିସେରା ଓ ବ୍ୟବଚ୍ଛେଦ ରିପୋର୍ଟ ମିଳିପାରିନାହିଁ। ଏହି ଦୁଇ ରିପୋର୍ଟ ଉକ୍ତ ଘଟଣା ଉପରୁ ପରଦା ହଟାଇବାରେ ସହାୟକ ହେବ ବୋଲି କୁହାଯାଉଛି। ଜଗନ୍ନାଥ ଓ ଚିତ୍ତରଞ୍ଜନଙ୍କ ରକ୍ତ ନମୁନା ସଂଗ୍ରହ ହୋଇଛି। ଫରେନ୍ସିକ୍ ଟିମ୍ ଦୁର୍ଘଟଣାସ୍ଥଳରୁ ସଂଗ୍ରହ କରିଥିବା ରକ୍ତନମୁନା ସହ ଏବେକାର ରକ୍ତନମୁନାକୁ ମେଳ କରାଯିବ। ଫଳରେ ରକ୍ତ କାହାର ତାହା ଜଣାପଡ଼ିବ।

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ଏମ୍‌ପି

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

## ଆଶାକର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ

ରାଜ୍ୟର ଆଶାକର୍ମୀମାନଙ୍କର ଦରମା ବୃଦ୍ଧି ନେଇ ନୂଆଦିଲ୍ଲୀର ନିର୍ମାଣ ଭବନ କାର୍ଯ୍ୟାଳୟରେ ଶୁକ୍ରବାର ରାଜ୍ୟ ସଭା ସଦସ୍ୟ ସୁବାସ ସିଂଙ୍କ ନେତୃତ୍ୱରେ ୫ ଜଣ ବିଜେଡି ଏମ୍‌ପି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କୁ ସାକ୍ଷାତ୍ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏମ୍‌ପି ମହେଶ ସାହୁ, ପ୍ରମିଳା ବିଶୋଇ, ମଞ୍ଜୁଲତା ମଣ୍ଡଳ, ଚନ୍ଦ୍ରାଣୀ ମୁର୍ମୁ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଆଶାକର୍ମୀମାନଙ୍କୁ ବେତନ ଓ ସରକାରୀ ମାନ୍ୟତା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ପ୍ରାୟ ୨ଘଣ୍ଟା ଧରି ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ ବେଳେ ସୁବାସ ସିଂ କହିଥିଲେ, କରୋନା ସମୟରେ ଆଶାକର୍ମୀ ନିଜ ଜୀବନକୁ ବିପନ୍ନ କରି ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ଦିନକୁ ୧୫ଘଣ୍ଟା କାମ କରି ମଧ୍ୟ ମାସକୁ ୫ହଜାର ଟଙ୍କା ମିଳୁନାହିଁ। ଏହାଦ୍ୱାରା ଆଶାକର୍ମୀଙ୍କ ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ତଥା ସୁରକ୍ଷା ବିପନ୍ନ ହେଉଛି। ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ସହିତ ପେନ୍‌ସନ, ପିଲାଙ୍କ ପାଠପଢ଼ା, ଗସ୍ତ ଖର୍ଚ୍ଚ ତଥା ମାସକୁ ୧୮ହଜାର ଟଙ୍କା ଦରମା ଯୋଗାଇ ଦେବା ନିହାତି ଜରୁରୀ ବୋଲି ସିଂ ଦର୍ଶାଇଛନ୍ତି। ବିଜେଡି ଏମ୍‌ପି ସୁବାସ ସିଂ ଗୃହର ଶୂନ୍ୟକାଳରେ ଆଶାକର୍ମୀମାନଙ୍କୁ ସରକାରୀ ମାନ୍ୟତା ଓ ସପ୍ତମ ବେତନ କମିଶନ ଦେବା ପାଇଁ ବାରମ୍ବାର ଦାବି କରି ଆସିଛନ୍ତି। ଚଳିତ ଶୀତ ଅଧିବେଶନରେ ସଂସଦ ଗୃହକାର୍ଯ୍ୟ ପ୍ରାୟତଃ ମୁଲତବୀ ରହୁଥିବାରୁ ଗୃହର ଶୂନ୍ୟକାଳରେ ଆଶାକର୍ମୀଙ୍କୁ ସପ୍ତମ ବେତନ କମିଶନରେ ମାସିକ ୧୮ହଜାର ଟଙ୍କା ଲାଗୁ ଓ ସରକାରୀ ମାନ୍ୟତା ଦାବି ପ୍ରସଙ୍ଗ ଉଠିପାରି ନ ଥିଲା। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘଦିନ ଧରି କେନ୍ଦ୍ରକୁ ଆଶାକର୍ମୀଙ୍କ ବେତନ ବୃଦ୍ଧି ଓ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା ପାଇଁ ପତ୍ର ଲେଖି ଆସୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାର ବର୍ତ୍ତମାନ ଆଶାକର୍ମୀଙ୍କ ବେତନକୁ ୬୦ ପ୍ରତିଶତ ଦେଉଥିବାବେଳେ ରାଜ୍ୟ ସରକାର ୪୦ ପ୍ରତିଶତ ପ୍ରଦାନ କରୁଛନ୍ତି। ଓଡ଼ିଶା ସରକାର ଆଶାକର୍ମୀଙ୍କୁ ମାସକୁ ୧ହଜାର ଟଙ୍କା ଅତିରିକ୍ତ ସହାୟତା ପ୍ରଦାନ କରୁଛନ୍ତି।



କିରଣ୍ଡୁଳରୁ ଲୁହାପଥର ଧରି ବିଶାଖାପାଟଣା ଯାଉଥିବା ଏକ ମାଲବାହୀ ଟ୍ରେନ ଛତିଶଗଡ ରାଜ୍ୟ ଦାନ୍ତେୱାଡା ଜିଲାର ଭନସିଠାରେ କେ-କେ ଲାଇନରେ ଶୁକ୍ରବାର ଲାଇନଚ୍ୟୁତ ହୋଇଥିଲା। ଫଳରେ କିରଣ୍ଡୁଳ-କୋରାପୁଟ ମଧ୍ୟରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

# ୭ ନକଲି ବାଣିଜ୍ୟକର ଅଧିକାରୀ ଗିରଫ

**ଚଣ୍ଡିଖୋଲ,୧୭।୧୨(ଡି.ଏନ.ଏ.)**

ବାଣିଜ୍ୟକର ବିଭାଗ ଅଧିକାରୀ ପରିଚୟ ଦେଇ ଏକ ମାଲ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଜବତ କରି ନେଉଥିବା ୭ଜଣ ଯୁବକଙ୍କୁ ବାଲିଚନ୍ଦ୍ରପୁର ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ବୈରୀ ଥାନା ଅଧୀନ ଛତିଆ ଗ୍ରାମର ଅସିତ ସାହୁ, ପ୍ରଶାନ୍ତ ମଲ୍ଲିକ, ସନ୍ଦୀପ ରଣା, ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ବାଗଲପୁର ଗ୍ରାମର ଶକ୍ତିପ୍ରସାଦ ନାୟକ, ବାହାଦଲପୁର ଗ୍ରାମର କାହ୍ନୁ ଚରଣ ସାହୁ, ନୟାଗଡ଼ ଜିଲା ବାହାଡ଼ା ଗ୍ରାମର ମାନସ ଖଟୁଆ ଓ ଜଗତ୍‌ସିଂହପୁର ଜିଲା ନୂଆପାଟଣା ଗ୍ରାମର ବିରଞ୍ଚି ନାରାୟଣ ସାହୁ। ପଚରାଉଚୁରା ପରେ ସେମାନେ ନକଲି ଅଧିକାରୀ ପରିଚୟ ଦେଇ ଗାଡ଼ି ଜବତ କରିଥିବା ଜଣାପଡ଼ିଥିଲା।

# ଭୋଟ୍ ପାଇଁ ୧୮, ବିବାହ ପାଇଁ କାହିଁକି ୨୧

**ଭୁବନେଶ୍ୱର, ୧୭।୧୨ (ବ୍ୟୁରୋ): ଝିଅମାନଙ୍କ ସର୍ବନିମ୍ନ ବିବାହ ବୟସ ସୀମା ୧୮ରୁ ୨୧କୁ ବୃଦ୍ଧି ପାଇଛି। ଏଣିକି ୨୧ ବର୍ଷ ପୂର୍ବରୁ ଝିଅଙ୍କ ବିବାହ ବେଆଇନ। ତେବେ ଆମ ଦେଶରେ ଶାସନକର୍ତ୍ତା ଚୟନ କରିବା ପାଇଁ ୧୮ ବର୍ଷ ବୟସ ନିର୍ଦ୍ଧାରଣ କରାଯାଇଥିବାବେଳେ ନିଜର ଜୀବନସାଥୀ ବାଛିବା ପାଇଁ ଆଉ ୩ବର୍ଷ ଅପେକ୍ଷା କରିବାକୁ ପଡିବ। ଯେଉଁ ସମୟରେ ଜଣେ ଝିଅ ନିଜର ବୁଦ୍ଧି, ପରିପକ୍ୱତା ଦ୍ୱାରା ଚାକିରିଠାରୁ ଆରମ୍ଭ କରି ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ସକ୍ଷମ ହୋଇ ପାରୁଛି, ସେହି ସମୟରେ ସେମାନଙ୍କୁ ନିଜ ବିବାହର ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ ନ କରିବା କେତେଦୂର ଯୁକ୍ତିଯୁକ୍ତ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। କ୍ୟାବିନେଟ୍‌ର ଏହି ନିଷ୍ପତ୍ତିକୁ କେହି ସ୍ୱାଗତ କରିଥିବାବେଳେ ଆଉକେତେଜଣ ଆଇନ୍‌ର ଅନ୍ୟ ଏକ ଦିଗକୁ ଦେଖିବାକୁ ଚେଷ୍ଟା କରିଛନ୍ତି।**



### ଉଚ୍ଚଶିକ୍ଷା, କର୍ମନିଯୁକ୍ତି ସୁନିଶ୍ଚିତ ହେବା ଦରକାର



ଝିଅଙ୍କ ବିବାହ ବୟସ ୨୧ ବର୍ଷ କରାଯାଇଛି। ଏଥିପାଇଁ ସେମାନଙ୍କ ଉଚ୍ଚଶିକ୍ଷା, କର୍ମନିଯୁକ୍ତିକୁ ସୁନିଶ୍ଚିତ କରିବା ଦରକାର। ୨୧ ବର୍ଷ ପର୍ଯ୍ୟନ୍ତ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରା ନ ଗଲେ ଏହି ନିୟମ ପୂର୍ଣ୍ଣରୂପେ ଲାଗୁ ହୋଇପାରିବ ନାହିଁ। କମ୍ ଆଟେଣ୍ଡାନ୍ସ ପାଇଁ ସରକାର ବିଦ୍ୟାଳୟ ବନ୍ଦ କରି ଦେଉଛନ୍ତି। ଲକ୍ଷେ ୮୧ହଜାର ପିଲା ଦଶମ ପାସ୍ କରି ମଧ୍ୟ ଉପର ଶ୍ରେଣୀକୁ ଯାଇପାରୁ ନାହାନ୍ତି। ଏଭଳି ସ୍ଥିତିରେ କେବଳ ବିବାହ ବୟସ ବଢାଇଲେ କିଛି ହେବନାହିଁ। ଯଦି ୧୮ ବର୍ଷ ବୟସରେ ଦେଶର ଶାସନ କର୍ତ୍ତାଙ୍କୁ ବାଛିପାରୁଛୁ, ସେତେବେଳେ ୧୮ ବର୍ଷରେ ନିଜ ଜୀବନସାଥୀଙ୍କୁ କାହିଁକି ବାଛି ପାରିବା ନାହିଁ। ସେମାନେ କେବେ ବିବାହ କରିବେ, କାହାକୁ କରିବେ ଓ ବିବାହ କରିବେ କି ନାହିଁ ସେ ନିଷ୍ପତ୍ତି ନେବାରେ ସକ୍ଷମ ହେବା ଭଳି ଏକ ପରିସ୍ଥିତି ଆମକୁ ତିଆରି କରିବାକୁ ପଡିବ।

– ଘାସିରାମ ପଣ୍ଡା, ଶିଶୁ ଅଧିକାରୀ କର୍ମୀ

### ୧୫ରୁ ୨୦ ବର୍ଷ ଭିତରେ ସୁପରିଣାମ ମିଳିବ



ସମସ୍ତେ ନିଜ ଧର୍ମ ଓ ଜାତିପ୍ରଥା ଅନୁଯାୟୀ ବିବାହ କରୁଥିଲେ। ମାତ୍ର ଏହି ନୂତନ ନିୟମ ସର୍ବଧର୍ମ ନିର୍ବିଶେଷରେ ଲାଗୁ ହେବ। ଏହାସହ ଝିଅମାନେ ସ୍ୱାସ୍ଥ୍ୟ, ଦକ୍ଷତାମୂଳକ ବା ଧନ୍ଦାମୂଳକ ଶିକ୍ଷାରେ ଆଗକୁ ବଢିପାରିବେ। ତେବେ ଏହାର ସୁପରିଣାମ ଆମକୁ ଏବେ ନୁହେଁ, ବରଂ ୧୫ରୁ ୨୦ ବର୍ଷ ଭିତରେ ମିଳିବ। ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ସହ ଲୋକଙ୍କୁ ସଚେତନତା ଏବଂ ଅନ୍ୟାନ୍ୟ ବହୁ କାର୍ଯ୍ୟ କରିବାକୁ ପଡିବ।

– ନମ୍ରତା ଚଢା, ସାମାଜିକ କର୍ମୀ

### ବାଲ୍ୟବିବାହ ବନ୍ଦ ହେବ ଭାବିବା ଭୁଲ୍



ବୟସ ବଢେଇ ଦେଲେ ଯେ ବାଲ୍ୟ ବିବାହ ବନ୍ଦ ହୋଇଯିବ, ତାହା ଭାବିବା ଭୁଲ୍। ସ୍କୁଲ ବ୍ୟବସ୍ଥା ବାହାରକୁ ଆସିବା ପରେ ଝିଅମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ତେଣୁ ଘରଲୋକ ସେମାନଙ୍କ ବିବାହ ଶୀଘ୍ର କରିଦେଉଛନ୍ତି। ବିବାହ ବୟସ ବୃଦ୍ଧି ନିଷ୍ପତ୍ତି ସହିତ ବାଳିକାଙ୍କର ଉଚ୍ଚଶିକ୍ଷା ନିଶ୍ଚିତ କରିବା, ଦକ୍ଷତା ବିକାଶ, କର୍ମନିଯୁକ୍ତି ସୁଯୋଗ ଆଦି ମିଳିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

– ବି.ଏନ୍. ଦୁର୍ଗା, କାର୍ଯ୍ୟକ୍ରମ ପରିଚାଳକ, ଆକ୍ସନଏଡ୍

### ଗ୍ରାମାଞ୍ଚଳରେ ବିବାହ ସମସ୍ୟା ବଢ଼ିଯିବ



ଗ୍ରାମାଞ୍ଚଳରେ ପ୍ରସ୍ତାବିତ ବିବାହକୁ ଅଧିକ ଗୁରୁତ୍ୱ ଦିଅନ୍ତି। ପରିବାର ଲୋକେ ଝିଅ ପାଇଁ ପୁଅ ଖୋଜାଖୋଜିରେ ଅଧିକାଂଶ ସମୟ ଚାଲିଯାଇଥାଏ। ଏବେ ୨୧ବର୍ଷ ବୟସ କରାଗଲେ ଏହାପରଠାରୁ ବର ଖୋଜା ଆରମ୍ଭ ହେବ। ଏହା ଭିତରେ ଝିଅଙ୍କ ବୟସ ଆହୁରି ଗଡ଼ିଯିବ, ଯାହା ସେମାନଙ୍କ ବିବାହ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିବ। ଝିଅ ଓ ପରିବାର ଲୋକଙ୍କ ଉପରେ ମାନସିକ ଚାପ ବଢ଼ିବ। ବିବାହ ପାଇଁ ଆଉ ୩ବର୍ଷ ବଢାଇବାର କ'ଣ ଆବଶ୍ୟକତା ରହିଛି।

– ଜଲିଲ୍ ଖାଁ, ଶିକ୍ଷାବିତ୍

### ମୁସଲିମ ଝିଅଙ୍କ ଉପରେ ମାନସିକ ଚାପ ପଡ଼ିବ



ମୁସଲିମ୍ ସମ୍ପ୍ରଦାୟରେ ଅଧିକାଂଶ ଝିଅ ୧୮ ବର୍ଷ ପରେ ବିବାହ କରନ୍ତି। ଏବେ ନୂଆ ନିୟମ କାରଣରୁ ଆମକୁ ସମସ୍ୟା ହେବ। ଏହାଦ୍ୱାରା ଆମ ଝିଅଙ୍କ ଉପରେ ମାନସିକ ଚାପ ପଡ଼ିବ। ସାଧାରଣତଃ ପୁଅଙ୍କ ତୁଳନାରେ ଝିଅମାନେ ମାନସିକ ଭାବେ ବେଶି ପରିପକ୍ୱ। ତେଣୁ ପୁଅଙ୍କ ବିବାହ ବୟସ ୨୧ ଓ ଝିଅଙ୍କର ୧୮ ବର୍ଷ ରହିଥିଲା। ଏବେ ଝିଅଙ୍କର ସର୍ବନିମ୍ନ ବୟସ ୨୧ ହେବା ଦ୍ୱାରା କମ୍ ବୟସର ପୁଅ ମିଳିବା କଷ୍ଟକର ହେବ।

– ନିଲୁଫର ଖାତୁନ୍, ଗୃହିଣୀ

### ଆଇନ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ପଡ଼ିବ



ଏହାଦ୍ୱାରା ଝିଅମାନେ ଶିକ୍ଷା କ୍ଷେତ୍ରରେ ଆହୁରି ସଶକ୍ତ ହୋଇପାରିବେ। ୨୦୦୬ ବାଲ୍ୟ ବିବାହ ଆଇନରେ ମଧ୍ୟ ଏହା ସଂଶୋଧନ ଆଣିବ। କିନ୍ତୁ ଆଇନ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ବ୍ୟାପକ ସଚେତନତା ହିଁ ଏହାର ବଡ଼ ସଫଳତା ହେବ। ଅନେକ ଲୋକ ଝିଅଙ୍କ ପାଠପଢ଼ା ଅଧାରୁ ବନ୍ଦ କରିଦେଇ ଭଲ ପ୍ରସ୍ତାବ ଆସିଲେ ବାହାଘର କରିଦିଅନ୍ତି। ଏ କ୍ଷେତ୍ରରେ ପରିବର୍ତ୍ତନ ଆସିବ।

– ପ୍ରୀତିଚ୍ଛନ୍ଦା ଧଳ, ସାମାଜିକକର୍ମୀ

### ଶିକ୍ଷା ପୂର୍ଣ୍ଣ କରିବାର ସୁଯୋଗ ମିଳିବ



ବିବାହ ବୟସ ବୃଦ୍ଧି ହେବା ଦ୍ୱାରା ଝିଅମାନଙ୍କୁ ଆଗକୁ ବଢିବା ପାଇଁ ଆଉ କିଛି ସମୟ ମିଳିପାରିବ। ଅଧିକାଂଶ ପରିବାରରେ ୧୮ ବର୍ଷ ହେବା ମାତ୍ରେ ଅଧାରୁ ପାଠ ଛଡାଇ ବିବାହ କରାଇ ଦିଅନ୍ତି। ଏବେ ତାହା ଆଉ ହେବ ନାହିଁ। ପୁଅଙ୍କ ଭଳି ଝିଅଙ୍କୁ ମଧ୍ୟ ସେମାନଙ୍କର ଶିକ୍ଷା ପୂର୍ଣ୍ଣ କରିବାର ସୁଯୋଗ ମିଳିବ।

– ଶାନ୍ତିଲତା ନାଏକ, କଲେଜ ଛାତ୍ରୀ

### ଝିଅଙ୍କ ସ୍ଥିତିରେ ସୁଧାର ଆସିବ



୧୮ ବର୍ଷରେ ବିବାହ ଓ କମ୍ ବୟସରେ ଝିଅମାନେ ମାତୃତ୍ୱ ଲାଭ ସେମାନଙ୍କର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଏ। ଅନ୍ୟପକ୍ଷରେ ଅଧାରୁ ପାଠ ଛାଡି ବିବାହ କରିଥିବାରୁ କୌଣସି ଅପ୍ରୀତିକର ପରିସ୍ଥିତି ଆସିଲେ ସେମାନଙ୍କୁ ଚାକିରି ମିଳିବାରେ ସମସ୍ୟା ହୋଇଥାଏ। ଏବେ ଏସବୁଥିରେ ସୁଧାର ଆସିବ।

– ମନୀଷା ମୁଦୁଲି, କଲେଜ ଛାତ୍ରୀ

### ନାରୀ ସଶକ୍ତୀକରଣ ପାଇଁ ଆଉ ଏକ ସୁଯୋଗ



ପୂର୍ବରୁ ୧୮ ବର୍ଷର ଝିଅ ସଙ୍ଗେ ୨୧ ବର୍ଷର ପୁଅଙ୍କ ବିବାହ ପାଇଁ ନିୟମ ରହିଥିଲା। କାରଣ ୧୮ବର୍ଷରେ ଝିଅ ଓ ୨୧ ବର୍ଷରେ ପୁଅର ମସ୍ତିଷ୍କ ପରିପକ୍ୱ ହୋଇଥାଏ। ଏବେ କିନ୍ତୁ ଝିଅ ଓ ପୁଅଙ୍କ ବିବାହ ବୟସ ସମାନ ହେଲା। ଫଳରେ ଝିଅର ପରିପକ୍ୱତା ଅଧିକ ରହିବ ଓ ସେମାନେ ସଶକ୍ତ ହୋଇ ଆଗକୁ ବଢ଼ିବାକୁ ସୁଯୋଗ ମିଳିବ।

– ଶୈଳବାଳା ଜେନା, ଆଇନଜୀବୀ

### ବହୁ ପୂର୍ବରୁ ଏହି ନିଷ୍ପତ୍ତି ନେବାର ଥିଲା



ବହୁ ପୂର୍ବରୁ ଏହି ନିଷ୍ପତ୍ତି ନେବାର ଥିଲା। ତେବେ ବିଳମ୍ବରେ ହେଉପଛେ ସରକାରଙ୍କ ପଦକ୍ଷେପ ସମ୍ପୂର୍ଣ୍ଣ ସ୍ୱାଗତଯୋଗ୍ୟ। ବିବାହ ବୟସ ୧୮ ଯୋଗୁ ଝିଅଟିଏ ସାଂସାରିକ ଜଞ୍ଜାଳ ଭିତରେ ପଶିଗଲେ ଉଚ୍ଚଶିକ୍ଷା ଗ୍ରହଣ କରିବାରେ ସମସ୍ୟା ଦେଖାଦେଉଥିଲା। ୨୧ ବର୍ଷ ନିଷ୍ପତ୍ତି ଦ୍ୱାରା ଝିଅଟିଏ ତା'ର କ୍ୟାରିୟର ଗଢିପାରିବ।

– ଜ୍ଞାନରଞ୍ଜନ ମହାନ୍ତି, ଆଇନଜୀବୀ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ନାରାୟଣ ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ୍ ପରିସର, ପାଣ୍ଡରା, ସକାଳ ୯ଟା ୩୦।
- ଉମେଶ ଖଣ୍ଡେଲୱାଲ ଫାଉଣ୍ଡେଶନ ଟ୍ରଷ୍ଟ ଓ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ପକ୍ଷରୁ ଫିଜିଓଥେରାପି ଶିବିର, ତେରାପନ୍ଥ ଭବନ, ପୂର୍ବାହ୍ନ ୧୦ଟା।
- ମହିଳା ଓ ଶିଶୁ ଅଧିକାରୀ ଜାତୀୟ ସମାବେଶ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଆମ ଜୀବନରେ ରମାକାନ୍ତ ପୁସ୍ତକ ଉନ୍ମୋଚନ, ବୁଦ୍ଧ ମନ୍ଦିର, ଅପରାହ୍ନ ୩ଟା।
- କୋଣାର୍କ ପବ୍ଲିସର୍ସ ଓ ଶିକ୍ଷାସନ୍ଧାନର ମିଳିତ ଆନୁକୂଲ୍ୟରେ ପୁସ୍ତକ ଉନ୍ମୋଚନ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବ, ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଅହମିୟା ଭାଷାରେ 'ରାଗପୁଷ୍ପ' ଗଳ୍ପ ସଂକଳନ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ):** ଗଳ୍ପ ସଙ୍କଳନ 'ରାଗପୁଷ୍ପ'କୁ ଅହମିୟା ଭାଷାରେ ଅନୁବାଦ କରିଛନ୍ତି ପ୍ରସିଦ୍ଧ ଲେଖକ ଚାଣକ୍ୟ ଚିରାଙ୍ଗ। ମୂଳ ପୁସ୍ତକଟିରେ କବି ତଥା ଗାଳ୍ପିକ ଏସିପି ଯଶୋବନ୍ତ ସେଠୀଙ୍କ ୧୪ଟି ନିର୍ବାଚିତ ଗଳ୍ପକୁ ଏଥିରେ ଅନୁବାଦ କରାଯାଇଛି। ଆସାମର ଗୁଆହାଟୀ ପ୍ରେସକ୍ଲବଠାରେ ପ୍ରକାଶନୀ ସଂସ୍ଥା ଆଜୋଲି ଦ୍ୱାରା ଏହାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦୀପ ଗୋଗେଇ, ଆସାମର ପ୍ରସିଦ୍ଧ କବି ଓ ଗାଳ୍ପିକ ଗୀତାଞ୍ଜଳି ବୋରା, ସଂଗୀତଜ୍ଞ ତଥା ପୂର୍ବତନ କଲେଜ ଅଧକ୍ଷ ଯୋଗେଶ ଚନ୍ଦ୍ର ନାଥ, କବି ଓ ଔପନ୍ୟାସିକା ରୁମି ଦତ୍ତ, କବି ମଣିଜ୍ୟୋତି ବର୍ଗୋହାଁଙ୍କ ସମେତ ବହୁ ସାରସ୍ୱତ ସାଧକ ଏହି ଉତ୍ସବରେ ଯୋଗଦେଇଥିଲେ।

### ଜଳବାୟୁ ସ୍ଥିରତା, ମୃତ୍ତିକା ବନ୍ଧନ ଉପରେ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ):** ଭାରତୀୟ ମୃତ୍ତିକା ସଂରକ୍ଷଣ ସୋସାଇଟି ଏବଂ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ୩ଦିନିଆ ଜାତୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଛି। ଭାରତୀୟ ଜଳ ପ୍ରବନ୍ଧନ ସଂସ୍ଥାନ ଭୁବନେଶ୍ୱରଠାରେ ଆୟୋଜିତ ଏହି ସମ୍ମିଳନୀର ଶୀର୍ଷକ ଥିଲା 'ଜଳବାୟୁ ସ୍ଥିରତା ସହିତ କୃଷି ଏବଂ ପର୍ଯ୍ୟାବରଣର ସ୍ଥିରତା ପାଇଁ ଜଳ ଓ ମୃତ୍ତିକା ପ୍ରବନ୍ଧନ ସମ୍ବନ୍ଧିତ ବୈଷୟିକ ଜ୍ଞାନ କୌଶଳ'। ୧୨ଟି ଅଧିବେଶନରେ ଦେଶବିଦେଶରୁ ୯୮ଜଣ ବୈଜ୍ଞାନିକ ଯୋଗଦେଇ ନିଜ ଅନୁସନ୍ଧାନର ଫଳାଫଳ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆମେରିକାର ପ୍ରଫେସର ଡା. ବିଜୟ ଗୋପାଲ କାକାନି ଭବିଷ୍ୟତର ସ୍ମାର୍ଟ ଫାର୍ମିଂ ଉପରେ ମତ ରଖିଥିଲେ। ଜାପାନସ୍ଥିତ ଗ୍ଲୋବାଲ ଏନଭାଇରନ୍‌ମେଣ୍ଟ ଷ୍ଟ୍ରାଟେଜି ସଂସ୍ଥାନର ଡା. ଏସ.ସି.ଭି.ଆର୍.କେ. ପ୍ରଭାକର ବିଶେଷ ଅତିଥି ଭାବେ ଯୋଗଦେଇ ପ୍ରାକୃତିକ ସମ୍ପଦର ସୁପରିଚାଳନା ପାଇଁ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ କୁଳପତି ଡା. ଶ୍ରୀବାସ୍ତବ ପ୍ରତିଭାଗୀମାନଙ୍କୁ ସମ୍ବୋଧନ କରିଥିଲେ। ପ୍ରାକୃତିକ କ୍ଷୟକ୍ଷତିର ମୁକାବିଲା ପାଇଁ ଆଞ୍ଚଳିକ ସ୍ତରୀୟ ସହଯୋଗ, କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳ ଓ ମୃତ୍ତିକାର ପରିଚାଳନା, କୃଷିରେ ସ୍ଥିରତା ପାଇଁ ନୀତିଗତ ଦିଗ, ଅର୍ଗାନିକ ଫାର୍ମିଂ, ଆଧୁନିକ କୃଷି ପ୍ରଣାଳୀର ପର୍ଯ୍ୟାବରଣ ଓ ଜୈବ ବିବିଧତା ସହିତ ସାମାଜିକ ପ୍ରଭାବ ଆଦି ଉପରେ ଆଲୋଚନା କରାଯାଇଥିଲା। ଡା. ପି. ବ୍ରହ୍ମାନନ୍ଦ ସଂଯୋଜନା କରିଥିଲେ।

# ଧାରଣାରେ ହୋମିଓପାଥିକ ଛାତ୍ରୀଛାତ୍ର

**ସମସ୍ୟା ଘେରରେ ଡା. ଅଭିନ୍ନଚନ୍ଦ୍ର ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ**

ଭୁବନେଶ୍ୱର,୧୭।୧୨ (ବ୍ୟୁରୋ)

ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୫୦ରୁ ଊର୍ଦ୍ଧ୍ୱ ଥିବାବେଳେ ପାଠପଢ଼ାଇବାକୁ ନାହାନ୍ତି ଆବଶ୍ୟକ ଅଧ୍ୟାପକ। ଫଳରେ ପାଠପଢ଼ା ଓ ଭବିଷ୍ୟତକୁ ନେଇ ଚିନ୍ତାରେ ଛାତ୍ରୀଛାତ୍ର। ଏଭଳି ଅନେକ ସମସ୍ୟାକୁ ନେଇ ସରକାର ଓ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶେଷରେ ଛାତ୍ରୀଛାତ୍ରମାନେ ୧୬ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨ଦିନ ହେବ ତାଲା ପକାଇ ଧାରଣାରେ ବସିଛନ୍ତି। କୌଣସି ଅଧ୍ୟାପକଙ୍କୁ ଭିତରକୁ ଛାଡୁନାହାନ୍ତି। ଫଳରେ ଡାଃ ଅଭିନ୍ନଚନ୍ଦ୍ର ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି।

ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଅଭିଯୋଗ ହେଲା, ମହାବିଦ୍ୟାଳୟରେ ମୂଳ ଅଧ୍ୟାପକ ପଦବୀ ୩୭ ରହିଥିବାବେଳେ ଏବେ ମାତ୍ର ୧୫ଜଣ ଅଛନ୍ତି। ଏମାନଙ୍କ ମଧ୍ୟରୁ ନିୟମିତ ଶିକ୍ଷକ ମାତ୍ର ୩ଜଣ। ଫଳରେ ଶିକ୍ଷାଦାନ ଗୁରୁତର ବାଧାପ୍ରାପ୍ତ ହୋଇଛି। ସେହିଭଳି ଅଣହୋମିଓପାଥିକ ବିଷୟ ଯଥା– ଆନାଟୋମି, ସର୍ଜରୀ, ଫିଜିଓଲୋଜି ଆଦିରେ କୌଣସି ଅଧ୍ୟାପକ ଏଯାଏ ନାହାନ୍ତି। କରୋନା ସମୟରେ ସରକାରଙ୍କ ନିୟମ ଅନୁସାରେ ସମସ୍ତ ଇଣ୍ଟର୍ନଙ୍କୁ କୋଭିଡ୍ ଡ୍ୟୁଟିରେ ନିଯୁକ୍ତି ଦିଆଯାଇଥିଲା। ସମାନ କାମ କରି ଦିଲ୍ଲୀ, କେରଳ ଓ ପଶ୍ଚିମବଙ୍ଗରେ ଯଥାକ୍ରମେ ୨୩,୫୦୦, ୨୦ହଜାର, ୨୭,୪୦୫ଟଙ୍କା ମାସିକ ଷ୍ଟାଇପେଣ୍ଡ ପାଉଥିବାବେଳେ ଓଡ଼ିଶାର ଆୟୁଷ ଇଣ୍ଟର୍ନଙ୍କ ମାସିକ ଷ୍ଟାଇପେଣ୍ଡ୍ ମାତ୍ର ୧୨ହଜାର ଟଙ୍କା ରହିଛି। ଷ୍ଟାଇପେଣ୍ଡ୍ ବଢ଼ାଇବାକୁ ଗତ ଫେବୃୟାରୀରେ କଲେଜ କର୍ତ୍ତୃପକ୍ଷ ଓ ଆୟୁଷ ନିର୍ଦ୍ଦେଶକଙ୍କୁ ସେମାନେ ଜଣାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉନି। ସେହିଭଳି ପାଠପଢ଼ି ଛାତ୍ରୀଛାତ୍ର ବେକାର ହୋଇ ବସୁଛନ୍ତି। ପ୍ରତିବର୍ଷ ରାଜ୍ୟର ୬ ସରକାରୀ ଓ ବେସରକାରୀ ହୋମିଓପାଥିକ କଲେଜରୁ ୨୫୦ ଛାତ୍ରୀଛାତ୍ର ବାହାରୁଥିଲେ ମଧ୍ୟ ତଦନୁଯାୟୀ ସରକାରୀ ନିଯୁକ୍ତି ବାହାରୁ ନାହିଁ ବୋଲି ଓଡ଼ିଶା ହୋମିଓପାଥିକ ଛାତ୍ର ସଂସଦ ସଭାପତି ଡା. ଅଭିନାଶ ଦାଶ କହିଛନ୍ତି। ସେହିପରି ଅବସର ବୟସ ୬୦ରୁ ୬୫ ବୃଦ୍ଧି କରିବା ପାଇଁ ଶିକ୍ଷକ ଓ ମେଡିକାଲ ଅଫିସରମାନେ ଦାବି କରିଛନ୍ତି। ୨୦୨୧–୨୨ବର୍ଷର ଛାତ୍ର ସଂସଦ ସଭାପତି ଶୁଭଙ୍କର ମିଶ୍ର କହିଛନ୍ତି, ଏହାର ତୁରନ୍ତ ପଦକ୍ଷେପ ନିଆଯିବା ସହ ଉପରୋକ୍ତ ଦାବିଗୁଡ଼ିକର ସମାଧାନ ନେଇ ଲିଖିତ ପ୍ରତିଶ୍ରୁତି ଦିଆଯାଉ। ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର ହେବ। ଏନେଇ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ବିଶୋଇ କହିଛନ୍ତି, ପିଲାମାନଙ୍କ ଦାବି ଯୁକ୍ତିଯୁକ୍ତ। ଦାବିଗୁଡ଼ିକ ବିଷୟରେ ଆୟୁଷ ବିଭାଗକୁ ଚିଠି ଲେଖାଯାଇଛି। ସେମାନେ ଛାତ୍ରୀଛାତ୍ରଙ୍କୁ ଭେଟିବା ସହ ଏହାର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।



- ଅଧ୍ୟାପକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ
- ପାଠପଢ଼ା, ନିଯୁକ୍ତି, ଅବସର ବୟସ ବୃଦ୍ଧି ଦାବି



କଟକ ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ ମହାନଦୀ ଉତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ନାଟିକା କାଞ୍ଚି ଅଭିଯାନର ଏକ ଦୃଶ୍ୟ।

## କୃଷକ ବିଦ୍ୟାଳୟରେ ବିହନ ଉତ୍ପାଦନ ତାଲିମ

ବାଲିଅନ୍ତା,୧୭।୧୨(ଡି.ଏନ୍.ଏ.)

ବବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଶୁକ୍ରବାର କୃଷି ବିଭାଗ ପକ୍ଷରୁ ଆୟୋଜିତ କୃଷକ ବିଦ୍ୟାଳୟରେ ବିହନ ଉତ୍ପାଦନ ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଫାର ବୈଜ୍ଞାନିକ ସୁରେନ୍ଦ୍ର ସିଂହ, ପ୍ରାଣୀ ଚିକିତ୍ସାଧିକାରୀ ଜ୍ୟୋତିରଞ୍ଜନ ବିଶ୍ୱାଳ, ମତ୍ସ୍ୟ ଅଧିକାରୀ ସନ୍ଧ୍ୟାରାଣୀ ବଳବନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଗୁଣାତ୍ମକ ବିହନ ଉତ୍ପାଦନ ଉପରେ ୨୦ଜଣ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଟିଏମ୍ ପ୍ରଶାନ୍ତ କୁମାର ମିଶ୍ର ଭଲ ବିହନର ଆବଶ୍ୟକତା ବୁଝାଇବା ସହ ଅଧିକ ଉନ୍ନତମାନର ବିହନ ଉତ୍ପାଦନରେ ବାଲିଅନ୍ତା ବ୍ଲକର ଚାଷୀଙ୍କ ସୁନାମ ରହିଛି ବୋଲି କହିଥିଲେ। କୃଷି ଅଧିକାରୀ ଜି.ଶ୍ୱେତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୃଷକମାନେ ପ୍ରଶିକ୍ଷଣ ନେବା ସହ କ୍ଷେତ୍ର ପରିଦର୍ଶନ କରିଥିଲେ।

# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର

ଭୁବନେଶ୍ୱର, ୧୭।୧୨ (ବ୍ୟୁରୋ)

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର। ସେ ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ଭିତ୍ତିଭୂମିର ବିକାଶ କରି ପ୍ରଗତିଧାରାକୁ ଗତିଶୀଳ କରିଥିଲେ। ତାଙ୍କର ବହୁମୂଲ୍ୟ ଅବଦାନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାର୍ତ୍ତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହା କହିଥିଲେ।

ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କୁ ଜଣେ ସଚ୍ଚୋଟ ଦେଶପ୍ରେମୀ, ପ୍ରଜାବତ୍ସଳ, ଆଦର୍ଶ ଓ ମାତୃଭୂମିର ସେବକ ଭାବେ ଅଭିହିତ କରିଥିଲେ। ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡ. ଲେନିନ୍ ମହାନ୍ତି କହିଲେ, ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରି ସେ ରାଜ୍ୟର ସାଧାରଣ ନାଗରିକଙ୍କ ଜୀବନଧାରାର ମାନକୁ ଉନ୍ନତ କରିଥିଲେ। ଶିକ୍ଷାବିତ୍ ତଥା ଗବେଷକ ଡ. ଗିରୀଶ ପ୍ରସାଦ ସ୍ୱାଇଁ କହିଲେ, ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ରାଜତ୍ୱକାଳରେ କୃଷି, ଶିକ୍ଷା, ଶାସନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ହୋଇଥିଲା ଏବଂ ସାହିତ୍ୟ–ସଂସ୍କୃତି କ୍ଷେତ୍ରରେ ବିକାଶ ପାଇଁ ସେ ବହୁ କାର୍ଯ୍ୟ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ମୟୂରଭଞ୍ଜ ସାଂସ୍କୃତିକ ସଂସଦ ତରଫରୁ ଶିକ୍ଷାବିତ୍ ସନତ କୁମାର ଦାସପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସଭା ପରେ ମୟୂରଭଞ୍ଜ ସାଂସ୍କୃତିକ ସଂସଦ ତରଫରୁ ପାରମ୍ପରିକ ସାନ୍ତାଳୀ ନୃତ୍ୟ ପରିବେଷଣ କରାଯାଇଥିଲା। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଓଡିଶାରେ କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର

ଭୁବନେଶ୍ୱର, ୧୭।୧୨ (ବ୍ୟୁରୋ)

ରାଜ୍ୟ କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲା କୁମାର ୩ ଦିନିଆ ଓଡିଶା ଗସ୍ତରେ ଆସି ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ତାଙ୍କ ସହ ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ ମଧ୍ୟ ଆସିଛନ୍ତି। ଶନିବାର ସକାଳ ୯ଟାରେ ରାଜ୍ୟ ସରକାରଙ୍କ ବସ୍ତି ଉଚ୍ଛେଦ ବିରୋଧରେ ଡୁମୁଡୁମାସ୍ଥିତ ସୁବାସ ନଗର ବସ୍ତିବାସିନ୍ଦାଙ୍କ ଧାରଣାରେ ଯୋଗଦେଇ ସେମାନଙ୍କ ମନୋବଳ ବୃଦ୍ଧି କରିବେ। ଚେଲ୍ଲା କୁମାର ନୟାଗଡ ଗସ୍ତ କରିବେ। ସେଠାରେ ଜିଲା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ସେହିଦିନ ଫୁଲବାଣୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ୧୯ରେ କନ୍ଧମାଳରେ ସେ ଆଉ ଏକ ଜିଲା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ଏକ ମିଶ୍ରଣ ପର୍ବକୁ ସମ୍ବୋଧିତ କରିବେ। ଚେଲ୍ଲା କୁମାର ଓ ରୁଦ୍ର ରାଜୁଙ୍କ ସହ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଭୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବେ ବୋଲି ପିସିସି ପକ୍ଷରୁ ସୂଚନା ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦନ



@ ସନ୍ତୋଷ



@ ରାଜଶ୍ରୀ



@ ଅଭିଲିପ୍ସା



@ ଅଚିନ୍ତ୍ୟ



@ ନିର୍ମଳ

## ରାଜ୍ୟପାଳଙ୍କୁ ସମାଜବାଦୀ ପାର୍ଟିର ସ୍ମାରକପତ୍ର

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ୟୁପି ଲଖିମପୁର ଖେରି କୃଷକ ହତ୍ୟା, ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ଧାନକ୍ରୟ ପ୍ରସଙ୍ଗକୁ ନେଇ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଏକ ୩ ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ରାଜଭବନଠାରେ ଭେଟି ଆଲୋଚନା କରିଛନ୍ତି। ଏଥିସହ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, କୃଷି ଆଇନକୁ ବିରୋଧ କରି ୟୁପିରେ ଆନ୍ଦୋଳନରତ ଚାଷୀଙ୍କ ଉପରକୁ ଗାଡି ଚଢ଼ିବା ଆକସ୍ମିକ ନ ଥିଲା ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଏସ୍ଆଇଟି ରିପୋର୍ଟରେ ପ୍ରକାଶ ପାଇଛି। ତେଣୁ କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରାଙ୍କ ଇସ୍ତଫା ଦାବି କରାଯାଇଛି। ବାତ୍ୟା 'ଜୱାଦ' ଯୋଗୁ ରାଜ୍ୟରେ ଲଗାଣ ବର୍ଷାରେ ପାଚିଲା ଧାନ ଓ ପନିପରିବା ଫସଲ ହରାଇ ସର୍ବସ୍ୱାନ୍ତ ହୋଇଥିବା ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ କେନ୍ଦ୍ର ସରକାର ଅଗ୍ରିମ ୧ ହଜାର କୋଟି ଟଙ୍କାର ରିଲିଫ ସହାୟତା ପ୍ରଦାନ, ଆଗାମୀ ଦିନରେ ଏଫ୍‌ସିଆଇ ଦ୍ୱାରା ଚାଷୀଙ୍କଠାରୁ ଧାନ କିଣିବା ପାଇଁ କେନ୍ଦ୍ର ଖାଦ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ପାର୍ଟି ପକ୍ଷରୁ ଦାବି କରାଯାଇଛି।




ପୁରୀ ଚକ୍ରତୀର୍ଥରୋଡ୍ ନିକଟରେ ହେବାକୁ ଥିବା ନୂତନ ବ୍ଲୁ ଫ୍ଲାଗ୍ ବିଚ୍‌କୁ କ୍ଷୁଦ୍ର ବ୍ୟବସାୟୀ, ମତ୍ସ୍ୟଜୀବୀ ଏବଂ ଉଠାଦୋକାନୀମାନେ ବିରୋଧ କରି ଧାରଣା ଦେଇଛନ୍ତି।



ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୧ତମ ଜୟନ୍ତୀରେ ଶୁକ୍ରବାର ଭୁବନେଶ୍ୱର ପାୱାରହାଉସ୍ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ଓ ଅନ୍ୟମାନେ।



ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠର ୭୫ତମ ବର୍ଷ ପୂର୍ତ୍ତି ଉତ୍ସବ ଉଦ୍‌ଘାଟନ ଅବସରରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ଗ୍ରେଟର ଗ୍ରୀନ୍‌ଭିଲେ ପକ୍ଷରୁ ଆମେରିକାରେ ବନ୍ଧୁମିଳନ

ଭୁବନେଶ୍ୱର,(ବ୍ୟୁରୋ)-ଆମେରିକାରେ ଆମ ଓଡିଶା ଗ୍ରେଟର ଗ୍ରୀନ୍‌ଭିଲେ ପକ୍ଷରୁ ବାର୍ଷିକ ଶିଶିର ସରସ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ମହାମାରୀ ପରେ ପ୍ରଥମଥର ପାଇଁ ଏହି ଉତ୍ସବ କୋଭିଡ୍ କଟକଣା ସହ ପାଳିତ ହୋଇଛି।ଏହି ଅବସରରେ ଜଗନ୍ନାଥଙ୍କ ଭଜନ, ଓଡ଼ିଶୀ ନୃତ୍ୟ ଆଦି କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରୀ, ଓଡିଆ ଏବଂ ହିନ୍ଦୀ ଚଳଚ୍ଚିତ୍ର ସଂଗୀତରେ ନୃତ୍ୟ ସହ ବଲିଉଡ୍ ଓ ପାଶ୍ଚାତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଦହିବରା,ଆଳୁଦମ,ଓଡିଆ ପଣା,ପିଠା, ଖଜା, ଉଖୁଡା, ମୁଆଁ, ଛେନାପୋଡ ଓ ପାନର ସ୍ୱାଦ ସମସ୍ତଙ୍କ ମନରେ ଓଡ଼ିଆ ସ୍ମୃତିକୁ ଜାଗ୍ରତ କରିଥିଲା।

## ସଂକ୍ଷେପରେ

### ରାଜଧାନୀରେ ବନ୍‌ଜାରା ନାବାଳିକା ଚୋର ଗ୍ୟାଙ୍ଗ୍ ଧରିଲେ ଅଟୋ ଡ୍ରାଇଭର

ଭୁବନେଶ୍ୱର, ୧୭।୧୨(ବ୍ୟୁରୋ): ରାଜଧାନୀରେ ବନ୍‌ଜାରା ନାବାଳିକା ଚୋର ଗ୍ୟାଙ୍ଗ୍ ମାତିଛନ୍ତି। ସୁଯୋଗ ପାଇବା ମାତ୍ରେ ପର୍ସ, ଭ୍ୟାନିଟି, ମୋବାଇଲ୍ ଫୋନ୍ ଚୋରି କରିନେଉଛନ୍ତି। ଶହୀଦନଗର ଥାନା ଅନ୍ତର୍ଗତ ରସୁଲଗଡ଼ ଅଟୋ ଷ୍ଟାଣ୍ଡ୍ ନିକଟରେ ଉକ୍ତ ଗ୍ୟାଙ୍ଗର ଜଣେ ନାବାଳିକା ସଦସ୍ୟା ଶୁକ୍ରବାର ଜଣେ ଯୁବତୀଙ୍କ ପର୍ସ ଚୋରି କରିନେଇ ପଳାଉଥିବାବେଳେ ସ୍ଥାନୀୟ ଅଟୋ ଡ୍ରାଇଭରମାନେ ତାଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ହେଲେ ପର୍ସରେ ଥିବା ୫ହଜାର ଟଙ୍କାକୁ ଅନ୍ୟ ବନ୍‌ଜାରା ନାବାଳିକା ନେଇଯାଇଥିବା ଜଣାପଡିଛି। ଲୁଟ୍‌ର ଶିକାର ଯୁବତୀ ଜଣକ ହେଲେ ଯାଜପୁରର ଲକ୍ଷ୍ମୀପ୍ରିୟା ସାହୁ। ସେ ପୂର୍ବାହ୍ନରେ ରସୁଲଗଡ଼ରେ ପହଞ୍ଚି ବମିଖାଲରେ ରହୁଥିବା ତାଙ୍କ ସାଙ୍ଗଙ୍କ ପାଖକୁ ଯିବାକୁ ଅଟୋରେ ବସିବାକୁ ଯାଉଥିଲେ। ଏହି ସମୟରେ ସେଠାରେ ଠିଆ ହୋଇଥିବା ୪ରୁ ଊର୍ଦ୍ଧ୍ୱ ନାବାଳିକା ତାଙ୍କ ଭ୍ୟାନିଟିର ପଛପାର୍ଶ୍ୱ ଚେନ୍ ଖୋଲି ଟଙ୍କା ଭର୍ତ୍ତି ପର୍ସ ନେଇଯାଇଥିଲେ। ତେବେ ଲକ୍ଷ୍ମୀପ୍ରିୟା ଏହା ଜାଣିପାରି ନ ଥିଲେ। ତେବେ ଅନ୍ୟଜଣେ ଅଟୋ ଡ୍ରାଇଭର ଏହା ଦେଖି ସମ୍ପୃକ୍ତ ନାବାଳିକା ଲୁଟେରାଙ୍କୁ ପିଛା କରିଥିଲେ। ହେଲେ ସେମାନେ ଟଙ୍କା କାଢ଼ି ନେଇ ଖାଲି ପର୍ସଟିକୁ ଫୋପାଡି ଦେଇଥିଲେ। ଅଟୋ ଡ୍ରାଇଭର ଜଣକ ଜଣେ ନାବାଳିକାଙ୍କୁ ଧରିବାକୁ ଉଦ୍ୟମ କରୁଥିବାବେଳେ ସେ ବ୍ଲେଡ୍ ଦେଖାଇ ଭୟଭୀତ କରାଇଥିଲେ। ସେଠାରେ ଥିବା ଅନ୍ୟ ଡ୍ରାଇଭରମାନେ ଘେରିଯାଇ ତାଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଲକ୍ଷ୍ମୀପ୍ରିୟାଙ୍କ ଅଭିଯୋଗକ୍ରମେ ନାବାଳିକାଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଛି। ଏନେଇ ଶହୀଦନଗର ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି, ବନ୍‌ଜାରା ଗୋଷ୍ଠୀର ପିଲାମାନେ ଚୋରି କରିଛନ୍ତି। ତେବେ ଚୋରି କରିଥିବା ଟଙ୍କା ଫେରାଇଲେ ଅଟକ ନାବାଳିକାଙ୍କୁ ଛଡ଼ାଯିବ ବୋଲି ସେ କହିଛନ୍ତି।

### ଓଡ଼ିଆରେ ଅନୁବାଦ ହେଲା 'ଟେନ୍ ଡେଜ୍ ଦ୍ୟାଟ୍ ସେକ୍ ଦ ୱାର୍ଲଡ'

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)- ରୁଷ ବିପ୍ଲବର ଜୀବନ୍ତ ଘଟଣାକୁ ନେଇ ଲେଖାଯାଇଥିବା ବିଶ୍ୱ ଇତିହାସର ପ୍ରଖ୍ୟାତ ପୁସ୍ତକ 'ଟେନ୍ ଡେଜ୍ ଦ୍ୟାଟ୍ ସେକ୍ ଦ ୱାର୍ଲଡ'କୁ ଓଡ଼ିଆ ଭାଷାରେ ଅନୁବାଦ କରାଯାଇଛି। କମ୍ୟୁନିଷ୍ଟ ନେତା ତଥା ମାର୍କ୍ସବାଦୀ ସାହିତ୍ୟର ଲେଖକ ଜନାର୍ଦ୍ଦନ ପତି 'ଦୁନିଆ ଥରାଇଥିବା ଦଶ ଦିନ' ନାମରେ ଏହାକୁ ଅନୁବାଦ କରିଥିବାବେଳେ ମହିଳା ନେତ୍ରୀ ପୁଷ୍ପା ଦାଶ ଏଥିରେ ସହାୟତା କରିଛନ୍ତି। ପ୍ରଗତି ପ୍ରକାଶନୀ ତରଫରୁ ପ୍ରକାଶିତ ଏହି ଅନୁବାଦ ପୁସ୍ତକକୁ ଶୁକ୍ରବାର ଉନ୍ମୋଚନ କରାଯାଇଛି। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଅଳି କିଶୋର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ୧୯୧୭ ନଭେମ୍ବରରେ ଲେନିନଙ୍କ ନେତୃତ୍ୱରେ ସଂଗଠିତ ହୋଇଥିବା ଏହି ମହାନ ସମାଜବାଦୀ ବିପ୍ଳବ ରୁଷ ମାଟିରେ ଶ୍ରମିକ ଶ୍ରେଣୀ ନେତୃତ୍ୱରେ ସୈନିକ, କୃଷକ ସମେତ ସମାଜର ସକଳ ଶକ୍ତିକୁ ଏକାଠି କରିବାରେ ସଫଳ ହୋଇଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ବାଦିକ ଜନ ରିଡ୍‌ଙ୍କ ଏହି ପୁସ୍ତକରେ ଜୀବନ୍ତ ଭାବେ ରୁଷ ବିପ୍ଳବର ଘଟଣାବଳୀ ବର୍ଣ୍ଣନା କରାଯାଇଛି। ଏହା ଏକ କାଳଜୟୀ ପୁସ୍ତକ ବୋଲି ଲେଖକ ପତି କହିଛନ୍ତି। ସାହିତ୍ୟିକ ଡ. ଅଶ୍ୱିନୀ କୁମାର ମିଶ୍ର, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ବାମପନ୍ଥୀ ବୁଦ୍ଧିଜୀବୀ ଶ୍ରୀମନ୍ତ ମହାନ୍ତି, ସୁରେଶ ପାଣିଗ୍ରାହୀ, ଜଗନ୍ନାଥ ମିଶ୍ର, ଦୁଷ୍ମନ୍ତ ଦାଶ, ଶିଶିର ହୁଇ,ସୂର୍ଯ୍ୟମଣି ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### 'ହନୁମଚ୍ଚତ୍ୱାରିଂଶିକା' ପୁସ୍ତକର ସମୀକ୍ଷା

ଭୁବନେଶ୍ୱର,୧୭।୧୨(ବ୍ୟୁରୋ) - ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ରଚିତ 'ହନୁମଚ୍ଚତ୍ୱାରିଂଶିକା' ପୁସ୍ତକର ସମୀକ୍ଷା ସଭା ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଚେତନା ପରିଷଦ ପ୍ରତିଷ୍ଠାତା ଅଜ୍ଞ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ହନୁମାନ ଚାଳିଶାର ଏହି ଶାସ୍ତ୍ରୀୟ ଭାଷା ଓ ତହିଁରେ ସ୍ଥାନିତ ସମାନଛନ୍ଦରେ ଚାଳିଶାର ସଂସ୍କୃତ ପଦ୍ୟାନୁବାଦ ସମଗ୍ର ଭାରତବର୍ଷରେ ଅଦ୍ୱିତୀୟ ବିବିଧ ଶାସ୍ତ୍ରୀୟ ତଥ୍ୟ ଓ ତତ୍ତ୍ୱକୁ ଆଧାର କରି ରଚିତ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ପ୍ରମଥ ପଟ୍ଟନାୟକ ଯୋଗଦେଇ ଅସୁର-ଦଳନ ଓ ସନ୍ଥପାଳନରେ ଦକ୍ଷ ମଙ୍ଗଳମୂର୍ତ୍ତି ହନୁମାନଙ୍କ ଉପାସନା ସଂପ୍ରତି କଳିଯୁଗରେ ବେଶ ପ୍ରଭାବଶାଳୀ ବୋଲି ମତ ଦେଇଛନ୍ତି। ରାମକଥା ବାଚକ ପଣ୍ଡିତ ଈଶ୍ୱର ଚନ୍ଦ୍ର ତ୍ରିପାଠୀ ଓ ସଭାପତି ନୀଳାଦ୍ରିମୋହନ ଶତପଥୀ ପୁସ୍ତକର ବିବିଧ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟ ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର, ୧୭।୧୨ (ବ୍ୟୁରୋ)

### ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରସଙ୍ଗ

ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ ବୋଲି କେନ୍ଦ୍ର ଅଗ୍ରାହ୍ୟ କରିବା ପରେ ଓଡ଼ିଶାର ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜି. କିଷାନ୍ ରେଡ୍ଡୀଙ୍କୁ ଚିଠି ଲେଖି ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଭାରତୀୟ ମୁକ୍ତି ସଂଗ୍ରାମର ଇତିହାସରେ ୧୮୧୭-୨୫ ପାଇକ ବିଦ୍ରୋହ ଏକ ଗୌରବମୟ ଅଧ୍ୟାୟ। ଇଂରେଜ ବିରୋଧରେ ସୁସଂଗଠିତ ଓ ସୁଦୂରପ୍ରସାରୀ ଏହି ବିଦ୍ରୋହ ପରବର୍ତ୍ତୀ ସମୟରେ ମୁକ୍ତି ସଂଗ୍ରାମକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇଥିଲା। ଏଥିରେ ବହୁ ସମ୍ଭ୍ରାନ୍ତ ଜମିଦାର, ଦଳେଇ ଦଳବେହେରାଙ୍କଠାରୁ ଆରମ୍ଭ କରି ପ୍ରତି ବର୍ଗର ଲୋକ ସାମିଲ ହୋଇ ଇଂରେଜ ସରକାରକୁ ଦୋହଲାଇ ଦେଇଥିଲେ। ଏହି ଗଣବିପ୍ଳବରେ କେତେ ଫାଶୀ, କେତେ ଦ୍ୱୀପାନ୍ତର ଓ ଅନେକଙ୍କୁ ସଶ୍ରମ କାରାଦଣ୍ଡ ଦିଆଯାଇଥିଲା। ଓଡ଼ିଶାର ଜନସାଧାରଣଙ୍କ ଭାବାବେଗକୁ ସମ୍ମାନ ଜଣାଇ ଇତିହାସର ଠିକ ମୂଲ୍ୟାୟନ ପାଇଁ ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ପୂର୍ତ୍ତି ପାଳନ ଅବସରରେ ୨୦୧୭ରେ ରାଜ୍ୟ କ୍ୟାବିନେଟର ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି ଅନୁଯାୟୀ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଥିଲେ। ଚଳିତବର୍ଷ ବିଧାନସଭା ଶୀତ ଅଧିବେଶନରେ ଏ ନେଇ ସଂକଳ୍ପ ପାରିତ ହୋଇଛି ବୋଲି ମନ୍ତ୍ରୀ ଚିଠିରେ ଦର୍ଶାଇଛନ୍ତି।

### 'କେନ୍ଦ୍ର ସରକାର ପୁନର୍ବିଚାର କରନ୍ତୁ'

ଖୋର୍ଦ୍ଧା ଅଫିସ,୧୭।୧୨: ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଓ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଦାବି ଜୋର ଧରିଛି। ଏନେଇ ରାଜ୍ୟର ପାଇକ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା ସହ ସଭା କରାଯାଉଛି। ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା, ଏ ଜାତିର ସ୍ୱାଭିମାନ। ଓଡ଼ିଆ ପୁଅଙ୍କ ବୀରତ୍ୱ ଆଗରେ ବ୍ରିଟିଶ ମଥା ନୁଆଁଇଥିଲା। ଦ୍ୱିଶତ ବାର୍ଷିକୀ ଅବସରରେ ଏହାକୁ କେନ୍ଦ୍ରୀୟ ସ୍ତରରେ ସ୍ୱିକୃତି ଦିଆଯାଇଥିବା ବେଳେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଘୋଷଣା ନ କରିବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର ଏହାର ପୁନର୍ବିଚାର କରନ୍ତୁ। ନଚେତ ଆଗାମୀ ଦିନରେ ଏହି ଆନ୍ଦୋଳନ ଜୋରଦାର କରାଯିବ ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ କହିଛନ୍ତି।

### ଇଭି ଟୁହ୍ୱିଲର୍ସ ସେଗ୍‌ମେଣ୍ଟରେ ପୁଞ୍ଜି ନିବେଶ କରିବ କମ୍ପାନୀ

ଭୁବନେଶ୍ୱର,୧୭।୧୨



ଭାରତରେ ବର୍ତ୍ତମାନ ଇ ସ୍କୁଟର (ଇଭି) ଯାନ ପ୍ରଚଳିତ ପାଇଁ ସରକାର ବିଭିନ୍ନ ପଦକ୍ଷେପ ସହ ସହଯୋଗ ଏବଂ ସହାୟତା ଯୋଗାଇ ଦେଉଛନ୍ତି। ଏହାକୁ ଦେଶବାସୀ ଗ୍ରହଣ କରିବା ସହ ସମାଜକୁ ଏକ ସୁସ୍ଥ ପରିବେଶ ପ୍ରଦାନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକତା ରହିଛି। ଏହି କ୍ଷେତ୍ରକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନିକଟରେ ଇଭି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି ଯେ, ଆସନ୍ତା ୨ ବର୍ଷ ମଧ୍ୟରେ କମ୍ପାନୀ ୧୦୦୦ କୋଟି ଟଙ୍କା ଇଭି ଯାନ ନିର୍ମାଣ କ୍ଷେତ୍ରରେ ନିବେଶ କରିବାକୁ ଯୋଜନା ରଖିଛି। ବର୍ତ୍ତମାନ ଇଭି ଚାହିଦା ବୃଦ୍ଧି ସାଙ୍ଗକୁ ୨୦୨୫ ବେଳକୁ ଏହାର ହାରାହାରି ଆବଶ୍ୟକତା ୪.୫ରୁ ୫ ମିଲିୟନ ହେବ ବୋଲି କମ୍ପାନୀ ଆକଳନ କରିଛି। ସେହିଭଳି ଇ-ଯାନରେ ବଜାରରେ ଇଭି ୧୦% ବଜାର ଶେୟାର ଅଧିକାର କରିବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଇଭି ଇଣ୍ଡିଆ ପକ୍ଷରୁ ନୂଆ ଇଲେକ୍‌ଟ୍ରିକ ସ୍କୁଟର 'ସୋଲ'ର ଶୁଭ ଉନ୍ମୋଚନ କରାଯାଇଛି। ନିକଟରେ ଦିଲ୍ଲୀର ଏକ ହୋଟେଲ ପରିସରରେ ଏହାର ବଜାର ପ୍ରବେଶ କରାଯାଇଥିଲା। ଏହି ଅବସରରେ ଦେଶର ବହୁ ଜଣାଶୁଣା ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହାକୁ ଥରେ ଚାର୍ଜ କଲେ ପ୍ରାୟ ୧୨୦ କିମି ଯାତ୍ରା କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଇଭି ଇଣ୍ଡିଆର ନିର୍ଦ୍ଦେଶକ ତଥା ସହ ପ୍ରତିଷ୍ଠାତା ହର୍ଷବର୍ଦ୍ଧନ ଡିଡୱାନିଆ କହିଛନ୍ତି ଯେ, ନୂତନ ଭାବେ ଲୋକାର୍ପଣ ହୋଇଥିବା ସୋଲ୍ ସ୍କୁଟର ନିଶ୍ଚିତ ଭାବେ ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ। ଏହା ଦ୍ୱାରା ପ୍ରଦୂଷଣ ହ୍ରାସ ପାଇବା ସହ ଏଥିରେ ଯାତ୍ରା କରିବା ବେଶ୍ ନିରାପଦ ଓ ପରିବେଶ ସ୍ୱର୍ଶ ଅନୁଭବ କରିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଦେଶ ମଧ୍ୟରେ ନୂଆ ମଡେଲର ଇ-ସ୍କୁଟର ପ୍ରସ୍ତୁତ କରିବା ଲାଗି ଇଭି ଇଣ୍ଡିଆ ଗବେଷଣା, ଡିଜାଇନ୍ ଓ ଏହାର ବିକାଶ ଆଦିରେ ଅଧିକରୁ ଅଧିକ ଅର୍ଥ ନିବେଶ କରିଛି। ଏହି ସ୍କୁଟରରେ ଜିପିଏସ୍ ସିଷ୍ଟମ, ଜିଓ ଗ୍ୟାଗିଙ୍ଗ ଓ ଚୋରିକୁ ରୋକିବା ଲାଗି ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏହି ସ୍କୁଟର ୩ରୁ ୪ ଘଣ୍ଟାରେ ୦-୧୦୦ ଚାର୍ଜ ହେବା ସହିତ ଘଣ୍ଟା ପ୍ରତି ସର୍ବାଧିକ ୬୦ କିମି ବେଗରେ ଯାତ୍ରା କରିପାରିବ। ଇଭି ଇଣ୍ଡିଆ ଭାରତ ଗ୍ରୁପର ଏକ ଅଂଶ ବିଶେଷ ଭାବେ କାର୍ଯ୍ୟ କରୁଛି। କମ୍ପାନୀର ସର୍ବାଧିକ ସ୍କୁଟର ପ୍ରସ୍ତୁତି ଭୁବନେଶ୍ୱରରେ ହୋଇଥାଏ। ଏଠାରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଏହାର ୧୦୦ ଡିଲର, ୫୦ ସବ୍‌ଡିଲର ଏପରିକି ୨୦ଟି ରାଜ୍ୟର ୧୦୦ ସହରରେ ନିଜ ଉପସ୍ଥିତି ଜାହିର କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।



କିସ୍ ପରିସରରେ ଶେଷ ହୋଇଥିବା 'କଳାକୁମ୍ଭ' କାର୍ଯ୍ୟକ୍ରମରେ ଶିଳ୍ପୀମାନେ ତିଆରି କରିଥିବା ବିଶାଳ କଳାକୃତି।

### ୪୭ତମ ଡା. ଦିବାକର ମିଶ୍ର ଗାନ୍ଧର୍ବ କଳା ମହୋତ୍ସବ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ଗାନ୍ଧର୍ବ କଳା ପରିଷଦ ପକ୍ଷରୁ ୪୭ତମ ଡା. ଦିବାକର ମିଶ୍ର ଗାନ୍ଧର୍ବ କଳା ମହୋତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନଗୋ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ରଞ୍ଜନ କୁମାର ଦାସ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବନ୍ଦନା ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକା ପଦ୍ମଶ୍ରୀ ଡାକ୍ତର ପ୍ରତିଭା ରାୟଙ୍କୁ 'ଡା. ଦିବାକର ମିଶ୍ର ଆଜୀବନ ସାଧନା ସମ୍ମାନ', ରାମହରି ଜେନାଙ୍କୁ 'ଗାନ୍ଧର୍ବ କଳା ଚିତ୍ର ସମ୍ମାନ' ଓ ପ୍ରଫେସର ମାନସ ରଞ୍ଜନ ମହାପାତ୍ରଙ୍କୁ 'ଗାନ୍ଧର୍ବ କଳା ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ଏକକ ନୃତ୍ୟ, ସଞ୍ଜୟ କୁମାର ବେହେରାଙ୍କ ଦେବୀ ସ୍ତୁତି, ସୂର୍ଯ୍ୟାଷ୍ଟକ ଓ ଗାୟତ୍ରୀ ମିଶ୍ରଙ୍କ ଶିବ ସ୍ତୁତି ନାଗେନ୍ଦ୍ରହାରାୟ ପରିବେଷଣ ମନମୁଗ୍ଧ କରିଥିଲା।

# ପ୍ରସ୍ତୁତ ହେଲା ୭୫୦ ମିଟର ଲମ୍ବର କଳାକୃତି

ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)

### ସରିଲା କଳାକୁମ୍ଭ

ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟ ପକ୍ଷରୁ କିଟ୍ ଓ କିସ୍ ସହଯୋଗରେ କିସ୍ ପରିସରରେ ଚାଲିଥିବା 'କଳାକୁମ୍ଭ' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ସମେତ ଉତ୍ତରପୂର୍ବାଞ୍ଚଳ ରାଜ୍ୟର ୨ଶହରୁ ଊର୍ଦ୍ଧ୍ୱ କଳାକାର ଯୋଗଦେଇଥିଲେ। ସଂଗ୍ରହାଳୟ ମହାନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କଳା ଉତ୍ସବରେ କଳାକାରମାନେ ୭୫୦ ମିଟର ଲମ୍ବ ବିଶିଷ୍ଟ କଳାକୃତି ପ୍ରସ୍ତୁତ କରିଛନ୍ତି। ଏହା ୨୦୨୨ ସ୍ୱାଧୀନତା ଦିବସ ପାଳନର ଏକ ଅଂଶବିଶେଷ ରୂପେ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍‌ଠାରେ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଛି।

ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟର ମହାନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକ, ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟ ପରାମର୍ଶଦାତା କମିଟିର ଅଧ୍ୟକ୍ଷ ହର୍ଷବର୍ଦ୍ଧନ ଶର୍ମା, ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା କଳିଙ୍ଗ ଟିଭି ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ବିଶିଷ୍ଟ ସ୍ଥପତି ତଥା କିଟ୍ ଆର୍କିଟେକଚର ସ୍କୁଲ୍‌ର ନିର୍ଦ୍ଦେଶକ ଏସ୍ ଏସ୍ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ନିକଟରେ କିଟ୍-କିସ୍ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧୀନରେ ଥିବା ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟ (ଏନ୍‌ଜିଏମ୍‌ଏ) ସହ ନୂଆଦିଲ୍ଲୀରେ ଜନଜାତି କଳା, ସଂସ୍କୃତି ଓ ପରମ୍ପରା ସୁରକ୍ଷା ପାଇଁ ଏକ ବୁଝାମଣା ହୋଇଥିଲା। ଏହି ବୁଝାମଣା ଅନୁସାରେ ୧୨ ତାରିଖରୁ 'କଳାକୁମ୍ଭ' ଆରମ୍ଭ ହୋଇଥିଲା।

# ଭୁବନେଶ୍ୱର କୋର୍ଟରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ଆନ୍ଦୋଳନ

ଭୁବନେଶ୍ୱର, ୧୭।୧୨(ବ୍ୟୁରୋ): ଭୁବନେଶ୍ୱର କୋର୍ଟରେ ହାଇକୋର୍ଟ ବେଞ୍ଚ୍ ସ୍ଥାପନ ଦାବି କରି ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଶାନ୍ତିପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏଥିସହ କୋର୍ଟର ମୁଖ୍ୟ ଫାଟକ ନିକଟରେ ଓକିଲମାନେ ଧାରଣା ଦେବା ସହ ପ୍ରତିବାଦ କରିଥିଲେ। କରୋନା ଯୋଗୁ ୨ ବର୍ଷ ହେଲା ଏହି ଆନ୍ଦୋଳନ ବନ୍ଦ ରଖାଯାଇଥିଲା। ସବୁ ରାଜ୍ୟର ରାଜଧାନୀରେ ହାଇକୋର୍ଟ ଥିବାବେଳେ ଭୁବନେଶ୍ୱରରେ ଏହି ବେଞ୍ଚ ସ୍ଥାପନ ହେଲେ ବହୁ ଆଇନଜୀବୀ ଏବଂ ଜନସାଧାରଣ ଉପକୃତ ହେବେ ବୋଲି ସେମାନେ କହିଥିଲେ। ଏହି ଧାରଣାରେ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ସଂଘ ସଭାପତି ନିର୍ମଳ କିଶୋର ରଥ, ଉପସଭାପତି ଦେବୀଦତ ବାରିକ, ସମ୍ପାଦକ ରାଜ୍ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# 'ସାହିତ୍ୟ କୃତି ଶିଶୁ ଅନନ୍ତଙ୍କୁ କାଳଜୟୀ କରିଛି'

ବାଲିପାଟଣା,୧୭।୧୨(ଡି.ଏନ୍.ଏ.)

### ପୀତବାସ ରାଉତରାୟଙ୍କୁ ଶିଶୁ ଅନନ୍ତ ସମ୍ମାନ

ଶିଶୁ ଅନନ୍ତ ସ୍ମୃତି ସଂସଦ ଓ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସିଦ୍ଧ ସାଧକ ଶିଶୁ ଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଶୁକ୍ରବାର ଜନ୍ମସ୍ଥାନ ବାଲିପାଟଣା ଠାରେ ପାଳିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ଅଭିମନ୍ୟୁ ନାୟକଙ୍କ ସଭାପତିତ୍ୱରେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଉଦ୍‌ଘାଟକ ଭାବେ ଯୋଗଦେଇ କହିଥିଲେ, ଶିଶୁ ଅନନ୍ତ ପୀଠର ଉନ୍ନତୀକରଣ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ରେକି ମିଶନ ଅଧ୍ୟକ୍ଷ ବିଜ୍ଞାନୀ ଗୁରୁ ଶ୍ରୀଗୁରୁ ସନ୍ଥ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଶିଶୁ ଅନନ୍ତ ତାଙ୍କ ସାହିତ୍ୟ କୃତି ପାଇଁ କାଳଜୟୀ ହୋଇ ରହିବେ। ତାଙ୍କ ହଜିଲା କୃତୀକୁ ଆବିଷ୍କାର କଲେ ସମାଜର ଏକ ବଡ଼ ପରିବର୍ତ୍ତନ ହେବ। ସେହିପରି ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନନନ୍ଦ ସାଗର କୁମାର ବେହେରା ଅତିଥିଭାବେ ଯୋଗଦେଇ ଅନନ୍ତଙ୍କ ସୃଷ୍ଟି ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ଏକାଡେମୀର ରଶ୍ମିରଞ୍ଜନ ଶତପଥୀ ଯୋଗଦେଇଥିଲେ। ସ୍ମୃତି ସଂସଦ ସମ୍ପାଦିକା ତନ୍ମୟ ଦାସ ଗୋସ୍ୱାମୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଲେଖକ ପୀତବାସ ରାଉତରାୟଙ୍କୁ ଶିଶୁ ଅନନ୍ତ ସମ୍ମାନ, ପଦ୍ମଶ୍ରୀ ବଟକୃଷ୍ଣ ସାହୁଙ୍କୁ ବାଲିପାଟଣା ଗୌରବ, ଅଭିରାମ ସରସ୍ୱତୀଙ୍କୁ ବାବା ମଧୁସୂଦନ ସମ୍ମାନ, ପ୍ରସନ୍ନ କୁମାର ମହାନ୍ତି ଓ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କୁ ସାମ୍ବାଦିକ ଗୌରବ ଓ ଶିଶୁ ସାହିତ୍ୟିକ ନୀଳମଣି ଚାନ୍ଦଙ୍କୁ ବଡଭାଇ ନଡ଼ିଆ ବିହାରୀ ସମ୍ମାନ ପ୍ରଦାନ କରାଯାଇଥିଲା। ରବି କୁମାର ଓ ତାଙ୍କ ସାଥି ଆବାହନୀ ସଙ୍ଗୀତ ଗାନ କରିଥିଲେ। ଡ.ଦେବାଶିଷ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ।



ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱମାନେ।


### The Odisha Small Industries Corporation Ltd.

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2338 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.5258/RE/OSIC Dt.13.12.2021

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the work "Supply and installation of Integrated All-in-one Solar Street lights consisting of 30 watt LED Light, 75 Watt Solar Panel, 12.8 volt-25 AH Battery, 6 Mtr. OD GI Pole". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
MANAGING DIRECTOR

OIPR-14073/11/0077/2122

### ଦ.ପୂ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆରଡି-ସିକେପି-୬୫୬-ମ୍ୟାନିଂ, ତାରିଖ: ୧୬।୧୨।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-I: ଟେକ୍ନିକାଲ ବିଡ୍ ଏବଂ ପ୍ୟାକେଟ୍-II: ଫାଇନାନ୍ସିଆଲ ବିଡ୍)ରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଏକବର୍ଷ ପାଇଁ ସିକେପି ଡିଭିଜନର ଏମ୍‌ଆଇକେ, କେଏନ୍‌ପିଏସ୍, ବିଜେଏମ୍‌ଡି, ବିଏସ୍‌ପିଏକ୍ସ, ଜିଓଏଲ୍, ଏସ୍‌ଏଲ୍‌ଜେଆର, ଆରକେଏସ୍‌ଏନ୍, ବିୟୁଏଲ୍, ବିଏମ୍‌ବି, ଜିପି, ସିପିଇ, ଏନ୍‌ଏକ୍ସଏନ୍, ସିବିଏସ୍‌ଏ, କେଓବିଏଲ୍, ଆରଏସ୍‌ପି (ଆରଓୟୁ) ଏବଂ ବିୟୁଏଫଠାରେ ଷୋହଳ (୧୬) ଗୋଟି ରେଳପଥ ମାଲିକାନାଧୀନ ଟ୍ରାକ୍ସନ୍ ସବ୍-ଷ୍ଟେଶନରେ କାର୍ଯ୍ୟଗୁଡ଼ିକର ଆଉଟ୍‌ସୋର୍ସିଂ । **ଟେଣ୍ଡର ମୂଲ୍ୟ:** ₹୧,୩୯,୫୧,୦୨୩.୩୬ । **ଇ.ଏମ୍.ଡି.:** ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/-; **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଇଇ (ଟିଆରଡି)/ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୦।୦୧।୨୦୨୨ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୦।୦୧।୨୦୨୨ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। PR-490

### ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/21-22/E-Tender/83,ତା.15.12.2021ରିଖ

(1) ଟେଣ୍ଡର ସଂ.e-Tender-CEN-KUR-219-2021,ତା.10.12.2021ରିଖ

**ବିବରଣୀ:** ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ତାଳଚେର କୋଲଫିଲ୍ଡର ଲିଙ୍ଗରାଜ ଠାରେ ଲିଙ୍ଗରାଜ SILO ସହିତ ଦେଉଲବେଡ଼ା ସାଇଡ଼ିଙ୍ଗ୍ ଏବଂ DB-2 ସାଇଡ଼ିଙ୍ଗ୍ ମଧ୍ୟରେ ରେଳ କନେକ୍ଟିଭିଟି ଏବଂ କ୍ୟାପ୍ଟିଭ ଲାଇନ୍ (ତାଳଚେର-ଏନ୍‌ଟିପିସି) ସହିତ ଲିଙ୍ଗରାଜ SILO କୁ ସଂଯୋଗ କରୁଥିବା ଏମ୍‌ସିଏଲ୍ ସାଇଡ଼ିଙ୍ଗର ଟ୍ରାକ୍ ରକ୍ଷଣାବେକ୍ଷଣ ନିମନ୍ତେ 3 ବର୍ଷ ସମୟାବଧି ପାଇଁ ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 444.00 ଲକ୍ଷ ।

(2) ଟେଣ୍ଡର ସଂ.e-Tender-CEN-KUR-221-2021,ତା.10.12.2021ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ମାଇକ୍ରୋ ଟନେଲିଙ୍ଗ୍ ପ୍ରଣାଳୀ ଦ୍ୱାରା ଭୁବନେଶ୍ୱର ୟାର୍ଡ଼ର ଦକ୍ଷିଣ ସୀମାଠାରେ ପୋଲ ନଂ.580ର ପ୍ରସ୍ତାବିତ ପୁନଃସ୍ଥାପନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 290.84 ଲକ୍ଷ ।

ଶେଷ ହେବା ଅବଧି: 36(ଛତିଶି) ମାସ (କ୍ରମ ସଂ.1 ପାଇଁ)ଏବଂ 06(ଛଅ) ମାସ (କ୍ରମ ସଂ.2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.31.12.2021 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ଼

PR-644/M/21-22

### OFFICE OF THE EXECUTIVE ENGINEER, RWSS DIVISION, BERHAMPUR

Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com

**Government of Odisha "e" Procurement Notice**
**NATIONAL COMPETITIVE BIDDING**
**1st Corrigendum to Bid Identification No. EERWSSBAM-24/2021-22**

No. 7366 Dated: 15.12.21

No. O-1368: Following modifications in Annexure - A of respective tender ID Nos. as detailed below against this office e-procurement notice cited above.

Sl. No. B-01 (for PWS to Mukundapur) & Sl. No. B-05 (for PWS to Chandanapur) are hereby cancelled due to administrative reason.

All other terms and conditions remain unaltered.

Sd./- Superintending Engineer, RWS&S Division, Berhampur
OIPR-25035/11/0016/2122

### GOVERNMENT OF ODISHA
### OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH

No. O-1362 E-mail: rw_sundargarh@yahoo.co.in

**SHORT TENDER CALL NOTICE**

**BID IDENTIFICATION NO. ONLINE-SESNG-17 OF 2021-22**

1. Name of the Work : Road & Building Works
2. Total No. of Works : 01 No. Road & 04 Nos. of Buildings
3. Estimated Cost : Rs.0.47 lakhs & Rs.5.31 lakhs
4. Class of Contractor : 'D' & 'C'
5. Period of Completion : 01 Calendar Month
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online - SESNG-17 of 2021-22 | 16.12.2021 10.00 A.M. | 22.12.2021 05.30 P.M. |

Further details can be seen from the website www.tendersorissa.gov.in.

Sd./- Superintending Engineer
Rural Works Division, Sundargarh
OIPR-25046/11/0028/2122

idco | ODISHA NEW OPPORTUNITIES No. CAD-2324

### OFFICE OF THE CHIEF GENERAL MANAGER (P&C), IDCO

IDCO TOWERS, JANPATH, BHUBANESWAR - 751022

Tender Call Notice No. IDCO/H.O./P&C/EST/E-1281/03/2017/22119 Dated: 23.12.2021

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the work : Construction of Division Road near Private Plot at Ramdaspur, Barang, Dist.: Cuttack (165.00mtr length)
2. Estimated Cost : Rs.75.18 lakh
3. Period of Completion : 02 (Two) Calendar Months
4. Other Details :

| Procurement Officer | Bid ID/Tender reference No. | Availability of Tender Online for Biddig | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-49/2021-22 | 20.12.2021 at 17.00 hrs. | 04.01.2022 upto 17.00 hrs. |

Further details can be seen from the e-Procurement Portal: www.tendersodisha.gov.in and Corrigendum if any will not be published in Newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
IDCO, Bhubaneswar

OIPR-14003/11/0138/2122

# ଶଟ୍‌ଡାଉନ୍

ସଂଜୟ ଭଞ୍ଜ

ଗଳ୍ପ



ଘଟଣାଟି ଅଳ୍ପଦିନ ତଳର। ରବିବାର ହେତୁ ଶଟ୍‌ଡାଉନ୍ ଥିଲା ସେ ଦିନ, ସବୁଆଡ଼େ। ଅବିର ମହାପାତ୍ର ଗେଟ୍ ଖୋଲି ବାଇକ୍ ବାହାର କରୁଛି, ଧର୍ମପତ୍ନୀ ତମିସ୍ରା ପଛରୁ ଚିଲ୍ଲେଇଲେ, ''ହେଃ, କୁଆଡ଼େ ଯାଉଛ, ହଠାତ୍...? ଆଜି ପରା ଶଟ୍‌ଡାଉନ୍ ଅଛି...।'' ଅବିର ବାଇକ୍ ଉପରେ ବସି ମିରରରେ ନିଜ ମିଲିଟାରୀକଟ୍ ଚୁଟିରୁ ଧଳା ଚୁଟିଟେ ଛିଡ଼ାଇ ନିଜ ମୋଟା ନିଶକୁ ସାଇଜ୍ କରୁକରୁ କହିଲା, ''ଘେରାଏ କଳ୍ପନା ଛକ ଆଡ଼େ ବୁଲିଆସେ। ଦୁଇ ଦିନ ହେଲା ଘରେ ବସିବସି ମୁଣ୍ଡ ଟିଣ ହୋଇଗଲାଣି ମଣିଷର...।''

ତମିସ୍ରା ଗେହ୍ଲେଇ ହେଇ କହିଲେ– ''ନଗଲେ କ'ଣ ହୁଅନ୍ତାନି? ଆଜି ସନ୍ଧ୍ୟାରେ ଷ୍ଟାର ଟିଭିରେ ଦେବ ଆର୍ଟ ଫିଲ୍ମ 'ଦେବଦାସୀ', ପନିର ପକୁଡ଼ି କରିଦେବି... ଖାଉଖାଉ ଦେଖିବ ସିନେମା, ଆସ ପ୍ଲିଜ୍...।''

ଅବିର ବାଇକ୍‌ର ଅଟୋ ଷ୍ଟାର୍ଟ କରି ସାରିଥିଲା ସେତେବେଳକୁ। ତାଙ୍କ କଥା ନ ଶୁଣିବାରୁ ମନେମନେ ଗାରୁଗାରୁ ହୋଇ ଗେଟ୍ ଲକ୍ କରି ଘର ଭିତରକୁ ଟୁଁ ଟୁଁ କରି ପଶିଗଲେ ତମିସ୍ରା, କେମିତି ଏକ ଅନୁଚ୍ଚାରିତ ରାଗ ଆଉ ଅଭିମାନରେ। ବାହାଘରକୁ ପାଞ୍ଚ ବର୍ଷ ପୂରିଗଲାଣି, ଅଥଚ ଲୋକଟା ତାକୁ ଟିକେ ବି ସମୟ ଦେଉନି...। ହେସ୍...ସ୍, ଗୁଡ୍ ଫର୍ ନଥିଙ୍ଗ୍...(!) ଅବିରର ବାଇକ୍ ଚାଲିଯିବାର ଶବ୍ଦ ଶୁଭିଲା ତମିସ୍ରାଙ୍କୁ। ସେ ରାଗରେ ମୁହଁ ମୋଡ଼ିଲେ, ଏତିକିବେଳେ ଝିଅ ଦ୍ରାକ୍ଷା ବେଡ୍‌ରୁମ୍ ଭିତରେ ଥାଇ, ନିଦରୁ ଉଠି ଚିତ୍କାର କଲା– 'ମାମ୍ମି...!'

ଅବିର ମହାପାତ୍ର ସେକ୍ରେଟାରିଏଟର ଗୃହ ବିଭାଗରେ ସେକ୍ସନ ଅଫିସର ଭାବେ କାମ କରେ। ଚାକିରିକୁ ତା'ର ଆଠ ବର୍ଷ ହେଲା। ଏଏସ୍‌ଓ ଭାବେ ଭର୍ତ୍ତି ହେଇଥିଲା କାମରେ ସିଏ। ବାହାଘର ପାଞ୍ଚ ବର୍ଷ ହେଲା ହୋଇଛି ତମିସ୍ରା ସହିତ, ୩ ବର୍ଷର ଝିଅ ଦ୍ରାକ୍ଷା ସହିତ ହସଖୁସିର ପରିବାର ସେମାନଙ୍କର। ବିଜେବି ନଗର ଏରିଆରେ ସେ ଗୋଟିଏ ସରକାରୀ ଫ୍ଲାଟ୍‌ର ତଳ ମହଲାରେ କ୍ୱାର୍ଟର ପାଇଛି ଏଇ ଏଗାର ମାସ ହେଲା। ଆମ୍ବ, ପଣସ ଭରା ଛୋଟ ବଗିଚାଟେ ବି ଅଛି, ନୂଆ କରି କିଣିଛି ସେ ଗୋଟେ ସ୍ୱିଫ୍ଟ କାର୍, ଲୋନ୍‌ରେ। ଖୁବ୍ ପାଖରେ ବିଜେବି କଲେଜ। ବିଧବା ବୋଉ ସେମାନଙ୍କ ପାଖେ ରହେ। ବାପା ଥିଲେ ହାଇସ୍କୁଲ ହେଡ୍‌ମାଷ୍ଟର। ସେ ଆର ପାରିକୁ ଯିବାର ଆଜିକୁ ୨ ବର୍ଷ ହେଇଗଲାଣି ପାଖାପାଖି। ବଡ଼ ଭଉଣୀ ବାଲେଶ୍ୱରରେ ବାହାହେଇଛି। ତା' ସ୍ୱାମୀ ହରିଶ୍ ଦୈନିକ 'ସଂକେତ' ଖବର କାଗଜର ବାଲେଶ୍ୱର ମୁଖ୍ୟ। ଗୋଟିଏ ବୋଲି ପୁଅ ଅବିର, ଗାଆଁରେ ଷୋହଳ ଏକର ଚାଷଜମି ଭାଗଚାଷୀମାନଙ୍କୁ ଦେଇ ଦିଆହୋଇଛି ବର୍ଷେ ହେଲା। ବୋଉ ଯାଇଛି ମାମୁଘରକୁ ତିନି ମାସ ହେଲା। କରୋନା ୨ୟ ଲହର ପାଇଁ ଆସିପାରିନି ଯାହା। ଠିକା ଚାକରାଣୀ ଚମ୍ପି, ଘରକାମ କରେ ସକାଳେ ଓ ସନ୍ଧ୍ୟାରେ। ତମିସ୍ରା ଆଗରୁ ଗୋଟିଏ ଲ' ଫାର୍ମରେ ପ୍ରାକ୍ଟିସ କରୁଥିଲେ, ଏବେ କରୋନା ପାଇଁ ସବୁ ଠପ୍। ମୋବାଇଲ ଫୋନ୍‌ରେ ତମିସ୍ରା ନିଜ ବୋଉଙ୍କ ପାଖକୁ ଫୋନ୍ ଲଗାଇ ମିଛିମିଛିକା କାନ୍ଦିଲେ– ହ୍ୟାଲୋ, ବୋଉ। ଯେ କେମିତି ଲୋକଟେ କେଜାଣି, ମୋ' ଜୀବନଟା ନଷ୍ଟ ହେଇଗଲା...!

ରାତି ୯ଟା ବେଳକୁ ଘରକୁ ଫେରିଲା ଅବିର। ଗେଟ୍ ଖୋଲି, ଖଣ୍ଟି କାଶ ମାରି, କଲିଂ ବେଲ୍ ଚିପି ନିଜକୁ ସହଜ କରିନେଲା ସେ। ଟିଭିଦେଖା ଅଧାରୁ ଛାଡ଼ି କବାଟ ଖୋଲିଲେ ତମିସ୍ରା। ଅବିର ଘର ଭିତରକୁ ଆସିବା ପୂର୍ବରୁ ତମିସ୍ରା ସାନିଟାଇଜର ଆଣି ତା' ଦେହରେ ସ୍ପ୍ରେ କରି କହିଲେ, ବାହାରୁ ଆସିଛ, ଯାଅ... ଟିକେ ଭଲରେ ଗାଧୋଇ ପଡ଼, ମୁଣ୍ଡ ଧୋଇବନି...। ହଠାତ୍ ଅବିରର ପ୍ୟାଣ୍ଟକୁ ଦେଖି ଚମକି ପଡ଼ିଲେ ତମିସ୍ରା। କ'ଣ ଭାବି ସେ ହାଇପାୱାରର ଲାଇଟ୍‌ଟା ଜଳେଇ ଦେଲେ ସ୍ୱିଚ୍ ବୋର୍ଡ ପାଖକୁ ଯାଇ। ଘୁରି ପଛକୁ ଚାହିଁଲା ସେ। ତାଙ୍କ ସାମ୍ନାରେ ଠିଆ ହୋଇଥିଲା ଅବିର, ମୂର୍ତ୍ତିଟେ ପରି। କ'ଣ ହେଲା? ଏମିତି କ'ଣ ଦେଖୁଛ? ଆଁ?? ତୁମେ ମଦ ପିଇଛ ନାଆଁ? ତମିସ୍ରା ସହସା ଜେରା କଲେ।

''ହଁ...ହଁ..., ନା...ନା...!! ଟିକେ ବିଅର୍; ବିଅରଟା କ'ଣ ମଦ?'' ଗେହ୍ଲେଇ ହୋଇ କହିଲା ଅବିର। କିଛି ସମୟ ନୀରବି ଯାଇ ତାମିସ୍ରା କହିଲେ– ''ତୁମେ ପୁରୁଷ ଲୋକ, ପୁଣି ପୁଲିସ ବିଭାଗର ଅଫିସର, ମଦ କି ବିଅର ପିଅ, ମୋର କିଛି କହିବାର ନାହିଁ। କିନ୍ତୁ ତୁମେ ଜିନସ୍ ପ୍ୟାଣ୍ଟଟା ଓଲଟା ପିନ୍ଧିଛ କାହିଁକି, ଗଲାବେଳକୁ ତ ଠିକ୍ ସେ ପିନ୍ଧିଥିଲ। ସତ କୁହ ତ ଦେଖି? କୋଉ ଡାହାଣୀ ପାଖକୁ ଯାଇଥିଲ ଶୁଣେ?

ଅବିରର ତଣ୍ଟି ଅଠା ଅଠା। ପାଦ ଟଳମଳ ଆଉ ସ୍ଥିତି ଅସମ୍ଭାଳ। ସେ ତମିସ୍ରାଙ୍କୁ ଆଡ଼େଇ ଦେଇ ବଡ଼ ରୁମ୍ ସଂଲଗ୍ନ ବାଥ୍‌ରୁମ୍ ଭିତରକୁ ପଶି ଯାଇ ସାୱାରଟାକୁ ଖୋଲି ଦେଲାବେଳକୁ ତା'ର ମନେପଡ଼ିଯାଉଥିଲା, ଏହି ୪ ଘଣ୍ଟା ସେ ବିତେଇକି ଆସିଥିଲା ତାନ୍ୟା ମହାନ୍ତି ଘରେ। ତାନ୍ୟା ମହାନ୍ତି ପୋଲିସ କନଷ୍ଟେବଲ, ନୂଆନୂଆ ଆସିଛି ଭୁବନେଶ୍ୱର। ଅବିବାହିତା, ପ୍ରୌଢ଼ା ଡିଭୋର୍ସି, ମା' ସହ ରହେ ଗୋଟେ ଟୁ ବିଏଚ୍‌କେ ଭଡ଼ାଘରେ, ଚିନ୍ତାମଣିଶ୍ୱର ଅଞ୍ଚଳରେ। ଚିକେନ ପକୋଡ଼ା ଚାଖଣା ସହିତ ଥଣ୍ଡା ବିଅର୍ ୨ଟା ପିଇ ସାରି ଶୋଇଯାଇଥିଲା ସେ ତାନ୍ୟା ମହାନ୍ତି ସାଥିରେ। ଠିକ୍ ଏତିକିବେଳେ, ଅପ୍ରତ୍ୟାଶିତ ତାନ୍ୟା ମହାନ୍ତିର ଅନ୍ୟ ଏକ ପ୍ରେମିକ ସବ୍ ଇନ୍ସପେକ୍ଟର ଜୟନ୍ତ ସାହାଣୀଙ୍କ ବୁଲେଟ୍ ଶବ୍ଦ ଆସି ପହଁଚିଗଲା ତାନ୍ୟା ଘର ଆଗରେ...! ଓଃ, ଯାଃ ଶଳା...! ତରତରରେ...!

ମୋ:୯୪୩୭୯୩୭୬୫୮୧

## କବିତା

### ସର୍ବଂସହା

ଭରତ ବେହେରା

ଏବେ କାହିଁକି ଉଖାରୁଚ
ପୁରାଣର ପୃଷ୍ଠା
ହୁଏତ, ବିଷମବେଳାରେ,
ବଣ୍ଟାଯାଇଥିବ
ଜାତି, ଗୋତ୍ର, ଧର୍ମ, କର୍ମ, ବୃତ୍ତି।
ସିଆଣିଆମାନେ ବାଛି ନେଇଥିବେ
ବଡ଼ ବଡ଼ କାମ, ତମ ପାଇଁ ରହିଥିବ
ବାକିତକ ଝାଳବୁହା ଶାରୀରିକ ପେସା।

ଉପରକୁ ଉଠିବାକୁ ସେମାନେ ତ
ଗଢ଼ିଥିବେ ଶିଡ଼ି, ତମେ ସବୁ ହେଇଥିବ
ନିସ୍ତରଙ୍ଗ ଫଳି।
ସେମାନଙ୍କ ଦୃଷ୍ଟିରେ, ଦିଶାରେ
ତମେ ସବୁ ହେଇପାର
ତଳଥାକ ମଣିଷର
ଭାରି ଭାଗୀଦାର
ସର୍ବହରା, ବାସ୍ତୁହରା କୁଳ।

ଆଦିମ ଯୁଗରୁ, ପଥର ଭଳି ସହିତ
ନୀଚକୁଳ, ଜନ୍ମ ତତ୍ତ୍ୱବୋଧ
ନିର୍ଦ୍ଧନ ହେବାର ଅସତ୍ୟ କାରଣ।
ପଚାର ପଚାର, ଅଧିକର
ମନମାନି ସହିବାକୁ
ତମେ କ'ଣ ଜନ୍ମ ହେଇଅଛ?
ହୁଏତ ସମାଜକର୍ମୀଙ୍କ ପାଇଁ ହେଇପାର
ସର୍ବହରା, ଅଗ୍ନିଗର୍ଭଶିଖା
କିନ୍ତୁ ସର୍ଜକର ସୃଜନ ପୃଷ୍ଠାରେ
ତମେ ନୁହଁ ସେମିତି କିଛି ବି।

ବରେଣ୍ୟ, ବିଦ୍ୱାନ୍ ବ୍ରଜ ମୋହନ ମିଶ୍ର
ତମକୁ ଚିହ୍ନେଇଛନ୍ତି ସର୍ବଂସହା
କୁଳ ବଂଶଧର।
ହେ ସର୍ବଂସହା, ହେ ମହାନ୍,
ହେ ମହାଜୀବନ
ଆକଳନ କିଏ ସେ କରିବ
ତମ ବଳବୀର୍ଯ୍ୟ
ତଉଲିବ କିଏ ତମ ପୀଡ଼ାର ଓଜନ
କିଏ ଦେବ ସହଣିର ମୂଲ
ପ୍ରଶମିତ କିଏ ସେ କରିବ,
କେତେ କେତେ
ଅପମାନ ବିଜଡ଼ିତ ଗହୀରିଆ
କ୍ଷତ, ଦାଗ, ଦର୍ଦ୍ଦ
ଅପେକ୍ଷାରେ ଥାଅ, ଅନ୍ୟ କେହି
ମହାପୁରୁଷର ଆଗମ ଅବଧି।

ମୋ: ୯୪୩୭୫୭୦୧୨୦

### ଗୀତି–କବିତା

### ମାଗିବିନି ଆଉ କିଛି

ଶରତ କୁମାର ଦାସ

ଜହ୍ନକୁ ମାଗିଲି ଜୋଛନା ମୁଠାଏ
ଛପିଗଲା ବଉଦରେ
ଫୁଲକୁ ମାଗିଲି ମଧୁର ସୁବାସ
ଝାଉଁଳିଲା ଲାଜ ଭରେ ॥

ସୂର୍ଯ୍ୟକୁ ମାଗିଲି ଆଲୋକ ଉତ୍ତାପ
ଅଳ୍ପ କିଛି ନିଜ ପାଇଁ
ପ୍ରଖର ତେଜରେ ଦେହ ଜାଳିଦେଇ
କହିଲା ସେ ନାହିଁ ନାହିଁ ॥

ସମୀରକୁ ଧୀରେ ମାଗିଲି ମୁଠାଏ
ଶୀତଳ ବାୟୁ ଉଧାର
ନାହିଁ କରି ଖରେ ଗଲା ସେ ପଳାଇ
କରିଦେଇ ସାତପର ॥

ନଭକୁ ମାଗିଲି ନୀଳିମାରୁ କିଛି
କରିଦେଲା ସିଧା ମନା
ସାଗରେ ମାଗିଲି ଫେନିଳ ଲହରୀ
ନ କରିଲା ଜମା ଘେନା ॥

କୋକିଳକୁ ଡାକି ମାଗିଲି ଦେବାକୁ
ମଧୁର ସ୍ୱରରୁ କିଛି
କୋକିଳ ରାଗରେ ମୁହଁ ଫେରାଇଲା
ଉଡ଼ିଗଲା ଗାଇ ଛି ଛି ॥

ପ୍ରିୟାକୁ ମାଗିଲି ପ୍ରେମରୁ କିଞ୍ଚିତ
କରିବାକୁ ଆସ୍ୱାଦନ
ମୁହଁକୁ ଫୁଲାଇ ନୟନ ନଚାଇ
ଦେଲା ମିଠା ଅପମାନ ॥

କାହ୍ନାକୁ ମାଗିଲି ସୁଖ ଶାନ୍ତି ଭକ୍ତି
ହସିଦେଲା ମୁରୁକାଇ
କହିଲାରେ ମୂର୍ଖ ସବୁ ଅଛି ତୋର
ନ ଦେଖି ହେଉଛୁ ବାଇ ॥

ଆଉ କା'ରେ କିଛି ମାଗିବିନି ବୋଲି
ଶପଥ କରୁଛି ଆଜି
ଯାହା ଅଛି ପାଶେ ତାହା ହିଁ ଯଥେଷ୍ଟ
ଏହି କଥା ମନେ ହେଜି ॥

ମୋ: ୯୮୬୧୦୯୨୮୩୫

## ପୁସ୍ତକ ପରିଚୟ

### ସୃଜନର ପାହାଚ




(ପାର୍ବଣ: ୨୦୨୧)
**ସମ୍ପାଦକ:** କମଳ କୁମାର ମହାନ୍ତି
**ସାଇଜ୍:** ଏ-୪, **ପୃ:** ୨୬୮,
**ମୂଲ୍ୟ:** ଟ.୧୪୦/–

ବିଳମ୍ବରେ ପ୍ରକାଶ ପାଇଲେ ବି ସୃଜନର ପାହାଚରେ, ଜଣେ ସମ୍ପାଦକଙ୍କଠାରୁ ଯେଉଁ ସମ୍ପାଦନାଗତ ସତ୍ୟନିଷ୍ଠତା ଆଶା କରାଯାଏ, ତାହା ପ୍ରତିଫଳିତ ହୋଇଛି। 'ଚିତ୍ତରଞ୍ଜନ ପ୍ରବନ୍ଧ ପାହାଚ', 'ପ୍ରିୟକଥା ପାହାଚ', 'ଫକୀରମୋହନ କଥା ପାହାଚ', 'ଗଡ଼ନାୟକ କବିତା ପାହାଚ', 'ମାନସିଂହ କବିତା ପାହାଚ', 'ଗୋଦାବରୀଶ କଥା ପାହାଚ', 'ଜୀବନାନନ୍ଦ ଗୀତି ପାହାଚ', 'ଗ୍ରନ୍ଥ ସମୀକ୍ଷା ପାହାଚ' ସାଙ୍ଗକୁ ରହିଛି 'ଗାଳ୍ପିକର ମର୍ମକଥା/କବି ହୃଦୟର ଭାଷା' ଓ 'ଫିଚର ପାହାଚ'। ବହୁ ନାମୀଦାମୀ ଲେଖିକାଲେଖକଙ୍କ ସହ ବହୁ ତରୁଣ ନିଜନିଜ ଲେଖାରେ ପାହାଚର ଏହି ସଂଖ୍ୟାଟିକୁ ରୁଚିଶୀଳ କରିଛନ୍ତି। ସମ୍ପାଦକୀୟ ଚିନ୍ତାଧର୍ମୀ ହେବା ସାଙ୍ଗକୁ ପ୍ରଚ୍ଛଦରେ ଅଲଗାପଣ ବାରି ହୋଇପଡୁଛି।

### ଚିରନ୍ତନୀ




**ସମ୍ପାଦିକା:** ସଂଯୁକ୍ତା ମହାପାତ୍ର
**ସାଇଜ୍:** ଏ-୪, **ପୃ:** ୧୧୨,
**ମୂଲ୍ୟ:** ଟ. ୬୦/–

ପ୍ରବନ୍ଧ, ଗଳ୍ପ, ଅନୁବାଦ, କବିତା, ବିଜ୍ଞାନ, ସାହିତ୍ୟ ଓ ଶିଶୁ ସାହିତ୍ୟ ସହିତ ପତ୍ରିକାଟିରେ ସ୍ୱାସ୍ଥ୍ୟ ଓ ବଗିଚାକୁ ନେଇ ରହିଛି ଲେଖା। ବିଭିନ୍ନ ବିଭାଗରେ ଅନ୍ତର୍ଯ୍ୟାମୀ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ପ୍ରଜ୍ଞା ପ୍ରବର୍ତ୍ତିକା ଦାସ, ମନ୍ଦାକିନୀ ଶତପଥୀ, ଅଚ୍ୟୁତାନନ୍ଦ ପତି, ବୈଜୟନ୍ତୀ ମିଶ୍ର, ଗିରିବାଳା ମହାନ୍ତି, ଅମରେନ୍ଦ୍ର ଖଟୁଆ, ପ୍ରଦୀପ ବିଶ୍ୱାଳ, ରମଞ୍ଜନ କୁମାର ଦାସ, ରକ୍ଷକ ନାୟକ, ନୃସିଂହ ଷଡ଼ଙ୍ଗୀ ଓ ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇ ସେମାନଙ୍କ ରଚନାରେ ପତ୍ରିକାଟିକୁ ସମୃଦ୍ଧ କରିଛନ୍ତି। 'ଚିରନ୍ତନୀ'ରେ ମିମେଣ୍ଟର ସଂକ୍ଷିପ୍ତ ଇତିବୃତ୍ତ ଲେଖି ରୂପଶ୍ରୀ ରାଗିଣୀ ଦାସ ପାଠକୀୟ ରୁଚିରେ ଭିନ୍ନତା ଆଣିଛନ୍ତି।

### କଳା ସୃଜନୀ




**ସମ୍ପାଦକ:** ବୈଷ୍ଣବ ଚରଣ ସାମଲ
**ସାଇଜ୍:** କ୍ରାଉନ୍, **ପୃ:** ୧୬୦,
**ମୂଲ୍ୟ:** ନିଃଶୁଳ୍କ

ଦୟାନିଧି ସ୍ମୃତିକଳା ପରିଷଦର ମୁଖପତ୍ର 'କଳା ସୃଜନୀ' ପୂଜା ବିଶେଷାଙ୍କ ଭାବେ ପ୍ରକାଶ ପାଇଛି। ପତ୍ରିକାଟିର ପ୍ରକାଶିକା ବିଜୟଲକ୍ଷ୍ମୀ ଦାସ, ଯେ କି ପତ୍ରିକାର ସମ୍ପାଦକୀୟ ଲେଖିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ଦୟାନିଧି ଦାସଙ୍କ ସ୍ମୃତିରେ ପତ୍ରିକାଟି ପ୍ରକାଶ ପାଉଛି; ଯହିଁରେ ଗଳ୍ପ, କବିତା ଓ ଅନୁରୂପ ବିଭାଗମାନ ସ୍ଥାନ ପାଏ। ଏଥରର ଏହି ସଂଖ୍ୟାରେ ପ୍ର. ବୈଷ୍ଣବ ଚରଣ ସାମଲଙ୍କ ରଚିତ ''ସଙ୍ଗୀତ, କବିତା ଓ ନାଟକର ଏକ ମଧୁର ତ୍ରିବେଣୀ ସଙ୍ଗମ: କବି ଦୟାନିଧି ଦାସ'' ତଥ୍ୟ ସମ୍ବଳିତ ହୋଇଛି। ପତ୍ରିକାରେ କ୍ଷୁଦ୍ର ନାଟିକା ମଧ୍ୟ ସ୍ଥାନିତ ହୋଇଛି।

## ସାଇକେଲ୍

ବିଜୟ କୁମାର ପଣ୍ଡା

ମିନି ଗଳ୍ପ



ରାତି ପାହି ସକାଳ ହେଲା।

ବାପା ପୁଣି ସେଇ ପୁରୁଣା ସାଇକେଲ୍ ନେଇ ବଜାର ବାହାରିଲେ।

ପ୍ରଥମ ଦରମାରେ ବଡ଼ ଭାଇ ବାପାଙ୍କ ପାଇଁ ଉପହାର ସ୍ୱରୂପ କିଣିଥିବା ନୂଆ ସ୍କୁଟର ଚାବିକୁ ମୋତେ ଧରେଇ ଦେଇ ବାପା କହିଲେ ''ଏଇ ସାଇକେଲ୍‌ରେ ତୋ' ବୋଉକୁ ପଛରେ ବସେଇ ମୁଁ ତାକୁ ଶେଷଥର ପାଇଁ ଡାକ୍ତରଖାନା ନେଇଥିଲି। ଏଇ ସାଇକେଲ୍ ଥିବା ଯାଏଁ... ତୋ' ବୋଉ ମୋ' ସହ ଥିବ। ଆମେ ଦୁହେଁ ସାଇକେଲ୍‌ର ଦୁଇଟି ଚକ ଭଳି। ସେ ପରା ଏବେବି ପଛରେ ବସି ମୋତେ ଆଗକୁ ଠେଲୁଛି।''

ଅଜାଣତରେ ଦୁଇବୁନ୍ଦା ଅମାନିଆ ଅଶ୍ରୁ ଗଡ଼ିଗଲା ମୋ' ଆଖିର ପରିଧି ଡେଇଁ।

ମୋ: ୯୭୩୯୫୯୧୮୧୬

## କାଳକାଳକୁ



''ସୃଜନ–କର୍ମ ହେଉଛି ମହା ସୁଖଦାୟକ ଓ ଜଣେ ବ୍ୟକ୍ତି ଜୀବନ୍ତ ଥିବାର ସବୁଠୁଁ ବଡ଼ ପ୍ରମାଣ।''
– ମାଥ୍ୟୁ ଆର୍‌ନୋଲ୍ଡ

**ମାଥ୍ୟୁ ଆର୍‌ନୋଲ୍ଡଙ୍କ** ଜନ୍ମ ୨୪ ଡିସେମ୍ବର ୧୮୨୨ରେ, ୟୁକେର ଲାଲେହାମ୍‌ରେ ଓ ପରଲୋକ ୧୫ ଏପ୍ରିଲ ୧୮୮୮ରେ ଲିଭରପୁଲ୍‌ରେ। ସେ ବୃତ୍ତିରେ ଥିଲେ ସ୍କୁଲ୍ ଇନ୍ସପେକ୍ଟର। ଇଂଲିଶ୍ ଭାଷାର ଏହି ଖ୍ୟାତନାମା କବି ଓ ସଂସ୍କୃତି–ସମାଲୋଚକଙ୍କ ପ୍ରମୁଖ ଲେଖାଗୁଡ଼ିକ ଥିଲା ମୌଳିକ ଚିନ୍ତାନିଷ୍ଠ ଓ ମାର୍ଗଦର୍ଶୀ। ରାଷ୍ଟ୍ର ନିୟନ୍ତ୍ରିତ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାର ସେ ଥିଲେ ବଡ଼ ସମର୍ଥକ। ୧୮୫୭ରେ ଅକ୍ସଫୋର୍ଡର 'ପ୍ରଫେସର ଅଫ୍ ପୋଏଟ୍ରି' ଭାବେ ସେ ନିର୍ବାଚିତ ହୋଇଥିଲେ ଓ କବିତା ସମ୍ପର୍କୀୟ ତାଙ୍କ ଅକ୍ସଫୋର୍ଡ ବକ୍ତୃତା 'ଅନ୍ ଟ୍ରାନ୍ସଲେଟିଂ ହୋମର୍' ଓ 'କଲ୍‌ଚର ଆଣ୍ଡ୍ ଆନାର୍କି' ଶୀର୍ଷକରେ ଗ୍ରନ୍ଥାୟିତ ହୋଇଥିଲା। ପ୍ରଖ୍ୟାତ ସମାଲୋଚନା–ଗ୍ରନ୍ଥ 'ଲିଟରେଚର ଆଣ୍ଡ୍ ଡଗ୍‌ମା'ର ମଧ ସେ ଥିଲେ ପ୍ରଣେତା।

## ଥଣ୍ଡା ଚକୁଳି

ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି

ବିଶେଷ ଗଳ୍ପ

ବହୁଦିନ ପରେ ବୋଉ ପୁଣି ଚକୁଳି କରିଥିଲା, ଯଦିଓ ଗରମ ଗରମ ଚକୁଳି ମୋର ଭାରି ପ୍ରିୟ। କିନ୍ତୁ ସେଦିନ ଜମା ବି ଚକୁଳି ଖାଇବାକୁ ଇଚ୍ଛା ହେଉ ନ ଥିଲା। କାହିଁକି କେଜାଣି? ବୋଧେ ଚକୁଳିତକ ଥଣ୍ଡା ହୋଇଯାଇଥିଲା ସେଥିପାଇଁ ନା ଆଉ କିଛି କାରଣ। ସବୁଦିନ ଅଫିସ୍ ଗଲେ ସକାଳୁ ତରତରରେ କ'ଣ ଖାଏ ଜାଣିପାରେନି। କିନ୍ତୁ ଛୁଟିରେ ଘରେ ଥିଲେ ବ୍ରେକ୍‌ଫାଷ୍ଟ ସବୁବେଳେ ଲେଟ୍। ଆଉ ସେଦିନ ଲେଟ୍ ଯୋଗୁ ନରମ ଚକୁଳିତକ ଟାଣ ବି ହୋଇଯାଇଥିଲା। ତଥାପି ବୋଉର ଗାଳି ଡରରେ ଖାଇବାକୁ ବସିଲି। ଏପଟେ ଚକୁଳି ଥଣ୍ଡାକୁ ସମ୍ବର ବି ଥଣ୍ଡା। ମନେମନେ ବୋଉ ଉପରେ ବିରକ୍ତ ହେଉଥିଲି ଯେ, ଏବେ ନ ଖାଇଲେ ଯେମିତି ମରିଯାଇଥା'ନ୍ତି। ୧୨ଟା ବାଜିଲାଣି। ଏକାଥରେ ଲଞ୍ଚ୍ କଲେ ହୋଇ ନ ଥା'ନ୍ତା? ଏମିତି ଗରଗର ହୋଇ ହଟ୍‌କେସ୍‌ରୁ ଚକୁଳି ବାହାରକଲି। ସତରେ ଚକୁଳି ପୂରା ଟାଣ। ତଥାପି କଷ୍ଟରେ ଚକୁଳି ଖଣ୍ଡେ ଛିଣ୍ଡେଇ ପାଟିରେ ଦେଲି। ଖାଇବାଟା ବିଲ୍‌କୁଲ ସ୍ୱାଦିଷ୍ଟ ଲାଗୁ ନ ଥିଲା। କିନ୍ତୁ ଚକୁଳି ପାଟିରେ ଦେବା ପରେ କିଛି ଗୋଟାଏ କଥା ମନକୁ ଆସିଲା। ହଠାତ୍ କାହା କଥା ଗୋଟେ ମନରେ ଧସେଇ ହୋଇ ପଶିବାକୁ ଲାଗିଲା। ହଁ, ତମ କଥା ହିଁ ମନେପଡ଼ିଲା। ମନେ ପକାଇବାକୁ ଚାହୁଁ ନ ଥିଲେ ବି ଏ ଚକୁଳି ତୁମ କଥା ଭାବିବାକୁ ବାଧ୍ୟ କଲା।

ସେଦିନ ବି ସକାଳୁ ବୋଉ ଚକୁଳି କରିଥିଲା। ଗରମ ଗରମ ଥିଲା ବୋଲି ଦୁଇଟି ଚକୁଳି ଖାଇଦେଲି। ଆଉ ଦୁଇଟି ଚକୁଳି ଓ ତରକାରି ଟିଫିନ୍‌ରେ ପୂରେଇବାକୁ କହିଲି। ବୋଉ କିନ୍ତୁ ପଚାରିଲାନି କାହା ପାଇଁ? କାରଣ ବୋଉ ଜାଣିଥିଲା ଏଇ ଖାଇବା ମୁଁ ତୁମ ପାଇଁ ହିଁ ନେଉଛି। ଠିକ୍ ୧୦ଟାରେ ଘରୁ ବାହାରି ତୁମକୁ କଲ୍ କଲି। କିନ୍ତୁ ତୁମେ ରୁମ୍‌ରେ ନ ଥିଲ। ଖାଇବାଟା ଆଉ ଘରକୁ ଫେରେଇବିନି ଭାବି ତୁମ ରୁମ୍‌ର ସାମ୍ନା ଶିଡ଼ି ପାଖରେ ଅପେକ୍ଷା କରି ବସିଲି। ଅପେକ୍ଷା କରୁ କରୁ ୨ଟା ବାଜିଲା। ବସି ବସି ବିରକ୍ତ ବି ଲାଗୁଥିଲା। ଏତେ ସମୟ ଅପେକ୍ଷା ପରେ ତୁମେ ରୁମ୍‌କୁ ଆସିଲ। ଆଉ ଦେଖିଲ ଯେ ମୁଁ ଅପେକ୍ଷା କରି ବସିଛି। ତୁମେ ରୁମ୍ କବାଟ ଖୋଲି ଭିତରକୁ ଯିବାକୁ କହିଲ। ପରେ ପଚାରିଲ ସାଙ୍ଗରେ କ'ଣ ଆଣିଛି ବୋଲି। ମୁଁ କହିଲି, ଚକୁଳି ଆଉ ତରକାରି। ତୁମେ କହିଲ, ତୁ ତ ଜାଣିଛୁ ମୋର ଗ୍ୟାଷ୍ଟ୍ରିକ୍ ସମସ୍ୟା। ଆଉ ଏବେ ଯଦି ଏଗୁଡ଼ା ଖାଇବି ତା'ହେଲେ କ'ଣ ହେବ। କାରଣ ସକାଳ ଚକୁଳିର ଅବସ୍ଥା ବି ଠିକ୍ ନ ଥିଲା। ଟାଣ ବି ହୋଇଯାଇଥିଲା। କିନ୍ତୁ ମୁଁ ରାଗିବି ବୋଲି ତୁମେ ହାତ ଧୋଇ ଖାଇବାକୁ ବସିଲ। ମୋତେ କିନ୍ତୁ ଥରେ ପଚାରିଲନି ଯେ ତୁ ଖାଇଛୁ କି ନାହିଁ। ମନେମନେ ତୁମକୁ ଗାଳିଦେଲି, ଚିଡ଼ିଲି ଆଉ ସ୍ୱାର୍ଥପର ବି କହିଲି। ଏତିକି ଭାବିବା ଭିତରେ ତୁମେ ପ୍ରଥମେ ଚକୁଳି ଖଣ୍ଡଟି ମୋ' ମୁହଁ ପାଖରେ ଦେଇ କହିଲ, ମୁଁ ଜାଣିଛି ତୁ ଯାହା ସକାଳୁ ଖାଇଥିବୁ। ଭୋକ ବି ଲାଗିବଣି କହି ମୋତେ ଆଁ କରିବାକୁ କହିଲ। ଆଉ ମୁଁ କିଛି ସମୟ ଅବାକ୍ ହୋଇ ତୁମ ମୁହଁକୁ ଚାହିଁ ରହିଥିଲି। କିଛି ସମୟ ପରେ ତୁମେ କହିଲ, ଆରେ ଆଁ କରୁନୁ ଏତେ ଭାବୁଛୁ କ'ଣ? ମୋତେ ଭୋକ ଲାଗିଲାଣି ବା। ପ୍ରଥମଥର ତୁମ ସହିତ ପ୍ରଥମ ଓ ଶେଷ ଥର ପାଇଁ ଶାନ୍ତିରେ ସେଇ ଥଣ୍ଡା ଚକୁଳି ଖାଇଥିଲି। ଏତେ ଖୁସିଥିଲି ଯେ, ମୋ' ହାତରେ ତୁମକୁ ଖୁଆଇବାକୁ ବି ଭୁଲିଯାଇଥିଲି।

ଆଜି ସେଇ ଥଣ୍ଡା ଚକୁଳିତକ ତୁମ କଥା ମନେ ପକାଇଦେଇଛି। ଏବେ ବି ଆମେ ଅନେକ ସମୟରେ ଏକାନ୍ତରେ ଦେଖାହେଉ। ଗୋଟିଏ ଥାଳିରେ ଖାଉ। କିନ୍ତୁ ନା ତୁମେ ମୋତେ କେବେ ଖୁଆଇଦେଉଛ ନା ମୁଁ ତୁମକୁ ମୋ' ହାତରେ ଖୁଆଇବାକୁ ସାହସ କରିପାରୁଛି। ଆଉ ଏମିତି ଭାବିବା ଭିତରେ ଖାଇବା ବି ଶେଷ ହୋଇଯାଏ। ସେଥିପାଇଁ ତ ଆଜି ପୁଣି ତୁମ କଥା ମୋର ମନେପଡ଼ିଛି।

ଏତିକି ଭାବିବା ଭିତରେ ଖାଇ ହେଉ ନ ଥିବା ମୋର ସେଇ ଥଣ୍ଡା ଚକୁଳି ବି କେତେବେଳେ ଶେଷ ହୋଇଯାଇଥିଲା।

ମୋ: ୮୭୬୩୮୮୧୨୦



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୮/୨୦୨୧ Bhubaneswar, Saturday, December 18/ 2021

# ୨୩୭ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ

## ପୁରସ୍କାର ଆମ କ୍ରୀଡ଼ାବିତ୍‌ଙ୍କ କଠିନ ପରିଶ୍ରମ ଓ ଉତ୍କର୍ଷର ସ୍ୱୀକୃତି: କ୍ରୀଡ଼ାମନ୍ତ୍ରୀ



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ସହ ଆର୍ଥିକ ପୁରସ୍କାରରେ ସମ୍ମାନିତ କ୍ରୀଡ଼ାବିତ୍।

**ଭୁବନେଶ୍ୱର, ୧୭।୧୨(କ୍ରୀଡ଼ା ପ୍ରତିନିଧି)** ଉଲ୍ଲେଖନୀୟ କ୍ରୀଡ଼ା ପ୍ରଦର୍ଶନ ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ରାଜ୍ୟର ମୋଟ ୨୩୭ କ୍ରୀଡ଼ାବିତ୍‌ଙ୍କୁ ଅର୍ଥ ପୁରସ୍କାରରେ ସମ୍ମାନିତ କରାଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, କମିଶନର ତଥା ଶାସନ ସଚିବ ଆର. ଭିନିଲ କ୍ରିଷ୍ଣା ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ କ୍ରୀଡ଼ାବିତ୍‌ଙ୍କୁ ମୋଟ ୧ କୋଟି ୮ ଲକ୍ଷ ୮୩ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିବା ମୋଟ ୨୩୭ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ୧୭୨ ସାଧାରଣ ବର୍ଗର ଏବଂ ୬୫ ପାରା ଆଥ୍‌ଲେଟ ସାମିଲ। ଏକାବେଳେ ଏତେସଂଖ୍ୟକ ପାରା ଆଥ୍‌ଲେଟ ଆର୍ଥିକ ପୁରସ୍କାରରେ ସମ୍ମାନିତ ହେବା ଏହା ପ୍ରଥମ। ସାଧାରଣ ବର୍ଗର ୧୭୨ କ୍ରୀଡ଼ାବିତ୍‌ଙ୍କୁ ୪୭ ଲକ୍ଷ ୧୩ ହଜାର ୫୦୦ ଏବଂ ୬୫ ପାରା ଆଥ୍‌ଲେଟଙ୍କୁ ୬୧ ଲକ୍ଷ ୬୯ ହଜାର ୫୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି।

କୋଭିଡ୍-୧୯ ଜନିତ କଟକଣା ଯୋଗୁ ଶୁକ୍ରବାର କ୍ରୀଡ଼ା ଓ ଯୁବସେବା ବିଭାଗର ସମ୍ମିଳନୀ କକ୍ଷରେ ୧୫ ଆଥ୍‌ଲେଟ ଉପସ୍ଥିତ ରହି ପ୍ରତ୍ୟକ୍ଷଭାବେ ପୁରସ୍କାର ଗ୍ରହଣ କରିଥିଲେ। ଭର୍ଚୁଆଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅନ୍ୟ ଆଥ୍‌ଲେଟଙ୍କୁ ଅର୍ଥରାଶି ଟ୍ରାନ୍ସଫର କରାଯିବ। ପୁରସ୍କାର ଗ୍ରହଣ କରିଥିବା ଆଥ୍‌ଲେଟଙ୍କ ମଧ୍ୟରେ ପାରା ହୁଇଲଚେୟାର ଫେନ୍‌ସର ମାଳତୀ ପାନୁରେଙ୍କୁ ସର୍ବାଧିକ ୨,୯୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେ ୧୩ତମ ଜାତୀୟ ହୁଇଲଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ପାଇଥିଲେ। ୧୨ତମ ଜାତୀୟ ହୁଇଲଚେୟାର ଫେନ୍‌ସିଂରେ ସ୍ୱର୍ଣ୍ଣ ପାଇଥିବା ଶୀଳା ମନ୍ତ୍ରୀଙ୍କୁ ୨,୦୫,୦୦୦, ଜାତୀୟ ସ୍କୁଲ ଆର୍ଚେରୀ ଚାମ୍ପିୟନଶିପ୍‌ରେ ଡବଲ ସ୍ୱର୍ଣ୍ଣ ପାଇଥିବା ଫୁଲମଣି ପଲାୟାଙ୍କୁ ୧,୬୬,୦୦୦, ଜାତୀୟ ହୁଇଲଚେୟାର ଫେନ୍‌ସିଂରେ ସ୍ୱର୍ଣ୍ଣ ହାସଲକାରୀ ରାଖାଲ କୁମାର ସେଠୀଙ୍କୁ ୧,୫୫,୦୦୦, ଓପନ ସ୍ପ୍ରିଣ୍ଟ ଜାତୀୟ ରୋଇଂ ଚାମ୍ପିୟନଶିପ୍ ଏବଂ ଇନ୍‌ଡୋର ଜାତୀୟ ରୋଇଂରେ ସ୍ୱର୍ଣ୍ଣ ପଦକ ପାଇଥିବା ସଂଯୁକ୍ତା ଡୁଙ୍ଗଡୁଙ୍ଗଙ୍କୁ ୧,୩୫,୦୦୦, ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପାଇଁ ସୁମିତ୍ରା ନାୟକଙ୍କୁ ୧,୨୪,୦୦୦ ଓ ଦୁମୁନି ମାରାଣ୍ଡିଙ୍କୁ ୧,୧୨,୦୦୦ ଏବଂ ଜାତୀୟ ହୁଇଲଚେୟାର ଫେନ୍‌ସିଂରେ ସ୍ୱର୍ଣ୍ଣ ବିଜୟୀ ଭି. ରମେଶ ରାଓଙ୍କୁ ୧,୧୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଆର୍ଥିକ ପୁରସ୍କାରରେ ସମ୍ମାନିତ ହୋଇଥିବା ଅନ୍ୟ ଆଥ୍‌ଲେଟମାନେ ହେଲେ ସବିତା ଟପ୍ପୋ (ଆଥ୍‌ଲେଟିକ୍ସ) ୪୦,୦୦୦, ଧନମତୀ ଖେସ (ଆଥଲେଟିକ୍ସ) ୪୪,୦୦୦, ଯଶିତା ରାଉତ (ଚେସ୍) ୭୨,୦୦୦, ସସ୍ମିତା ନାଥ ଶର୍ମା (ଖୋ ଖୋ) ୬୨,୫୦୦, ଜବାମଣି ଟୁଡୁ (ଫୁଟବଲ) ୫୦,୦୦୦, ତପନ ମହାନ୍ତି (ଜିମ୍ନାଷ୍ଟିକ୍) ୬୭,୦୦୦ ଓ ଫୁଲମଣି ଖାଖା (କାୟାକିଂ) ୫୨,୦୦୦।

''ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ପାଇଁ ଯୋଜନା ପ୍ରଣୟନ କରିଛନ୍ତି। 'ସ୍ପୋର୍ଟ୍ସ ଫର ୟୁଥ୍ ଏବଂ ୟୁଥ୍ ଫର୍ ଫ୍ୟୁଚର' ଲକ୍ଷ୍ୟକୁ ପୂରଣ ନିମନ୍ତେ କ୍ରୀଡ଼ା ବିଭାଗ ଅନେକ ଆଖିଦୃଶିଆ କାର୍ଯ୍ୟ କରି ଆସୁଛି। ଖେଳାଳିମାନଙ୍କୁ ନିଜ ଇଭେଣ୍ଟରେ ଉତ୍କର୍ଷ ପ୍ରତିପାଦନ ପାଇଁ ଅନେକ ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। ଖେଳାଳିଙ୍କ ଉଚ୍ଚ ପ୍ରଦର୍ଶନ ନିମନ୍ତେ ୧୧ଟି ହାଇ ପରଫରମାନ୍ସ ସେଣ୍ଟର ନିର୍ମାଣ ହୋଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିବା ସହ ୮୯ଟି ଇନ୍‌ଡୋର ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ ସହ ଅନେକଗୁଡ଼ିଏ ବୃହତ୍ କ୍ରୀଡ଼ା ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ପୁରସ୍କାର ଆମ କ୍ରୀଡ଼ାବିତ୍‌ଙ୍କ କଠିନ ପରିଶ୍ରମ ଓ ଉତ୍କର୍ଷର ସ୍ୱୀକୃତି। ଏହି କ୍ରୀଡ଼ାବିତ୍‌ମାନେ ହେଉଛନ୍ତି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ'' ବୋଲି ପ୍ରତ୍ୟକ୍ଷ ଏବଂ ଭର୍ଚୁଆଲରେ ଯୋଗ ଦେଇଥିବା କ୍ରୀଡ଼ାବିତ୍‌ଙ୍କୁ ଉଦ୍‌ବୋଧନ ଅବସରରେ କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଥିଲେ।

# ପାକିସ୍ତାନକୁ ହରାଇ ସେମିରେ ଭାରତ


ଗୋଲ ଦେବା ପରେ ହରମନପ୍ରୀତ ସିଂ(ଡାହାଣରୁ ତୃତୀୟ)ଙ୍କୁ ସାଥି ଖେଳାଳିଙ୍କ ବଧେଇ।

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

**ଢାକା, ୧୭।୧୨ (ପି.ଟି.):** ଉପ-ଅଧିନାୟକ ହରମନପ୍ରୀତ ସିଂଙ୍କ ଡବଲ ଗୋଲ ବଳରେ ଭାରତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୧ ଗୋଲରେ ପରାସ୍ତ କରିଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ହରମନପ୍ରୀତ ମ୍ୟାଚର ୮ମ ଓ ୫୩ତମ ମିନିଟରେ ପେନାଲ୍ଟି କର୍ନରରୁ ୨ଟି ଗୋଲ ଦେଇଥିଲେ। ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ନ ଥିବା ଆକାଶଦୀପ ସିଂ ସଫଳ ପ୍ରତ୍ୟାବର୍ତ୍ତନ କରି ୪୨ତମ ମିନିଟରେ ତୃତୀୟ ଗୋଲଟି ସ୍କୋର କରିଥିଲେ। ପାକିସ୍ତାନ ପକ୍ଷରୁ ଜୁନାଇଦ ମନଜୁର ୪୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ରଥମ ମ୍ୟାଚକୁ ଦକ୍ଷିଣ କୋରିଆ ସହ ୨-୨ରେ ଡ୍ର ରଖିଥିବା ଭାରତ ଏହାର ଦ୍ୱିତୀୟ ମ୍ୟାଚରେ ବାଂଲାଦେଶକୁ ୯-୦ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ପାକିସ୍ତାନ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିନାହିଁ। ଏହି ଦଳ ନିଜର ପ୍ରଥମ ମ୍ୟାଚକୁ ଜାପାନ ସହିତ ଗୋଲଶୂନ୍ୟ ଡ୍ର ରଖିଥିଲା। ଭାରତ ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନରେ ରହିଛି। ପାକିସ୍ତାନ ୨ ମ୍ୟାଚରୁ ୧ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। କୋରିଆ ଓ ଜାପାନ ୨ଟି ଲେଖାଏ ମ୍ୟାଚ ଖେଳିଥିବାବେଳେ ୨ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଖେଳାଳି କୋଭିଡ୍-୧୯ ସଂକ୍ରମିତ ହେବାରୁ ମାଲେସିଆ ଶେଷ ମୁହୂର୍ତ୍ତରେ ଓହରି ଯାଇଛି। ଫଳରେ ଟୁର୍ନାମେଣ୍ଟ ୫ ଦଳ ବିଶିଷ୍ଟ ହୋଇଯାଇଛି। ପ୍ରତିଯୋଗିତାର ଗତ ସଂସ୍କରଣ ମସ୍କଟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ବର୍ଷା ଦ୍ୱାରା ପ୍ରଭାବିତ ହେବାରୁ ଉଭୟ ଭାରତ ଓ ପାକିସ୍ତାନକୁ ଯୁଗ୍ମବିଜେତା ଘୋଷଣା କରାଯାଇଥିଲା।

# ରାଜଧାନୀ, ପିଏନ୍ ଚାମ୍ପିୟନ

## ଆନ୍ତଃ କଲେଜ ଚେସ୍

**ଭୁବନେଶ୍ୱର, ୧୭।୧୨ (କ୍ରୀଡ଼ା ପ୍ରତିନିଧି)** ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଖୋର୍ଦ୍ଧାର ପ୍ରାଣନାଥ (ଅଟୋନୋମୋସ) କଲେଜ ପରିସରରେ ଆନ୍ତଃ କଲେଜ ଚେସ୍ ପ୍ରତିଯୋଗିତା ଗତ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଯାଇଛି। ଏହାର ଟିମ୍ ଇଭେଣ୍ଟ ବାଳକ ବିଭାଗରେ ଭୁବନେଶ୍ୱରର ରାଜଧାନୀ କଲେଜ ଏବଂ ବାଳିକାରେ ଖୋର୍ଦ୍ଧାର ପିଏନ୍ କଲେଜ ଚାମ୍ପିୟନ ହୋଇଛି। ବ୍ୟକ୍ତିଗତ ଇଭେଣ୍ଟର ବାଳିକା ବିଭାଗରେ ସୋନାଲି ସିଂ, ସ୍ମୃତିରେଖା ପଣ୍ଡା, ଶୁଭଶ୍ରୀ ପଟ୍ଟନାୟକ, ପ୍ରଜ୍ଞା ପାରମିତା ଦାସ, ଜ୍ୟୋତିର୍ମୟୀ ସାହୁ ପ୍ରଥମ ୫ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳକ ବିଭାଗରେ ତପନ ବଡମୁଣ୍ଡି, ସୋମେଶ ରଥ, ଅଭୟ କୁମାର ଦାଶ, ଶିଶିର କୁମାର ନାୟକ ଓ ସୀତାକାନ୍ତ ପରିଡ଼ା ପ୍ରଥମ ୫ ଜଣରେ ରହିଛନ୍ତି। ପିଏନ୍ କଲେଜ ପ୍ରିନ୍ସିପାଲ ରଞ୍ଜିତା ସେଠୀ, ଭାଇସ୍ ପ୍ରିନ୍ସିପାଲ ଅଞ୍ଜନା ଶତପଥୀ, କେମେଷ୍ଟ୍ରି ବିଭାଗ ରିଡର ପ୍ରଣବ କିଶୋର ମହାନ୍ତି, ମ୍ୟାଥମେଟିକ୍ସ ରିଡର ପୂର୍ଣ୍ଣିମା ନାୟକ, ସ୍ପୋର୍ଟ୍ସ ଅଫିସର ସନ୍ଧ୍ୟାରାଣୀ ରଥ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ ଦେବାଶିଷ ପାଣିଗ୍ରାହୀ। ପ୍ରତି ବିଭାଗରେ ଶୀର୍ଷ ୫ ସ୍ଥାନ ହାସଲ କରିଥିବା ବାଳିକା ବାଳକ ଉତ୍କଳ ବିଶ୍ୱବିଦ୍ୟାଳୟରେ ହେବାକୁଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।



ଆନ୍ତଃ କଲେଜ ଚେସ୍‌ର କୃତୀ ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ।

# ପ୍ରି-କ୍ୱାର୍ଟରରେ ଓଡ଼ିଶା ମହିଳା, ପୁରୁଷ ଦଳ



କିଟ୍ ପରିସରରେ ଶୁକ୍ରବାର ଆରମ୍ଭ ହୋଇଥିବା ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପୁରୁଷ ଓ ମହିଳା ବିଭାଗ ମ୍ୟାଚ।

## କିଟ୍‌ରେ ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ ଆରମ୍ଭ

**ଭୁବନେଶ୍ୱର,୧୭।୧୨ (କ୍ରୀଡ଼ା ପ୍ରତିନିଧି)** ଭାରତୀୟ ରଗବୀ ଫୁଟବଲ ୟୁନିୟନ (ଆଇଆରଏଫ୍‌ୟୁ), ଓଡ଼ିଶା ସରକାର, କିଟ୍ ବିଶ୍ୱବିଦ୍ୟାଳୟ, ସୋସାଇଟି ଜେନେରାଲ ଓ ଓଡ଼ିଶା ରଗବୀ ଫୁଟବଲ ଆସୋସିଏଶନ ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୮ମ ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ମହିଳା ଓ ପୁରୁଷ ଦଳ ଡବଲ ବିଜୟ ହାସଲ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁଲ୍-୨ରେ ସ୍ଥାନ ପାଇଥିବା ଓଡ଼ିଶା ମହିଳା ଦଳ ଏହାର ପ୍ରଥମ ମ୍ୟାଚରେ ଆନ୍ଧ୍ର ପ୍ରଦେଶକୁ ୬୦-୦ ଏବଂ ଦ୍ୱିତୀୟ ମ୍ୟାଚରେ ଝାଡ଼ଖଣ୍ଡକୁ ୩୩-୦ରେ ପରାସ୍ତ କରିଛି। ସେହିପରି ପୁରୁଷ ବିଭାଗର ପୁଲ୍-୬ରେ ସ୍ଥାନିତ ହୋଇଥିବା ଓଡ଼ିଶା ପ୍ରଥମ ମ୍ୟାଚରେ ଗୁଜରାଟକୁ ୩୧-୫ ଓ ଦ୍ୱିତୀୟ ମ୍ୟାଚରେ ତେଲେଙ୍ଗାନାକୁ ୩୦-୦ରେ ହରାଇ ଦେଇଛି। ଶନିବାର ଓଡ଼ିଶା ମହିଳା ଦଳ ପ୍ରି-କ୍ୱାର୍ଟର ଫାଇନାଲରେ ପଞ୍ଜାବକୁ ଭେଟିବ। ସେହିପରି ପୁରୁଷ ଦଳ ଛତିଶଗଡ଼ ସହିତ ମୁକାବିଲା କରିବ।

# ସମର ବିଜୟ ସ୍ମାରକୀ ଚେସ୍: ସୌମ୍ୟ ଚାମ୍ପିୟନ


ସୌମ୍ୟରଞ୍ଜନ ମିଶ୍ର

**ଭୁବନେଶ୍ୱର, ୧୭।୧୨ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ସମର ବିଜୟ ମହାନ୍ତି ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍ ଟୁର୍ନାମେଣ୍ଟରେ ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସୌମ୍ୟ ୭.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସମାନ ପଏଣ୍ଟ ପାଇଥିଲେ ହେଁ ଆନ୍ଧ୍ର ପ୍ରଦେଶର ମହେନ୍ଦ୍ର ତେଜା ମେକଲା ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟମ ସରବଜିତ ମିଶ୍ର, କୁଞ୍ଜ ଭବେଶ ଭାନୁଶାଳୀ (ଉଭୟେ ୬ ପଏଣ୍ଟ), ଦେବୀ ପ୍ରସାଦ ନାୟକ, ସୁରଜିତ ନାୟକ, ବସନ୍ତ କୁମାର ଦାସ, ରବୀନ୍ଦ୍ର ସାହୁ (ସମସ୍ତେ ୫.୫), ରବୀନ୍ଦ୍ର କୁମାର ଓଝା, ଦକ୍ଷରାଜ ସଦାନନ ବୋଲେ, ପ୍ରତ୍ୟୁଷ ମହାପାତ୍ର ଓ ଦୟାନିଧି ରାଉତ (ସମସ୍ତେ ୫ ପଏଣ୍ଟ) ଟପ୍-୧୨ ଫିନିଶ୍ କରିଥିଲେ। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନିଶ୍ଚୟ ସିଂ ରଣା, ସାନ୍‌ଭି ମହାନ୍ତି, ସିଦ୍ଧାର୍ଥ ମିଶ୍ର, ଆଦିତ୍ୟ ନାରାୟଣ ମହାନ୍ତି, ଶ୍ରୀୟାଂଶ ଶେଖର ରାଉତ, ଓମ୍ ଆଦିତ୍ୟ ଖାଡଙ୍ଗା, ସାହାନା ଲେଙ୍କା ଓ ଅଦିତି ଉପାସନା ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ୬୭ ବର୍ଷୀୟ ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ଗୁଗ୍‌ଲ ମିଟ୍‌ରେ ଉଦ୍‌ଘାଟିତ ହୋଇଥିବା ଏହି ପ୍ରତିଯୋଗିତାରେ ଅନନ୍ତ ବାସୁଦେବ ମହନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆୟୋଜକ ରାଜ୍ୟ ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସହକାରୀ ଆର୍ବିଟର ଦୀପକ କୁମାର ପଲାଇ ପ୍ରମୁଖ ଏଥିରେ ଭାଗ ନେଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ଗୀତା ଜୟନ୍ତୀ ପାଳିତ**

**ଖୋର୍ଦ୍ଧା ଅଫିସ :** ଖୋର୍ଦ୍ଧା ଗୀତା ଗବେଷଣା ପରିଷଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଗୀତା ଜୟନ୍ତୀ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପାଳିତ ହୋଇଯାଇଛି। ସଭାପତି ଅନନ୍ତ ନାରାୟଣ ଦେବାଚାରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଶକ୍ତି ଶଙ୍କର ମିଶ୍ର ପ୍ରାକ୍ ସୂଚନା ଦେଇଥିଲେ। ବିଶିଷ୍ଟ ଗୀତା ପ୍ରେମୀ ନିର୍ମଳ ଚନ୍ଦ୍ର ଦାଶ ଗୀତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଭୁବନେଶ୍ୱର କୋର୍ଟରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ଆନ୍ଦୋଳନ

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ):** ଭୁବନେଶ୍ୱର କୋର୍ଟରେ ହାଇକୋର୍ଟ ବେଞ୍ଚ୍ ସ୍ଥାପନ ଦାବି କରି ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଶାନ୍ତିପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏଥିସହ କୋର୍ଟର ମୁଖ୍ୟ ଫାଟକ ନିକଟରେ ଓକିଲମାନେ ଧାରଣା ଦେବା ସହ ପ୍ରତିବାଦ କରିଥିଲେ। କରୋନା ଯୋଗୁ ୨ ବର୍ଷ ହେଲା ଏହି ଆନ୍ଦୋଳନ ବନ୍ଦ ରଖାଯାଇଥିଲା। ସବୁ ରାଜ୍ୟର ରାଜଧାନୀରେ ହାଇକୋର୍ଟ ଥିବାବେଳେ ଭୁବନେଶ୍ୱରରେ ଏହି ବେଞ୍ଚ ସ୍ଥାପନ ହେଲେ ବହୁ ଆଇନଜୀବୀ ଏବଂ ଜନସାଧାରଣ ଉପକୃତ ହେବେ ବୋଲି ସେମାନେ କହିଥିଲେ। ଏହି ଧାରଣାରେ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ସଂଘ ସଭାପତି ନିର୍ମଳ କିଶୋର ରଥ, ଉପସଭାପତି ଦେବାଦତ ବାରିକ, ସମ୍ପାଦକ ରାଜ୍ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ବାଇକ୍ ଚୋର ଗିରଫ

**ଟାଙ୍ଗୀ (ଖୋର୍ଦ୍ଧା), ୧୭।୧୨(ଡି.ଏନ୍.ଏ.):** ବାଇକ୍ ଚୋରି ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ୨ ଚୋରଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କଷାକେନ୍ଦୁ ଗ୍ରାମର ଗୟା ନାୟକ ଓ ଚଣ୍ଡେଶର ଗ୍ରାମ ଲୋଧାସାହିର ଅନାମ ନାୟକ। ସୂଚନା ମୁତାବକ, ଏହି ଥାନା ଅଧୀନ କୁହୁଡି ଛକ ନିକଟ କଷାକେନ୍ଦୁ ଗ୍ରାମରୁ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୫୦୧/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

### ସ୍ୱାସ୍ଥ୍ୟ, ପରିମଳ ଉପରେ ସଚେତନତା

**ଯାଁଳା, ୧୭।୧୨(ଡି.ଏନ୍.ଏ.):** ଯାଁଳା ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ ମୁଣ୍ଡମୁହାଣ ମଣ୍ଡପ ଛକରେ ସ୍ଥାନୀୟ ଏକ ବ୍ୟାଙ୍କର ସହଯୋଗରେ ଓ ଏହାର ଆଞ୍ଚଳିକ ଶାଖା ଭୁବନେଶ୍ୱର ସୌଜନ୍ୟରେ ସହଜରେ ଖାତା ଖୋଲିବା ଓ ବିଭିନ୍ନ ବୀମା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହ ସ୍ୱାସ୍ଥ୍ୟ ଓ ପରିମଳ ସମ୍ପର୍କରେ ନୂପୁର ନାଟ୍ୟ ଅନୁଷ୍ଠାନର କଳାକାରମାନେ ପଥପ୍ରାନ୍ତ ନାଟକ ଦ୍ୱାରା ସଚେତନ କରାଇଥିଲେ। ବ୍ୟାଙ୍କ ମିତ୍ର ଇତିଶ୍ରୀ ବସ୍ତିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। କାର୍ଯ୍ୟକ୍ରମରେ ମାନସୀ ମହାପାତ୍ର ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଅହମିୟା ଭାଷାରେ 'ରାଗପୁଷ୍ପ' ଗଳ୍ପ ସଂକଳନ

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ):** ଗଳ୍ପ ସଙ୍କଳନ 'ରାଗପୁଷ୍ପ'କୁ ଅହମିୟା ଭାଷାରେ ଅନୁବାଦ କରିଛନ୍ତି ପ୍ରସିଦ୍ଧ ଲେଖକ ଚାଣକ୍ୟ ଚିରାଙ୍ଗ। ମୂଳ ପୁସ୍ତକଟିରେ କବି ତଥା ଗାଳ୍ପିକ ଏସିପି ଯଶୋବନ୍ତ ସେଠୀଙ୍କ ୧୪ଟି ନିର୍ବାଚିତ ଗଳ୍ପକୁ ଏଥିରେ ଅନୁବାଦ କରାଯାଇଛି। ଆସାମର ଗୌହାଟୀ ପ୍ରେସକ୍ଳବଠାରେ ପ୍ରକାଶନୀ ସଂସ୍ଥା ଆଜୋଲି ଦ୍ୱାରା ଏହାର ଲୋକାର୍ପଣ ଉତ୍ସବ ପାଳିତ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦୀପ ଗୋଗେଇ, ଆସାମର ପ୍ରସିଦ୍ଧ କବି ଓ ଗାଳ୍ପିକ ଗୀତାଞ୍ଜଳି ବୋରା, ସଂଗୀତଜ୍ଞ ତଥା ପୂର୍ବତନ କଲେଜ ଅଧକ୍ଷ ଯୋଗେଶ ଚନ୍ଦ୍ର ନାଥ, କବି ଓ ଔପନ୍ୟାସିକା ରୁମି ଦତ୍ତ, କବି ମଣିଜ୍ୟୋତି ବର୍ଗୋହାଁଙ୍କ ସମେତ ବହୁ ସାରସ୍ୱତ ସାଧକ ଏହି ଉତ୍ସବରେ ଯୋଗଦେଇଥିଲେ।

# ଚିଲିକାରେ ବଢୁଛି ପକ୍ଷୀ ଶିକାର

**ଖୋର୍ଦ୍ଧା ଅଫିସ, ୧୭।୧୨**

- ୨ ସପ୍ତାହରେ ୮ ଶିକାରୀ ଗିରଫ
- ୨୭ରୁ ଊର୍ଦ୍ଧ୍ୱ ମୃତ ବିଦେଶୀ ପକ୍ଷୀ ଜବତ

ଶୀତଋତୁ ଆସିଲେ ନୀଳାମ୍ବୁ ଚିଲିକାକୁ ରଙ୍ଗବେରଙ୍ଗ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। ପ୍ରାକୃତିକ ଜଳବାୟୁ ଓ ଖାଦ୍ୟ ଅନ୍ୱେଷଣରେ ଏମାନେ ଆସିଥାନ୍ତି। ଚିଲିକାର ବିଭିନ୍ନ ଅଞ୍ଚଳରେ ପକ୍ଷୀଗୁଡ଼ିକ ଦଳବଳ ଭାବେ ବିଚରଣ କରିଥାନ୍ତି। ଅନ୍ୟପଟେ ଏହି ସମୟରେ ପକ୍ଷୀ ଶିକାରୀମାନେ ସକ୍ରିୟ ହୋଇ ଉଠିଛନ୍ତି। ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଥିବା ଶିକାରୀଙ୍କ ହାବୁଡ଼ରେ ପଡ଼ି ମରୁଛନ୍ତି। ଗତ ଦୁଇ ସପ୍ତାହ ମଧ୍ୟରେ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ୮ ଶିକାରୀଙ୍କୁ ଗିରଫ କରିଥିବା ବେଳେ ୨୭ରୁ ଊର୍ଦ୍ଧ୍ୱ ମୃତ ବିଦେଶୀ ପକ୍ଷୀ ଜବତ କରିଛି। ଏନେଇ ୬ଟି ମାମଲା ରୁଜୁ ହୋଇଥିବା ବନ୍ୟପ୍ରାଣୀ ରେଞ୍ଜର ଚୂଡାମଣି ମୁର୍ମୁ କହିଛନ୍ତି।

ପ୍ରକାଶ ଯେ, ଗତ ଟାଙ୍ଗୀ ରେଞ୍ଜ ବନ୍ୟପ୍ରାଣୀ ବିଭାଗ ଗତ ୧୪ ତାରିଖରେ ୭ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ମଙ୍ଗଳାଯୋଡିର ଭାଗବତ ବେହେରା ଓ ବାହୁଡା ବେହେରାଙ୍କୁ ଗିରଫ କରିଥିଲା। ମଙ୍ଗଳାଯୋଡିରେ ଏକ ଡଙ୍ଗାରୁ ଗୋଟିଏ ଲାର୍ଜ, ପରପଲ, ମୁରହେନ୍, ଦୁଇଟି ବ୍ରୋଞ୍ଜ, ଉଇଙ୍ଗଡ, ଜାକନା, ଗୋଟିଏ ନର୍ଦ୍ଦ ପିଣ୍ଟେଲ, ଗୋଟିଏ ସୋଭଲର ପକ୍ଷୀ ଜବତ କରିଥିଲା। ସେହିପରି ନଭେମ୍ବର ୨୮ରେ ଅଭିମାନପୁର ପକ୍ଷୀ ସୁରକ୍ଷା କ୍ୟାମ୍ପ ନିକଟରୁ ୬ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ଚାରିଘରିଆପାଟଣାର ବିଦ୍ୟାଧର ରାଉତଙ୍କୁ ଗିରଫ କରିଥିଲା। ତାଙ୍କ ପାଖରୁ ଗୋଟିଏ ଗଡୱାଲ, ଗୋଟି ପିନଟେଲ ଓ ୨ଟି କମନ୍ କୁଟ୍ ଏବଂ ୨ଟି ଲାର୍ଜ ହୁଇଷ୍ଟିଲ ଡକ ଜବତ ହୋଇଥିଲା। ସେହିପରି ଗୁରୁବାର ୭ ମୃତ ବିଦେଶୀ ପକ୍ଷୀ ସହ ୨ ଶିକାରୀ ଗିରଫ ହୋଇଛନ୍ତି। ଏନେଇ ଚିଲିକା ବନ୍ୟପ୍ରାଣୀ ବିଭାଗ ଡିଏଫଓ ଜ୍ୟୋତି କେଟାଲା କହିଛନ୍ତି, ପକ୍ଷୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚିଲିକାରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଟାଙ୍ଗୀ ରେଞ୍ଜରେ ଅଧିକ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ସେହିପରି ଟାଙ୍ଗୀ ରେଞ୍ଜର ଚୂଡ଼ାମଣି ମୁର୍ମୁ କହିଛନ୍ତି, ଏହି ବିଭାଗ ଅଧୀନରେ ୧୧ଟି ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଏଥିସହ ହୋଟେଲରେ ମଧ୍ୟ ଚଢ଼ାଉ କରାଯାଉଛି। ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ବାଇକ ଡିକି ଚେକିଂ କରାଯାଉଛି। ଚିଲିକାରେ ମାଛମାରି ଫେରୁଥିବା ମତ୍ସ୍ୟଜୀବୀଙ୍କ ଡଙ୍ଗା ମଧ୍ୟ ଚେକିଂ କରାଯାଉଛି ବୋଲି ସେ କହିଛନ୍ତି।



ଡଙ୍ଗା ଯାଞ୍ଚ କରାଯାଉଛି।

**ପକ୍ଷୀଙ୍କ ସୁରକ୍ଷା ପାଇଁ ସମନ୍ୱୟତା ଜରୁରୀ**

ପକ୍ଷୀଙ୍କ ସୁରକ୍ଷା ପାଇଁ ପ୍ରତି ଗାଁରେ ପକ୍ଷୀ ସୁରକ୍ଷା ସମିତି ଗଠନ କରାଯାଉ। ଏଥିରେ ପ୍ରକୃତି, ପରିବେଶ ପାଇଁ କାର୍ଯ୍ୟ କରୁଥିବା ଯୁବଗୋଷ୍ଠୀ, ସାମାଜିକ ଅନୁଷ୍ଠାନଙ୍କୁ ମଧ୍ୟ ସାମିଲ କରାଯାଉ। ପକ୍ଷୀ ଶିକାରୀ ର୍ୟାକେଟକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବାକୁ ହେଲେ ସୁରକ୍ଷା ସମିତିର ନେଟୱର୍କକୁ ସୁଦୃଢ କରିବାକୁ ହେବ ; ଯଦ୍ୱାରା ପ୍ରତି ସମୟରେ କେଉଁଠି କ'ଣ ଘଟୁଛି, ତାହା ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ନିକଟରେ ପହଞ୍ଚିପାରିବ। ପକ୍ଷୀ ସୁରକ୍ଷା ସମିତି ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହିଲେ, ଏହା ଫଳପ୍ରଦ ହୋଇପାରିବ ବୋଲି ପରିବେଶ ବିଶେଷଜ୍ଞ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।



କଟକ ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ ମହାନଦୀ ଉତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ନାଟିକା କାଞ୍ଚି ଅଭିଯାନର ଏକ ଦୃଶ୍ୟ।

## ଚିତ୍ତରଞ୍ଜନ ମୃତ୍ୟୁ ଘଟଣା: ଭାଜପାର ବିକ୍ଷୋଭ

**ବ୍ରହ୍ମଗିରି, ୧୭।୧୨(ଡି.ଏନ.ଏ.)**

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ଚିତ୍ତରଞ୍ଜନ ପଲେଇଙ୍କ ହତ୍ୟାକାଣ୍ଡକୁ ନେଇ ଶୁକ୍ରବାର ବ୍ରହ୍ମଗିରି ଭାଜପା ପକ୍ଷରୁ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଦଳୀୟ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ବ୍ରହ୍ମଗିରି ବଜାର ପରିକ୍ରମା କରି ଡାବାଛକରେ ପହଞ୍ଚିଥିଲେ। ସେଠାରେ ବ୍ରହ୍ମଗିରି ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ସମାବେଶରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ଓମପ୍ରକାଶ ମିଶ୍ର, ପ୍ରଭାତୀ ପରିଡ଼ା, ଉପାସନା ମହାପାତ୍ର, ବିରଞ୍ଚି ନାରାୟଣ ତ୍ରିପାଠୀ, ପ୍ରଭଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରସନ୍ନ ବରାଳ, ପ୍ରସନ୍ନ କୁମାର ପଲାଇଙ୍କ ସମେତ ବହୁ ନେତା ସାମିଲ ହୋଇ ଚିତ୍ତରଞ୍ଜନଙ୍କୁ ନ୍ୟାୟ ଦେବା ସହ ସିବିଆଇ ତଦନ୍ତ ଦାବି କରିଥିଲେ। ଏହି ଘଟଣାକୁ ପ୍ରଶାସନ ଗୁରୁତ୍ୱର ସହ ନେଇ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ନ୍ୟାୟ ଦେବା ପାଇଁ ଭାଜପା ନେତାମାନେ ଦାବି କରିଛନ୍ତି।

## ରାଜ୍ୟପାଳଙ୍କୁ ସମାଜବାଦୀ ପାର୍ଟିର ସ୍ମାରକପତ୍ର

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ଉତ୍ତର ପ୍ରଦେଶ ଲଖିମପୁର ଖେରି କୃଷକ ହତ୍ୟା, ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ଧାନକ୍ରୟ ପ୍ରସଙ୍ଗକୁ ନେଇ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଏକ ୩ ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ରାଜଭବନଠାରେ ଭେଟି ଆଲୋଚନା କରିଛନ୍ତି। ଏଥିସହ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, କୃଷି ଆଇନକୁ ବିରୋଧ କରି ଉତ୍ତରପ୍ରଦେଶରେ ଆନ୍ଦୋଳନରତ ଚାଷୀଙ୍କ ଉପରକୁ ଗାଡି ଚଢ଼ିବା ଆକସ୍ମିକ ନ ଥିଲା ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଏସ୍ଆଇଟି ରିପୋର୍ଟରେ ପ୍ରକାଶ ପାଇଛି। ତେଣୁ କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରାଙ୍କ ଇସ୍ତଫା ଦାବି କରାଯାଇଛି। ବାତ୍ୟା 'ଜୱାଦ' ଯୋଗୁ ରାଜ୍ୟରେ ଲଗାଣ ବର୍ଷାରେ ପାଚିଲା ଧାନ ଓ ପନିପରିବା ଫସଲ ହରାଇ ସର୍ବସ୍ୱାନ୍ତ ହୋଇଥିବା ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ କେନ୍ଦ୍ର ସରକାର ଅଗ୍ରିମ ୧ ହଜାର କୋଟି ଟଙ୍କାର ରିଲିଫ ସହାୟତା ପ୍ରଦାନ, ଆଗାମୀ ଦିନରେ ଏଫ୍‌ସିଆଇ ଦ୍ୱାରା ଚାଷୀଙ୍କଠାରୁ ଧାନ କିଣିବା ପାଇଁ କେନ୍ଦ୍ର ଖାଦ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ପାର୍ଟି ପକ୍ଷରୁ ଦାବି କରାଯାଇଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଚନ୍ଦନ



@ ସନ୍ତୋଷ



@ ରାଜଶ୍ରୀ



@ ଅଭିଲିପ୍ସା



@ ଅଚିନ୍ତ୍ୟ



@ ନିର୍ମଳ

# କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟ ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର, ୧୭।୧୨ (ବ୍ୟୁରୋ)**

**ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରସଙ୍ଗ**

ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ ବୋଲି କେନ୍ଦ୍ର ଅଗ୍ରାହ୍ୟ କରିବା ପରେ ଓଡ଼ିଶାର ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜି. କିଷାନ୍ ରେଡ୍ଡୀଙ୍କୁ ଚିଠି ଲେଖି ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଭାରତୀୟ ମୁକ୍ତି ସଂଗ୍ରାମର ଇତିହାସରେ ୧୮୧୭-୨୫ ପାଇକ ବିଦ୍ରୋହ ଏକ ଗୌରବମୟ ଅଧ୍ୟାୟ। ଇଂରେଜ ବିରୋଧରେ ସୁସଂଗଠିତ ଓ ସୁଦୂରପ୍ରସାରୀ ଏହି ବିଦ୍ରୋହ ପରବର୍ତ୍ତୀ ସମୟରେ ମୁକ୍ତି ସଂଗ୍ରାମକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇଥିଲା। ଏଥିରେ ବହୁ ସମ୍ଭ୍ରାନ୍ତ ଜମିଦାର, ଦଳେଇ ଦଳବେହେରାଙ୍କଠାରୁ ଆରମ୍ଭ କରି ପ୍ରତି ବର୍ଗର ଲୋକ ସାମିଲ ହୋଇ ଇଂରେଜ ସରକାରକୁ ଦୋହଲାଇ ଦେଇଥିଲେ। ଏହି ଗଣବିପ୍ଳବରେ କେତେ ଫାଶୀ, କେତେ ଦ୍ୱୀପାନ୍ତର ଓ ଅନେକଙ୍କୁ ସଶ୍ରମ କାରାଦଣ୍ଡ ଦିଆଯାଇଥିଲା। ଓଡ଼ିଶାର ଜନସାଧାରଣଙ୍କ ଭାବାବେଗକୁ ସମ୍ମାନ ଜଣାଇ ଇତିହାସର ଠିକ ମୂଲ୍ୟାୟନ ପାଇଁ ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ପୂର୍ତ୍ତି ପାଳନ ଅବସରରେ ୨୦୧୭ରେ ରାଜ୍ୟ କ୍ୟାବିନେଟର ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି ଅନୁଯାୟୀ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଥିଲେ। ଚଳିତବର୍ଷ ବିଧାନସଭା ଶୀତ ଅଧିବେଶନରେ ଏ ନେଇ ସଂକଳ୍ପ ପାରିତ ହୋଇଛି ବୋଲି ମନ୍ତ୍ରୀ ଚିଠିରେ ଦର୍ଶାଇଛନ୍ତି।

## ବିଶ୍ୱଶାନ୍ତି ଲାଗି ଅଲେଖ ବ୍ରହ୍ମଧ୍ୱନି ସ୍ଥାପନ

**ଜଟଣୀ, ୧୭।୧୨ (ଡି.ଏନ.ଏ.)**

ଜଟଣୀ ବ୍ଲକ ପାଣିଓରା ଗ୍ରାମରେ ବିଶ୍ୱଶାନ୍ତି ଓ ସର୍ବ ଜନମାନସରେ ଆତ୍ମମୈତ୍ରତା ସ୍ଥାପନ ଲାଗି ଆୟୋଜିତ ହୋଇଥିବା ଅଲେଖ ବ୍ରହ୍ମଧ୍ୱନି ସ୍ଥାପନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମହିମା ଆଶ୍ରମର ସାଧୁସନ୍ଥମାନଙ୍କ ଦ୍ୱାରା ଅହ୍ଲଣିଆ ବ୍ରହ୍ମପ୍ରସାଦ ଅଲେଖ ବ୍ରହ୍ମଙ୍କୁ ସମର୍ପିତ କରାଯାଇଥିଲା। ମହିମା ଧର୍ମ ମଞ୍ଚରେ ସାଧୁ ଗଦାଧର ଦାସ ଧର୍ମସଭା ପରିଚାଳନା କରି ସମାଜରେ ଶାନ୍ତି, ଆତ୍ମମୈତ୍ରତା, ଶୃଙ୍ଖଳା ଏବଂ ସଦ୍‌ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁବପୀଢ଼ି ସତ୍‌ମାର୍ଗରେ ପରିଚାଳିତ ହୋଇ ସମାଜର ଭବିଷ୍ୟତ ଗଠନରେ ସହାୟକ ହୁଅନ୍ତୁ ବୋଲି ସାଧୁ ସଚ୍ଚିଦାନନ୍ଦ ଦାସ ମତବ୍ୟକ୍ତ କରିଥିଲେ। ସାଧୁ ଚୈତନ୍ୟ ଦାସ ଉପାସନା ପଦ୍ଧତି ଉପରେ ପ୍ରବଚନ ଦେଇଥିଲେ। ୧୫ ଜଣ ସାଧୁସନ୍ଥ ଜଗତର ମଙ୍ଗଳ କାମନା କରି ସମବେତ ପ୍ରାର୍ଥନା କରିଥିଲେ। ଉଦ୍‌ଯାପନୀ ଦିବସରେ 'ଭୀମଭୋଇ ଜଗତ ଉଦ୍ଧାର ହେଉ ଜନସେବା ସମିତି'ର ମୁଖ୍ୟ ସାଧୁ ପବିତ୍ର ଦାସଙ୍କ ସମେତ ସହସ୍ରାଧିକ ଶ୍ରଦ୍ଧାଳୁ ଅଲେଖ ବ୍ରହ୍ମଧ୍ୱନିରେ ଘୃତ, ଚନ୍ଦନ ଓ ନାରିକେଳ ଅର୍ପଣ କରି ସମବେତ ପ୍ରାର୍ଥନା ପୂର୍ବକ ଅନ୍ନପ୍ରସାଦ ସେବନ କରିଥିଲେ।





ପୁରୀ ଚକ୍ରତୀର୍ଥରୋଡ୍ ନିକଟରେ ହେବାକୁ ଥିବା ନୂତନ ବ୍ଲୁ ଫ୍ଲାଗ୍ ବିଚ୍‌କୁ କ୍ଷୁଦ୍ର ବ୍ୟବସାୟୀ, ମତ୍ସ୍ୟଜୀବୀ ଏବଂ ଉଠାଦୋକାନୀମାନେ ବିରୋଧ କରି ଧାରଣା ଦେଇଛନ୍ତି।





ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୧ତମ ଜୟନ୍ତୀରେ ଶୁକ୍ରବାର ଭୁବନେଶ୍ୱର ପାୱାରହାଉସ୍ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ଓ ଅନ୍ୟମାନେ।



ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠର ୭୫ତମ ବର୍ଷ ପୂର୍ତ୍ତି ଉତ୍ସବ ଉଦ୍‌ଘାଟନୀ ଅବସରରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ଭାଜପା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



**କୃଷ୍ଣପ୍ରସାଦ,୧୭।୧୨(ଡି.ଏନ୍.ଏ.):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ଲକକୁ ଆସିଥାଏ। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଏହି ଉନ୍ନୟନମୂଳକ ଯୋଜନାର କାର୍ଯ୍ୟ ଠିକ୍ ଭାବେ ନ କରାଯାଇ କୋଟି କୋଟି ଟଙ୍କା ଆତ୍ମସାତ୍ କରାଯାଇଥିବା ଶୁକ୍ରବାର ଭାଜପା ଅଭିଯୋଗ କରିଛି। ଶୁକ୍ରବାର ବ୍ଲକ ଭାଜପା ପକ୍ଷରୁ ମଣ୍ଡଳ ଉପସଭାପତି ରବୀନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସଭାପତି ହରିହର ଦାସ, ବ୍ଲକ ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ବ୍ଲକ ଭାଜପା ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ପ୍ରସାଦ ବେହେରା, ସଂଗ୍ରାମ କେଶରୀ ଜେନା, ଅଶୋକ କୁମାର ବିଶ୍ୱାଳ, ନଳିନୀକାନ୍ତ ଜେନା, ବିଶ୍ୱ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଚଣ୍ଡୀ ମନ୍ଦିରଠାରୁ ପଦଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହା ପରେ ବ୍ଲକ ପରିସରରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବ୍ଲକର ବଡ଼ଝାଡ, ଗୋମୁଣ୍ଡିଆ, ତିତିପ, ବଡଅଁଳ, ସାତପଡା, ବଜ୍ରକୋଟ, ସିଆଳ, ସିଆଣ୍ଡି, ମାଲୁଦ ଏବଂ ରାମଲେଙ୍କା ପଞ୍ଚାୟତରେ ବିଭାଗୀୟ ଅଧିକାରୀଙ୍କୁ ହାତବାରିସି କରି କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ। ଏହି ଅବସରରେ୍ ଭାଜପା ପକ୍ଷରୁ ଏକ ଦାବିପତ୍ର ବିଡିଓ ମନୋଜ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା। ୭ଦିନ ମଧରେ ଉନ୍ନୟନମୂଳକ ଯୋଜନା କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି।

### ଇଚ୍ଛାପୁର କ୍ରିକେଟ୍ ଟୁର୍ନାମେଣ୍ଟ: ମରଦାବାଡ଼ି ଫାଇନାଲରେ

**ବୋଲଗଡ଼,୧୭।୧୨(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ଇଚ୍ଛାପୁର ଖେଳପଡ଼ିଆରେ ଗୁରୁବାର ଷଷ୍ଠତମ ଇଚ୍ଛାପୁର ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଇଚ୍ଛାପୁର କ୍ରିକେଟ କ୍ଲବ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ସେଥିମଧରୁ ୮ଟି ଟିମ୍ ହରିପୁର ପାଟଣା, ପଞ୍ଚୁକୋଟ, ମରଦାବାଡି, ବୋଲଗଡ, ଦେଉଳି, ଘୋରାଡିଆ ତୋଟାପଡା ଓ ବାମ୍ଫଡା ଟିମ ରାଉଣ୍ଡ ରବିନ ଲିଗ ଭିତ୍ତିରେ ଖେଳ ହୋଇଥିଲା। ତନ୍ମଧ୍ୟରୁ ବାମ୍ଫଡା ଟିମକୁ ପରାସ୍ତ କରି ମରଦାବାଡି ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ୮ଟି ଟିମ୍ ସଁପୁର, ଇଚ୍ଛାପୁର, ଟାଙ୍ଗୀସାହି, ଦିଘିରୀ, ଲାଉପଡା, ଅଠରାଙ୍ଗ, ଖୋର୍ଦ୍ଧା ଓ କୋଟପଲ୍ଲା ଟିମ୍ ମଧରେ ମ୍ୟାଚ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ପ୍ରଭାତ କୁମାର ପରିଡ଼ା, ଅତିଥିଭାବେ ସରପଞ୍ଚ ଜଳଧର ମହାନ୍ତି, କଂଗ୍ରେସ ନେତା ଶ୍ରୀଧର ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ବୁଲୁ ଓ ଚୁଲୁ ମ୍ୟାଚ୍ ପରିଚାଳନା କରିଥିଲେ। ଲଳିତ ରାଉତ, ଇମ୍ତିଆଜ ଖାନ, ଜିଆ ଉଲ ହକ୍ ପ୍ରମୁଖ ସହଯୋଗ କରିଥିଲେ।

### ତମାଣ୍ଡୋକୁ ହରାଇ ଭାଲିଆବାଡ଼ି ବିଜୟୀ

**ଖୋର୍ଦ୍ଧା ଅଫିସ,୧୭।୧୨:** ପତନିବର ରେନଡ୍ରୋ କ୍ରିକେଟ ଟୁର୍ନାମେଣ୍ଟ ଆନୁକୂଲ୍ୟରେ ୨୮ତମ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ତମାଣ୍ଡୋ କ୍ଲବକୁ ହରାଇ ଭାଲିଆବାଡି ବିଜୟୀ ହୋଇଛି। ଭାଲିଆବାଡି ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୨୩୩ ରନ ସଂଗ୍ରହ କରିଥିଲା। ଜବାବରେ ତମାଣ୍ଡୋ କ୍ଲବ ସମସ୍ତ ଉଇକେଟ ବିନିମୟରେ ୧୯୬ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ରବୀନ୍ଦ୍ର ନାୟକ ୩ ଓଭରରେ ୨୪ ରନ ଦେଇ ୫ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାଗୀରଥି ବେହେରା ଓ ବିନୟ କୁମାର ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସାରୁଆ ସରପଞ୍ଚ ସୁଦର୍ଶନ ବେହେରା ଯୋଗ ଦେଇଥିଲେ। ଆୟୋଜକ ଟିମର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ୧୯ ତାରିଖରେ ଆୟୋଜକ ପତନିବର ଟିମ୍ ସହ ଅତ୍ରି କ୍ଲବ ମଧରେ ମ୍ୟାଚ ଅନୁଷ୍ଠିତ ହେବ।

# 'କେନ୍ଦ୍ର ସରକାର ପୁନର୍ବିଚାର କରନ୍ତୁ'

**ଖୋର୍ଦ୍ଧା ଅଫିସ,୧୭।୧୨**

ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଓ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଦାବି ଜୋର ଧରିଛି। ଏନେଇ ରାଜ୍ୟର ପାଇକ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା ସହ ସଭା କରାଯାଉଛି। ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା, ଏ ଜାତିର ସ୍ୱାଭିମାନ। ଓଡ଼ିଆ ପୁଅଙ୍କ ବୀରତ୍ୱ ଆଗରେ ବ୍ରିଟିଶ ମଥା ନୁଆଁଇଥିଲା। ଦ୍ୱିଶତ ବାର୍ଷିକୀ ଅବସରରେ ଏହାକୁ କେନ୍ଦ୍ରୀୟ ସ୍ତରରେ ସ୍ୱିକୃତି ଦିଆଯାଇଥିବା ବେଳେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଘୋଷଣା ନ କରିବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର ଏହାର ପୁନର୍ବିଚାର କରନ୍ତୁ। ନଚେତ ଆଗାମୀ ଦିନରେ ଏହି ଆନ୍ଦୋଳନ ଜୋରଦାର କରାଯିବ ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ କହିଛନ୍ତି।

## ଦିଲ୍ଲୀରେ ହେବ ସମାବେଶ

ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଏବଂ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଦାବିରେ ବରୁଣେଇ ପାଦଦେଶରୁ ପୁଣି ଏକ ସଂଗ୍ରାମ ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ପାଇକ ସମାବେଶ ଆୟୋଜନ କରାଯାଇ ପାଇକ ବୀରଙ୍କୁ ସଙ୍ଗଠିତ କରାଯିବ। ଆଗାମୀ ଦିନରେ ଦିଲ୍ଲୀରେ ମଧ ବିଶାଳ ସମାବେଶ କରାଯିବ ବୋଲି ଓଡ଼ିଶା ବୀର ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ କହିଛନ୍ତି।

## ପାଇକ ବିଦ୍ରୋହ ହିଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ

ରାଜ୍ୟ ସରକାରଙ୍କ ନିବେଦନ ଉପରେ କେନ୍ଦ୍ର ସରକାର ଭାରତୀୟ ଇତିହାସ ଗବେଷଣା ପ୍ରତିଷ୍ଠାନ(ଆଇସିଏଚଆର) ବର୍ତ୍ତମାନ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଏକ ସଂସ୍ଥାର ମତ ଲୋଡ଼ିଥିଲେ। ତେବେ ଆଇସିଏଚଆର ମତକୁ କେନ୍ଦ୍ର ସରକାର ଗ୍ରହଣ କରିବେ ବୋଲି ବାଧ ନୁହଁନ୍ତି। ପୁଣି ଥରେ ଏହା ଉପରେ ବିଚାର କରାଯାଇପାରିବ। ପାଇକ ବିଦ୍ରୋହର ଐତିହାସିକ ପୃଷ୍ଠଭୂମୀ ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପାଇବା ପାଇଁ ଯୋଗ୍ୟ। ବ୍ରିଟିଶ ବିରୋଧରେ ପାଇକ ବୀରମାନେ ବକ୍ସିଙ୍କ ନେତୃତ୍ୱରେ ୧୮୧୭ରୁ ୧୮୨୭ ଏବଂ ପରେ ୧୮୩୬ ପର୍ଯ୍ୟନ୍ତ ଏହି ବିଦ୍ରୋହ ଚାଲିଥିଲା। ପାଇକ ବିଦ୍ରୋହ ପଛରେ ଦେଶମାତୃକା ପ୍ରତି ରହିଥିବା ଦେଶପ୍ରେମ ଏବଂ ଜାତୀୟତାବୋଧକୁ ପରିପୃଷ୍ଟ କରେ। ଐତିହ୍ୟ ସଂଗ୍ରାମର ଇତିହାସ ହିଁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ବଳିଷ୍ଠ ପ୍ରମାଣ ବୋଲି ଐତିହାସିକ ପ୍ରଫେସର ନାରାୟଣ ରାଓ କହିଛନ୍ତି।

## ବୀରତ୍ୱର ମାଟି ଖୋର୍ଦ୍ଧା

ଖୋର୍ଦ୍ଧା ବୀରତ୍ୱର ମାଟି। ସ୍ୱାଧୀନତା ସଂଗ୍ରାମରେ ପାଇକ ବିଦ୍ରୋହ ସମ୍ପର୍କରେ ଅନେକ ଐତିହାସିକ, ଗବେଷକ, ଇତିହାସକାରମାନେ ଏହି ସଂଗ୍ରାମର ବୀରତ୍ୱଗାଥାକୁ ଉଲ୍ଲେଖ କରିଛନ୍ତି। କେବଳ ଭାରତୀୟ ନୁହଁ ବ୍ରିଟିଶମାନେ ମଧ ଏହି ବୀରତ୍ୱକୁ ସ୍ୱୀକାର କରିଛନ୍ତି। ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ସହ ପାହାଡ଼ ଉପରେ ବକ୍ସି ଏବଂ ଜୟୀ ରାଜଗୁରୁଙ୍କ ସୁଉଚ୍ଚ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ଏଥିସହ ସମସ୍ତ ପାଇକ ବୀରଙ୍କ ମାଟିକୁ ଐତିହ୍ୟ ମାଟିର ମାନ୍ୟତା ଦିଆଯାଉ ବୋଲି ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ସୂଚନା ଦେଇଛନ୍ତି।

## ପାଇକଙ୍କ ପାଇଁ ଗର୍ବିତ

ପାଇକଙ୍କ ପାଇଁ ପ୍ରତ୍ୟେକ ଓଡ଼ିଆ ନିଜକୁ ଗର୍ବ ଅନୁଭବ କରନ୍ତି। ପାଇକ ବିଦ୍ରୋହର ପଦଚିହ୍ନ ସ୍ୱରୂପ ପ୍ରତି ଅଞ୍ଚଳରେ ରହିଥିବା ପାଇକ ଆଖଡା ଗୁଡ଼ିକୁ ଉଜ୍ଜିବୀତ କରାଯାଉ। ଏହି ଲୋକକଳା ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ବଜେଟ ଉପସ୍ଥାପନ କରନ୍ତୁ ବୋଲି ଆଇନଜୀବୀ ଶିଶିର ପରିଡା, ଡ.ବୃନ୍ଦାବନ ପଣ୍ଡା ପ୍ରମୁଖ କହିଛନ୍ତି।





ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦାବିରେ ଖୋର୍ଦ୍ଧାର ବରୁଣେଇ ନିକଟରୁ ବାହାରିଥିବା ଶୋଭାଯାତ୍ରା।

# ଇଭି ଟୁହ୍ୱିଲର୍ସ ସେଗ୍‌ମେଣ୍ଟରେ ପୁଞ୍ଜି ନିବେଶ କରିବ କମ୍ପାନୀ

**ଭୁବନେଶ୍ୱର,୧୭।୧୨**



ଭାରତରେ ବର୍ତ୍ତମାନ ଇ ସ୍କୁଟର (ଇଭି) ଯାନ ପ୍ରଚଳିତ ପାଇଁ ସରକାର ବିଭିନ୍ନ ପଦକ୍ଷେପ ସହ ସହଯୋଗ ଏବଂ ସହାୟତା ଯୋଗାଇ ଦେଉଛନ୍ତି। ଏହାକୁ ଦେଶବାସୀ ଗ୍ରହଣ କରିବା ସହ ସମାଜକୁ ଏକ ସୁସ୍ଥ ପରିବେଶ ପ୍ରଦାନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକତା ରହିଛି। ଏହି କ୍ଷେତ୍ରକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନିକଟରେ ଇଭି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି ଯେ, ଆସନ୍ତା ୨ ବର୍ଷ ମଧରେ କମ୍ପାନୀ ୧୦୦୦ କୋଟି ଟଙ୍କା ଇଭି ଯାନ ନିର୍ମାଣ କ୍ଷେତ୍ରରେ ନିବେଶ କରିବାକୁ ଯୋଜନା ରଖିଛି। ବର୍ତ୍ତମାନ ଇଭି ଚାହିଦା ବୃଦ୍ଧି ସାଙ୍ଗକୁ ୨୦୨୫ ବେଳକୁ ଏହାର ହାରାହାରି ଆବଶ୍ୟକତା ୪.୫ରୁ ୫ ମିଲିୟନ ହେବ ବୋଲି କମ୍ପାନୀ ଆକଳନ କରିଛି। ସେହିଭଳି ଇ-ଯାନରେ ବଜାରରେ ଇଭି ୧୦% ବଜାର ଶେୟାର ଅଧିକାର କରିବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଇଭି ଇଣ୍ଡିଆ ପକ୍ଷରୁ ନୂଆ ଇଲେକ୍‌ଟ୍ରିକ ସ୍କୁଟର 'ସୋଲ'ର ଶୁଭ ଉନ୍ମୋଚନ କରାଯାଇଛି। ନିକଟରେ ଦିଲ୍ଲୀର ଏକ ହୋଟେଲ ପରିସରରେ ଏହାର ବଜାର ପ୍ରବେଶ କରାଯାଇଥିଲା। ଏହି ଅବସରରେ ଦେଶର ବହୁ ଜଣାଶୁଣା ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହାକୁ ଥରେ ଚାର୍ଜ କଲେ ପ୍ରାୟ ୧୨୦ କିମି ଯାତ୍ରା କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଇଭି ଇଣ୍ଡିଆର ନିର୍ଦ୍ଦେଶକ ତଥା ସହ ପ୍ରତିଷ୍ଠାତା ହର୍ଷବର୍ଦ୍ଧନ ଡିଡୱାନିଆ କହିଛନ୍ତି ଯେ, ନୂତନ ଭାବେ ଲୋକାର୍ପଣ ହୋଇଥିବା ସୋଲ୍ ସ୍କୁଟର ନିଶ୍ଚିତ ଭାବେ ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ। ଏହା ଦ୍ୱାରା ପ୍ରଦୂଷଣ ହ୍ରାସ ପାଇବା ସହ ଏଥିରେ ଯାତ୍ରା କରିବା ବେଶ୍ ନିରାପଦ ଓ ପରିବେଶ ସ୍ପର୍ଶ ଅନୁଭବ କରିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଦେଶ ମଧରେ ନୂଆ ମଡେଲର ଇ-ସ୍କୁଟର ପ୍ରସ୍ତୁତ କରିବା ଲାଗି ଇଭି ଇଣ୍ଡିଆ ଗବେଷଣା, ଡିଜାଇନ୍ ଓ ଏହାର ବିକାଶ ଆଦିରେ ଅଧିକରୁ ଅଧିକ ଅର୍ଥ ନିବେଶ କରିଛି। ଏହି ସ୍କୁଟରରେ ଜିପିଏସ୍ ସିଷ୍ଟମ, ଜିଓ ଫ୍ୟାଗିଙ୍ଗ ଓ ଚୋରିକୁ ରୋକିବା ଲାଗି ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏହି ସ୍କୁଟର ୩ରୁ ୪ ଘଣ୍ଟାରେ ୦-୧୦୦ ଚାର୍ଜ ହେବା ସହିତ ଘଣ୍ଟା ପ୍ରତି ସର୍ବାଧିକ ୬୦ କିମି ବେଗରେ ଯାତ୍ରା କରିପାରିବ। ଇଭି ଇଣ୍ଡିଆ ଭାରତ ଗ୍ରୁପର ଏକ ଅଂଶ ବିଶେଷ ଭାବେ କାର୍ଯ୍ୟ କରୁଛି। କମ୍ପାନୀର ସର୍ବାଧିକ ସ୍କୁଟର ପ୍ରସ୍ତୁତି ଭୁବନେଶ୍ୱରରେ ହୋଇଥାଏ। ଏଠାରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଏହାର ୧୦୦ ଡିଲର, ୫୦ ସବ୍‌ଡିଲର ଏପରିକି ୨୦ଟି ରାଜ୍ୟର ୧୦୦ ସହରରେ ନିଜ ଉପସ୍ଥିତି ଜାହିର କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ସରକାରୀ ସହାୟତା ଆଳରେ ୧୨ ହଜାର ଠକେଇ

**ଖୋର୍ଦ୍ଧା ଅଫିସ,୧୭।୧୨**

ଗରିବ ଲୋକଙ୍କୁ ମାଗଣାରେ ଚିକିତ୍ସା ଲାଗି ରାଜ୍ୟ ସରକାର ସିଏମ୍ଆରଏଫ, ରେଡକ୍ରସ ପାଣ୍ଠି ଭଳି ବିଭିନ୍ନ ଯୋଜନା କରିଛନ୍ତି। ଯୋଜନା ସମ୍ପର୍କରେ ଅନଭିଜ୍ଞ, ପୁଣି କେଉଁଠି ଆବେଦନ କରିବେ, ସେ ସମ୍ପର୍କରେ ଧାରଣା ନ ଥିବାରୁ ଅନେକ ସମୟରେ ଗରିବ ଲୋକ ଦଲାଲଙ୍କ ହାବୁଡରେ ପଡି ଠକାମିର ଶିକାର ହେଉଛନ୍ତି। କର୍କଟ ରୋଗରେ ପୀଡିତ ଜଣେ ରୋଗୀଙ୍କୁ ୨ ଲକ୍ଷ ଟଙ୍କା ସରକାରୀ ସହାୟତା କରାଇଦେବା ଆଳରେ ଜଣେ ଦଲାଲ ୧୨ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ତରତୁଆ ଗ୍ରାମରେ ଘଟିଛି । ଅଭିଯୋଗ ଅନୁସାରେ, ତରତୁଆ ଗ୍ରାମର ଜଣେ ବ୍ୟକ୍ତି କର୍କଟ ରୋଗରେ ପୀଡିତ ଝିଅର ଚିକିତ୍ସା ସମୟରେ ଯାଜପୁର ଜିଲାର ଜଣେ ବ୍ୟକ୍ତି(ଦଲାଲ)ଙ୍କ ସହ ସାକ୍ଷାତ୍ ହୋଇଥିଲା। ଉକ୍ତ ସମୟରେ ଦଲାଲ ଜଣଙ୍କ ସରକାରୀ ସହାୟତା କରାଇଦେବ ବୋଲି କହି କର୍କଟ ପୀଡ଼ିତାଙ୍କ ବାପାଙ୍କୁ ଟଙ୍କା ମାଗିଥିଲେ। ଆର୍ଥିକ ସ୍ୱଚ୍ଛଳତା କାରଣରୁ ପୀଡ଼ିତାଙ୍କ ବାପା ଦଲାଲଙ୍କ କଥାରେ ରାଜି ହୋଇ ଟଙ୍କା ଦେଇଥିଲେ। ତେବେ ଟଙ୍କା ନେବା ପରେ ଦଲାଲଙ୍କ ସହ କୌଣସି ଯୋଗାଯୋଗ ହୋଇ ପାରିନଥିଲା। ଶେଷରେ ସେ ନିରାଶ ହୋଇ ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଏସ୍‌ପି ଖୋର୍ଦ୍ଧା ଏସ୍‌ପିଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିବା ଜଣାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି।

## କଲ୍ୟାଣ ମଣ୍ଡପର ଶିଳାନ୍ୟାସ

**ଯାଁଳା,୧୭।୧୨(ଡି.ଏନ୍.ଏ.)**

ଭୁବନେଶ୍ୱର ଉପକଣ୍ଠ ମଦନପୁର ପଞ୍ଚାୟତ ଅଞ୍ଚଳରେ ପଞ୍ଚାୟତସ୍ତରୀୟ କଲ୍ୟାଣ ମଣ୍ଡପର ଶିଳାନ୍ୟାସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ, ରାଜ କିଶୋର ସ୍ୱାଇଁ, ଗାନ୍ଧୀ ଜୟସିଂ, ପରେଶ ସାମନ୍ତରାୟ, ଜୀବନଜ୍ୟୋତି ସାମନ୍ତରାୟ, ଶାନ୍ତନୁ ଦେହୁରୀ, ରତ୍ନାକର ସାହୁ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ସନ୍ତୋଷ ଜେନା, ରଶ୍ମିତା ନାୟକ, ଅଜିତ ସାମନ୍ତରାୟଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟ ଓ ବିଜେଡିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୬ ପ୍ରକଳ୍ପ ଲାଗି ୨୬ ଲକ୍ଷ ଟଙ୍କା ପ୍ରସ୍ତାବ



**ଖୋର୍ଦ୍ଧା ଅଫିସ,୧୭।୧୨**

ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଯୋଜନା(ମୁକ୍ତା)ରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୬ଟି ପ୍ରକଳ୍ପ ନିର୍ମାଣ ପାଇଁ ୨୬ଲକ୍ଷ ଟଙ୍କା ପ୍ରସ୍ତାବ ଦିଆଯାଇଛି। ଏଥିରେ ୪ଟି ପାଦଚଲା ରାସ୍ତା, ଗୋଟିଏ ଶୌଚାଳୟ ଏବଂ ମୁକ୍ତ ଜିମ୍ ରହିଛି। ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ପ୍ରସ୍ତାବ ଦିଆଯାଇଛି। ଏହି ସମ୍ମିଳନୀରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ବିଧାୟିକା ତଥା ବିଜେଡି ଜିଲା ପର୍ଯ୍ୟବେକ୍ଷିକା ପ୍ରମିଳା ମଲ୍ଲିକଙ୍କ ସମେତ ବାଲୁଗାଁ ଏନ୍ଏସିର ସ୍ଥାନୀୟ ପ୍ରଶାସନ, ବୁଦ୍ଧିଜୀବୀ, ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏନେଇ ଜିଲାପାଳ ମହାପାତ୍ର କହିଥିଲେ, ପୂର୍ବରୁ ମୁକ୍ତା ଯୋଜନାରେ ଖୋର୍ଦ୍ଧା ଏବଂ ଜଟଣୀ ପୌର ପରିଷଦ ଏବଂ ପରେ ବାଣପୁର ଏନ୍ଏସି ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ବାଲୁଗାଁ ଏନ୍ଏସି ରହିଥିଲା। ସହରାଞ୍ଚଳ ଭିତ୍ତିଭୂମି ବିକାଶ ଦିଗରେ ଏହା ବେଶ ସହାୟକ। ଏଥିସହିତ ବାଲୁଗାଁ ସହରର ୯ଟି ରାସ୍ତା ନିର୍ମାଣ ପାଇଁ ୧ କୋଟି ୩୫ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଛି।

# କିଛି ଜାଣି ନାହିଁ: ଜିଲା ପର୍ଯ୍ୟବେକ୍ଷକ

## ମହିଳାଙ୍କୁ ବିଧାୟକ ପ୍ରଶାନ୍ତଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ

**ଖୋର୍ଦ୍ଧା ଅଫିସ,୧୭।୧୨**

ବାଣପୁର ବ୍ଲକ ନନ୍ଦପୁର ପଞ୍ଚାୟତରେ ବିଜେଡିର ଏକ କର୍ମୀ ସମ୍ମିଳନୀରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋର୍ଦ୍ଧା ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, କ'ଣ ଘଟଣା ଘଟିଛି, ବିଧାୟକ କ'ଣ କହିଛନ୍ତି, ତାହାକୁ ତର୍ଜମା କରିବାକୁ ପଡିବ। ସେ ସମ୍ପର୍କରେ କିଛି ଜାଣିନି, କିଛି କହିପାରିବି ନାହିଁ ବୋଲି କହିଥିଲେ। ଦଳୀୟ ମହିଳା କର୍ମୀଙ୍କ ପ୍ରତି ବିଧାୟକ ପ୍ରଶାନ୍ତଙ୍କ ଏଭଳି ମନ୍ତବ୍ୟକୁ ନେଇ ଦଳ କାହିଁକି ଚୁପ ରହିଛି ବୋଲି ପ୍ରଶ୍ନରେ ପ୍ରମିଳା କୌଣସି ଉତ୍ତର ନ ଦେଇ ସେଠାରୁ ପଳାଇଥିଲେ। ବିଧାୟକ ଜଣେ ମହିଳାଙ୍କୁ ସର୍ବସମ୍ମୁଖରେ ଦୁର୍ବ୍ୟବହାର କରିବା ସତ୍ତ୍ୱେ ଦଳ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# 'ସାହିତ୍ୟ କୃତି ଶିଶୁ ଅନନ୍ତଙ୍କୁ କାଳଜୟୀ କରିଛି'

**ବାଲିପାଟଣା, ୧୭।୧୨ (ଡି.ଏନ୍.ଏ.)**

ଶିଶୁ ଅନନ୍ତ ସ୍ମୃତି ସଂସଦ ଓ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସିଦ୍ଧ ସାଧକ ଶିଶୁ ଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଶୁକ୍ରବାର ଜନ୍ମସ୍ଥାନ ବାଲିପାଟଣା ଠାରେ ପାଳିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ଅଭିମନ୍ୟୁ ନାୟକଙ୍କ ସଭାପତିତ୍ୱରେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଉଦ୍‌ଘାଟକ ଭାବେ ଯୋଗଦେଇ କହିଥିଲେ, ଶିଶୁ ଅନନ୍ତ ପୀଠର ଉନ୍ନତୀକରଣ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ରେକି ମିଶନ ଅଧକ୍ଷ ବିଜ୍ଞାନୀ ଗୁରୁ ଶ୍ରୀଗୁରୁ ସନ୍ଥ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଶିଶୁ ଅନନ୍ତ ତାଙ୍କ ସାହିତ୍ୟ କୃତି ପାଇଁ କାଳଜୟୀ ହୋଇ ରହିବେ। ତାଙ୍କ ହଜିଲା କୃତୀକୁ ଆବିଷ୍କାର କଲେ ସମାଜର ଏକ ବଡ଼ ପରିବର୍ତ୍ତନ ହେବ। ସେହିପରି ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନନନ୍ଦ ସାଗର



ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିମାନେ।

କୁମାର ବେହେରା ଅତିଥିଭାବେ ଯୋଗଦେଇ ଅନନ୍ତଙ୍କ ସୃଷ୍ଟି ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ଏକାଡେମୀର ରଶ୍ମିରଞ୍ଜନ ଶତପଥୀ ଯୋଗଦେଇଥିଲେ। ସ୍ମୃତି ସଂସଦ ସମ୍ପାଦିକା ତନ୍ମୟ ଦାସ ଗୋସ୍ୱାମୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଲେଖକ ପୀତବାସ ରାଉତରାୟଙ୍କୁ ଶିଶୁ ଅନନ୍ତ ସମ୍ମାନ, ପଦ୍ମଶ୍ରୀ ବଟକୃଷ୍ଣ ସାହୁଙ୍କୁ ବାଲିପାଟଣା ଗୌରବ, ଅଭିରାମ ସରସ୍ୱତୀଙ୍କୁ ବାବା ମଧୁସୂଦନ ସମ୍ମାନ, ପ୍ରସନ୍ନ କୁମାର ମହାନ୍ତି ଓ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କୁ ସାମ୍ବାଦିକ ଗୌରବ ଓ ଶିଶୁ ସାହିତ୍ୟିକ ନୀଳମଣି ଚାନ୍ଦଙ୍କୁ ବଡଭାଇ ନଡ଼ିଆ ବିହାରୀ ସମ୍ମାନ ପ୍ରଦାନ କରାଯାଇଥିଲା। ରବି କୁମାର ଓ ତାଙ୍କ ସାଥି ଆବାହନୀ ସଙ୍ଗୀତ ଗାନ କରିଥିଲେ। ଡ.ଦେବାଶିଷ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଡି-ସିକେପି-୬୫୬-ମ୍ୟାନିଂ, ତାରିଖ: ୧୬।୧୨।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-I: ଟେକ୍‌ନିକାଲ ବିଡ୍ ଏବଂ ପ୍ୟାକେଟ୍-II: ଫାଇନାନ୍ସିଆଲ ବିଡ୍)ରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଏକବର୍ଷ ପାଇଁ ସିକେପି ଡିଭିଜନର ଏମ୍ଆଇକେ, କେଏନ୍‌ପିଏସ୍, ବିଜେଏମ୍‌ଡି, ବିଏସ୍‌ପିଏକ୍ସ, ଜିଓଏଲ୍, ଏସ୍ଏଲ୍‌କେଆର, ଆର୍‌କେଏସ୍ଏନ୍, ବିୟୁଏଲ୍, ବିଏମ୍‌ବି, ଜିପି, ସିପିଇ, ଏନ୍ଏକ୍ସଏନ୍, ସିବିଏସ୍ଏ, କେଓବିଏଲ୍, ଆରଏସ୍‌ପି (ଆରଓୟୁ) ଏବଂ ବିୟୁଏଫଠାରେ ଷୋହଳ (୧୬) ଗୋଟି ରେଳପଥ ମାଲିକାନାଧୀନ ଟ୍ରାକ୍ସନ୍ ସବ୍-ଷ୍ଟେଶନରେ କାର୍ଯ୍ୟଗୁଡ଼ିକର ଆଉଟ୍‌ସୋର୍ସିଂ । **ଟେଣ୍ଡର ମୂଲ୍ୟ:** ₹୧,୩୯,୫୧,୦୨୩.୩୬ । **ଇ.ଏମ୍.ଡି.:** ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/-; **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଇଇ (ଟିଆର୍‌ଡି)/ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା।୧୦।୦୧।୨୦୨୨ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା।୧୦।୦୧।୨୦୨୨ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର୍‌ମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। PR-490

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/21-22/ E-Tender/83,ତା.15.12.2021ରିଖ

(1) ଟେଣ୍ଡର ସଂ.e-Tender-CEN-KUR-219-2021,ତା.10.12.2021ରିଖ

**ବିବରଣୀ:** ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ତାଳଚେର କୋଲଫିଲ୍ଡର ଲିଙ୍ଗରାଜ ଠାରେ ଲିଙ୍ଗରାଜ SILO ସହିତ ଦେଉଳବେଢ଼ା ସାଇଡ଼ିଙ୍ଗ୍ ଏବଂ DB-2 ସାଇଡ଼ିଙ୍ଗ୍ ମଧରେ ରେଳ କନେକ୍ଟିଭିଟି ଏବଂ କ୍ୟାପ୍ଟିଭ ଲାଇନ୍ (ତାଳଚେର-ଏନ୍‌ଟିପିସି) ସହିତ ଲିଙ୍ଗରାଜ SILO କୁ ସଂଯୋଗ କରୁଥିବା ଏମ୍‌ସିଏଲ୍ ସାଇଡ଼ିଙ୍ଗର ଟ୍ରାକ୍ ରକ୍ଷଣାବେକ୍ଷଣ ନିମନ୍ତେ 3 ବର୍ଷ ସମୟାବଧି ପାଇଁ ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 444.00 ଲକ୍ଷ ।

(2) ଟେଣ୍ଡର ସଂ.e-Tender-CEN-KUR-221-2021,ତା.10.12.2021ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ମାଇକ୍ରୋ ଟନେଲିଙ୍ଗ୍ ପ୍ରଣାଳୀ ଦ୍ୱାରା ଭୁବନେଶ୍ୱର ୟାର୍ଡ଼ର ଦକ୍ଷିଣ ସୀମାଠାରେ ପୋଲ ନଂ.580ର ପ୍ରସ୍ତାବିତ ପୁନଃସ୍ଥାପନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 290.84 ଲକ୍ଷ ।

ଶେଷ ହେବା ଅବଧି: 36(ଛତିଶି) ମାସ (କ୍ରମ ସଂ.1 ପାଇଁ)ଏବଂ 06(ଛଅ) ମାସ (କ୍ରମ ସଂ.2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.31.12.2021 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍
PR-644/M/21-22

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2338 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.5258/RE/OSIC Dt.13.12.2021

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the work "Supply and installation of Integrated All-in-one Solar Street lights consisting of 30 watt LED Light, 75 Watt Solar Panel, 12.8 volt-25 AH Battery, 6 Mtr. OD GI Pole". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/- MANAGING DIRECTOR
OIPR-14073/11/0077/2122

**OFFICE OF THE EXECUTIVE ENGINEER, RWSS DIVISION, BERHAMPUR**
Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com

**Government of Odisha "e" Procurement Notice**
**NATIONAL COMPETITIVE BIDDING**
**1st Corrigendum to Bid Identification No. EERWSSBAM-24/2021-22**

No. 7366 Dated: 15.12.21

No. O-1368: Following modifications in Annexure - A of respective tender ID Nos. as detailed below against this office e-procurement notice cited above.

Sl. No. B-01 (for PWS to Mukundapur) & Sl. No. B-05 (for PWS to Chandanapur) are hereby cancelled due to administrative reason.

All other terms and conditions remain unaltered.

Sd./- Superintending Engineer, RWS&S Division, Berhampur
OIPR-25035/11/0016/2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH**
No. O-1362 E-mail: rw_sundargarh@yahoo.co.in

**SHORT TENDER CALL NOTICE**
**BID IDENTIFICATION NO. ONLINE-SESNG-17 OF 2021-22**

1. Name of the Work : Road & Building Works
2. Total No. of Works : 01 No. Road & 04 Nos. of Buildings
3. Estimated Cost : Rs.0.47 lakhs & Rs.5.31 lakhs
4. Class of Contractor : 'D' & 'C'
5. Period of Completion : 01 Calendar Month
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online - SESNG-17 of 2021-22 | 16.12.2021 10.00 A.M. | 22.12.2021 05.30 P.M. |

Further details can be seen from the website www.tendersorissa.gov.in.

Sd./- Superintending Engineer
Rural Works Division, Sundargarh
OIPR-25046/11/0028/2122

idco | ODISHA NEW OPPORTUNITIES No. CAD-2324

**OFFICE OF THE CHIEF GENERAL MANAGER (P&C), IDCO**
IDCO TOWERS, JANPATH, BHUBANESWAR - 751022
Tender Call Notice No. IDCO/H.O./P&C/ EST/E-1281/03/2017/22119 Dated: 23.12.2021
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the work : Construction of Division Road near Private Plot at Ramdaspur, Barang, Dist.: Cuttack (165.00mtr length)
2. Estimated Cost : Rs.75.18 lakh
3. Period of Completion : 02 (Two) Calendar Months
4. Other Details :

| Procurement Officer | Bid ID/Tender reference No. | Availability of Tender Online for Biddig | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/ E-49/2021-22 | 20.12.2021 at 17.00 hrs. | 04.01.2022 upto 17.00 hrs. |

Further details can be seen from the e-Procurement Portal: www.tendersodisha.gov.in and Corrigendum if any will not be published in Newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0138/2122

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୧୨।୨୦୨୧

| ୫,୧୦,୧୧୨ ଟଙ୍କା | |
|---|---|
| ସୁନା | ୧.୭୫୦ ଗ୍ରାମ |
| ରୁପା | ୧୩୮.୫୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ବିଶ୍ୱମ୍ଭର ବିଦ୍ୟାପୀଠ ୭୫ ବର୍ଷ ପୂର୍ତ୍ତି ଉତ୍ସବ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର, ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ କର୍ମଶାଳା, ପୂର୍ବାହ୍ନ ୯ଟା ଏବଂ ସଭା ଅପରାହ୍ନ ୫ଟା, ବିଦ୍ୟାପୀଠ ପରିସର।
- ବିଦ୍ୱତ ପରିଷଦର ଆଲୋଚନା ଚକ୍ର, ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର, ଅପରାହ୍ନ ୨ଟା।
- ଭଣ୍ଡିରା ଟ୍ରି ଥିଏଟର ପକ୍ଷରୁ ନାଟକ ମଞ୍ଚସ୍ଥ, ସଂସ୍କୃତି ଭବନ, ଅପରାହ୍ନ ୩ଟା।
- ପୁରୀ ଚାମ୍ବର ଅଫ୍ କମର୍ସର ସମ୍ମାନିତ କାର୍ଯ୍ୟକ୍ରମ, ହୋଟେଲ ସାଗର ତରଙ୍ଗ, ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ୯ମାସ ପରେ ହତ୍ୟା ଅଭିଯୁକ୍ତ ଗିରଫ

କଣାସ,୧୭।୧୨(ସ୍ୱ.ପ୍ର.)- ଗଡ଼ିଶାଗୋଡା ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ହତ୍ୟା କରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ୯ମାସ ପରେ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ବିଶ୍ୱନାଥ ମଲ୍ଲିକ। ସୂଚନାଯୋଗ୍ୟ, କଣାସ ବ୍ଲକ ଅନ୍ତର୍ଗତ ବକୁ ପଞ୍ଚାୟତର ବରପଦା ଗ୍ରାମର ଦିଲୀପ ମହାପାତ୍ରଙ୍କୁ ଗତ ଏପ୍ରିଲ ୨୭ରେ ବିଶ୍ୱନାଥ କୌଣସି କାରଣକୁ ନେଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଦିଲୀପଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଦିଲୀପଙ୍କ ମାଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୩୯/୨୧ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ସେହିଦିନଠାରୁ ଅଭିଯୁକ୍ତ ମଲ୍ଲିକ ଫେରାରଥିଲେ। ହେଲେ ଗୁରୁବାର ଅଭିଯୁକ୍ତ ଗ୍ରାମରେ ଥିବା ପୋଲିସ ଜାଣିପାରି ଚଢ଼ାଉ କରି ଧରିଥିଲେ।

### ବିଜେଡିର ଜନସଂକଳ୍ପ ମହାସଭା

କଣାସ,୧୭।୧୨(ସ୍ୱ.ପ୍ର.)- ବିଜେଡି ପକ୍ଷରୁ କଣାସ ସମୃଦ୍ଧି ପାଇଁ ଜନସଂକଳ୍ପ ମହାସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପ୍ରଥମେ ଦୋକନ୍ଦା ମେଳଣ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ଗୋଲାବଜାର, ବସଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, ବାଲିଘାଇଛକ, ବ୍ଲକ ବଜାର ଦେଇ ବ୍ଲକ ସମ୍ମୁଖ ପଡିଆରେ ପହଞ୍ଚିଥିଲେ। ବକୁ ସରପଞ୍ଚ ସୁରେଶ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ସାମନ୍ତରାୟ, ଆମ୍ବା ଅଧକ୍ଷ ସଞ୍ଜୟ ଭୋଳ, ଭିକାରୀ ବଳିୟାରସିଂହ, ଜିଲା ପରିଷଦର ନୀଳମଣି ବେହେରା, ଜିଲା ପରିଷଦ ସଭ୍ୟା ମିନତୀ ସେଠୀ, ଲିଙ୍ଗରାଜ ସ୍ୱାଇଁ, ରବୀନ୍ଦ୍ରନାଥ ରାଉତରାୟ, ମହେନ୍ଦ୍ର ରଣସିଂହ, ତ୍ରିନାଥ ମାର୍ଥା, ବସନ୍ତ ଜେନା, ହରିବନ୍ଧୁ ଭୋଳ, ପ୍ରମୋଦ ହରିଚନ୍ଦନ, ନୀଳମଣି ସୁନ୍ଦରାୟ, ଦେବନରାଜ ମଲ୍ଲିକ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଜନହିତକର ଯୋଜନାମାନ କରି ପିତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଉଦ୍ୟମ ଚଳାଇଥିବା କହିଥିଲେ। ବିଧାୟକ ଓ ସହକର୍ମୀମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଲୋଚନ ଦାସଙ୍କୁ ପ୍ରଦାନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଏସ୍‌ଡିପିଓ, ୪ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ଭାଷା, ସାହିତ୍ୟ ହିଁ ଜାତି-ସଂସ୍କୃତିର ବାହକ

■ କୋଣାର୍କ ସାହିତ୍ୟ ଆସର
■ ଶିଳ୍ପୀ ସୁଦର୍ଶନ ସାହୁଙ୍କୁ ଧରମା ସମ୍ମାନ

କୋଣାର୍କ,୧୭।୧୨(ଡି.ଏନ.ଏ.)

ଗୋଟିଏ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରୁଥିବା ଲୋକଙ୍କ ଭାବର ବାହକ ସାଜିଥିବା ତୁଣ୍ଡର ଭାଷା ତଥା ତହିଁରୁ ସୃଷ୍ଟ ସାହିତ୍ୟ ସମ୍ପୃକ୍ତ ଜାତିର ସଂସ୍କୃତିର ବାହକ। ଭାଷା ତଥା ସାହିତ୍ୟରେ ଜନ୍ମମାଟିର ସୁଗନ୍ଧ ନ ରହିଲେ, ସମ୍ପୃକ୍ତ ଜାତି ନିଜର ମୌଳିକ ପରିଚୟ ଓ ଗୌରବ ହରାଇଥାଏ ବୋଲି ଶୁକ୍ରବାର କୋଣାର୍କ ସାହିତ୍ୟ ଆସରରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କୋଣାର୍କ ସାହିତ୍ୟ ସଂସଦ ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ଏହି ଆସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି, ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ ମିଶ୍ର ବିଶିଷ୍ଟ ଅତିଥି ଓ ଗବେଷିକା ଡ. ଜୟନ୍ତୀ ରଥ ମୁଖ୍ୟବକ୍ତା ରୂପେ ଯୋଗଦେଇ 'ସମକାଳୀନ ଓଡ଼ିଆ ସାହିତ୍ୟର ଭାଷା' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି ଏହି ମତ ଦେଇଛନ୍ତି।

କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମକୁ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ପର୍ଯ୍ୟଟନ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ବିରଞ୍ଚି ମିଶ୍ର ଓ ଗାଳ୍ପିକ ହରେକୃଷ୍ଣ ସାହୁ ଯୋଗଦେଇଥିଲେ। ଚିତ୍ରଶିଳ୍ପୀ ବର୍ଣ୍ଣାଳୀ ଶତପଥୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ପ୍ରକାଶଚନ୍ଦ୍ର ଖଟୋଇଙ୍କ ଦ୍ୱାରା ଶିଶୁପତ୍ରିକା 'ବାନରସେନା'ର ଚଳିତ ସଂଖ୍ୟା ଏବଂ ଗୋପ ଏବିଇଓ କମଳିନୀ ବେହେରାଙ୍କ ପୁସ୍ତକ 'ତୁମପରି ଟିକି ପିଲାଟିଏ' ଉନ୍ମୋଚିତ ହୋଇଥିଲା। କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କୁ ଧରମା ସମ୍ମାନ, କବି ରଞ୍ଜନ ଦାସଙ୍କୁ କୋଣାର୍କ ସାହିତ୍ୟ ସମ୍ମାନ, କବି ଡ. ଜୟନ୍ତୀ ରଥଙ୍କୁ ଅର୍କପ୍ରଜ୍ଞା ସମ୍ମାନ, ବିରଞ୍ଚି ମିଶ୍ରଙ୍କୁ କୋଣାର୍କ ଉତ୍ସବ ସମ୍ମାନ, କବି ରତ୍ନପ୍ରଭା ବାଇଙ୍କୁ ମା' ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ, କବି ରତ୍ନାକର ବେହେରା(ଶ୍ରୀମାନ ସର୍ବଗିଳା)ଙ୍କୁ ବ୍ୟଙ୍ଗସୂର୍ଯ୍ୟ ସମ୍ମାନ, ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକଙ୍କୁ କୋଣାର୍କ କଳା ସମ୍ମାନ, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଦାଶଙ୍କୁ କୋଣାର୍କ ସେବା ସମ୍ମାନ ଓ ପଟଚିତ୍ର ଶିଳ୍ପୀ ବବିତା ସାହୁଙ୍କୁ କୋଣାର୍କ କଳା ସମ୍ମାନ ପ୍ରଦାନ କରାଯାଇଥିଲା। କବି ଡ. ସୁଚିତ୍ରା ରଥ, ଶ୍ୟାମପ୍ରକାଶ ସେନାପତି, ଅନ୍ନପୂର୍ଣ୍ଣା ଦେବୀ ଓ ହରପ୍ରିୟା ସାହୁ ମାନପତ୍ର ପାଠ କରିଥିଲେ। ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ବିପିନ ମହାନ୍ତି ଓ ପ୍ରତାପ ରାଉତ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ଉମାକାନ୍ତ ମହାପାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ଅଣୁଗଳ୍ପ ଓ କବିତା ପାଠ କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ଅବଦୁଲ ଓସିଦ୍ ଖାଁ, ନାରାୟଣ ମୁଦୁଲି, ପ୍ରାବନ୍ଧିକ ସ୍ୱପ୍ନେଶ୍ୱର ସାହୁ, ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ ମିତ୍ର, ସ୍ୱର୍ଣ୍ଣଲତା ତ୍ରିପାଠୀ ଯୋଗଦେଇଥିଲେ। ଉତ୍ସବକୁ କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ନିରଞ୍ଜନ ସାହୁ, ରବୀନ୍ଦ୍ର ପ୍ରଧାନ, ଗୀତାଞ୍ଜଳି ସାହୁ, ନିରଞ୍ଜନ ତ୍ରିପାଠୀ, ରାଜଲକ୍ଷ୍ମୀ ମିଶ୍ର, ପ୍ରିୟରଞ୍ଜନ ରଥ, କୁନାଲ ପାତ୍ର, ଶୁଭ୍ରାଂଶୁ ସେଠୀ ପରିଚାଳନା କରିଥିଲେ। ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଶିଳ୍ପୀ ସୁଦର୍ଶନ ସାହୁଙ୍କୁ ଧରମା ସମ୍ମାନରେ ସମ୍ମାନିତ କରାଯାଉଛି।



କଟକ ବାଲିଯାତ୍ରା ଉପରପଡ଼ିଆରେ ଅନୁଷ୍ଠିତ ମହାନଦୀ ଉତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ନାଟିକା କାଞ୍ଚି ଅଭିଯାନର ଏକ ଦୃଶ୍ୟ।

## ୩୩ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ପିପିଲି,୧୭।୧୨(ସ୍ୱ.ପ୍ର.)

ପିପିଲି ଥାନା କାକୁଡିଆ ଅଞ୍ଚଳରୁ ରାଜ୍ୟ ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ ଚଢ଼ାଉ କରି ୩୨୫ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଅଭିନାଶ ସ୍ୱାଇଁ ଓରଫ ଟିକୁ। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩୩ ଲକ୍ଷ ଟଙ୍କା ହେବ ବୋଲି ରାଜ୍ୟ ଅବକାରୀ ବିଭାଗ ଆୟୋଗ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ପିପିଲିରେ ବ୍ରାଉନସୁଗାର କାରବାର ବଢୁଥିବାରୁ ରାଜ୍ୟ ଅବକାରୀ ବିଭାଗ ଆୟୋଗ କମିଶନର ଆଶିଷ କୁମାର ସିଂ ଚଢ଼ାଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଫ୍ଲାଇଂ ସ୍କ୍ୱାଡ ଟିମ୍ ତଦନ୍ତ କରୁଥିବା ବେଳେ କାକୁଡିଆ ଅଞ୍ଚଳରେ ଶୁକ୍ରବାର ଚଢାଉ କରିଥିଲେ। ସେଠାରେ ଅଭିନାଶ ବ୍ରାଉନସୁଗାର କାରବାର କରୁଥିବାବେଳେ ଅବକାରୀ ଟିମ୍ ତାଙ୍କୁ ଧରିବା ସହ ବ୍ରାଉନ ସୁଗାର ଜବତ କରିଥିଲେ। ଚଢାଉରେ ଏସ୍‌ୟୁଡିପିଟି ଦେବାଶିଷ ପଟେଲ, ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁ, ଏସ୍‌ଆଇ ସଚିନ ବେହେରା, ଏଏସ୍‌ଆଇ ସାକିର ଉଲ୍ଲା, ନଟବର ମଲ୍ଲିକ, ମୋତିଲାଲ ମହନ୍ତ ପ୍ରମୁଖ ସାମିଲ ଥିଲେ।

## ନୂତନ ବ୍ଲୁ ଫ୍ଲାଗ୍ ବିଚ୍‌କୁ ଜୋରଦାର ବିରୋଧ

**କ୍ଷୁଦ୍ର ବ୍ୟବସାୟୀ, ମତ୍ସ୍ୟଜୀବୀ ଓ ଉଠାଦୋକାନୀଙ୍କ ଧାରଣା**

ପୁରୀ ଅଫିସ, ୧୭।୧୨:

ପୁରୀ ଚକ୍ରତୀର୍ଥରୋଡ୍ ନିକଟରେ ହେବାକୁ ଥିବା ନୂତନ ବ୍ଲୁ ଫ୍ଲାଗ୍ ବିଚ୍‌କୁ କ୍ଷୁଦ୍ର ବ୍ୟବସାୟୀ, ମତ୍ସ୍ୟଜୀବୀ ଏବଂ ଉଠାଦୋକାନୀ ଜୋରଦାର ବିରୋଧ କରିଛନ୍ତି। ଶୁକ୍ରବାର ଚକ୍ରତୀର୍ଥ ବେଳାଭୂମି କାର୍ଯ୍ୟସ୍ଥଳରେ କ୍ଷୁଦ୍ର ବ୍ୟବସାୟୀ, ମତ୍ସ୍ୟଜୀବୀ ଏବଂ ଉଠାଦୋକାନୀମାନେ ଧାରଣା ଦେଇଥିଲେ। ଏପରିକି ବାଲି ସମତୁଲ କରିବାକୁ ଆସିଥିବା ଜେସିବି ଆଗରେ ବସିରହି ତୁରନ୍ତ କାର୍ଯ୍ୟ ବନ୍ଦ କରିବାକୁ ଦାବି କରିଥିଲେ। ଆନ୍ଦୋଳନକାରୀ କହିଛନ୍ତି, ପୂର୍ବରୁ ସୁଭାଷ ଛକ ନିକଟରେ ପ୍ରଶାସନ ପକ୍ଷରୁ ବ୍ଲୁ ଫ୍ଲାଗ ବିଚ ନିର୍ମାଣ କରାଯାଇଛି। ଏହି ବିଚ୍‌କୁ ପ୍ରବେଶ ନେଇ ପ୍ରଶାସନ ପକ୍ଷରୁ ଟିକେଟ ବ୍ୟବସ୍ଥା ହୋଇଛି। ସେହିପରି ସେଠାରେ ପୂର୍ବରୁ ବ୍ୟବସାୟ କରୁଥିବା ଉଠାଦୋକାନୀଙ୍କୁ ଏବେ ବ୍ୟବସାୟ କରିବା ନେଇ କଟକଣା ଜାରି କରାଯାଇଛି। ଫଳରେ ହଜାର ହଜାର ଉଠାଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀ ରୋଜଗାର ହରାଇ ଆର୍ଥିକ ଅନଟନ ମଧ୍ୟରେ କାଳ କାଟୁଛନ୍ତି। ପ୍ରଶାସନ ସେମାନଙ୍କ ଜୀବିକା ଛଡ଼ାଇ ନେଇଛି। ଏଭଳି ସ୍ଥିତିରେ ପ୍ରଶାସନ ଲୋକଙ୍କ ଜୀବନ ଜୀବିକା ପ୍ରତି ଦୃଷ୍ଟି ନ ଦେଇ ପୁଣି ଚକ୍ରତୀର୍ଥ ରୋଡ୍ ବେଳାଭୂମିରେ ଆଉ ଏକ ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣ କରୁଛି। ଏହାଦ୍ୱାରା ସେଠାରେ ବ୍ୟବସାୟ କରୁଥିବା ଲୋକେ ବେକାର ହେବା ସହ ଆର୍ଥିକ ଅନଟନ ଦେଇ ଗତି କରିବେ। ତେଣୁ ଏହି ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣକୁ ବନ୍ଦ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

## ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ ଦ୍ୱାରା ଦୁର୍ଘଟଣା ହ୍ରାସ ହେବ

କଟକ ଅଫିସ,୧୭।୧୨:

ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ଶୁକ୍ରବାର ୬୩ତମ ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀର ଦ୍ୱିତୀୟ ଦିବସରେ ଡିଜିପି ଅଭୟଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିସହ ସେମାନେ ପୋଲିସ୍ ବିଭାଗକୁ କିଭଳି ଅଧିକ କ୍ରିୟାଶୀଳ କରାଯିବ ସେ ସଂକ୍ରାନ୍ତରେ ମତ ରଖିଥିଲେ। ସମ୍ମିଳନୀରେ ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ ପରିଜା ଭର୍ଚୁଆଲ୍ ମାଧ୍ୟମରେ ଉପସ୍ଥିତ ରହି ବିଭିନ୍ନ ଆଇନଗତ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ମନୋନୀତ ହୋଇଥିବା ଡିଜିପି ସୁନୀଲ କୁମାର ବଂଶଲ ମଧ୍ୟ ଭର୍ଚୁଆଲରେ ଉପସ୍ଥିତ ଥିଲେ। ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ପୋଲିସ୍ ବିଭାଗରେ ଫରେନ୍‌ସିକ୍‌ର ବ୍ୟବହାର ଓ ସୁଫଳ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହାପରେ ସଡ଼କ ସୁରକ୍ଷା ନିରାପତ୍ତା ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଥିଲା। ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ ଦ୍ୱାରା ଦୁର୍ଘଟଣା ସଂଖ୍ୟା ହ୍ରାସ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଅଜଣା ଗାଡ଼ି ଦ୍ୱାରା ଦୁର୍ଘଟଣାରେ ମୃତ୍ୟୁ ଓ ଆହତଙ୍କ ପରିବାରବର୍ଗଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ରାଶି ଦିଆଯାଉଥିବା କୁହାଯାଇଥିଲା। ପରିବହନ କମିଶନର ସଡ଼କ ସୁରକ୍ଷା ସଂକ୍ରାନ୍ତରେ ଏକ ମଡେଲ ପ୍ରଦର୍ଶନ କରିଥିଲେ। ଏହାପରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗ, ମହିଳା ଏବଂ ଶିଶୁଙ୍କ ଉପରେ ଘଟୁଥିବା ଅପରାଧ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଏଥିରେ ଅତିରିକ୍ତ ଡିଜିପି (ଏଚ୍‌ଆର୍‌ପିସି), ଅତିରିକ୍ତ ଡିଜିପି (କ୍ରାଇମ୍‌ବ୍ରାଞ୍ଚ), ଆଇଜି(କ୍ରାଇମ୍‌ବ୍ରାଞ୍ଚ) ପ୍ରମୁଖ ପ୍ରସ୍ତାବ ରଖିଥିଲେ। ଅନୁସୂଚିତ ଜାତି ଓ ଜନଜାତି ସଂକ୍ରାନ୍ତୀୟ ମାମଲା, ବଳାତ୍କାର, ଅସଦାଚରଣ, ଯୌନ ନିର୍ଯାତନା, ମହିଳା/ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ, ଏସିଡ୍ ଆକ୍ରମଣ, ଅପହରଣ, ଯୌତୁକ ନିର୍ଯାତନା, ଯୌତୁକଜନିତ ହତ୍ୟା, ପୋକ୍ସୋ ମାମଲା, ସାଇବର ଅପରାଧ ଏବଂ ନିଖୋଜ ଶିଶୁଙ୍କୁ ଉଦ୍ଧାର ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଚନ୍ଦନ



@ ସନ୍ତୋଷ



@ ରାଜଶ୍ରୀ



@ ଅଭିଲିପ୍ସା



@ ଅଚିନ୍ତ୍ୟ



@ ନିର୍ମଳ

## ବିଶ୍ୱମ୍ଭର ବିଦ୍ୟାପୀଠ ଏକ ମଣିଷଗଢ଼ା କାରଖାନା

ପୁରୀ ଅଫିସ, ୧୭।୧୨:

ପୁରୀ ସହରସ୍ଥ ବିଶ୍ୱମ୍ଭର ବିଦ୍ୟାପୀଠର ୭୫ତମ ବର୍ଷ ପୂର୍ତ୍ତି ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ସମାରୋହ ୩ଦିନ ଧରି ଚାଲିବ। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ତାରକା ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଏବଂ କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସୁଶିଲ୍ କୁମାର ବ୍ରହ୍ମା, ପୁରାତନ ଛାତ୍ର ସଂସଦ ସମ୍ପାଦକ ସୌମେନ୍ଦ୍ର ଦାସ ଏବଂ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ବିଦେଶ ସେବା ଅଧିକାରୀ ମଳୟ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ପଦ୍ମନାଭ ଦାଶ, ମହନ୍ତ ବିଶ୍ୱମ୍ଭର ଏବଂ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ଟି.ବାନାମ୍ବର ପାତ୍ରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏହି ବିଦ୍ୟାଳୟ ରାଜ୍ୟର ଏକ ପ୍ରମୁଖ ମଣିଷଗଢା କାରଖାନା ବୋଲି ଅତିଥିମାନେ କହିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଓ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ନୃତ୍ୟ, ସଙ୍ଗୀତ, ନାଟକ, ପାରମ୍ପରିକ ସମରକଳା ଆଦି ପରିବେଷଣ କରିଥିଲେ। ପ୍ରତ୍ୟୁଷରେ ମହାପ୍ରଭୁଙ୍କ ଆଶିଷ କାମନା କରି ଶୋଭାଯାତ୍ରା ହୋଇଥିଲା।




ପୁରୀ ଚକ୍ରତୀର୍ଥରୋଡ୍ ନିକଟରେ ହେବାକୁ ଥିବା ନୂତନ ବ୍ଲୁ ଫ୍ଲାଗ୍ ବିଚ୍‌କୁ କ୍ଷୁଦ୍ର ବ୍ୟବସାୟୀ, ମତ୍ସ୍ୟଜୀବୀ ଏବଂ ଉଠାଦୋକାନୀମାନେ ବିରୋଧ କରି ଧାରଣା ଦେଇଛନ୍ତି।




(ଫଟୋ ଅଛି।)

ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୧ତମ ଜୟନ୍ତୀରେ ଶୁକ୍ରବାର ଭୁବନେଶ୍ୱର ପାୱାରହାଉସ୍ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ଓ ଅନ୍ୟମାନେ।



ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠର ୭୫ତମ ବର୍ଷ ପୂର୍ତ୍ତି ଉତ୍ସବ ଉଦ୍‌ଘାଟନ ଅବସରରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ୧୯ରେ ଶୋ' ଟାଇମ୍ ସମ୍ମାନ ଉତ୍ସବ

ଯୋଗଦେବେ ଟିଭି, ଚଳଚ୍ଚିତ୍ର କଳାକାର

ପୁରୀ ଅଫିସ, ୧୭।୧୨: ଉଇନିଙ୍ଗ୍ ସ୍ପୋର୍ଟି ଅନୁଷ୍ଠାନ ଆନୁକୂଲ୍ୟରେ ୧୯ତମ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନ ସମ୍ମାନ 'ଶୋ ଟାଇମ୍-୨୦୨୧' ଆସନ୍ତା ୧୯ ତାରିଖରେ ପୁରୀ ମହୋଦଧି ନିବାସ ନିକଟ ବାଲୁକା ଶଯ୍ୟାରେ ଆୟୋଜନ ହେବ। ଏଥିରେ ଓଡ଼ିଆ ଚଳଚ୍ଚିତ୍ର ଓ ଧାରାବାହିକ ଜଗତର କେତେଜଣ ନାମୀ ଦାମୀ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ଉଇନିଙ୍ଗ୍ ସ୍ପୋର୍ଟି ପକ୍ଷରୁ ଶୁକ୍ରବାର ଲୋକନାଥ ରୋଡସ୍ଥିତ ନୀଳାଚଳ ଖଣ୍ଡାୟତ କଲ୍ୟାଣମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ପାଦିକା ସନ୍ଧ୍ୟାବତୀ ପ୍ରଧାନ ଏବଂ ଅଧ୍ୟକ୍ଷ ଅନିରୁଦ୍ଧ ରାଉତ ସୂଚନା ଦେଇଛନ୍ତି। ସମ୍ପାଦିକା ଏବଂ ଅଧ୍ୟକ୍ଷ କହିଛନ୍ତି, ଉଇନିଙ୍ଗ୍ ସ୍ପୋର୍ଟି ୨୫ତମ ବର୍ଷରେ ପଦାର୍ପଣ କରିଥିବାରୁ ସିଲଭର ଜୁବିଲି ଉତ୍ସବ ପାଳନ ହେବ। ଏହାକୁ ପୂର୍ବତନ ସମ୍ପାଦକ ସ୍ୱର୍ଗତ ନବକିଶୋର ପ୍ରଧାନଙ୍କ ନାମରେ ଉତ୍ସର୍ଗୀକୃତ କରାଯିବ। ଚଳଚ୍ଚିତ୍ର ଓ ଦୂରଦର୍ଶନ ସମ୍ମାନ ଉତ୍ସବରେ ୪୦ଟି ପୁରସ୍କାର ପ୍ରଦାନ କରାଯିବ। ଏହି ଉତ୍ସବରେ ଭୁବନେଶ୍ୱର ଓ କଟକର କଳାକାରଙ୍କୁ ନେଇ ମଡର୍ନ ଡ୍ୟାନ୍ସ, ଫ୍ୟାଶନ ଶୋ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଉତ୍ସବ ପରିଚାଳନା ପାଇଁ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଶୁଭାଶିଷ ଖୁଣ୍ଟିଆ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିଛନ୍ତି। ମହୋତ୍ସବର ସଫଳତା ପାଇଁ ସଞ୍ଜୀବ ରଥଶର୍ମା ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

### ଚିତ୍ତରଞ୍ଜନ ମୃତ୍ୟୁ ଘଟଣା: ସିବିଆଇ ତଦନ୍ତ ଦାବିରେ ବିକ୍ଷୋଭ

ବ୍ରହ୍ମଗିରି, ୧୭।୧୨(ଡି.ଏନ.ଏ.): ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ଚିତ୍ତରଞ୍ଜନ ପଲେଇଙ୍କ ହତ୍ୟାକାଣ୍ଡକୁ ନେଇ ଶୁକ୍ରବାର ବ୍ରହ୍ମଗିରି ଭାଜପା ପକ୍ଷରୁ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଦଳୀୟ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ବ୍ରହ୍ମଗିରି ବଜାର ପରିକ୍ରମା କରି ଡାବାଛକରେ ପହଞ୍ଚିଥିଲେ। ସେଠାରେ ବ୍ରହ୍ମଗିରି ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ସମାବେଶରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ଓମପ୍ରକାଶ ମିଶ୍ର, ପ୍ରଭାତୀ ପରିଡ଼ା, ଉପାସନା ମହାପାତ୍ର, ବିରଞ୍ଚି ନାରାୟଣ ତ୍ରିପାଠୀ, ପ୍ରଭଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରସନ୍ନ ବରାଳ, ପ୍ରସନ୍ନ କୁମାର ପଲାଇଙ୍କ ସମେତ ବହୁ ନେତା ସାମିଲ ହୋଇ ଚିତ୍ତରଞ୍ଜନଙ୍କୁ ନ୍ୟାୟ ଦେବା ସହ ସିବିଆଇ ତଦନ୍ତ ଦାବି କରିଥିଲେ। ଏହି ଘଟଣାକୁ ପ୍ରଶାସନ ଗୁରୁତ୍ୱର ସହ ନେଇ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ନ୍ୟାୟ ଦେବା ପାଇଁ ଭାଜପା ନେତାମାନେ ଦାବି କରିଛନ୍ତି।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ଡେଲାଙ୍ଗ, ୧୭।୧୨(ଡି.ଏନ୍.ଏ.)- ହେଲିକ୍ୟାପ୍ଟର ଦୁର୍ଘଟଣାରେ ସେନା ମୁଖ୍ୟ ଜେନେରାଲ ବିପିନ ରାୱତଙ୍କ ସହ ତାଙ୍କ ଧର୍ମପତ୍ନୀ ଓ ଅନ୍ୟ ୧୧ଜଣ ବୀରପୁତ୍ରଙ୍କର ଅକାଳ ବିୟୋଗରେ ଦେଶର ଅପୂରଣୀୟ କ୍ଷତି ପାଇଁ ଦେଶବାସୀ ମର୍ମାହତ। ସେହି ଶହୀଦ ବୀରପୁତ୍ରଙ୍କ ଉଦ୍ଦେଶ୍ୟରେ କଲ୍ୟାଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ତୃପ୍ତିମୟୀ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ କୈଳାସଚନ୍ଦ୍ର ଦାଶ, ନିରୋଦ ସାମନ୍ତରାୟ, ଦିଲୀପ ରଥ, ଲୋକନାଥ ମିଶ୍ର, କୈଳାସ ଚନ୍ଦ୍ର ସାହୁ, ଅଧ୍ୟାପିକା ବିଷ୍ଣୁପ୍ରିୟା ଦେଇ, ଅନିତା ମିଶ୍ର ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

### ଆର୍‌ଏସ୍‌ଏସ୍‌ର ବୈଠକ

ସାକ୍ଷୀଗୋପାଳ, ୧୭।୧୨(ସ୍ୱ.ପ୍ର.)- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସତ୍ୟବାଦୀ ଖଣ୍ଡ ପକ୍ଷରୁ ଅଳଗୁମର ମା' ଜାଗେଶ୍ୱରୀ ଓ ଗଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହେଲିକପ୍ଟର ଦୁର୍ଘଟଣାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅତିଥିମାନେ ଜୈବିକ କୃଷି, ଗୋବଂଶର ସୁରକ୍ଷା, ପର୍ଯ୍ୟାବରଣ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଅଜିତ ଦାସ, ମେଣ୍ଢାଶାଳ ଗୋଶାଳାର ତତ୍ତ୍ୱାବଧାରକ ଶ୍ରୀନିବାସ ମାନସିଂ, ଗୋ ଗବେଷକ ସୁମନ୍ତ ପ୍ରଧାନ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସତ୍ୟବାଦୀ ସମ୍ପର୍କ ବିକ୍ରମ ଦାସଙ୍କ ସମେତ ପ୍ରଫୁଲ୍ଲ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସତ୍ୟନାରାୟଣ ପ୍ରଧାନ, ଆକାଶ ପ୍ରଧାନ, ପ୍ରଶାନ୍ତ ମହାରଣା, ବିହାରୀ ବିଶ୍ୱାଳ, ବଳରାମ ବିଶ୍ୱାଳ, ଲିଙ୍ଗରାଜ କୁଣ୍ଡୁ, ଶଶିକାନ୍ତ ବିଶ୍ୱାଳ, ଶିଶିର ନାୟକ, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଆତ୍ମନିର୍ଭରଶୀଳ ହେଉଛନ୍ତି ଦିବ୍ୟାଙ୍ଗ

ପୁରୀ ଅଫିସ, ୧୭।୧୨:



କାର୍ଯ୍ୟକ୍ରମରେ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ, ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅତିଥି।

ଦିବ୍ୟାଙ୍ଗଙ୍କ ଉନ୍ନତି ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଅନୁରୂପ ଭାବେ ପୁରୀ ଜିଲାରେ ମଧ୍ୟ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛି ବୋଲି ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ କହିଛନ୍ତି। ଶୁକ୍ରବାର ସୁଲୋଚନା ପୁରୀ ସଦ୍‌ଭାବନା ଗୃହରେ ଭିନ୍ନକ୍ଷମ ଅଧିକାର ଓ ଅଧିନିୟମ-୨୦୧୬ର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଛନ୍ତି। ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ସମୀର କୁମାର ଦଳାଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଫନୀ ପରେ ଦିବ୍ୟାଙ୍ଗଙ୍କୁ ଫୁଲ ଯୋଜନାରେ ସାମିଲ କରାଯାଇ ଆତ୍ମନିର୍ଭରଶୀଳ କରିବାକୁ ପ୍ରଚେଷ୍ଟା ଚାଲିଛି। ସେହିଭଳି ମୋ' ସରକାର ସେଲରେ ୫ ଉଚ୍ଚଶିକ୍ଷିତା ଦିବ୍ୟାଙ୍ଗ ମହିଳାଙ୍କୁ ନିଯୁକ୍ତି ଦିଆଯାଇଥିବା ଜିଲାପାଳ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଜିଲାରେ ୮୧ ହଜାର ୪୪୪ ଜଣ ଦିବ୍ୟାଙ୍ଗଙ୍କୁ ଜାତୀୟ ସାମାଜିକ ସହାୟତା ପେନସନ୍ ଏବଂ ୧ ଲକ୍ଷ ୨୦ ହଜାର ୩୭୯ ଜଣଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ପରିବାର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ବାବଦକୁ ୫୫୨ଟି ପରିବାରକୁ ୧୦ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ବିଭିନ୍ନ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ମାଧ୍ୟମରେ ଚଳିତ ବର୍ଷ ୨୭୪ଟି ଟ୍ରାଇ ସାଇକେଲ, ୧୫୩ଟି ହୁଇଲ୍ ଓ ୧୦୩ଟି ସିପି ଚେୟାର, ୧୧୦ ଆଶାବାଡ଼ି ଓ ୧୨୬ଟି ଶ୍ରବଣ ଯନ୍ତ୍ର ଦିଆଯାଇଛି। ସେହିଭଳି ବାଣିଶ୍ରୀ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮୧ ଜଣ ଦିବ୍ୟାଙ୍ଗଙ୍କୁ ୯ ଲକ୍ଷ ୭୧ ହଜାର ଟଙ୍କା ଦିଆଯାଇଛି। ଏହି ଅବସରରେ ସାଇ ସମ୍ପୂର୍ଣ୍ଣା ଓ ଶୀଧନନ୍ତରୀ ଦେବ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା।


ପଣ୍ଡୁପୂର୍ଣ୍ଣିମା ଅବସରରେ ଶୁକ୍ରବାର ପଣ୍ଡୁ ନୃସିଂହ ଚାରି ଆଶ୍ରମକୁ ବିଜେ କରୁଛନ୍ତି ।

## ପଣ୍ଡୁ ନୃସିଂହଙ୍କ ଚାରି ଆଶ୍ରମ ବିଜେ

ପୁରୀ ଅଫିସ, ୧୭।୧୨:

ମାର୍ଗଶିର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶୁକ୍ରବାର ପଣ୍ଡୁ ନୃସିଂହ ଦେବଙ୍କ ଚାରି ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ଭୋର ୩ଟାରେ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ଭିତର ଶୋଧ, ମଙ୍ଗଳ ଆଳତି ଓ ମଇଲମ ପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ୯ଟା ୫ରେ ପହିଲି ଭୋଗ ଓ ୧୦ଟାରେ ସକାଳ ଧୂପ ଶେଷ ପରେ ଅନ୍ୟାନ୍ୟ ନୀତି ବଢି ମଧ୍ୟାହ୍ନରେ ବେଶ ଶେଷ ହୋଇଥିଲା। ପରେ ପଣ୍ଡୁନୃସିଂହ ଦେବଙ୍କ ଆଶ୍ରମ ବିଜେ ପାଇଁ ଆଜ୍ଞାମାଳ ମହାପ୍ରଭୁଙ୍କ ବାଡ଼ରେ ଲାଗିଥିଲା। ମହାଜନ ସେବକମାନେ ପଣ୍ଡୁନୃସିଂହ ଦେବଙ୍କୁ ଦକ୍ଷିଣଘରୁ ଆଣି ସିଂହାସନକୁ ବିଜେ କରାଇଥିଲେ। ପରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ବାଡ଼ରୁ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ଆଣି ପଣ୍ଡୁନୃସିଂହଙ୍କୁ ଲାଗି କରିଥିଲେ। ମହାଜନ ସେବକମାନେ ପଣ୍ଡୁ ନୃସିଂହଙ୍କୁ ମୁକ୍ତିମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇବା ପରେ ବିଭିନ୍ନ ନୀତି ହୋଇଥିଲା। ବିମାନବଡୁ ସେବକମାନେ ବିମାନ ନେଇ ଶ୍ରୀମନ୍ଦିରରୁ ଚାରିଆଶ୍ରମ ଅଭିମୁଖେ ବିଜେ କରିଥିଲେ। ପଣ୍ଡୁ ନୃସିଂହ ମାର୍କଣ୍ଡେଶ୍ୱର ସାହିସ୍ଥିତ ମାର୍କଣ୍ଡେୟ ଆଶ୍ରମ, ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକସ୍ଥିତ ଅଙ୍ଗିରା ଆଶ୍ରମ, ବାଲିସାହିସ୍ଥିତ ଭୃଗୁ ଆଶ୍ରମ ଏବଂ ହରଚଣ୍ଡୀ ସାହିସ୍ଥିତ କଣ୍ଡୁ ଆଶ୍ରମକୁ ବିଜେ କରିଥିଲେ। ସେଠାରେ ବନ୍ଦାପନା ଏବଂ ଶୀତଳ ଭୋଗ ମଣୋହି କରାଯିବା ସହ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ନୀତି ସମ୍ପନ୍ନ ପରେ ପଣ୍ଡୁନୃସିଂହ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ଇଭି ଟୁହ୍ୱିଲର୍ସ ସେଗ୍‌ମେଣ୍ଟରେ ପୁଞ୍ଜି ନିବେଶ କରିବ କମ୍ପାନୀ

ଭୁବନେଶ୍ୱର, ୧୭।୧୨



ଭାରତରେ ବର୍ତ୍ତମାନ ଇ ସ୍କୁଟର (ଇଭି) ଯାନ ପ୍ରଚଳିତ ପାଇଁ ସରକାର ବିଭିନ୍ନ ପଦକ୍ଷେପ ସହ ସହଯୋଗ ଏବଂ ସହାୟତା ଯୋଗାଇ ଦେଉଛନ୍ତି। ଏହାକୁ ଦେଶବାସୀ ଗ୍ରହଣ କରିବା ସହ ସମାଜକୁ ଏକ ସୁସ୍ଥ ପରିବେଶ ପ୍ରଦାନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକତା ରହିଛି। ଏହି କ୍ଷେତ୍ରକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନିକଟରେ ଇଭି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି ଯେ, ଆସନ୍ତା ୨ ବର୍ଷ ମଧ୍ୟରେ କମ୍ପାନୀ ୧୦୦୦ କୋଟି ଟଙ୍କା ଇଭି ଯାନ ନିର୍ମାଣ କ୍ଷେତ୍ରରେ ନିବେଶ କରିବାକୁ ଯୋଜନା ରଖିଛି। ବର୍ତ୍ତମାନ ଇଭି ଚାହିଦା ବୃଦ୍ଧି ସାଙ୍ଗକୁ ୨୦୨୫ ବେଳକୁ ଏହାର ହାରାହାରି ଆବଶ୍ୟକତା ୪.୫ରୁ ୫ ମିଲିୟନ ହେବ ବୋଲି କମ୍ପାନୀ ଆକଳନ କରିଛି। ସେହିଭଳି ଇ-ଯାନରେ ବଜାରରେ ଇଭି ୧୦% ବଜାର ଶେୟାର ଅଧିକାର କରିବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଇଭି ଇଣ୍ଡିଆ ପକ୍ଷରୁ ନୂଆ ଇଲେକ୍ଟ୍ରିକ ସ୍କୁଟର 'ସୋଲ'ର ଶୁଭ ଉନ୍ମୋଚନ କରାଯାଇଛି। ନିକଟରେ ଦିଲ୍ଲୀର ଏକ ହୋଟେଲ ପରିସରରେ ଏହାର ବଜାର ପ୍ରବେଶ କରାଯାଇଥିଲା। ଏହି ଅବସରରେ ଦେଶର ବହୁ ଜଣାଶୁଣା ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହାକୁ ଥରେ ଚାର୍ଜ କଲେ ପ୍ରାୟ ୧୨୦ କିମି ଯାତ୍ରା କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଇଭି ଇଣ୍ଡିଆର ନିର୍ଦ୍ଦେଶକ ତଥା ସହ ପ୍ରତିଷ୍ଠାତା ହର୍ଷବର୍ଦ୍ଧନ ଡିଡୱାନିଆ କହିଛନ୍ତି ଯେ, ନୂତନ ଭାବେ ଲୋକାର୍ପଣ ହୋଇଥିବା ସୋଲ୍ ସ୍କୁଟର ନିଶ୍ଚିତ ଭାବେ ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ। ଏହା ଦ୍ୱାରା ପ୍ରଦୂଷଣ ହ୍ରାସ ପାଇବା ସହ ଏଥିରେ ଯାତ୍ରା କରିବା ବେଶ୍ ନିରାପଦ ଓ ପରିବେଶ ସ୍ପର୍ଶ ଅନୁଭବ କରିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଦେଶ ମଧ୍ୟରେ ନୂଆ ମଡେଲର ଇ-ସ୍କୁଟର ପ୍ରସ୍ତୁତ କରିବା ଲାଗି ଇଭି ଇଣ୍ଡିଆ ଗବେଷଣା, ଡିଜାଇନ୍ ଓ ଏହାର ବିକାଶ ଆଦିରେ ଅଧିକରୁ ଅଧିକ ଅର୍ଥ ନିବେଶ କରିଛି। ଏହି ସ୍କୁଟରରେ ଜିପିଏସ୍ ସିଷ୍ଟମ, ଜିଓ ଫ୍ୟାଗିଙ୍ଗ ଓ ଚୋରିକୁ ରୋକିବା ଲାଗି ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏହି ସ୍କୁଟର ୩ରୁ ୪ ଘଣ୍ଟାରେ ୦-୧୦୦ ଚାର୍ଜ ହେବା ସହିତ ଘଣ୍ଟା ପ୍ରତି ସର୍ବାଧିକ ୬୦ କିମି ବେଗରେ ଯାତ୍ରା କରିପାରିବ। ଇଭି ଇଣ୍ଡିଆ ଭାରତ ଗ୍ରୁପର ଏକ ଅଂଶ ବିଶେଷ ଭାବେ କାର୍ଯ୍ୟ କରୁଛି। କମ୍ପାନୀର ସର୍ବାଧିକ ସ୍କୁଟର ପ୍ରସ୍ତୁତି ଭୁବନେଶ୍ୱରରେ ହୋଇଥାଏ। ଏଠାରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଏହାର ୧୦୦ ଡିଲର, ୫୦ ସବ୍‌ଡିଲର ଏପରିକି ୨୦ଟି ରାଜ୍ୟର ୧୦୦ ସହରରେ ନିଜ ଉପସ୍ଥିତି ଜାହିର କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ମାଟିକଳା ବୋର୍ଡ ଗଠନ କରାଯାଉ

## କୁରାଳ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ପୁରୀ ଅଫିସ, ୧୭।୧୨:

ଓଡ଼ିଶା କୁରାଳ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ପୁରୀ ଚକ୍ରତୀର୍ଥ ରୋଡସ୍ଥିତ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର ରାଜ୍ୟ ସଭାପତି ସରୋଜ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। କୁମ୍ଭକାରଙ୍କ ବିଭିନ୍ନ ମୌଳିକ ସମସ୍ୟା ଓ ତା'ର ସମାଧାନ ଦିଗରେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ପଡ଼ୋଶୀ ରାଜ୍ୟ ଛତିଶଗଡ଼, ମଧ୍ୟପ୍ରଦେଶ, ଗୁଜରାଟ, ଗୋଆ, ହରିୟାଣା ଭଳି ଓଡ଼ିଶାରେ ମାଟିକଳା ବୋର୍ଡ ଗଠନ ପାଇଁ ଏକ ପ୍ରସ୍ତାବ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି କରାଯାଇଛି। ସେହିପରି କୁମ୍ଭକାରଙ୍କୁ ମାଗଣାରେ ଇଲେକ୍ଟ୍ରିକାଲ ଚକ ପ୍ରଦାନ, ସୌଖୀନ ମାଟିଜାତ ସାମଗ୍ରୀ ନିର୍ମାଣ କର୍ମଶାଳା ନିମନ୍ତେ ସରକାରୀ ଜମି ଯୋଗାଣ, ବ୍ୟବସାୟ ପାଇଁ ରିହାତିଯୁକ୍ତ ଋଣ ପ୍ରଦାନ, ହାଣ୍ଡିଗଡା ଶାଳଘରକୁ ରିଲିଫ କୋଡ୍‌ରେ ଅନ୍ତର୍ଭୁକ୍ତ କରିବା, ଆର୍ଥିକ ଅନଗ୍ରସର କୁମ୍ଭକାରଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ପ୍ରଣୟନ କରିବା ଦାବି ଉପରେ ଆଲୋଚନା ହୋଇଥିଲା। ମହାସଂଘର ପୁରୀ ଜିଲା ଉପସଭାପତି ମହେନ୍ଦ୍ର ବିଶୋଇ ସ୍ୱାଗତ ଭାଷଣ ଦେଇଥିଲେ। ମହାସଚିବ କେଦାରନାଥ ରଣା ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଆବାହକ ରତ୍ନାକର ବେହେରା, ଯୁବ ସଭାପତି ବିଚିତ୍ରାନନ୍ଦ ବେହେରା, ଭାସ୍କର ଚନ୍ଦ୍ର ବେହେରା, ଜୟରାମ ସାହୁ, ଗୋପାଳ ଚନ୍ଦ୍ର ପ୍ରଜାପତି, ବିଷ୍ଣୁଚରଣ ବେହେରା, ନୀଳମଣି ବେହେରା, ଅରୁଣ ନାୟକ, ପ୍ରଫୁଲ୍ଲ ବେହେରା, ବୀରବର ରଣା, ରାମଚନ୍ଦ୍ର ମୁଦୁଲି, ଚକ୍ରଧର ସାହୁ ଏବଂ ବ୍ରହ୍ମାନନ୍ଦ ରଣା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନାରାୟଣ ଦାସ, ପ୍ରକାଶ ଚନ୍ଦ୍ର ବିଶୋଇ, ତ୍ରିଲୋଚନ ବିଶୋଇ ଏବଂ ବୃନ୍ଦାବନ ବିଶୋଇ ପରିଚାଳନା କରିଥିଲେ।

## ବିଜେଡିରେ ମିଶିଲେ ଅନ୍ୟ ଦଳର ଶତାଧିକ କର୍ମୀ



ମିଶ୍ରଣ ପର୍ବରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ ।

ପୁରୀ ଅଫିସ, ୧୭।୧୨:
ବ୍ରହ୍ମଗିରି ବିଜେଡିର ମିଶ୍ରଣ ପର୍ବ ଶୁକ୍ରବାର ପୁରୀର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପିସିସି ସଦସ୍ୟ ତଥା କେନ୍ଦ୍ରୀୟ ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି କେଦାରନାଥ ଜେନା, କୃଷ୍ଣପ୍ରସାଦ ବ୍ଲକ ଭାଜପା ନେତା ସୁଦର୍ଶନ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଯୋଗୀ ବୈରିଗଞ୍ଜନ, ପଣସପଦା ପଞ୍ଚାୟତର ପୂର୍ବତନ ଭାଜପା ସଭାପତି ରବୀନ୍ଦ୍ର କୁମାର ପ୍ରଧାନ, ତାପସ ପ୍ରଧାନ, କୈଳାସ ବେହେରା ଓ ଜଗନ୍ନାଥ ବେହେରାଙ୍କ ସମେତ ଶତାଧିକ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ସ୍ୱଚ୍ଛ ଭାବମୂର୍ତ୍ତିରେ ପ୍ରଭାବିତ ହୋଇ ଏମାନେ ଦଳରେ ମିଶିଥିବା କହିଛନ୍ତି। ଏହି ଅବସରରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଉପସ୍ଥିତ ଥିଲେ। ଆଗାମୀ ଦିନରେ ବ୍ରହ୍ମଗିରି ତଥା ପୁରୀ ଜିଲା ବିଜେଡିକୁ ଅଧିକ ମଜଭୁତ କରିବା ଦିଗରେ ଏହି ନେତାମାନେ ସହାୟକ ହେବେ ବୋଲି ସଞ୍ଜୟ କହିଛନ୍ତି।

## ମନ୍ଦିର ସମେତ ୨ ସ୍ଥାନରୁ ଚୋରି

ଡେଲାଙ୍ଗ, ୧୭।୧୨(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅଧୀନ ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ଅନ୍ତର୍ଗତ ସେବକସାହୁ ପାଟଣା ଗ୍ରାମର ଶ୍ରୀଗୋପୀନାଥ ଦେବ ମନ୍ଦିରରୁ ଚୋରି ହୋଇଥିବା ମନ୍ଦିର ନିର୍ବାହୀ ଅଧିକାରୀ ସାର୍ଥକ ସାହୁ ଅଭିଯୋଗ କରିଛନ୍ତି। ବୁଧବାର ରାତିରେ କୌଣସି ଦୁର୍ବୃତ୍ତ କବାଟ ଭାଙ୍ଗି ମନ୍ଦିରରୁ କିରଟି ୧, ଖଡୁ ୪, ବଇଁଶି ୨, ପାଉଁଜି ୨ ବିଭିନ୍ନ ସାମଗ୍ରୀ ସହ ଦାନବାକ୍ସ ଚୋରି ହୋଇଯାଇଛି। ଏ ନେଇ ନଂ. ୨୮୭ /୨୧ ମାମଲା ରୁଜୁ କରାଯାଇଛି। ସେହିପରି ଗୁରୁବାର ରାତିରେ ମଉନିମଠ ଛକ ନିକଟ ମାଣଚିନାରେ ଥିବା ଜିଓଫୋନ ଟାୱାର ପରିସରରୁ କୌଣସି ଦୁର୍ବୃତ୍ତ ୧ ବ୍ୟାଟେରି, ୫୦ ଲିଟର ଡିଜେଲ, ୨୦ ମିଟର ପାୱାର କେବୁଲ, କେବୁଲ ୫୦ ମିଟର ଚୋରି ହୋଇଥିବା ନେଇ ଥାନାରେ ଟେକ୍ନିସିଆନ ଅମୂଲ୍ୟ ବେହେରା ଅଭିଯୋଗ କରିଛନ୍ତି। ପୋଲିସ ୨ଟି ମାମଲାର ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି।

# ଫନୀ ସହାୟତା ଦାବିରେ ତହସିଲ ଅଫିସ୍ ଆଗରେ ଧାରଣା

ସାକ୍ଷୀଗୋପାଳ, ୧୭।୧୨
(ସ୍ୱ.ପ୍ର./ଡି.ଏନ.ଏ.)


ଫନୀ କ୍ଷତିଗ୍ରସ୍ତ ହିତାଧିକାରୀ ତହସିଲ ଅଫିସ ଘେରାଉ କରିଛନ୍ତି ।

ପୁରୀ ଜିଲା ସତ୍ୟବାଦୀ ବ୍ଲକର ଶତାଧିକ ଫନୀ କ୍ଷତିଗ୍ରସ୍ତ ହିତାଧିକାରୀ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ବାରମ୍ବାର ଆନ୍ଦୋଳନ, ଧର୍ମଘଟ କରିବା ପରେ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆ ନ ଯିବାରୁ ହିତାଧିକାରୀମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫନୀ କ୍ରିୟାନୁଷ୍ଠାନ କମିଟି ସତ୍ୟବାଦୀ ଓ ନବନିର୍ମାଣ କୃଷକ ସଂଗଠନର ମିଳିତ ଆନୁକୂଲ୍ୟରେ ଶତାଧିକ ମହିଳା ଓ ପୁରୁଷ ହିତାଧିକାରୀ ଯୋଗଦେଇ ସାକ୍ଷୀଗୋପାଳ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ପ୍ରତିବାଦ ସଭା କରାଯାଇଥିବା ବେଳେ ନବ ନିର୍ମାଣ କୃଷକ ସଂଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଜିଲା ସଂଯୋଜକ ଗୋବିନ୍ଦ ମହାପାତ୍ର, ଅଖିଳ ଭାରତ ହିନ୍ଦୁ ମହାସଭା ପୁରୀ ଜିଲା ଉପସଭାପତି ସୂର୍ଯ୍ୟ ନାରାୟଣ ରଥ, ଅଖିଳ ଭାରତ ନାରିକେଳ ଉତ୍ପାଦକ ମହାସଂଘର ରାଜ୍ୟ ସଭାପତି ହୃଷୀକେଶ ମିଶ୍ର, ସତ୍ୟବାଦୀ ବ୍ଲକ ସଭାପତି ଶରତ ପ୍ରଧାନ ପ୍ରମୁଖ ପ୍ରଶାସନିକ ଅପାରଗତା ବିରୋଧରେ କହିଥିଲେ। ଏହି ସମସ୍ୟା ସମ୍ପର୍କରେ ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ ଜିଲା ପ୍ରଶାସନ ସହ ଆଲୋଚନା କରିବା ପରେ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ତଦନ୍ତ ରିପୋର୍ଟ ଅନୁଧ୍ୟାନ କରିବା ପରେ ସହାୟତାରୁ ବାଦପଡ଼ିଥିବା ବିପନ୍ନ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିବା ବେଳେ ଘରଭଙ୍ଗା କ୍ଷତିପୂରଣ ପ୍ରଦାନ କରିବା ସମ୍ଭବ ନୁହେଁ ବୋଲି କହିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ବିଚାରାଧୀନ ରହିଥିବା ୯୩ଜଣ ହିତାଧିକାରୀଙ୍କ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମିଳିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଧ୍ୟ ତହସିଲଦାର କହିଥିଲେ। ଆଇନଶୃଙ୍ଖଳା ନିୟନ୍ତ୍ରଣ ନିମନ୍ତେ ବିଡିଓ କ୍ଷୀରୋଦ ବେହେରା, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ସତ୍ୟବାଦୀ ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର ପ୍ରମୁଖ ପୋଲିସ ଫୋର୍ସ ସହ ଉପସ୍ଥିତ ଥିଲେ।


**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଡି-ସିକେପି-୬୫୬-ମ୍ୟାନିଂ, ତାରିଖ: ୧୬।୧୨।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-I: ଟେକ୍ନିକାଲ ବିଡ୍ ଏବଂ ପ୍ୟାକେଟ୍-II: ଫାଇନାନ୍ସିଆଲ ବିଡ୍)ରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଏକବର୍ଷ ପାଇଁ ସିକେପି ଡିଭିଜନର ଏମ୍‌ଆଇକେ, କେଏନ୍‌ପିଏସ୍, ବିଜେଏମ୍‌ଡି, ବିଏସ୍‌ପିଏକ୍ସ, ଜିଓଏଲ୍, ଏସ୍‌ଏଲ୍‌ଜେଆର୍, ଆର୍‌କେଏସ୍‌ଏନ୍, ବିୟୁଏଲ୍, ବିଏମ୍‌ବି, ଜିପି, ସିପିଇ, ଏନ୍‌ଏକ୍ସଏନ୍, ସିବିଏସ୍‌ଏ, କେଓବିଏଲ୍, ଆର୍‌ଏସ୍‌ପି (ଆର୍‌ଓୟୁ) ଏବଂ ବିୟୁଏଫ୍‌ଠାରେ ଷୋହଳ (୧୬) ଗୋଟି ରେଳପଥ ମାଲିକାନାଧୀନ ଟ୍ରାକ୍ସନ୍ ସବ୍-ଷ୍ଟେଶନରେ କାର୍ଯ୍ୟଗୁଡ଼ିକର ଆଉଟ୍‌ସୋର୍ସିଂ । **ଟେଣ୍ଡର ମୂଲ୍ୟ:** ₹୧,୩୯,୫୧,୦୨୩.୩୬ । **ଇ.ଏମ୍.ଡି.:** ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/-; **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଇଇ (ଟିଆର୍‌ଡି)/ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୦।୦୧।୨୦୨୨ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୦।୦୧।୨୦୨୨ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। PR-490

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/21-22/E-Tender/83,ତା.15.12.2021ରିଖ

(1) ଟେଣ୍ଡର ସଂ.e-Tender-CEN-KUR-219-2021,ତା.10.12.2021ରିଖ

**ବିବରଣୀ:** ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ତାଳଚେର କୋଲଫିଲ୍ଡର ଲିଙ୍ଗରାଜ ଠାରେ ଲିଙ୍ଗରାଜ SILO ସହିତ ଦେଉଳବେଡ଼ା ସାଇଡ଼ିଙ୍ଗ୍ ଏବଂ DB-2 ସାଇଡ଼ିଙ୍ଗ୍ ମଧ୍ୟରେ ରେଳ କନେକ୍ଟିଭିଟି ଏବଂ କ୍ୟାପ୍ଟିଭ ଲାଇନ୍ (ତାଳଚେର-ଏନ୍‌ଟିପିସି) ସହିତ ଲିଙ୍ଗରାଜ SILO କୁ ସଂଯୋଗ କରୁଥିବା ଏମ୍‌ସିଏଲ୍ ସାଇଡ଼ିଙ୍ଗ୍‌ର ଟ୍ରାକ୍ ରକ୍ଷଣାବେକ୍ଷଣ ନିମନ୍ତେ 3 ବର୍ଷ ସମୟାବଧି ପାଇଁ ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 444.00 ଲକ୍ଷ ।

(2) ଟେଣ୍ଡର ସଂ.e-Tender-CEN-KUR-221-2021,ତା.10.12.2021ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ମାଇକ୍ରୋ ଟନେଲିଙ୍ଗ୍ ପ୍ରଣାଳୀ ଦ୍ୱାରା ଭୁବନେଶ୍ୱର ୟାର୍ଡ଼ର ଦକ୍ଷିଣ ସୀମାଠାରେ ପୋଲ ନଂ.580ର ପ୍ରସ୍ତାବିତ ପୁନଃସ୍ଥାପନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 290.84 ଲକ୍ଷ ।

ଶେଷ ହେବା ଅବଧି: 36(ଛତିଶି) ମାସ (କ୍ରମ ସଂ.1 ପାଇଁ)ଏବଂ 06(ଛଅ) ମାସ (କ୍ରମ ସଂ.2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.31.12.2021 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍)/ ଖୋର୍ଦ୍ଧା ରୋଡ୍
PR-644/M/21-22

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2338 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.5258/RE/OSIC Dt.13.12.2021
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the work "Supply and installation of Integrated All-in-one Solar Street lights consisting of 30 watt LED Light, 75 Watt Solar Panel, 12.8 volt-25 AH Battery, 6 Mtr. OD GI Pole". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.
Sd/-
MANAGING DIRECTOR
OIPR-14073/11/0077/2122

**OFFICE OF THE EXECUTIVE ENGINEER, RWSS DIVISION, BERHAMPUR**
Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**1st Corrigendum to Bid Identification No. EERWSSBAM-24/2021-22**
No. 7366 Dated: 15.12.21
No. O-1368: Following modifications in Annexure - A of respective tender ID Nos. as detailed below against this office e-procurement notice cited above.
Sl. No. B-01 (for PWS to Mukundapur) & Sl. No. B-05 (for PWS to Chandanapur) are hereby cancelled due to administrative reason.
All other terms and conditions remain unaltered.
Sd./- Superintending Engineer, RWS&S Division, Berhampur
OIPR-25035/11/0016/2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH**
No. O-1362 E-mail: rw_sundargarh@yahoo.co.in
**SHORT TENDER CALL NOTICE**
**BID IDENTIFICATION NO. ONLINE-SESNG-17 OF 2021-22**
1. Name of the Work : Road & Building Works
2. Total No. of Works : 01 No. Road & 04 Nos. of Buildings
3. Estimated Cost : Rs.0.47 lakhs & Rs.5.31 lakhs
4. Class of Contractor : 'D' & 'C'
5. Period of Completion : 01 Calendar Month
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online - SESNG-17 of 2021-22 | 16.12.2021 10.00 A.M. | 22.12.2021 05.30 P.M. |

Further details can be seen from the website www.tendersorissa.gov.in.
Sd./- Superintending Engineer
Rural Works Division, Sundargarh
OIPR-25046/11/0028/2122

idco | ODISHA NEW OPPORTUNITIES No. CAD-2324
**OFFICE OF THE CHIEF GENERAL MANAGER (P&C), IDCO**
IDCO TOWERS, JANPATH, BHUBANESWAR - 751022
Tender Call Notice No. IDCO/H.O./P&C/EST/E-1281/03/2017/22119 Dated: 23.12.2021
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**
1. Name of the work : Construction of Division Road near Private Plot at Ramdaspur, Barang, Dist.: Cuttack (165.00mtr length)
2. Estimated Cost : Rs.75.18 lakh
3. Period of Completion : 02 (Two) Calendar Months
4. Other Details :

| Procurement Officer | Bid ID/Tender reference No. | Availability of Tender Online for Biddig | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-49/2021-22 | 20.12.2021 at 17.00 hrs. | 04.01.2022 upto 17.00 hrs. |

Further details can be seen from the e-Procurement Portal: www.tendersodisha.gov.in and Corrigendum if any will not be published in Newspapers and can only be seen in the e-Procurement portal www.tendersodisha.gov.in and www.idco.in.
Sd./- Chief General Manager (P&C)
IDCO, Bhubaneswar
OIPR-14003/11/0138/2122

## ଆନ୍ତଃକଲେଜ ପୁରୁଷ ସନ୍ତରଣ ପ୍ରତିଯୋଗିତା: ବାଙ୍କୀ ଚାମ୍ପିୟନ

ବାଙ୍କୀ,(ସ୍ୱ.ପ୍ର.): ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃ କଲେଜ ପୁରୁଷ ସନ୍ତରଣ ପ୍ରତିଯୋଗିତାରେ କ୍ରମାଗତ ଭାବେ ପଞ୍ଚମଥରପାଇଁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଚାମ୍ପିୟନ ହୋଇଛି। ଅଡଶପୁରସ୍ଥିତ ଉଦୟନାଥ କଲେଜ ପରିସରରେ ଆୟୋଜିତ ଏହି ସନ୍ତରଣ ପ୍ରତିଯୋଗିତା ଅଧ୍ୟାପକ ରବି ନାରାୟଣ ପ୍ରଧାନ ଓ ଜିତେନ୍ଦ୍ର ନାରାୟଣ ଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏନେଇ ଶୁକ୍ରବାର ବାଙ୍କୀ କଲେଜରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ବିଜୟୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧକ୍ଷ ଡ.ଅରୁଣ କୁମାର ବେହେରା, ଉପାଧକ୍ଷ ମନୋଜ କୁମାର ମହାପାତ୍ର, ଯୁକ୍ତ ୨ ଅଧକ୍ଷ ରାଜକିଶୋର ପାଲ ଓ ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।



## ଆଜି କ'ଣ କେଉଁଠି

କଟକ
- ଆଦିବାସୀ କଳା ପ୍ରଦର୍ଶନୀ ଉତ୍ସବ ଉଦ୍‌ଯାପନୀ, ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ ପରିସର, ଯୋବ୍ରା, ପୂର୍ବାହ୍ନ ୧୦ଟା।
- କଟକ ଫିଲାଟେଲିକ ବ୍ୟୁରୋ ଆସୋସିଏଶନ ପକ୍ଷରୁ ଡାକ ଟିକଟ ପ୍ରଦର୍ଶନୀର ଉଦ୍‌ଯାପନୀ, ଫିଲାଟେଲିକ ବ୍ୟୁରୋ ପରିସର, ବକ୍ସିବଜାର, ପୂର୍ବାହ୍ନ ୧୧ଟା ।।
- ରବୀନ୍ଦ୍ର ନାଥ ସାହୁ ସ୍ମୃତି କମିଟି ପକ୍ଷରୁ ସ୍ମରଣିକା 'ଅମ୍ଳାନ ପୁରୁଷ' ଉନ୍ମୋଚନ ଉତ୍ସବ, ଗାନ୍ଧୀ ଭବନ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ନବବଧୂ ହତ୍ୟା ମାମଲା: ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଆଜୀବନ କାରାଦଣ୍ଡ

**କଟକ ଅଫିସ,୧୭।୧୨:** କନ୍ଦରପୁର ଥାନା ଅଞ୍ଚଳର ଏକ ନବବଧୂ ହତ୍ୟା ମାମଲାରେ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ କଟକ ତୃତୀୟ ଅତିରିକ୍ତ ସେସନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ସମସ୍ତଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବିଜୟ ମହାନ୍ତି ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ୨୦୧୫ ମାର୍ଚ୍ଚ ୨ରେ କନ୍ଦରପୁର ଥାନା ମହୁରାରେ ଜଣେ ନବବଧୂଙ୍କୁ କିରୋସିନ ଢାଳି ହତ୍ୟା କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ କନ୍ଦରପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

### ସ୍ୱାଧୀନତା ସଂଗ୍ରାମୀ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ

**କଟକ ସଦର,୧୭।୧୨(ଡି.ଏନ.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗରରେ ଶୁକ୍ରବାର ଓଡ଼ିଶାର ପ୍ରଥମ ରାଜବନ୍ଦୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଉତ୍କଳ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ହିନ୍ଦୁ ଜାଗରଣ ମଞ୍ଚର ତନ୍ମୟ ଦାସ, ଅଧାପକ କିଶୋର ଚନ୍ଦ୍ର ଦାସ, ଧରଣୀଧର ଜେନା, ଦିଲୀପ ମହାନ୍ତି, ସୁଜାତା ସେଠୀ ଯୋଗଦେଇଥିଲେ। ଓଡ଼ିଶାରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୁରୀ କେନାଲ ଓ କଟକ ସଦରର ବୋଷ କେନାଲ ଖନନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତତ୍କାଳୀନ ଜଳସେଚନ ମନ୍ତ୍ରୀ ସ୍ୱର୍ଗତ ବୋଷ ସମସ୍ତଙ୍କର ହୃଦୟ ଜିଣିପାରିଥିଲେ ବୋଲି ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଭାଷଣରେ କହିଥିଲେ। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋରନଗର ବଜାରରେ ଥିବା ସ୍ୱର୍ଗତ ବୋଷଙ୍କ ପ୍ରତିମୂର୍ତ୍ତିରେରେ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ।

### ଆଦିବାସୀ କଳା ପ୍ରଦର୍ଶନୀ ଉଦ୍‌ଘାଟିତ

**କଟକ ଅଫିସ, ୧୭।୧୨:** ଯୋବ୍ରାସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ପ୍ରେକ୍ଷାଳୟରେ ୨ ଦିନିଆ ଆଦିବାସୀ କଳା ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ନମିତା ସାହୁଙ୍କ ବିଭିନ୍ନ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଓଡ଼ିଶା ଲଳିତକଳା ଏକାଡେମୀର ପୂର୍ବତନ ସଚିବ ରବିନାରାୟଣ ରଥ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କଳାକୃତି ପାଇଁ ତାଙ୍କୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ଓମ ପ୍ରକାଶ ମହାନ୍ତି, ଓଡ଼ିଶୀ ନୃତ୍ୟାଙ୍ଗନା ଚିତରଞ୍ଜନ ସାହାଣୀ, ଲେଖକ ଚିନ୍ମୟୀ ମହାନ୍ତି, ଡ. ଏସ୍.କେ କାଳିମଉଲା ପ୍ରମୁଖ ଉପସ୍ଥିତ ଥିଲେ।

# ଧାରଣାରେ ହୋମିଓପାଥିକ ଛାତ୍ରୀଛାତ୍ର

## ସମସ୍ୟା ଘେରରେ ଡା. ଅଭିନ୍ନଚନ୍ଦ୍ର ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ



- ଅଧାପକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ
- ପାଠପଢ଼ା, ନିଯୁକ୍ତି, ଅବସର ବୟସ ବୃଦ୍ଧି ଦାବି

ଭୁବନେଶ୍ୱର,୧୭।୧୨ (ବ୍ୟୁରୋ)

ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୫୦ରୁ ଊର୍ଦ୍ଧ୍ୱ ଥିବାବେଳେ ପାଠପଢ଼ାଉବାକୁ ନାହାନ୍ତି ଆବଶ୍ୟକ ଅଧାପକ। ଫଳରେ ପାଠପଢ଼ା ଓ ଭବିଷ୍ୟତକୁ ନେଇ ଚିନ୍ତାରେ ଛାତ୍ରୀଛାତ୍ର। ଏଭଳି ଅନେକ ସମସ୍ୟାକୁ ନେଇ ସରକାର ଓ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶେଷରେ ଛାତ୍ରୀଛାତ୍ରମାନେ ୧୬ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨ଦିନ ହେବ ତାଲା ପକାଇ ଧାରଣାରେ ବସିଛନ୍ତି। କୌଣସି ଅଧାପକଙ୍କୁ ଭିତରକୁ ଛାଡୁନାହାନ୍ତି। ଫଳରେ ଡାଃ ଅଭିନଚନ୍ଦ୍ର ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି।

ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଅଭିଯୋଗ ହେଲା, ମହାବିଦ୍ୟାଳୟରେ ମୂଳ ଅଧାପକ ପଦବୀ ୩୭ ରହିଥିବାବେଳେ ଏବେ ମାତ୍ର ୧୫ଜଣ ଅଛନ୍ତି। ଏମାନଙ୍କ ମଧ୍ୟରୁ ନିୟମିତ ଶିକ୍ଷକ ମାତ୍ର ୩ଜଣ। ଫଳରେ ଶିକ୍ଷାଦାନ ଗୁରୁତର ବାଧାପ୍ରାପ୍ତ ହୋଇଛି। ସେହିଭଳି ଅଣହୋମିଓପାଥିକ ବିଷୟ ଯଥା- ଆଣ୍ଟୋନୋମି, ସର୍ଜରୀ, ଫିଜିଓଲୋଜି ଆଦିରେ କୌଣସି ଅଧାପକ ଏଯାଏ ନାହାନ୍ତି। କରୋନା ସମୟରେ ସରକାରଙ୍କ ନିୟମ ଅନୁସାରେ ସମସ୍ତ ଇଣ୍ଟର୍ନଙ୍କୁ କୋଭିଡ୍ ଡ୍ୟୁଟିରେ ନିଯୁକ୍ତି ଦିଆଯାଇଥିଲା। ସମାନ କାମ କରି ଦିଲ୍ଲୀ, କେରଳ ଓ ପଶ୍ଚିମବଙ୍ଗରେ ଯଥାକ୍ରମେ ୨୩,୫୦୦, ୨୦ହଜାର, ୨୭,୪୦୫ଟଙ୍କା ମାସିକ ଷ୍ଟାଇପେଣ୍ଡ ପାଉଥିବାବେଳେ ଓଡ଼ିଶାର ଆୟୁଷ ଇଣ୍ଟର୍ନଙ୍କ ମାସିକ ଷ୍ଟାଇପେଣ୍ଡ୍ ମାତ୍ର ୧୨ହଜାର ଟଙ୍କା ରହିଛି। ଷ୍ଟାଇପେଣ୍ଡ୍ ବଢ଼ାଇବାକୁ ଗତ ଫେବୃୟାରୀରେ କଲେଜ କର୍ତ୍ତୃପକ୍ଷ ଓ ଆୟୁଷ ନିର୍ଦ୍ଦେଶକଙ୍କୁ ସେମାନେ ଜଣାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉନି। ସେହିଭଳି ପାଠପଢ଼ି ଛାତ୍ରୀଛାତ୍ର ବେକାର ବସୁଛନ୍ତି। ପ୍ରତିବର୍ଷ ରାଜ୍ୟର ୬ ସରକାରୀ ଓ ବେସରକାରୀ ହୋମିଓପାଥିକ କଲେଜରୁ ୨୫୦ ଛାତ୍ରୀଛାତ୍ର ବାହାରୁଥିଲେ ମଧ୍ୟ ତଦନୁୟାୟୀ ସରକାରୀ ନିଯୁକ୍ତି ବାହାରୁ ନାହିଁ ବୋଲି ଓଡ଼ିଶା ହୋମିଓପାଥିକ ଛାତ୍ର ସଂସଦ ସଭାପତି ଡା. ଅଭିନାଶ ଦାଶ କହିଛନ୍ତି। ସେହିପରି ଅବସର ବୟସ ୬୦ରୁ ୬୫ ବୃଦ୍ଧି କରିବା ପାଇଁ ଶିକ୍ଷକ ଓ ମେଡିକାଲ ଅଫିସରମାନେ ଦାବି କରିଛନ୍ତି। ୨୦୨୧-୨୨ବର୍ଷର ଛାତ୍ର ସଂସଦ ସଭାପତି ଶୁଭଙ୍କର ମିଶ୍ର କହିଛନ୍ତି, ଏହାର ତୁରନ୍ତ ପଦକ୍ଷେପ ନିଆଯିବା ସହ ଉପରୋକ୍ତ ଦାବିଗୁଡ଼ିକର ସମାଧାନ ନେଇ ଲିଖିତ ପ୍ରତିଶ୍ରୁତି ଦିଆଯାଉ। ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର ହେବ। ଏନେଇ ଅଧକ୍ଷା ବିଜୟଲକ୍ଷ୍ମୀ ବିଶୋଇ କହିଛନ୍ତି, ପିଲାମାନଙ୍କ ଦାବି ଯୁକ୍ତିଯୁକ୍ତ। ଦାବିଗୁଡ଼ିକ ବିଷୟରେ ଆୟୁଷ ବିଭାଗକୁ ଚିଠି ଲେଖାଯାଇଛି। ସେମାନେ ଛାତ୍ରାଛାତ୍ରଙ୍କୁ ଭେଟିବା ସହ ଏହାର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।



କଟକ ବାଲିଯାତ୍ରା ଉପରପଡ଼ିଆରେ ଅନୁଷ୍ଠିତ ମହାନଦୀ ଉତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ନାଟିକା କାଞ୍ଚି ଅଭିଯାନର ଏକ ଦୃଶ୍ୟ।

## ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣି ଥିଲେ ମହାରାଜା ଶ୍ରୀରାମଚନ୍ଦ୍ର

କଟକ ଅଫିସ/ ଚୌଦ୍ୱାର (ଡି.ଏନ୍.ଏ),୧୭।୧୨

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୧ତମ ଜୟନ୍ତୀ କଟକ ଜିଲା ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ କଟକ ବଡ଼ ଡାକ୍ତରଖାନା ପରିସରସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ନରସିଂହ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ମାଧବ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ କଳାର ବିକାଶ ଦିଗରେ ମହାରାଜାଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଅଶ୍ୱିନୀ ସେଠୀ, ଆଇନଜୀବୀ ଆକାଶ ଭୂୟାଁ, ନିବାସ ଚନ୍ଦ୍ର ମିଶ୍ର, ଡ. ବସନ୍ତ ନନ୍ଦ, ଭିକାରୀ ଚରଣ ମିଶ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ୍ ଗଜେନ୍ଦ୍ର ପାଣି ଧନ୍ୟବାଦ ଦେଇଥିଲେ। ସେହିପରି କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବ ସମ୍ମିଳନୀର କଟକ ଜିଲା ସଭାପତି ଆଇନଜୀବୀ ମହମ୍ମଦ କମରୁଲ ହୁସେନଙ୍କ ପୌରୋହିତ୍ୟରେ ପାଳନ ହୋଇଯାଇଛି। ସମ୍ମିଳନୀ ପକ୍ଷରୁ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏକ ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ସମ୍ମିଳନୀର ସଧାରଣ ସମ୍ପାଦକ କିଶୋର ମହାନ୍ତି, ଆଇନଜୀବୀ ତାପସ ଦ୍ୱିବେଦି, ବିହଙ୍ଗ ରାଜ ବିଶ୍ୱାଳ, ଉପେନ୍ଦ୍ର ବେହେରା ପ୍ରମୁଖ ସାମିଲ ଥିଲେ।

ଚୌଦ୍ୱାରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ଅଧକ୍ଷ ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବଭାରତୀୟ ଜାତୀୟ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ବରାଳ ଅତିଥି ଭାବେ ଯୋଗଦେଇ ଭଞ୍ଜଦେଓଙ୍କ ଓଡ଼ିଆ ଭାଷା ଓ ଓଡ଼ିଆ ଜାତି ପ୍ରୀତି ଉପରେ ଥିବା ଜ୍ଞାନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୌଦ୍ୱାର ନୀଳଚକ୍ରର ସଭାପତି ଅଶୋକ ନାୟକ, ପ୍ରଧାନ ଶିକ୍ଷକ ସମରେନ୍ଦ୍ର ଷଡଙ୍ଗୀ, ଉଦୟନାଥ ଚାରିଟେବଲ ଟ୍ରଷ୍ଟର କାର୍ଯ୍ୟକାରୀ ସମ୍ପାଦକ ଚନ୍ଦ୍ର ମୋହନ ସାହୁ, ପଲ୍ଲବୀ ସାହୁ, ରଶ୍ମିତା ନାୟ, ରାଜେଶ ଓଝା ପ୍ରମୁଖ ଯୋଗଦେଇ ଭଞ୍ଜଦେଓଙ୍କ ଆତ୍ମଜୀବନୀ ଉପରେ ଆଲୋଚନା କରିଥିଲେ। ଶିକ୍ଷାକେନ୍ଦ୍ରର ଗୁରୁମା, ଗୁରୁଜୀ ଓ ଛାତ୍ରୀଛାତ୍ର, ଅଭିଭାବକ ଉପସ୍ଥିତ ଥିଲେ।

## ୫ ଦିନିଆ କର୍ମଶାଳା ଉଦ୍‌ଯାପିତ

କଟକ ଅଫିସ, ୧୭।୧୨

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆଇଟିଏମ୍ ବିଭାଗ ଆନୁକୂଲ୍ୟରେ ଆୟୋଜିତ ୫ଦିନିଆ କର୍ମଶାଳା ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏଥିରେ ଅନଲାଇନ ପରୀକ୍ଷା ସମ୍ବନ୍ଧରେ ଆଲୋଚନା ହୋଇଥିଲା। କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଯୋଗଦେଇ ଅନଲାଇନ ଶ୍ରେଣୀଗୃହ ଓ ପରୀକ୍ଷା ବିଷୟରେ ଆଲୋଚନା କରିଥିଲେ। ପ୍ରଫେସର୍ ଡ. ଅବିନାଶ ପୂଜାହାରି, ଜୈନ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଡ. ସୁଲଗ୍ନା ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଡ. ପଲ୍ଲବୀ ମିଶ୍ର, ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଡ. ମନୋରଞ୍ଜନ ଦାଶ, କିଟ୍ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ସନ୍ତୋଷ ପାଣି ଏବଂ ବିଭାଗୀୟ ମୁଖ୍ୟ ଶୈଳଜା ଶଙ୍କର କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।

## ଉମେଶ ପଡ୍ରିଙ୍କ ତୈଳଚିତ୍ର ଉନ୍ମୋଚିତ

କଟକ ଅଫିସ,୧୭।୧୨

ସାରସ୍ୱତ ସାଧକ ଡ. ଉମେଶ ପଡ୍ରି ଜଣେ ଶୁଦ୍ଧ, ସତ୍ୟନିଷ୍ଠ ଓ ଯୁକ୍ତିସିଦ୍ଧ ସାହିତ୍ୟିକ ଥିଲେ ବୋଲି ପ୍ରଖ୍ୟାତ କଥାଶିଳ୍ପୀ ଅଧାପକ ଡ. ବିଶ୍ୱରଞ୍ଜନ ପଡ୍ରି କହିଥିଲେ। ଶୁକ୍ରବାର ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ସାରସ୍ୱତ ସାଧକ ଉମେଶ ପଡ୍ରିଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧାପକ ବିଶ୍ୱରଞ୍ଜନ ଏହା କହିଥିଲେ। ଅନୁଷ୍ଠାନର ସଭାପତି ତରୁଣ ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ନାଟ୍ୟକାର ପ୍ରଫେସର ରମେଶ ଦାସ ଉଦ୍‌ଘାଟକ ଭାବେ ଯୋଗଦେଇ ତୈଳଚିତ୍ରକୁ ଅନାବରଣ କରିଥିଲେ। ସେହିପରି ବିଶିଷ୍ଟ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ଡ. ପଡ୍ରି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକ ଡ. ଅସିତ ମହାନ୍ତି, ଡ. ପଡ୍ରିଙ୍କ କନ୍ୟା ଡ. ସ୍ଥିତପ୍ରଜ୍ଞା, ସଞ୍ଜିତ୍ ପଟ୍ଟନାୟକ, ଆଦିତ୍ୟ ପ୍ରତାପ ଧଳ, ମଳ ମାହୁନ୍ତ, ଶିବାଶିଷ କର ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦନ



@ ସନ୍ତୋଷ



@ ରାଜଶ୍ରୀ



@ ଅଭିଲିପ୍ସା



@ ଅଚିନ୍ତ୍ୟ



@ ନିର୍ମଳ

## ୨୬ରେ ଅରାଚଣ୍ଡୀ ପାଟରେ ପକ୍ଷୀଗଣନା



ବାଙ୍କୀ,୧୭।୧୨(ସ୍ୱ.ପ୍ର.)

ସବୁବର୍ଷ ପରି ବାଙ୍କୀରେ ଥିବା ବିଭିନ୍ନ ଆର୍ଦ୍ର ଭୂମିରେ ବିଦେଶାଗତ ପକ୍ଷୀମାନଙ୍କ ସମାଗମ ଦେଖିବାକୁ ମିଳିଛି । ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରାର ବଡ଼ପାଟ, ଅରାଚଣ୍ଡୀପାଟ, କନ୍ତପହଁରା, ଓସ୍ତିଆ ବଡ଼ପାଟ, ଡମପଡ଼ା କଜଳପାଟ ଓ ବିଲିପଡା ପାଟରେ ଅନେକ ପ୍ରକାର ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ଆସନ୍ତା ୨୬ରେ ଅରାଚଣ୍ଡୀ ପାଟରେ ଦେଶୀ ଓ ବିଦେଶୀ ପକ୍ଷୀମାନଙ୍କ ଗଣନା କରାଯିବ। ଏଥିରେ ପକ୍ଷୀପ୍ରେମୀଙ୍କ ସହ ବାଙ୍କୀ କଲେଜର ଛାତ୍ରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେଣ୍ଟର ଫର୍ ରୁରାଲ ଟୁରିଜମ ଆଣ୍ଡ ଡେଭଲମେଣ୍ଟ (ସିଆର୍‌ଟିଡି) ସଂସ୍ଥାର ସମ୍ପାଦକ ଲଳିତ ମୋହନ ପଣ୍ଡା ପ୍ରକାଶ କରିଛନ୍ତି।




ପୁରୀ ଚକ୍ରତୀର୍ଥରୋଡ୍ ନିକଟରେ ହେବାକୁ ଥିବା ନୂତନ ବ୍ଲୁ ଫ୍ଲାଗ୍ ବିଚ୍‌କୁ କ୍ଷୁଦ୍ର ବ୍ୟବସାୟୀ, ମତ୍ସ୍ୟଜୀବୀ ଏବଂ ଉଠାଦୋକାନୀମାନେ ବିରୋଧ କରି ଧାରଣା ଦେଇଛନ୍ତି।




ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୧ତମ ଜୟନ୍ତୀରେ ଶୁକ୍ରବାର ଭୁବନେଶ୍ୱର ପାୱାରହାଉସ୍ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ଓ ଅନ୍ୟମାନେ।



ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠର ୭୫ତମ ବର୍ଷ ପୂର୍ତ୍ତି ଉତ୍ସବ ଉଦ୍‌ଘାଟନ ଅବସରରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୮ ଡିସେମ୍ବର, ୨୦୨୧

## ଦ୍ୱିଦିବସୀୟ ଅଭିମୁଖୀକରଣ କାର୍ଯ୍ୟକ୍ରମ

**କଟକ ଅଫିସ:** ସ୍ଥାନୀୟ ଏବିଆଇଟିରେ ଦୁଇଦିନିଆ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସପାଲ ପ୍ରଫେସର ଡ. ଲୀନା ସାମନ୍ତରାୟ ଯୋଗଦେଇ ୬ଟି ବିଭାଗର ନୂତନ ଆଡମିଶନ ଛାତ୍ରୀଛାତ୍ରଙ୍କୁ ଟେକ୍ନିକାଲ ଶିକ୍ଷା ଉପରେ ଭାଷଣ ଦେଇଥିଲେ। ଡିନ୍ ଏକାଡେମିକ୍ସ ପ୍ରଫେସର ଡ. ପି. କେ ପାଣି ବିପିୟୁଟି ସିଲାବସ୍ ଉପରେ ଆଲୋଚନା କରିଥିଲେ। ଡିନ୍ ଅପରେଶନ୍ ପ୍ରଫେସର ଡ. ବି. ଏନ୍ ଗୁରୁ ଓ ନିର୍ଦ୍ଦେଶକ ଇଂ ସତ୍ୟଦର୍ଶୀ ମିଶ୍ର, ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟର ଇନ୍ଦ୍ରାଣୀ ରାୟ, ପ୍ରଫେସର ଡ. ଐଶ୍ୱର୍ଯ୍ୟା ପାତ୍ର, ପ୍ରଫେସର ଦେବଯାନୀ ମିଶ୍ର ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ବଜାରରୁ ବୃଦ୍ଧଙ୍କ ମୃତଦେହ ଜବତ

**ଖୁଣ୍ଟୁଣୀ,୧୭।୧୨(ଡି.ଏନ.ଏ.):** ଖୁଣ୍ଟୁଣୀ ନୂଆବଜାର ପୂଜା ମଣ୍ଡପ ବାରଣ୍ଡାରୁ ଖୁଣ୍ଟୁଣୀ ପୋଲିସ ଶୁକ୍ରବାର ପୂର୍ବାହ୍ନରେ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ତାଙ୍କର ପରିଚୟ ମିଳି ନ ଥିବା ବେଳେ ସେ ବିହାରୀ ଭାଷାରେ କଥାବାର୍ତ୍ତା କରୁଥିବାରୁ ବିହାର ଅଞ୍ଚଳର ହୋଇଥିବାର ସ୍ଥାନୀୟ କେତେଜଣ ଦୋକାନୀ କହିଛନ୍ତି । ତାଙ୍କ ବୟସ ୬୦ ରୁ୬୫ ବର୍ଷ ମଧ୍ୟରେ ହେବ ବୋଲି ପୋଲିସ ଅନୁମାନ କରିଛି। ଲୋକଟି ଏକ ନୀଳ ରଙ୍ଗର ଫୁଲ ପ୍ୟାଣ୍ଟ ଓ ହଳଦିଆ ରଙ୍ଗର ଟି-ଶାର୍ଟ ପିନ୍ଧିଥିଲେ। ସେ ୧୦/୧୨ ଦିନ ହେଲା ଏହି ବଜାରରେ ବୁଲୁଥିଲା। ଖବରପାଇ ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଛନ୍ତି। ଏ ନେଇ ଥାନା ପକ୍ଷରୁ ନଂ.୧୦/୨୧ ରେ ମାମଲା ରୁଜୁ କରିଛି।

### ଉତ୍ପାଦଭିତ୍ତିକ ଶିଳ୍ପାନୁଷ୍ଠାନରେ ଗୁଣବତ୍ତା ନେଇ ଆଲୋଚନା

**କଟକ ଅଫିସ, ୧୭।୧୨:** ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘ ଓ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି)ର ମିଳିତ ଆନୁକୂଲ୍ୟରେ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ସଂଘ କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉତ୍ପାଦଭିତ୍ତିକ ଶିଳ୍ପାନୁଷ୍ଠାନରେ ଗୁଣବତ୍ତାର ମହତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ସଭାପତି ମିହିର କୁମାର କାନୁନ୍‌ଗୋ ଅଧକ୍ଷତା କରିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ସିଟିଟିସି ଜେନେରାଲ ମ୍ୟାନେଜର ଏଲ. ରାଜଶେଖର ଓ ଅନ୍ୟତମ ଅତିଥି ଭାବେ ଏସ. କେ. କର ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦେବବ୍ରତ ଦାଶ ଧନ୍ୟବାଦ ଦେଇଥିଲେ।

### ନୂଆ ଥାନାର ଭିତ୍ତିଭୂମି ପରିଦର୍ଶନ କଲେ ଡିସିପି

**କଟକ ସଦର,୧୭।୧୨(ଡି.ଏନ୍.ଏ.):** କମିଶନରେଟ ପୋଲିସର ନୂଆ ୪୨ ମୌଜା ଥାନାର ଭିତ୍ତିଭୂମି ପରିଦର୍ଶନ ପାଇଁ ଶୁକ୍ରବାର କଟକ ଡିସିପି ପ୍ରତୀକ ସିଂ ବେଣ୍ଟକାର ଗସ୍ତରେ ଆସିଥିଲେ। ଫାଣ୍ଡିଗୃହରେ ନୂଆ ଥାନା କାର୍ଯ୍ୟ ଆରମ୍ଭ କରିବା ସହ ପାଖରେ ଥିବା ରାଜୀବ ସେବା କେନ୍ଦ୍ରକୁ ମଧ ବ୍ୟବହାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ନୂତନ ଥାନା ଗୃହ ପାଇଁ ଜାଗା ଚିହ୍ନଟ ସରିଥିବାରୁ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେଣୁ ସାମୟିକ ଭାବେ ବେଣ୍ଟକାର ପଞ୍ଚାୟତ ରାଜୀବ ସେବା କେନ୍ଦ୍ରକୁ ପୋଲିସ ବିଭାଗ ବ୍ୟବହାର କରିବା ପାଇଁ ସରପଞ୍ଚ ବବିତା ବେହେରା ଡିସିପିଙ୍କୁ ପ୍ରସ୍ତାବ ଦେଇଥିଲେ। ଏସିପି ଚନ୍ଦନ ଘଡ଼ାଇ ଓ କଟକ ସଦର ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା ମଧ ଡିସିପିଙ୍କ ସହିତ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ନୂଆ ଥାନା ଅଧିକାରୀଙ୍କ ନିଯୁକ୍ତି ସହ ଥାନା କାର୍ଯ୍ୟ କରିବା ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ପୋଲିସ କମିଶନରଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇବ ବୋଲି ଡିସିପି ସିଂ ସୂଚନା ଦେଇଥିଲେ।

### ସ୍ୱାଧୀନତା ସଂଗ୍ରାମୀ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ

**କଟକ ସଦର,୧୭।୧୨(ଡି.ଏନ.ଏ.)-** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗରରେ ଶୁକ୍ରବାର ଓଡ଼ିଶାର ପ୍ରଥମ ରାଜବନ୍ଦୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଉତ୍କଳ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ହିନ୍ଦୁ ଜାଗରଣ ମଞ୍ଚର ତନ୍ମୟ ଦାସ, ଅଧାପକ କିଶୋର ଚନ୍ଦ୍ର ଦାସ, ଧରଣୀଧର ଜେନା, ଦିଲୀପ ମହାନ୍ତି, ସୁଜାତା ସେଠୀ ଯୋଗଦେଇଥିଲେ। ଓଡ଼ିଶାରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୁରୀ କେନାଲ ଓ କଟକ ସଦରର ବୋଷ କେନାଲ ଖନନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତତ୍କାଳୀନ ଜଳସେଚନ ମନ୍ତ୍ରୀ ସ୍ୱର୍ଗତ ବୋଷ ସମସ୍ତଙ୍କର ହୃଦୟ ଜିଣିପାରିଥିଲେ ବୋଲି ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଭାଷଣରେ କହିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋରନଗର ବଜାରରେ ଥିବା ସ୍ୱର୍ଗତ ବୋଷଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ ଦ୍ୱାରା ଦୁର୍ଘଟଣା ହ୍ରାସ ହେବ

## ୭୩ତମ ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ସମ୍ମିଳନୀ

**କଟକ ଅଫିସ,୧୭।୧୨**

ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ଶୁକ୍ରବାର ୭୩ତମ ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀର ଦ୍ୱିତୀୟ ଦିବସରେ ଡିଜିପି ଅଭୟଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିସହ ସେମାନେ ପୋଲିସ୍ ବିଭାଗକୁ କିଭଳି ଅଧିକ କ୍ରିୟାଶୀଳ କରାଯିବ ସେ ସଂକ୍ରାନ୍ତରେ ମତ ରଖିଥିଲେ। ସମ୍ମିଳନୀରେ ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ ପରିଜା ଭର୍ଚ୍ଚୁଆଲ୍ ମାଧମରେ ଉପସ୍ଥିତ ରହି ବିଭିନ୍ନ ଆଇନଗତ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ମନୋନୀତ ହୋଇଥିବା ଡିଜିପି ସୁନୀଲ କୁମାର ବଂଶଲ ମଧ ଭର୍ଚ୍ଚୁଆଲରେ ଉପସ୍ଥିତ ଥିଲେ।

ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ପୋଲିସ୍ ବିଭାଗରେ ଫରେନ୍‌ସିକ୍‌ର ବ୍ୟବହାର ଓ ସୁଫଳ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହାପରେ ସଡ଼କ ସୁରକ୍ଷା ନିରାପତ୍ତା ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଥିଲା। ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ ଦ୍ୱାରା ଦୁର୍ଘଟଣା ସଂଖ୍ୟା ହ୍ରାସ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଅଜଣା ଗାଡ଼ି ଦ୍ୱାରା ଦୁର୍ଘଟଣାରେ ମୃତ୍ୟୁ ଓ ଆହତଙ୍କ ପରିବାରବର୍ଗଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ରାଶି ଦିଆଯାଉଥିବା କୁହାଯାଇଥିଲା। ପରିବହନ କମିଶନର ସଡ଼କ ସୁରକ୍ଷା ସଂକ୍ରାନ୍ତରେ ଏକ ମଡେଲ ପ୍ରଦର୍ଶନ କରିଥିଲେ।

ଏହାପରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗ, ମହିଳା ଏବଂ ଶିଶୁଙ୍କ ଉପରେ ଘଟୁଥିବା ଅପରାଧ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଏଥିରେ ଅତିରିକ୍ତ ଡିଜିପି (ଏଚ୍‌ଆର୍‌ପିସି), ଅତିରିକ୍ତ ଡିଜିପି (କ୍ରାଇମ୍‌ବ୍ରାଞ୍ଚ), ଆଇଜି(କ୍ରାଇମ୍‌ବ୍ରାଞ୍ଚ) ପ୍ରମୁଖ ପ୍ରସ୍ତାବ ରଖିଥିଲେ। ଅନୁସୂଚିତ ଜାତି ଓ ଜନଜାତି ସଂକ୍ରାନ୍ତୀୟ ମାମଲା, ବଳାତ୍କାର, ଅସଦାଚରଣ, ଯୌନ ନିର୍ଯାତନା, ମହିଳା/ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ, ଏସିଡ୍ ଆକ୍ରମଣ, ଅପହରଣ, ଯୌତୁକ ନିର୍ଯାତନା, ଯୌତୁକଜନିତ ହତ୍ୟା, ପୋକ୍ସୋ ମାମଲା, ସାଇବର ଅପରାଧ ଏବଂ ନିଖୋଜ ଶିଶୁଙ୍କୁ ଉଦ୍ଧାର ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ନିଖୋଜ ଶିଶୁଙ୍କୁ ଉଦ୍ଧାର ଲାଗି ସ୍ୱତନ୍ତ୍ର ଡ୍ରାଇଭ୍ କାର୍ଯ୍ୟ କରୁଥିବା ସୂଚନା ଦିଆଯାଇଥିଲା। ପର୍ଯ୍ୟାୟ କ୍ରମେ ପୋଲିସ୍ ହାଉସିଂ, ହୋମ୍‌ଗାର୍ଡ, ବେସାମରିକ ପ୍ରତିରକ୍ଷା ଏବଂ ଅଗ୍ନିଶମ ବିଭାଗ ସମ୍ପର୍କିତ ଆଲୋଚନା ହୋଇଥିଲା। ସେହିପରି ଜେଲ୍ ବିଭାଗ, ଓଏସ୍‌ଏପି ଏବଂ କାର୍ମିକ ବିଭାଗ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ରାଜ୍ୟ ପୋଲିସ୍ ମୁଖ୍ୟାଳୟ ପରିସରରେ ଅତିରିକ୍ତ ଡିଜିପି (ରେଲୱେ) ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଡିଜିପି (କ୍ରାଇମ୍‌ବ୍ରାଞ୍ଚ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଡିଜିପି (ଆଇନ ଓ ଶୃଙ୍ଖଳା) ଆର୍.କେ. ଶର୍ମା, ଆଇଜି(ଅପରେଶନ୍) ଅମିତାଭ ଠାକୁର, ଆଇଜି (ପର୍ସୋନେଲ) ଏସ୍.ପ୍ରବୀଣକୁମାର, ଆଇଜି (କେନ୍ଦ୍ରାଞ୍ଚଳ) ନରସିଂହ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।



ବକ୍ସିବଜାରସ୍ଥିତ ଜିପିଓ ପରିସରରେ ଫିଲାଟେଲିକ୍ ବ୍ୟୁରୋ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଡାକଟିକଟ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ଇଭି ଟୁହ୍ୱିଲର୍ସ ସେଗ୍‌ମେଣ୍ଟରେ ପୁଞ୍ଜି ନିବେଶ କରିବ କମ୍ପାନୀ

**ଭୁବନେଶ୍ୱର,୧୭।୧୨**



ଭାରତରେ ବର୍ତ୍ତମାନ ଇ ସ୍କୁଟର (ଇଭି) ଯାନ ପ୍ରଚଳିତ ପାଇଁ ସରକାର ବିଭିନ୍ନ ପଦକ୍ଷେପ ସହ ସହଯୋଗ ଏବଂ ସହାୟତା ଯୋଗାଇ ଦେଉଛନ୍ତି। ଏହାକୁ ଦେଶବାସୀ ଗ୍ରହଣ କରିବା ସହ ସମାଜକୁ ଏକ ସୁସ୍ଥ ପରିବେଶ ପ୍ରଦାନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକତା ରହିଛି। ଏହି କ୍ଷେତ୍ରକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନିକଟରେ ଇଭି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି ଯେ, ଆସନ୍ତା ୨ ବର୍ଷ ମଧ୍ୟରେ କମ୍ପାନୀ ୧୦୦୦ କୋଟି ଟଙ୍କା ଇଭି ଯାନ ନିର୍ମାଣ କ୍ଷେତ୍ରରେ ନିବେଶ କରିବାକୁ ଯୋଜନା ରଖିଛି। ବର୍ତ୍ତମାନ ଇଭି ଚାହିଦା ବୃଦ୍ଧି ସାଙ୍ଗକୁ ୨୦୨୫ ବେଳକୁ ଏହାର ହାରାହାରି ଆବଶ୍ୟକତା ୪.୫ରୁ ୫ ମିଲିୟନ ହେବ ବୋଲି କମ୍ପାନୀ ଆକଳନ କରିଛି। ସେହିଭଳି ଇ-ଯାନରେ ବଜାରରେ ଇଭି ୧୦% ବଜାର ଶେୟାର ଅଧିକାର କରିବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଇଭି ଇଣ୍ଡିଆ ପକ୍ଷରୁ ନୂଆ ଇଲେକ୍‌ଟ୍ରିକ ସ୍କୁଟର 'ସୋଲ'ର ଶୁଭ ଉନ୍ମୋଚନ କରାଯାଇଛି। ନିକଟରେ ଦିଲ୍ଲୀର ଏକ ହୋଟେଲ ପରିସରରେ ଏହାର ବଜାର ପ୍ରବେଶ କରାଯାଇଥିଲା। ଏହି ଅବସରରେ ଦେଶର ବହୁ ଜଣାଶୁଣା ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହାକୁ ଥରେ ଚାର୍ଜ କଲେ ପ୍ରାୟ ୧୨୦ କିମି ଯାତ୍ରା କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଇଭି ଇଣ୍ଡିଆର ନିର୍ଦ୍ଦେଶକ ତଥା ସହ ପ୍ରତିଷ୍ଠାତା ହର୍ଷବର୍ଦ୍ଧନ ଡିଡୱାନିଆ କହିଛନ୍ତି ଯେ, ନୂତନ ଭାବେ ଲୋକାର୍ପଣ ହୋଇଥିବା ସୋଲ୍ ସ୍କୁଟର ନିଶ୍ଚିତ ଭାବେ ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ। ଏହା ଦ୍ୱାରା ପ୍ରଦୂଷଣ ହ୍ରାସ ପାଇବା ସହ ଏଥିରେ ଯାତ୍ରା କରିବା ବେଶ୍ ନିରାପଦ ଓ ପରିବେଶ ସ୍ୱର୍ଶ ଅନୁଭବ କରିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଦେଶ ମଧ୍ୟରେ ନୂଆ ମଡେଲର ଇ-ସ୍କୁଟର ପ୍ରସ୍ତୁତ କରିବା ଲାଗି ଇଭି ଇଣ୍ଡିଆ ଗବେଷଣା, ଡିଜାଇନ୍ ଓ ଏହାର ବିକାଶ ଆଦିରେ ଅଧିକରୁ ଅଧିକ ଅର୍ଥ ନିବେଶ କରିଛି। ଏହି ସ୍କୁଟରରେ ଜିପିଏସ୍ ସିଷ୍ଟମ, ଜିଓ ଗ୍ୟାଗିଙ୍ଗ ଓ ଚୋରିକୁ ରୋକିବା ଲାଗି ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏହି ସ୍କୁଟର ୩ରୁ ୪ ଘଣ୍ଟାରେ ୦-୧୦୦ ଚାର୍ଜ ହେବା ସହିତ ଘଣ୍ଟା ପ୍ରତି ସର୍ବାଧିକ ୬୦ କିମି ବେଗରେ ଯାତ୍ରା କରିପାରିବ। ଇଭି ଇଣ୍ଡିଆ ଭାରତ ଗ୍ରୁପର ଏକ ଅଂଶ ବିଶେଷ ଭାବେ କାର୍ଯ୍ୟ କରୁଛି। କମ୍ପାନୀର ସର୍ବାଧିକ ସ୍କୁଟର ପ୍ରସ୍ତୁତି ଭୁବନେଶ୍ୱରରେ ହୋଇଥାଏ। ଏଠାରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଏହାର ୧୦୦ ଡିଲର, ୫୦ ସବ୍‌ଡିଲର ଏପରିକି ୨୦ଟି ରାଜ୍ୟର ୧୦୦ ସହରରେ ନିଜ ଉପସ୍ଥିତି ଜାହିର କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନ

**ବାଙ୍କୀ/ସାଲେପୁର, ୧୭।୧୨ (ସ୍ୱ.ପ୍ର./ଡି.ଏନ୍.ଏ.):** ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡ଼ା ବ୍ଲକର କୁଶୁପଙ୍ଗି, ପାଥପୁର, ଡମପଡ଼ା, ଗୋବିନ୍ଦପୁର, ଦୁଲଣାପୁର, ତାଳବସ୍ତ, ଭଗିପୁର ଓ ବାଆଁରା ଆଦି ପଞ୍ଚାୟତରେ ୭୦୦ ହିତାଧିକାରୀଙ୍କୁ ଶୁକ୍ରବାର ବିଜୁ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ କରାଯାଇଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କୁଶୁପଙ୍ଗି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶ୍ୟାମଳ ରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡିଶା ଜୀବିକା ମିଶନ ର ବ୍ଲକ ପ୍ରକଳ୍ପ ଅଧିକାରୀ ଅକ୍ଷୟ ଭଞ୍ଜ ପରିଚାଳନା କରିଥିଲେ। ସେହିପରି ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ପଞ୍ଚାୟତର କଲ୍ୟାଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଡ ବଣ୍ଟନ କରାଯାଇଛି। ବରିଷ୍ଠ ବିଜେଡି ନେତା ଦିଲୀପ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ରାଜୀବ ଦାସ, ସିଡିପିଓ ସୁଷମା ରାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଘରୋଇକରଣ ବିରୋଧରେ ବିକ୍ଷୋଭ

## ବିଲ୍ ପ୍ରତ୍ୟାହାର ନ ହେଲେ ତୀବ୍ର ହେବ ଆନ୍ଦୋଳନ

**କଟକ ଅଫିସ, ୧୭।୧୨**

କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ନିଷ୍ପତ୍ତିକୁ ବିରୋଧ କରି ୟୁନାଇଟେଡ୍ ଫୋରମ ଅଫ ବ୍ୟାଙ୍କ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଫଳରେ ଶୁକ୍ରବାର କଟକ ଜିଲାର ସମସ୍ତ ବ୍ୟାଙ୍କ ବନ୍ଦ ରହିଥିଲା। କଟକ କ୍ଲିୟରିଂ ହାଉସ୍‌ର ପ୍ରାୟ ୪ହଜାର ଚେକ୍ ଦେଣନେଣ ବନ୍ଦ ଥିଲା ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି। ଦ୍ୱିତୀୟ ଦିନ ଧର୍ମଘଟ ପାଇଁ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନେ ବଜ୍ରକବାଟି ରୋଡ୍‌ସ୍ଥିତ ଫେଡେରାଲ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ସମାବେଶ କରିଥିଲେ। ଏଥିରେ ଶରତ ଚନ୍ଦ୍ର ମଲ୍ଲିକ ସଭାପତିତ୍ୱ କରି କହିଥିଲେ, କେନ୍ଦ୍ର ସରକାର ବ୍ୟାଙ୍କ ଘରୋଇକରଣ ପାଇଁ ସଂସଦର ଚଳିତ ଅଧିବେଶନରେ ବ୍ୟାଙ୍କିଙ୍ଗ ଆଇନ (ସଂଶୋଧନ)-୨୦୨୧ ବିଲ୍ ଆଣିବାକୁ ଯାଉଛନ୍ତି। ଉକ୍ତ ବିଲ୍ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଉକ୍ତ ସମାବେଶରେ ବୀମା କର୍ମଚାରୀ ସଙ୍ଗଠନ ନେତା ମାନଗୋବିନ୍ଦ ବାରିକ, ସନ୍ତୋଷ ମହାପାତ୍ର, ମନୋଜ କୁମାର ରଥ, ବ୍ୟାଙ୍କ କର୍ମଚାରୀ ଓ ଅଫିସର୍ସ ସଙ୍ଗଠନ ନେତା କିଶୋର ଜେନା, ପ୍ରଦୀପ ଷଡଙ୍ଗୀ, ତାପସୀ ସାହୁ, ଉପେନ୍ଦ୍ର ମହାନ୍ତି, ବିଶୁଦ୍ଧ ଚକ୍ର ଦାସ, ଦିଲ୍ଲୀପ ମଲ୍ଲିକ, ଶୁଭ୍ରାଂଶୁ ଶତପଥୀ, ଦେବୀ ପ୍ରସାଦ ସାହୁ ପ୍ରମୁଖ ସାମିଲ ଥିଲେ।

# କଟକ ଜିଲା ପରିଷଦ ତ୍ରୟୋଦଶ ବୈଠକ

**କଟକ ଅଫିସ,୧୭।୧୨**

କଟକ ଜିଲା ପରିଷଦର ତ୍ରୟୋଦଶ ବୈଠକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଗ୍ରାମ୍ୟ ଜଳଯୋଗାଣ, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଜଙ୍ଗଲ ଓ ପରିବେଶ, ଜଳସେଚନ, ଯୋଗାଣ ବିଭାଗ, ବିଦ୍ୟୁତ୍ ସଂଯୋଗୀକରଣ, ରାସ୍ତା ଓ ଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷାକରି ସମାଧାନ ନିମନ୍ତେ ପ୍ରଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଲୋକଙ୍କ ସମସ୍ୟାକୁ ଅଗ୍ରାଧିକାର ଦେଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କଲେ ଆଞ୍ଚଳିକ କ୍ଷେତ୍ରଠାରୁ ରାଜ୍ୟ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥାଏ ବୋଲି କହିଥିଲେ। ଉକ୍ତ ବୈଠକରେ ଜିଲା ପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର ଉପସ୍ଥିତ ଥିଲେ।

# ପେନ୍‌ସନଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଓପିଡି ଦାବି

**କଟକ ଅଫିସ, ୧୭।୧୨:** ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସଂଘ ପକ୍ଷରୁ ରାଜାବଗିଚା ପୋଲିସ କଲୋନୀସ୍ଥିତ ସଂଘ କାର୍ଯ୍ୟାଳୟରେ ପେନ୍‌ସନର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଡ. ସତ୍ୟ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜନେତାମାନେ ପାଉଥିବା ପେନ୍‌ସନ ତୁରନ୍ତ ବନ୍ଦ କରିବା ଲାଗି ଦାବି କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଡା. ଅନଙ୍ଗ ମୋହନ ଦ୍ୱିବେଦୀ ଯୋଗଦେଇ ପେନ୍‌ସନଭୋଗୀ ଓ ବରିଷ୍ଠ ନାଗରିକଙ୍କ ଲାଗି ସରକାରୀ ଚିକିତ୍ସାଳୟରେ ସ୍ୱତନ୍ତ୍ର ଓପିଡି ବ୍ୟବସ୍ଥା କରିବାକୁ କହିଥିଲେ। ସଂଗଠନ ସଭାପତି ଭକ୍ତ ବଲ୍ଲଭ ଦାସଙ୍କ ଅଧକ୍ଷତାରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଗୋକୁଳା ନନ୍ଦ ବେହେରା, ଉପସଭାପତି କୈଳାସ ଚନ୍ଦ୍ର ମିଶ୍ର, ଜିତେନ୍ଦ୍ର ପାତ୍ର, ନିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ସ୍ୱାବଲମ୍ବୀ କାରିଗରଙ୍କ ବିକ୍ଷୋଭ



ସରକାରୀ କର୍ମଚାରୀ ମାନ୍ୟତା ଦାବିରେ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ଶୁକ୍ରବାର କଟକ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ।

## ସରକାରୀ କର୍ମଚାରୀ ମାନ୍ୟତା ଦାବି

**କଟକ ଅଫିସ,୧୭।୧୨**

ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ କଟକ ଜିଲା କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ସ୍ୱାବଲମ୍ବୀ କାରିଗରଙ୍କୁ ନୂତନ ପମ୍ପହାଉସରେ ପମ୍ପଚାଳକ ଭାବେ ନିଯୁକ୍ତି ଦେବା, ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦେବା, ପ୍ରତିମାସ ନିୟମିତ ପାରିଶ୍ରମିକ ପ୍ରଦାନ, ସରକାରୀ କର୍ମଚାରୀ ମାନ୍ୟତା, ମାସିକ ସର୍ବନିମ୍ନ ୨୧ ହଜାର ଟଙ୍କା ପ୍ରଦାନ, କାର୍ଯ୍ୟରତ ଏସ୍‌ଇଏମ୍‌ମାନଙ୍କ ଅକାଳ ମୃତ୍ୟୁରେ ପରିବାରକୁ ଅନ୍ୟୁନ ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ, କରୋନା ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ଆବଶ୍ୟକୀୟ ଆର୍ଥିକ ସହାୟତା ଦେବା, ଛୁଟି ନେବା ବ୍ୟବସ୍ଥା କରାଯିବା ଆଦି ଦାବିରେ ବିକ୍ଷୋଭ ହୋଇଥିଲା। ବିକ୍ଷୋଭରେ କଟକ ଜିଲା ସଭାପତି ରାଜକିଶୋର ମଲ୍ଲିକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲା ସମ୍ପାଦକ କମ୍ରେଡ୍ ବିଶ୍ୱାବସୁ ଦାସ, ଏଆଇୟୁଟିୟୁସି ପକ୍ଷରୁ ଖଗେଶ୍ୱର ସେଠୀ, ସଂଘ ନେତା ମାନଗୋବିନ୍ଦ ପଣ୍ଡା, ଯୋଗେନ୍ଦ୍ର ରାଉତ, ଦିଲିପ ବାରିକ ପ୍ରମୁଖ ଯୋଗଦେଇଥିଲେ ।


**ଦ.ପୂ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.:** ଟିଆର୍‌ଡି-ସିକେପି-୬୫୬-ମ୍ୟାନିଂ, **ତାରିଖ:** ୧୬।୧୨।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-I: ଟେକ୍ନିକାଲ ବିଡ୍ ଏବଂ ପ୍ୟାକେଟ୍-II: ଫାଇନାନ୍ସିଆଲ ବିଡ୍)ରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଏକବର୍ଷ ପାଇଁ ସିକେପି ଡିଭିଜନର ଏମ୍‌ଆଇକେ, କେଏନ୍‌ପିଏସ୍, ବିଜେଏମ୍‌ଡି, ବିଏସ୍‌ପିଏକ୍ସ, ଜିଓଏଲ୍, ଏସ୍‌ଏଲ୍‌ଜେଆର୍, ଆରକେଏସ୍‌ଏନ୍, ବିୟୁଏଲ୍, ବିଏମ୍‌ବି, କିପି, ସିପିଇ, ଏନ୍‌ଏକ୍ସଏନ୍, ସିବିଏସ୍‌ଏ, କେଓବିଏଲ୍, ଆର୍‌ଏସ୍‌ପି (ଆର୍‌ଓୟୁ) ଏବଂ ବିୟୁଏଫଠାରେ ଷୋହଳ (୧୬) ଗୋଟି ରେଳପଥ ମାଲିକାନାଧୀନ ଟ୍ରାକ୍ସନ୍ ସବ୍-ଷ୍ଟେଶନରେ କାର୍ଯ୍ୟଗୁଡ଼ିକର ଆଉଟ୍‌ସୋର୍ସିଂ । **ଟେଣ୍ଡର ମୂଲ୍ୟ:** ₹୧,୩୯,୫୧,୦୨୩.୩୬ । **ଇ.ଏମ୍.ଡି.:** ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/-; **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଇଇ (ଟିଆର୍‌ଡି)/ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୦।୦୧।୨୦୨୨ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୦।୦୧।୨୦୨୨ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। **PR-490**

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/21-22/E-Tender/83,ତା.15.12.2021ରିଖ

(1) ଟେଣ୍ଡର ସଂ.e-Tender-CEN-KUR-219-2021,ତା.10.12.2021ରିଖ

**ବିବରଣୀ:** ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ତାଳଚେର କୋଲଫିଲ୍ଡର ଲିଙ୍ଗରାଜ ଠାରେ ଲିଙ୍ଗରାଜ SILO ସହିତ ଦେଉଳବେଡ଼ା ସାଇଡ଼ିଙ୍ଗ୍ ଏବଂ DB-2 ସାଇଡ଼ିଙ୍ଗ୍ ମଧ୍ୟରେ ରେଳ କନେକ୍ଟିଭିଟି ଏବଂ କ୍ୟାପ୍ଟିଭ ଲାଇନ୍ (ତାଳଚେର-ଏନ୍‌ଟିପିସି) ସହିତ ଲିଙ୍ଗରାଜ SILO କୁ ସଂଯୋଗ କରୁଥିବା ଏମ୍‌ସିଏଲ୍ ସାଇଡ଼ିଙ୍ଗର ଟ୍ରାକ୍ ରକ୍ଷଣାବେକ୍ଷଣ ନିମନ୍ତେ 3 ବର୍ଷ ସମୟାବଧି ପାଇଁ ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 444.00 ଲକ୍ଷ ।

(2) ଟେଣ୍ଡର ସଂ.e-Tender-CEN-KUR-221-2021,ତା.10.12.2021ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ମାଇକ୍ରୋ ଟନେଲିଙ୍ଗ୍ ପ୍ରଣାଳୀ ଦ୍ୱାରା ଭୁବନେଶ୍ୱର ୟାର୍ଡ୍‌ର ଦକ୍ଷିଣ ସୀମାଠାରେ ପୋଲ ନଂ.580ର ପ୍ରସ୍ତାବିତ ପୁନଃସ୍ଥାପନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 290.84 ଲକ୍ଷ ।

ଶେଷ ହେବା ଅବଧି: 36(ଛତିଶି) ମାସ (କ୍ରମ ସଂ.1 ପାଇଁ)ଏବଂ 06(ଛଅ) ମାସ (କ୍ରମ ସଂ.2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.31.12.2021ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍
PR-644/M/21-22

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2338 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.5258/RE/OSIC Dt.13.12.2021

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the work "Supply and installation of Integrated All-in-one Solar Street lights consisting of 30 watt LED Light, 75 Watt Solar Panel, 12.8 volt-25 AH Battery, 6 Mtr. OD GI Pole". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
MANAGING DIRECTOR
OIPR-14073/11/0077/2122

**OFFICE OF THE EXECUTIVE ENGINEER, RWSS DIVISION, BERHAMPUR**
Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com

**Government of Odisha "e" Procurement Notice**
**NATIONAL COMPETITIVE BIDDING**
**1st Corrigendum to Bid Identification No. EERWSSBAM-24/2021-22**

No. 7366 Dated: 15.12.21

No. O-1368: Following modifications in Annexure - A of respective tender ID Nos. as detailed below against this office e-procurement notice cited above.

Sl. No. B-01 (for PWS to Mukundapur) & Sl. No. B-05 (for PWS to Chandanapur) are hereby cancelled due to administrative reason.

All other terms and conditions remain unaltered.

Sd./- Superintending Engineer, RWS&S Division, Berhampur
OIPR-25035/11/0016/2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
No. O-1362 E-mail: rw_sundargarh@yahoo.co.in

**SHORT TENDER CALL NOTICE**
**BID IDENTIFICATION NO. ONLINE-SESNG-17 OF 2021-22**

1. Name of the Work : Road & Building Works
2. Total No. of Works : 01 No. Road & 04 Nos. of Buildings
3. Estimated Cost : Rs.0.47 lakhs & Rs.5.31 lakhs
4. Class of Contractor : 'D' & 'C'
5. Period of Completion : 01 Calendar Month
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online - SESNG-17 of 2021-22 | 16.12.2021 10.00 A.M. | 22.12.2021 05.30 P.M. |

Further details can be seen from the website www.tendersorissa.gov.in.

Sd./- Superintending Engineer
Rural Works Division, Sundargarh
OIPR-25046/11/0028/2122

idco | ODISHA NEW OPPORTUNITIES
No. CAD-2324

**OFFICE OF THE**
**CHIEF GENERAL MANAGER (P&C), IDCO**
IDCO TOWERS, JANPATH, BHUBANESWAR - 751022
Tender Call Notice No. IDCO/H.O./P&C/
EST/E-1281/03/2017/22119 Dated: 23.12.2021

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the work : Construction of Division Road near Private Plot at Ramdaspur, Barang, Dist.: Cuttack (165.00mtr length)
2. Estimated Cost : Rs.75.18 lakh
3. Period of Completion : 02 (Two) Calendar Months
4. Other Details :

| Procurement Officer | Bid ID/Tender reference No. | Availability of Tender Online for Biddig | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/ E-49/2021-22 | 20.12.2021 at 17.00 hrs. | 04.01.2022 upto 17.00 hrs. |

Further details can be seen from the e-Procurement Portal: www.tendersodisha.gov.in and Corrigendum if any will not be published in Newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0138/2122